# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, August 27/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 273 | ମୂଲ୍ୟ ₹୭/-




**ତମନ୍ନା-ବିଜୟଙ୍କ ଭିଡିଓ ଭାଇରାଲ**

ଅଭିନେତ୍ରୀ ତମନ୍ନା ଭାଟିଆ ଓ ଅଭିନେତା ବିଜୟ୍ ବର୍ମା ଏକ ଲେଟ୍ ନାଇଟ୍ ଡିନର୍ ଡେଟ୍ କରି ଫେରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

୧୧

୧୪

**ଲିଜେଣ୍ଡ ଲିଗ୍‌ରେ ଖେଳିବେ ଧାୱନ**

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ ଲିଜେଣ୍ଡ ଲିଗ୍‌ରେ ଯୋଗଦେଇଛନ୍ତି।



## ମାତିଛନ୍ତି ହାତୀ



କେନ୍ଦୁଝର ବନଖଣ୍ଡ ପାଟଣା ରେଞ୍ଜ୍ ମଲ୍ଲିପଶି ବିଟ୍ ଅଧୀନ ମୂଷାଖୋରୀ କାଶିଆ ସାହିରେ ହାତୀପଲ ବିଲରେ ପଶି ଧାନଫସଲ ଖାଉଛନ୍ତି। ବିଲ ମୁଣ୍ଡରେ ନିରୁପାୟ ହୋଇ ଚାଷୀମାନେ ଚାହିଁ ରହିଛନ୍ତି। **(ଫଟୋ: ବୀରକିଶୋର ଦାଶ)**

# ପଣ୍ୟବାହୀ ଜାହାଜ ଆଇଟିଟି ପୁମା ବୁଡ଼ିଗଲା

### ୧୧ ନାବିକଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ

ପାରାଦୀପ,୨୬ା୮(ଶରତ ରାଉତ)

ପଶ୍ଚିମବଙ୍ଗ ସାଗରଦୀପଠାରୁ ୯୦ ନଟିକାଲମାଇଲ (୧୬୨ କି.ମି.) ଦୂରରେ ରବିବାର ରାତିରେ ଏକ ପଣ୍ୟବାହୀ ଜାହାଜ ଏମ୍‌ଭି ଆଇଟିଟି ପୁମା କୌଣସି କାରଣବଶତଃ ସମୁଦ୍ରରେ ବୁଡ଼ି ଯାଇଛି। ଖବରପାଇ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ପାଟ୍ରୋଲିଂ ଜାହାଜ ସାରଙ୍ଗ ଓ ଅମୋଘ ପହଞ୍ଚି ୧୧ ଜଣ ନାବିକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କୁ ନେଇ ଅମୋଘ ଜାହାଜରେ ପାରାଦୀପ ଅଭିମୁଖେ ଆସୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ପାରାଦୀପରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ପରେ କୋଷ୍ଟଗାର୍ଡ ପକ୍ଷରୁ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ସୂଚନା ମିଳିଛି। ଉକ୍ତ ଜାହାଜ କୋଲକାତା ବନ୍ଦରରୁ ପୋର୍ଟବ୍ଲେୟାର ଅଭିମୁଖେ ଯାଉଥିଲା। ସମୁଦ୍ରରେ ବୁଡ଼ିଯିବା ଫଳରେ ଜାହାଜର କ୍ୟାପଟେନ କୋଷ୍ଟଗାର୍ଡ ମୁଖ୍ୟାଳୟକୁ ସୂଚନା ଦେଇଥିଲେ। ଯେଉଁ ନାବିକମାନେ ସମୁଦ୍ର ପାଣିରେ ଭାସୁଥିଲେ, ସେମାନେ ନାଲି ରଙ୍ଗର ବାଣ ପାଣିରେ ପକାଇଥିଲେ। ଏହାକୁ କୋଷ୍ଟଗାର୍ଡ ଡୋର୍ନିୟର ଏୟାରକ୍ରାଫ୍ଟ ଠାବ କରିଥିଲା। ପରେ ଦୁଇ ପାଟ୍ରୋଲିଂ ଜାହାଜର ଯବାନମାନେ ପହଞ୍ଚି ଅକ୍ଳାନ୍ତ ପରିଶ୍ରମ କରି ରାତିରେ ୧୧ ଜଣଙ୍କୁ ଉଦ୍ଧାର କରିଛନ୍ତି।

ସୂଚନାଥାଉକି, ୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦରଠାରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା ମାଲବାହୀ ଜାହାଜ ବ୍ଲାକ୍‌ରୋଜ। ଉକ୍ତ ଜାହାଜରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ସହଯୋଗୀଙ୍କ ଭିନ୍ନ ଆଭିମୁଖ୍ୟ

# ପରିବାରର ଆୟ ୨.୫ ଲକ୍ଷରୁ ଅଧିକ ଥିଲେ ସୁଭଦ୍ରାରୁ ବାଦ୍

### ଜାରି ହେଲା ଗାଇଡ୍‌ଲାଇନ୍

### ଆଧାରକାର୍ଡ ଜନ୍ମ ତାରିଖରୁ ବୟସ ହିସାବ

**କେଉଁ ମହିଳା ବାଦ୍ ପଡ଼ିବେ**

- ୨୧ ବର୍ଷରୁ କମ୍ ଏବଂ ୬୦ ବର୍ଷରୁ ଅଧିକ
- ପେନ୍‌ସନ ହିତାଧିକାରୀ, ସରକାରୀ ଚାକିରିଆ, ଆୟକରଦାତା
- ୫ ଏକର ଜଳସେଚିତ, ୧୦ ଏକର ଅଣ ଜଳସେଚିତ ଜମି ଥିଲେ
- ଅନ୍ୟ କୌଣସି ସରକାରୀ ଯୋଜନାରୁ ମାସିକ ୧୫୦୦ କିମ୍ବା ବାର୍ଷିକ ୧୮ ହଜାର ଟଙ୍କା ପାଉଥିଲେ
- ନିର୍ବାଚିତ ଜନ ପ୍ରତିନିଧି (ୱାର୍ଡ ମେମ୍ବର, ସ୍ଥାନୀୟ ପରିଷଦ ସଦସ୍ୟ ବ୍ୟତୀତ)
- କୌଣସି ସଂସ୍ଥାରେ ସରକାରଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ହୋଇଥିଲେ
- ୪ ଚକିଆ ମୋଟର ଯାନର ମାଲିକ

ଭୁବନେଶ୍ୱର,୨୬ା୮(ଅନିଲ ଦାସ)

ରାଜ୍ୟ ସରକାର ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନାର ଗାଇଡ୍‌ଲାଇନ ଜାରି କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଜୁଲାଇ ୧ ସୁଦ୍ଧା ୨୧ ବର୍ଷରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ବୟସ୍କ ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ। ଆଧାର କାର୍ଡରେ ଥିବା ଜନ୍ମ ତାରିଖକୁ ନେଇ ହିତାଧିକାରୀଙ୍କ ବୟସ ଗଣନା କରାଯିବ।

ଓଡ଼ିଶାର ବାସିନ୍ଦା ହେବା ସହ ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ। ୨୦୨୪-୨୫ ଆର୍ଥିକବର୍ଷ ପାଇଁ, ୨୦୨୪ ଜୁଲାଇ ୧ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବ। ଆବେଦନକାରୀଙ୍କ ଜନ୍ମ ତାରିଖ ୧୯୬୪ ଜୁଲାଇ ୨ ପୂର୍ବରୁ କିମ୍ବା ୨୦୦୩ ଜୁଲାଇ ୧ ପରେ ହୋଇ ନ ଥିବ। ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଯୋଗ୍ୟତା ତାରିଖ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ଯେଉଁ ମହିଳା ମାସକୁ ୧୫୦୦ ଟଙ୍କା ଏବଂ ବାର୍ଷିକ ୧୮ ହଜାର କିମ୍ବା ତା'ଠାରୁ ଅଧିକ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଯୋଜନା ଯଥା-ପେନ୍‌ସନ, ଛାତ୍ରବୃତ୍ତି ଇତ୍ୟାଦି ସହାୟତା ଗ୍ରହଣ କରୁଛନ୍ତି, ସେମାନେ ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଜଣେ ମହିଳା ନିଜେ କିମ୍ବା ନିଜର ପରିବାରର ସଦସ୍ୟ ଯଦି ବର୍ତ୍ତମାନର କିମ୍ବା ପୂର୍ବତନ ସାଂସଦ, ବିଧାନସଭା ସଦସ୍ୟ ହୋଇଥିବେ ତେବେ ସେ ଏହି ଯୋଜନାର ସୁବିଧା ପାଇବେ ନାହିଁ। ଆୟକର ଦେଉଥିବେ, ଯେକୌଣସି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା କିମ୍ବା ପଞ୍ଚାୟତିରାଜ ଅନୁଷ୍ଠାନରେ ନିର୍ବାଚିତ ଜନ ପ୍ରତିନିଧି ହୋଇଥିବେ (କେବଳ ୱାର୍ଡ ମେମ୍ବର, ସ୍ଥାନୀୟ ପରିଷଦ ସଦସ୍ୟ ବ୍ୟତୀତ) ସେମାନେ ଏହାର ଲାଭ ପାଇବେ ନାହିଁ। ସେହିପରି ଜଣେ ମହିଳା ନିଜେ କିମ୍ବା ନିଜର ପରିବାରର ସଦସ୍ୟ ଯଦି ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଯେ କୌଣସି ଅଣ୍ଡରଟେକିଂ/ବୋର୍ଡ/ସ୍ଥାନୀୟ ସଂସ୍ଥା/ସଂଗଠନ/ନିୟମିତ/ସ୍ଥାୟୀ/ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ନିଯୁକ୍ତ କିମ୍ବା ଅବସର ପରେ ପେନ୍‌ସନ ଗ୍ରହଣ କରୁଥିବେ ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ।

ସେହିପରି କୌଣସି ସରକାରୀ ବିଭାଗ/ଅଣ୍ଡରଟେକିଂ/ବୋର୍ଡ/ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କର ମନୋନୀତ ପ୍ରତିନିଧି ହୋଇଥିବେ, ଆବେଦନକାରୀଙ୍କ ପରିବାରର ଜଳସେଚିତ ଜମିର ପରିମାଣ ୫ ଏକରରୁ ଅଧିକ ଓ ଅଣ ଜଳସେଚିତ ଜମିର ପରିମାଣ ୧୦ ଏକରରୁ ଅଧିକ ହୋଇଥିଲେ ମଧ୍ୟ ସେ ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ। ମିନି ଟ୍ରକ, ଟ୍ରାକ୍ଟର, ଛୋଟ ବାଣିଜ୍ୟିକ ଯାନ ଓ ଅନ୍ୟ ସମାନ ହାଲୁକା ସାମଗ୍ରୀ ଯାନ ବ୍ୟତୀତ ୪ ଚକିଆ ମୋଟର ଯାନର ମାଲିକ ହୋଇଥିଲେ ସୁଭଦ୍ରା ଯୋଜନାର ଲାଭ ପାଇପାରିବେ ନାହିଁ। ଯେଉଁ ମହିଳାଙ୍କ ପରିବାରର ଆୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ଓ ସେମାନେ ☞ପୃଷ୍ଠା-୪

# ଗାଡ଼ିରୁ ମିଳିଲା ୫୦ କେଜି ସୁନା, ୨ କୁଇଣ୍ଟାଲ ରୁପା

ଭୁବନେଶ୍ୱର,୨୬ା୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରୁ ସୋମବାର ୫୦ କେଜି ସୁନା ଓ ୨୦୦ କେଜି ରୁପା ଜବତ ହୋଇଛି। ଦୁଇଟି ଲଜିଷ୍ଟିକ୍ ଗାଡ଼ିରୁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର (ସିଟି ଆଣ୍ଡ ଜିଏସ୍‌ଟି) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏହାକୁ ଧରିବା ପରେ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସୁନା ବ୍ୟବସାୟୀଙ୍କ ପକ୍ଷରୁ ମୁମ୍ବାଇରୁ ବିମାନ ଯୋଗେ ଏହା ଓଡ଼ିଶା ପଠାଯାଇଥିଲା ବୋଲି ସୂଚନା ମିଳିଛି। ଜବତ ସୁନା ଓ ରୁପାର ଆନୁମାନିକ ମୂଲ୍ୟ ୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ନିୟମ ଅନୁଯାୟୀ ଆବଶ୍ୟକ ଟ୍ୟାକ୍ସ ଦିଆଯାଇ ଏହି ସୁନା ଓ ରୁପା ରାଜ୍ୟକୁ ଅଣାଯାଇଥିଲା ନା ବେଆଇନ ଭାବେ ଚୋରାରେ ଆସିଥିଲା

### କୋରିଅର ସଂସ୍ଥାର ୪ଜଣଙ୍କୁ ଅଟକ ରଖି ସିଟି ଆଣ୍ଡ ଜିଏସ୍‌ଟିର ତଦନ୍ତ




ସେନେଇ ସିଟି ଆଣ୍ଡ ଜିଏସ୍‌ଟି ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାରେ ବିଭିସି ଲଜିଷ୍ଟିକ୍ କୋରିଅର ସଂସ୍ଥାର ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ୪ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

୨ଟି ବିମାନରେ ଏହି ସୁନା ଓ ରୁପା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ଅପରାହ୍ନରେ ବିଭିସି ଲଜିଷ୍ଟିକ୍ ପକ୍ଷରୁ ଏସବୁକୁ ଦୁଇଟି ଗାଡ଼ିରେ ନିଆଯାଉଥିଲା। ଏନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ସନ୍ଦେହ ହେବାରୁ ଗାଡ଼ିକୁ ଅଟକ ରଖାଯାଇଥିଲା। ପରେ ପୋଲିସ ଉପସ୍ଥିତିରେ ଉକ୍ତ ଗାଡ଼ିରୁ ସୁନା ଓ ରୁପା କଢ଼ାଯାଇ ଓଜନ କରାଯିବା ସହ ତଦନ୍ତ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଜିଏସ୍‌ଟି ଅତିରିକ୍ତ କମିଶନର ମାନସ ସ୍ୱାଇଁ କହିଛନ୍ତି, ଉକ୍ତ ସୁନା ଓ ରୁପା ଓଡ଼ିଶାର ବଡ଼ ବଡ଼ ସୁନା ଦୋକାନୀଙ୍କ ପାଖକୁ ଯିବାର ଥିଲା। ଜିଏସ୍‌ଟି ଆକ୍ଟ ଅନୁଯାୟୀ ସୁନା ଓ ରୁପା କାରବାରରେ ଏକାଧିକ ବିଲ୍ ଦେଖାଇବା କଥା। ଏହା ବିଲ୍ ମଧ୍ୟରେ ଟାକ୍ସ ଇନ୍‌ଭଏସ୍, ଇ-ୱେ ବିଲ୍ ଆଦି ରହିଛି। ତେବେ ଉକ୍ତ ଲଜିଷ୍ଟିକ୍ ଗାଡ଼ି ଯାଞ୍ଚ ବେଳେ ଏହି ଡକ୍ୟୁମେଣ୍ଟ ଆଦି ଦେଖାଯାଇ ନ ଥିଲା। ସେମାନେ ଟ୍ୟାକ୍ସ ଫାଙ୍କିଥିବା ଆମର ସନ୍ଦେହ ହୋଇଥିଲା।

## ୨୯ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୬ା୮(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଓ ଦକ୍ଷିଣପୂର୍ବ ବଙ୍ଗୋପସାଗରରୁ ଉତ୍ତରପୂର୍ବ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଥିବା ମନ୍‌ସୁନ୍ ଟ୍ରଫ୍ ଲାଇନ ପାଇଁ ବର୍ଷା ଜାରି ରହିଛି। ତେବେ ସୃଷ୍ଟ ଲଘୁଚାପ ୨୮ ତାରିଖ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆଖପାଖ ଅଞ୍ଚଳ ସମେତ ଉତ୍ତର ଓଡ଼ିଶା ଅତିକ୍ରମ କରିବ। ତେବେ ୨୯ରେ ଆଉ ଏକ ଲଘୁଚାପ କ୍ଷେତ୍ର ପୂର୍ବ ଓ ଉତ୍ତର ☞ପୃଷ୍ଠା-୪

# ଆଲ୍‌ଜିମର୍ସ ଓ ହୃଦ୍‌ରୋଗର ସମାନ ଆନୁବଂଶିକ ଉତ୍ପତ୍ତି

ବାସେଲ,୨୬ା୮





ମଣିଷ ଶରୀରରେ ଥିବା ହୃଦୟର ସ୍ଥିତି ସହ ଜଡ଼ିତ ଜିନ୍ ଆଲଜିମର୍ସ ରୋଗରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରେ ବୋଲି ଇଣ୍ଟରନ୍ୟାଶନାଲ୍ ଜର୍ନାଲ ଅଫ୍ ମଲିକୁଲାର ସାଇନ୍ସରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଧ୍ୟୟନ କରିଥିବା ଗବେଷକମାନେ କହିଛନ୍ତି, ହୃଦୟ ସମ୍ବନ୍ଧିତ ସମସ୍ୟାରେ ଜର୍ଜରିତ ରୋଗୀଙ୍କର ମନେ ପକାଇବା ଏବଂ ଚିନ୍ତା କରିବାର ଶକ୍ତିରେ ମଧ୍ୟ ହ୍ରାସ ଘଟିଥାଏ। ବିଭିନ୍ନ ହୃଦ୍‌ରୋଗରେ ପୀଡ଼ିତ ହେବା ଫଳରେ ସ୍ନାୟୁ କୋଷଗୁଡ଼ିକ ନଷ୍ଟ ହୋଇ ମସ୍ତିଷ୍କକୁ କ୍ଷତି ପହଞ୍ଚାଇବାର ୨୬%ରୁ ଅଧିକ ସମ୍ଭାବନା ଥାଏ। ଆଲଜିମର୍ସ ରୋଗ ଏବଂ ଏଲ୍‌ଡିଏଲ୍ କୋଲେଷ୍ଟ୍ରୋଲ, ଟ୍ରାଇଗ୍ଲିସ୍‌ରାଇଡ୍‌ସ୍, ଟୋଟାଲ କୋଲେଷ୍ଟ୍ରୋଲ ପରି ନିର୍ଦ୍ଦିଷ୍ଟ ଲିପିଡ୍ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆନୁବଂଶିକ ସମ୍ପର୍କ ରହିଥିବା ନେଇ ଉକ୍ତ ଅଧ୍ୟୟନରୁ ଗବେଷକମାନେ ଜାଣିବାକୁ ପାଇଛନ୍ତି। ଆଲଜିମର୍ସ ଏବଂ କରୋନାରି ଆର୍ଟେରି ମଧ୍ୟରେ ସକାରାତ୍ମକ ଆନୁବଂଶିକ ସମ୍ପର୍କ ରହିଛି। କୌତୂହଳର ବିଷୟ ହେଉଛି, ଉଭୟ ରୋଗର ଆନୁବଂଶିକ ଉପାଦାନଗୁଡ଼ିକ ଅଂଶୀଦାର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଆକସ୍ମିକ ସମ୍ପର୍କ ନେଇ ଉକ୍ତ ଅଧ୍ୟୟନରେ କୌଣସି ପ୍ରମାଣ ମିଳିନାହିଁ। ଅଧ୍ୟୟନରେ ଆଲ୍‌ଜିମର୍ସ ରୋଗର ଆନୁବଂଶିକ ଆଧାରକୁ ନେଇ ମୂଲ୍ୟବାନ ସୂଚନା ଦିଆଯିବା ସହ ଲିପିଡ ଡିସ୍‌ଅର୍ଡର ଓ କରୋନାରି ଆର୍ଟେରି ପରି ହୃଦ୍‌ରୋଗ ସହ ଆଲ୍‌ଜିମର୍ସ ରୋଗ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି। ତେବେ ଉକ୍ତ ପ୍ରସଙ୍ଗରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଆଲ୍‌ଜିମର୍ସ ଏବଂ ବିଭିନ୍ନ ହୃଦ୍‌ରୋଗର ରହିଥିବା ସମ୍ଭାବ୍ୟ ଚିକିତ୍ସାର ବିକାଶ ଏବଂ ଭବିଷ୍ୟତରେ ଏହାକୁ ନେଇ ହେବାକୁ ଥିବା ଗବେଷଣା ଦିଗରେ ଉକ୍ତ ଅଧ୍ୟୟନ ମୂଳଦୁଆ ପକାଇଥିବା ଗବେଷକମାନେ କହିଛନ୍ତି।

# ୯ ବର୍ଷରେ ୯୨ ଅଫିସର ବହିଷ୍କୃତ

### ଜାଲ୍ ଜାତି ପ୍ରମାଣପତ୍ରରେ ଚାକିରି

ନୂଆଦିଲ୍ଲୀ,୨୬ା୮

୨୦୧୦ରୁ ୨୦୧୯ ପର୍ଯ୍ୟନ୍ତ ୯ ବର୍ଷ ମଧ୍ୟରେ ଜାଲ୍ ପ୍ରମାଣପତ୍ର ଦେଇ ସରକାରୀ ଚାକିରି କରିଥିବା ନେଇ ୧,୦୮୪ଟି ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ୯୨ ଜଣ ଅଫିସରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ କାର୍ମିକ ଓ ତାଲିମ ବିଭାଗରୁ ମିଳିଥିବା ଏକ ରିପୋର୍ଟରୁ ଏହା ଜଣାପଡ଼ିଛି।

ଗତ ଜୁଲାଇରେ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ଼କର ହାଇପ୍ରୋଫାଇଲ୍ ମାମଲାରେ ସାର୍ଟିଫିକେଟ୍ ଜାଲିଆତି ଘଟଣା ସାମ୍ନାକୁ ଆସିବା ପରେ ଏକ ଗଣମାଧ୍ୟମ ପକ୍ଷରୁ ଏଭଳି ଜାଲିଆତି ସମ୍ପର୍କିତ ତଥ୍ୟ ଆର୍‌ଟିଆଇରେ ମଗାଯାଇଥିଲା। ପୂଜା ଖେଡ଼କର ଜାଲ୍ ଭିନ୍ନକ୍ଷମ ଏବଂ ଓବିସି ପ୍ରମାଣପତ୍ର ଦେଇ ୨୦୨୧ରେ ସିଭିଲ୍ ସର୍ଭିସ ପରୀକ୍ଷା ଦେଇଥିଲେ। ଜାଲିଆତି ଜଣାପଡ଼ିବା ପରେ ୟୁପିଏସ୍‌ସି ତାଙ୍କ ଫଳାଫଳକୁ ରଦ୍ଦ କରିଦେଇଥିଲା।

୯୩ଟି ମନ୍ତ୍ରଣାଳୟ ଓ ସରକାରୀ ବିଭାଗ ମଧ୍ୟରୁ ୫୯ଟିର ତଥ୍ୟ ଆର୍‌ଟିଆଇ ରେକର୍ଡରେ ଉପଲବ୍ଧ ହୋଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ଉପରୋକ୍ତ ସମୟ ମଧ୍ୟରେ ରେଲୱେରେ ଜାଲ୍ ସାର୍ଟିଫିକେଟରେ ନିଯୁକ୍ତି ସମ୍ପର୍କିତ ସର୍ବାଧିକ ୩୪୯ ଅଭିଯୋଗ ଆସିଥିବାବେଳେ ଡାକ ବିଭାଗରେ ୨୫୯, ଜାହାଜ ଚଳାଚଳ ମନ୍ତ୍ରଣାଳୟରେ ୨୦୨, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗରେ ୧୩୮ଟି ଅଭିଯୋଗ ହୋଇଥିଲା। ସେଥିରୁ ଅଧିକାଂଶ ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ୨୦୧୦ରେ ତତ୍କାଳୀନ ଅନୁସୂଚିତ ଜାତି/ଜନଜାତି କଲ୍ୟାଣ ସମ୍ପର୍କିତ ସଂସଦୀୟ କମିଟିଙ୍କ ସୁପାରିସ୍ କ୍ରମେ କାର୍ମିକ ଓ ତାଲିମ ବିଭାଗ ଏଭଳି ଅଭିଯୋଗର ତଥ୍ୟ ସଂଗ୍ରହ ଆରମ୍ଭ କରିଥିଲା।

ସରକାରୀ ନିଯୁକ୍ତିରେ ଅନୁସୂଚିତ ଜାତିଙ୍କ ପାଇଁ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଅନୁସୂଚିତ ☞ପୃଷ୍ଠା-୪

## ସଂକ୍ଷେପରେ

### ଲଦାଖକୁ ମିଳିଲା ୫ ନୂଆ ଜିଲା

ନୂଆଦିଲ୍ଲୀ, ୨୬।୮ (ପି.ଟି.)

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ୫ ନୂତନ ଜିଲାର ଗଠନ ନେଇ ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି। ଏହି ୫ ନୂଆ ଜିଲାର ନାମ ହେଉଛି ଜାନ୍ସ୍କର, ଦ୍ରାସ, ଶାମ, ନୁବ୍ରା, ଚାଙ୍ଗଥାଙ୍ଗ। ବିକଶିତ ତଥା ସମୃଦ୍ଧ ଲଦାଖର ନିର୍ମାଣ ପାଇଁ ଉକ୍ତ ୫ ଜିଲାର ଗଠନ ସହାୟକ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ସେହିପରି ଏହାଫଳରେ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ଅତି ସହଜରେ ଲଦାଖବାସୀଙ୍କ ନିକଟରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରଠାରୁ ଅଲଗା ହୋଇ ଲଦାଖ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ପ୍ରଶାସନିକ ନିୟନ୍ତ୍ରଣରେ ଆସୁଛି।

### କଶ୍ମୀର ନିର୍ବାଚନ: ପ୍ରଥମ ପର୍ଯ୍ୟାୟ ପାଇଁ ଭାଜପାର ୧୬ ପ୍ରାର୍ଥୀ

ନୂଆଦିଲ୍ଲୀ,୨୬।୮(ପି.ଟି.)

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ସେପ୍ଟେମ୍ବର ୧୮ରେ ହେବାକୁ ଥିବାବେଳେ ଭାଜପା ଏଥିପାଇଁ ସୋମବାର ୧୬ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହାର କିଛି ଘଣ୍ଟା ପୂର୍ବରୁ ଦଳ ପକ୍ଷରୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଯଥାକ୍ରମେ ୧୦ ଏବଂ ୧୯ ପ୍ରାର୍ଥୀଙ୍କ ନାଁ ପ୍ରକାଶ ପାଇଥିବାବେଳେ ପରେ ତାହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ୯୦ ଆସନ ବିଶିଷ୍ଟ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୭ ରହିଥିବାବେଳେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଯଥାକ୍ରମେ ଅଗଷ୍ଟ ୨୯ ଏବଂ ସେପ୍ଟେମ୍ବର ୫ରୁ ଆରମ୍ଭ ହେବ। ଏହି ଦୁଇ ପର୍ଯ୍ୟାୟରେ ଭୋଟ ଗ୍ରହଣ ସେପ୍ଟେମ୍ବର ୨୫ ଏବଂ ଅକ୍ଟୋବର ୧ରେ ହେବ। ରବିବାର ସନ୍ଧ୍ୟାରେ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସି ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା।

**ଯୁଦ୍ଧବିରତି ଆଶା ମଉଳିଲା**

### ଇସ୍ରାଏଲ୍ ନିର୍ଦ୍ଦେଶ ପରେ ଗାଜାରୁ ଗଣପଳାୟନ

ଗାଜା ସିଟି,୨୬।୮

ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାବେଳେ ଯୁଦ୍ଧବିରତି ଆଶା ମଉଳିବାରେ ଲାଗିଛି। କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ଡେଇର ଅଲ୍-ବାଲାହ ଛାଡ଼ି ପଳାଇବାକୁ ରବିବାର ବିଳମ୍ବିତ ରାତିରେ ଇସ୍ରାଏଲ୍ ନୂଆ ନିର୍ଦ୍ଦେଶନାମା କରିବା ପରେ ୨,୫୦,୦୦୦ ଲୋକ ଅନ୍ୟତ୍ର ପଳାଇଲେଣି। ୧୦ ମାସ ହେଲା ଆକ୍ରମଣ ଜାରି ରହିଥିବାବେଳେ ଇସ୍ରାଏଲ୍ ଅନେକ ଥର ଅଞ୍ଚଳ ଖାଲି କରିବା ପାଇଁ ନିର୍ଦ୍ଦେଶନାମା ଜାରି କଲାଣି। ଫଳରେ ପାଲେଷ୍ଟିନୀୟଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି।

## କଙ୍ଗନାଙ୍କ ମନ୍ତବ୍ୟକୁ ନେଇ ଅଡୁଆରେ ଭାଜପା


କଙ୍ଗନା ରଣାଓ୍ୱତ୍

ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍ କୃଷକମାନଙ୍କ ଆନ୍ଦୋଳନକୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟ ଦଳକୁ ଅଡୁଆରେ ପକାଇଛି। କଙ୍ଗନା ଯାହା କହିଛନ୍ତି, ତାହା ଦଳର ଆଭିମୁଖ୍ୟ ନୁହେଁ ବୋଲି ଭାଜପା କହିଛି। ଭବିଷ୍ୟତରେ ଏଭଳି ମନ୍ତବ୍ୟ ନ ଦେବା ପାଇଁ ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା କଙ୍ଗନାଙ୍କୁ ଦଳ ତାଗିଦା କରିଛି।

ମଣ୍ଡି ଏମ୍‌ପି କଙ୍ଗନା ତାଙ୍କ ମନ୍ତବ୍ୟକୁ ନେଇ ଅନେକ ସମୟରେ ବିବାଦ ମଧ୍ୟରେ ରହିଥାନ୍ତି। ବିଦେଶୀ ଶକ୍ତି ଭାରତରେ କୃଷକ ଆନ୍ଦୋଳନକୁ ଇନ୍ଧନ ଯୋଗାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଯଦି କଠୋର ପଦକ୍ଷେପ ନ ନିଅନ୍ତି, ତେବେ କୃଷକମାନଙ୍କ ଆନ୍ଦୋଳନ ବାଂଲାଦେଶ ଭଳି ସଙ୍କଟ ସୃଷ୍ଟି କରିପାରେ ବୋଲି ସେ କହିଥିଲେ। ଏହାକୁ ନେଇ ଭାଜପା ବିଭିନ୍ନ ମହଲରେ ସମାଲୋଚିତ ହେବା ପରେ ନିଜକୁ ଉକ୍ତ ମନ୍ତବ୍ୟଠାରୁ ଦୂରେଇ ରଖିଛି। କୃଷକ ଆନ୍ଦୋଳନ ସମ୍ପର୍କରେ ଭାଜପା ଏମ୍‌ପିଙ୍କ ମନ୍ତବ୍ୟ ଦଳୀୟ ଆଭିମୁଖ୍ୟର ପ୍ରତିଫଳନ ନୁହେଁ। ତାଙ୍କ ମନ୍ତବ୍ୟ ସହ ଭାଜପା ସହମତ ନୁହେଁ। ଦଳୀୟ ନୀତି ନିଷ୍ପତ୍ତି ସମ୍ପର୍କରେ କହିବାର କ୍ଷମତା କିମ୍ବା ଅନୁମତି ତାଙ୍କୁ ଦିଆଯାଇ ନ ଥିବା ଭାଜପା କହିଛି।

## ଅଭିନେତ୍ରୀଙ୍କୁ ମନ୍ଦିର ପ୍ରବେଶ ପାଇଁ ହିନ୍ଦୁ ପ୍ରମାଣପତ୍ର ମଗାଗଲା


ନମିଥା

ତାମିଲନାଡୁର ମଦୁରାଇରେ ଥିବା ପ୍ରସିଦ୍ଧ ଶ୍ରୀ ମୀନାକ୍ଷୀ ସୁନ୍ଦରେଶ୍ୱରୀ ମନ୍ଦିରରେ ପ୍ରବେଶ ପାଇଁ ଅଭିନେତ୍ରୀ ନମିଥାଙ୍କୁ ହିନ୍ଦୁ ପ୍ରମାଣପତ୍ର ଦେଖାଇବାକୁ କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ଦିର କର୍ତ୍ତୃପକ୍ଷଙ୍କ ନିଷ୍ଠୁର ଆଚରଣକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ନମିଥାଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର କର୍ତ୍ତୃପକ୍ଷ ତାଙ୍କୁ ଦର୍ଶନ ପାଇଁ ଯିବାକୁ ଦେଇ ନ ଥିଲେ ଓ ନିଜକୁ ହିନ୍ଦୁ ଭାବେ ପ୍ରମାଣିତ କରିବା ପାଇଁ ସାର୍ଟିଫିକେଟ ଓ ଜାତି ସାର୍ଟିଫିକେଟ ଦେଖାଇବାକୁ କହିଥିଲେ। ଦେଶର ଏକ ମନ୍ଦିରକୁ ଦର୍ଶନ କରିବାକୁ ଯିବା ବେଳେ ଏଭଳି କଟକଣା କ'ଣ ପାଇଁ ସେ ବୁଝିପାରୁ ନ ଥିବା କହିଛନ୍ତି। ଅଭିନେତ୍ରୀ କହିଛନ୍ତି, ସେ ଜନ୍ମରୁ ହିନ୍ଦୁ ଓ ତିରୁପତିରେ ବିବାହ କରିଥିବା ସମସ୍ତେ ଜାଣନ୍ତି। ତାଙ୍କ ପୁଅ ନାଁ ମଧ୍ୟ ଭଗବାନ କୃଷ୍ଣଙ୍କ ନାମ ଅନୁସାରେ ରଖାଯାଇଛି। ଅନ୍ୟପକ୍ଷରେ ମନ୍ଦିର ପ୍ରଶାସନ ତାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଓ ତାଙ୍କ ସ୍ୱାମୀ ମାସ୍କ ପିନ୍ଧି ଆସିଥିବାରୁ ସେମାନେ ହିନ୍ଦୁ କି ନୁହନ୍ତି, ପରମ୍ପରା ଅନୁଯାୟୀ ତାହା ଜାଣିବା ପାଇଁ ମନ୍ଦିର କର୍ତ୍ତୃପକ୍ଷ ଅଟକାଇଥିଲେ ବୋଲି କହିଛନ୍ତି।

# ୟୁକ୍ରେନ୍‌ରେ ରୁଷିଆର ଜୋର୍‌ଦାର ଆକ୍ରମଣ

**ଶତାଧିକ କ୍ଷେପଣାସ୍ତ୍ର, ଡ୍ରୋନ୍ ଛାଡ଼ିଲା**

କିଭ୍,୨୬।୮

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ପ୍ରକଳ୍ପକୁ ଟାର୍ଗେଟ କରି ରୁଷିଆ ସୋମବାର ଜୋର୍‌ଦାର ଆକ୍ରମଣ କରିଛି। ରୁଷିଆ ସେନା ପକ୍ଷରୁ ୧୦୦ ମିଶାଇଲ୍ ଏବଂ ଶତାଧିକ ଡ୍ରୋନ୍‌ରେ ଆକ୍ରମଣ କରାଯାଇଥିଲା। ରବିବାର ମଧ୍ୟରାତ୍ରରୁ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ କିଛି ସପ୍ତାହ ମଧ୍ୟରେ ୟୁକ୍ରେନ୍ ଉପରେ ମସ୍କୋର ଏହା ସବୁଠୁ ବଡ଼ ଆକ୍ରମଣ।

ୟୁକ୍ରେନ୍ ବାୟୁସେନାର ସୂଚନା ଅନୁଯାୟୀ ରୁଷିଆ ଡ୍ରୋନ୍‌ଗୁଡ଼ିକ ଏକାଧିକ ଗ୍ରୁପ୍‌ରେ ପୂର୍ବ, ଦକ୍ଷିଣ, ଉତ୍ତର ଓ କେନ୍ଦ୍ରୀୟ ଅଞ୍ଚଳକୁ ଟାର୍ଗେଟ କରିଥିଲା। ଏହା ପରେ ଶତାଧିକ କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ ମାଡ଼ କରାଯାଇଥିଲା। ରାଜଧାନୀ କିଭ୍‌ରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିବାବେଳେ ସହରରେ ବିଦ୍ୟୁତ୍ ଓ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆକ୍ରମଣ ସମ୍ପର୍କରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଅବଗତ କରାଇଛନ୍ତି। ୟୁକ୍ରେନ୍ ଉପରେ ଶତ୍ରୁପକ୍ଷର ମିଶାଇଲ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବା ପାଇଁ ସେ ପାଶ୍ଚାତ୍ୟ ଦେଶଗୁଡ଼ିକର ସହଯୋଗ ଚାହିଁଛନ୍ତି। ଆମ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଲଢୁଆ ବିମାନ ଏଫ୍-୧୬ ସହ ୟୁରୋପୀୟ ବିମାନ ବାହିନୀ ଏକାଠି କାମ କଲେ ୟୁକ୍ରେନ୍‌ର ବିଭିନ୍ନ ସ୍ଥାନରେ ହେଉଥିବା ଆକ୍ରମଣକୁ ପ୍ରତିହତ କରାଯାଇପାରିବ ବୋଲି ଜେଲେନ୍‌ସ୍କି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି। ଯଦି ମଧ୍ୟପ୍ରାଚ୍ୟରେ ଏଭଳି ଏକତା କାର୍ଯ୍ୟ କରିଛି, ତେବେ ୟୁରୋପରେ ମଧ୍ୟ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ଥିବା ଅସ୍ତ୍ର ବ୍ୟବହାର ଉପରେ ରହିଥିବା କଟକଣାକୁ ୟୁକ୍ରେନ୍ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛି। ରୁଷିଆ ଭିତରେ ଆକ୍ରମଣ ପାଇଁ କିଭ୍ ଏଭଳି ଅସ୍ତ୍ର ବ୍ୟବହାର କରିବାକୁ ଚାହୁଁଛି।

ୟୁକ୍ରେନ୍‌ର ଲୁସ୍କ ସହରରେ ଏକ ବହୁତଳ ଆବାସିକ ବିଲ୍ଡିଂ ଆକ୍ରମଣରେ ଧ୍ୱଂସ ହେବା ସହ ଭିତ୍ତିଭୂମି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି ଓ ଜଣେ ପ୍ରାଣ ହରାଇଛନ୍ତି। ସେହିପରି କେନ୍ଦ୍ରୀୟ ଡିପ୍ରୋପେଟ୍ରୋଭସ୍କ ଅଞ୍ଚଳରେ ବହୁ ବିଲ୍ଡିଂ କ୍ଷତିଗ୍ରସ୍ତ ହେବା ସହ ୨ଟି ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ଜଣେ ନିହତ ହୋଇଛନ୍ତି। ଭଗ୍ନାବଶେଷ ତଳୁ ଜଣଙ୍କୁ ଉଦ୍ଧାର କରାଯାଇଛି। ଜାପୋରିଝିଆର ଉତ୍ତର ପୂର୍ବାଞ୍ଚଳରେ ଜଣେ ଲୋକଙ୍କ ମୃତ୍ୟୁ ଘଟିବା ସହ ଭିତ୍ତିଭୂମି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ମିକୋଲାଇଭ୍ ଅଞ୍ଚଳରେ ୩ ଜଣ ଆହତ ହୋଇଛନ୍ତି।


ରୁଷିଆର ମିଶାଇଲ ଆକ୍ରମଣରେ ଏକ ବହୁତଳ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

### ପାକିସ୍ତାନରେ ୩୩ ବସ୍‌ଯାତ୍ରୀଙ୍କୁ ହତ୍ୟା

କରାଚୀ,୨୬।୮(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ୨ଟି ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ଘଟିଛି। ବନ୍ଧୁକଧାରୀମାନେ ଉକ୍ତ ପ୍ରଦେଶର ମୁସାଖେଲ୍ ଜିଲାରେ ଏକ ବସ୍‌ରୁ ଯାତ୍ରୀମାନଙ୍କୁ ଓହ୍ଲାଇଦେଇ ସେମାନଙ୍କ ପରିଚୟ ଯାଞ୍ଚ୍ କରିବା ପରେ ଗୁଳି ଚଳାଇଥିଲେ। ଏଥିରେ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ପାକିସ୍ତାନ ପଞ୍ଜାବ ପ୍ରଦେଶର। ଜାତିଆଣ ପରିଚୟକୁ ନେଇ ସେମାନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ସେହିପରି କଲାତ ଜିଲାରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ୪ ପୋଲିସ ଅଫିସରଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆତଙ୍କବାଦୀମାନେ ୨୪ ଓ ୨୫ ତାରିଖ ରାତିରେ ବେଲୁଚିସ୍ତାନର ଏକାଧିକ ସ୍ଥାନରେ ଆକ୍ରମଣ କରିଥିଲେ। ସେମାନେ ମୁସାଖେଲସ୍ଥିତ ଜାତୀୟ ରାଜପଥରେ ୧୨ଟି ଗାଡ଼ି ଜାଳି ଦେଇଛନ୍ତି। ଆତଙ୍କବାଦୀ ସଂଗଠନ ବେଲୋଚ ଲିବରେଶନ ଆର୍ମି (ବିଏଲ୍‌ଏ) ଉକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ପାକିସ୍ତାନ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଉକ୍ତ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି।

## ଆର୍ଥିକ ଅନିୟମିତତା: ସିବିଆଇ ଏତଲାରେ ସନ୍ଦୀପ୍ ଅଭିଯୁକ୍ତ

କୋଲକାତା,୨୬।୮(ପି.ଟି.)

ଆର୍.ଜି. ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ଏତଲା ଦାଏର କରିଛି। ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ନାଁ ଉକ୍ତ ଏତଲାରେ ରହିଛି। ତାଙ୍କ କାର୍ଯ୍ୟକାଳରେ ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ହୋଇଥିଲା। ତାଙ୍କ ବିରୋଧରେ ଆଇପିସିର ଦଫା ୧୨୦ବି (ଆପରାଧିକ ଷଡ଼ଯନ୍ତ୍ର), ୪୨୦ (ଠକେଇ ଓ ଅସାଧୁ କାରବାର) ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୭ ଲାଗିଛି। ଏହା ସଜ୍ଞାନ ଅପରାଧ ହୋଇଥିବାରୁ ଜାମିନବିହୀନ ବୋଲି କୋଲକାତା ହାଇକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ କହିଛନ୍ତି। ତାଙ୍କ ବ୍ୟତୀତ ମଧ୍ୟ ଜୋରହାଟର ମା' ତାରା ଟ୍ରେଡର୍ସ, ବେଲଗାଛିଆର ଏଶାନ କେଫ୍ ଏବଂ ଖମା ଲୌହା ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସୋମବାର ପୁନର୍ବାର ସନ୍ଦୀପ୍ ଓ ଅନ୍ୟମାନଙ୍କର ପଲିଗ୍ରାଫ୍ ପରୀକ୍ଷା କରାଯାଇଛି।


ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ସୋମବାର କୋଲକାତାରେ ଭିନ୍ନକ୍ଷମମାନେ ବିକ୍ଷୋଭ କରୁଛନ୍ତି।

## ଅଭିଷେକ ବାନାର୍ଜୀଙ୍କ ଝିଅଙ୍କୁ ବଳାତ୍କାର ଧମକ

କୋଲକାତା, ୨୬।୮

**ପୋଲିସକୁ ୨ ଦିନ ମଧ୍ୟରେ ରିପୋର୍ଟ ମାଗିଲେ ଶିଶୁ ଅଧିକାର ଆୟୋଗ**


ଅଭିଷେକ ବାନାର୍ଜୀ

କୋଲ୍‌କାତାରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଜାରି ରହିଛି। ଏହାରି ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ୧୧ ବର୍ଷୀୟା ନାବାଳିକା ଝିଅଙ୍କୁ ବଳାତ୍କାର ଧମକ ମିଳିଥିବାର ଏକ ମାମଲା ସାମ୍ନାକୁ ଆସିଛି। ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ବିରୋଧରେ ଗତ ୯ ତାରିଖରେ କୋଲ୍‌କାତାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଜଣେ ବିକ୍ଷୋଭକାରୀ ଅଭିଷେକଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିବା ପାଇଁ ୧୦ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପଶ୍ଚିମବଙ୍ଗ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଉକ୍ତ ଘଟଣାକୁ ନିଜଆଡ଼ୁ ସଜ୍ଞାନ ନେଇ ୨ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୋଲ୍‌କାତା ପୋଲିସକୁ ନୋଟିସ୍ ଜାରି କରିଛନ୍ତି। ପୋକ୍‌ସୋ ଆକ୍ଟ ଓ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମହିଳାଙ୍କ ବଳାତ୍କାର ଘଟଣା ପରେ ହିସାବ ବରାବର କରିବା ଉଦ୍ଦେଶ୍ୟରେ ଆଉ ଜଣେ ନାବାଳିକାଙ୍କୁ ବଳାତ୍କାର ଧମକ୍ ଦେବାକୁ ଏକ ସାଂଘାତିକ ଅପରାଧ ବୋଲି ପଶ୍ଚିମବଙ୍ଗ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଅନନ୍ୟା ଚକ୍ରବର୍ତ୍ତୀ କହିଛନ୍ତି। ଏଭଳି ମାନସିକତା ସମାଜ ପାଇଁ ହାନିକାରକ ବୋଲି ସେ କହିଛନ୍ତି।

### ଦ୍ୱାଦଶ ଶ୍ରେଣୀ ରିପୋର୍ଟ କାର୍ଡରେ ୯ମରୁ ଏକାଦଶ ଶ୍ରେଣୀ ମାର୍କ ସାମିଲ ପ୍ରସ୍ତାବ

ନୂଆଦିଲ୍ଲୀ,୨୬।୮

ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଶେଷରେ ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ମାର୍କରେ ନବମ, ଦଶମ ଏବଂ ଏକାଦଶ ଶ୍ରେଣୀ ପରୀକ୍ଷା ନମ୍ବରକୁ ସାମିଲ କରିବା ପାଇଁ ଏନ୍‌ସିଇଆର୍‌ଟିର ସ୍ୱାଧୀନ ଶାଖା ପର୍‌ଫର୍ମାନ୍ସ ଆସେସ୍‌ମେଣ୍ଟ ରିଭ୍ୟୁ ଆଣ୍ଡ ଆନାଲିସିସ୍ ଅଫ୍ ନଲେଜ ଫର୍ ହୋଲିଷ୍ଟିକ୍ ଡେଭେଲପ୍‌ମେଣ୍ଟ (ପରଖ) ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଗତବର୍ଷ ଏନ୍‌ସିଇଆର୍‌ଟି ଗଠନ କରିଥିବା ପରଖ ଶିକ୍ଷା ମନ୍ତ୍ରଣାଳୟକୁ ରିପୋର୍ଟ ଦେଇଛି। ଦେଶର ସ୍କୁଲ୍ ବୋର୍ଡଗୁଡ଼ିକର ମୂଲ୍ୟାୟନକୁ ମାନକୀକୃତ କରିବା ଲକ୍ଷ୍ୟରେ ଏଭଳି ପ୍ରସ୍ତାବ ଦିଆଯାଇଛି। ୩୨ଟି ସ୍କୁଲ ବୋର୍ଡ ସହ ଆଲୋଚନା ପରେ ପରଖ ଏହାର ରିପୋର୍ଟ ଶିକ୍ଷା ମନ୍ତ୍ରଣାଳୟକୁ ବିଭିନ୍ନ ପ୍ରସ୍ତାବ ସହ ରିପୋର୍ଟ ଦେଇଥିଲା।

## ଆଜି ସୁପ୍ରିମକୋର୍ଟରେ ହାଜର ହେବେ ୧୮ ରାଜ୍ୟର ମୁଖ୍ୟ ସଚିବ

ନୂଆଦିଲ୍ଲୀ,୨୬।୮(ପି.ଟି.)

**ଏସ୍‌ଏନ୍‌ଜେପିଏସ୍ ପ୍ରସ୍ତାବ କାର୍ଯ୍ୟକାରୀ ହୋଇନି**

ନ୍ୟାୟିକ ଅଧିକାରୀମାନଙ୍କୁ ବକେୟା ପେନ୍‌ସନ ଏବଂ ଅବସରକାଳୀନ ସୁବିଧା ଯୋଗାଇଦେବା ପାଇଁ ଦ୍ୱିତୀୟ ନ୍ୟାଶନାଲ ଜୁଡିସିଆଲ ପେ' କମିଶନ (ଏସ୍‌ଏନ୍‌ଜେପିସି)ଙ୍କ ସୁପାରିସ୍‌କୁ ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କାର୍ଯ୍ୟକାରୀ କରିନାହାନ୍ତି। ଉକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରେ ହାଜର ହେବା ଲାଗି ସମନ୍ ଜାରି ହୋଇଛି। ଓଡ଼ିଶା ସମେତ ତାମିଲନାଡୁ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ଦିଲ୍ଲୀ, ଆସାମ, ନାଗାଲାଣ୍ଡ, ମେଘାଳୟ, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଲଦାଖ, ଝାଡ଼ଖଣ୍ଡ, କେରଳ, ବିହାର, ଗୋଆ ଏବଂ ହରିୟାଣାର ମୁଖ୍ୟ ସଚିବମାନେ ୨୭ ତାରିଖରେ ସର୍ବୋଚ୍ଚ ଅଦାଲତରେ ହାଜର ହେବେ।

ଏନେଇ ସର୍ବଭାରତୀୟ ବିଚାରପତି ସଂଘ ପକ୍ଷରୁ କରାଯାଇଥିବା ଆବେଦନ ସମେତ ଅନ୍ୟ ୨୨ଟି ପିଟିଶନ୍‌କୁ ମଙ୍ଗଳବାର ଶୁଣାଣି ପାଇଁ ପ୍ରଧାନ ବିଚାପରତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ମୁଖ୍ୟ ସଚିବମାନେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ନ ହେଲେ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହେବ ବୋଲି ସିଜେଆଇ ଗତ ୨୨ ତାରିଖରେ କହିଥିଲେ। ଅନେକ ନିର୍ଦ୍ଦେଶନାମା ଜାରି ଏବଂ ସମୟ ବଢ଼ାଇବା ସତ୍ତ୍ୱେ ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏସ୍‌ଏନ୍‌ଜେପିସିଙ୍କ ସୁପାରିସ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରି ନ ଥିବା ଅଦାଲତଙ୍କୁ ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ଜଣାଇବା ପରେ ସୁପ୍ରିମକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ବିଚାରପତି ଏବଂ ନ୍ୟାୟିକ ଅଧିକାରୀମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା ଓ ଅନ୍ୟାନ୍ୟ ସୁବିଧା ଲାଗୁ କରାଯିବା ଅଲ୍ ଇଣ୍ଡିଆ ଜଜ୍‌ସ ଆସୋସିଏଶନ (ଏଆଇଜେଏ) ଚାହୁଁଛି। ଏଥିପାଇଁ କମିଶନ କରିଥିବା ସୁପାରିସ୍‌କୁ କାହିଁକି କାର୍ଯ୍ୟକାରୀ କରାଯାଇ ନାହିଁ, ସେ ନେଇ ମୁଖ୍ୟ ସଚିବମାନେ ଅଦାଲତରେ ହାଜର ହୋଇ ସ୍ପଷ୍ଟୀକରଣ ଦେବେ। ସୂଚନାଯୋଗ୍ୟ, ଜୁଲାଇ ୧୧ରେ ସୁପ୍ରିମକୋର୍ଟ ୨୩ଟି ରାଜ୍ୟର ମୁଖ୍ୟ ସଚିବଙ୍କୁ ଅଗଷ୍ଟ ୨୩ରେ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ତେବେ ସେଥିରୁ ୫ଟି ରାଜ୍ୟ ଏସ୍‌ଏନ୍‌ଜେପିସିଙ୍କ ସୁପାରିସ୍‌କୁ କାର୍ଯ୍ୟକାରୀ କରିଥିବା ଆମିକସ୍ କ୍ୟୁରି ଜଣାଇବା ପରେ ଅବଶିଷ୍ଟ ୧୮ ରାଜ୍ୟର ମୁଖ୍ୟ ସଚିବଙ୍କୁ ସମନ୍ ଜାରି ହୋଇଛି।

## ଦେବୀ କାଳୀଙ୍କ ଭଙ୍ଗାମୂର୍ତ୍ତିକୁ ନେଇ ଉତ୍ତେଜନା

**୧୬ ଘର ଜାଳିଦେଲେ**

ଅଗରତାଲା, ୨୬।୮

ପଶ୍ଚିମ ତ୍ରିପୁରାର ରାଣୀ ବଜାରସ୍ଥିତ ଦୁର୍ଗାନଗର ଗ୍ରାମରେ ଥିବା ଏକ ମନ୍ଦିରରେ ଦେବୀ କାଳୀଙ୍କ ଭଙ୍ଗା ମୂର୍ତ୍ତିକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ରବିବାର ବିଳମ୍ବିତ ରାତିରେ କେତେଜଣ ଉପଦ୍ରବୀ ଗ୍ରାମର ୧୬ ଘରେ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଉପଦ୍ରବୀମାନେ କିଛି ମୋଟରସାଇକେଲ ଓ ପିକ୍-ଅପ୍ ଭ୍ୟାନ୍‌କୁ ମଧ୍ୟ ଜାଳି ଦେଇଛନ୍ତି। ଉପଦ୍ରବୀଙ୍କ ଭିଡ଼ ଦେଖି ଗ୍ରାମବାସୀ ଅନ୍ୟତ୍ର ପଳାୟନ କରିଥିବାରୁ ଘଟଣାରେ କେହି ମଧ୍ୟ ମୃତାହତ ହୋଇ ନ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସୋମବାର ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟାରେ ସୁରକ୍ଷା ବାହିନୀ ନିଯୁକ୍ତ କରାଯାଇଛି।


ରାଣୀ ବଜାରସ୍ଥିତ ଦୁର୍ଗାନଗର ଗ୍ରାମରେ ଦମକଳ ବାହିନୀ ନିଆଁ ଲିଭାଉଛି।

ତ୍ରିପୁରା ପୋଲିସ ମହାନିର୍ଦ୍ଦେଶକ (ଗୋଇନ୍ଦା) ଅନୁରାଗ ଧନକଡ଼ ଓ ପଶ୍ଚିମ ତ୍ରିପୁରାର ପୋଲିସ ଅଧୀକ୍ଷକ କିରଣ କୁମାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ରାଣୀବଜାର ଅଞ୍ଚଳରେ ୫ କିମ୍ବା ଅଧିକ ଲୋକଙ୍କ ସମାବେଶକୁ ବାରଣ କରାଯାଇଛି। ତେବେ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନାରେ କେତେ ସମ୍ପତ୍ତିର କ୍ଷୟକ୍ଷତି ହୋଇଛି, ସେନେଇ ଆକଳନ କରାଯିବା ପରେ ହିଁ ସ୍ପଷ୍ଟ ହୋଇପାରିବ ବୋଲି ତ୍ରିପୁରାର ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ଜେନେରାଲ(ଲ ଆଣ୍ଡ୍ ଅର୍ଡର) ଅନନ୍ତ ଦାସ କହିଛନ୍ତି। ବନ୍ୟାରେ ଉକ୍ତ ମନ୍ଦିରରେ ଥିବା ଦେବୀ କାଳୀଙ୍କ ପ୍ରତିମା ଭାଙ୍ଗିଯାଇଥିବା ସେ କହିଛନ୍ତି।



ପବିତ୍ର ଜନ୍ମାଷ୍ଟମୀ ଅବସରରେ ସୋମବାର କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ। (ଫଟୋ– ରାଜକିଶୋର ମହାନ୍ତି)

# ଗରମପାଣି ଫିଙ୍ଗି ହାବିଲଦାର ନିଲମ୍ବିତ

- ଅଗ୍ନିଶମ କର୍ମଚାରୀ ଗୁରୁତର
- ବିଳମ୍ବରେ ଅଫିସ ଆସିବା ନେଇ ବଚସା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା), ୨୬।୮

ବିଳମ୍ବରେ ଅଫିସ ଆସିଲେ ବୋଲି ଅଗ୍ନିଶମ ବିଭାଗର ହାବିଲଦାର ଜଣେ ତଳିଆ କର୍ମଚାରୀଙ୍କ ଉପରକୁ ଗରମ ପାଣି ଫିଙ୍ଗିବା ଆଲୋଚ୍ୟର ବିଷୟ ପାଲଟିଛି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ରବିବାର ରାତିରେ ଏହି ଘଟଣା ଘଟିଛି। ଗୁରୁତର ଅଗ୍ନିଶମ କର୍ମଚାରୀ ଦୁଷ୍ମନ୍ତ କୁମାର ଦେହୁରୀଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧିକାରୀ ହାବିଲଦାର ନୂତନ ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଅତିରିକ୍ତ ଫାୟାର ଅଫିସର ବିଶ୍ୱନାଥ ମୁଣ୍ଡା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଅଗ୍ନିଶମ କର୍ମଚାରୀ ଦେହୁରୀ ରବିବାର ରାତିରେ ବିଳମ୍ବରେ କାର୍ଯ୍ୟାଳୟକୁ ଆସିବାରୁ ଉପରିସ୍ଥ ଅଧିକାରୀ ହାବିଲଦାର ମଲ୍ଲିକ ତାଙ୍କୁ ତାଗିଦା କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହାବିଲଦାର ମଲ୍ଲିକ ଫୁଟୁଥିବା ଗରମପାଣିକୁ ଆଣି ଦେହୁରୀଙ୍କ ଉପରକୁ ଛାଟିଥିଲେ। ତାଙ୍କ ଜଙ୍ଘ ଏବଂ ଗୋଡ଼ରେ ଗରମପାଣି ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ସୋମବାର ସକାଳେ ତାଙ୍କୁ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।




ହାବିଲଦାର ନୂତନ ମଲ୍ଲିକ (ବାମ)। ଗରମ ପାଣି ପଡ଼ି ଅଗ୍ନିଶମ କର୍ମଚାରୀ ଦୁଷ୍ମନ୍ତ ଦେହୁରୀଙ୍କ ଗୋଡ଼ରେ ସୃଷ୍ଟି ହୋଇଥିବା କ୍ଷତ।

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଇଡି ନିର୍ଦ୍ଦେଶକ

ଭୁବନେଶ୍ୱର,୨୬।୮ (ସତ୍ୟଜିତ୍ ରାଉତ)

ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିର୍ଦ୍ଦେଶକ ରାହୁଲ ନବୀନ। ଅଗଷ୍ଟ ୨୭ରୁ ୨୯ତାରିଖ ଯାଏ ସେ ଓଡ଼ିଶାରେ ରହିବାର କାର୍ଯ୍ୟକ୍ରମ ରହିଛି। ରାହୁଲ ମଙ୍ଗଳବାର ସନ୍ଧ୍ୟା ୭ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧାସଳଖ ପୁରୀ ମେ ଫେୟାର ହୋଟେଲକୁ ଯାଇ ରାତ୍ରିଯାପନ କରିବେ। ପରେ ବୁଧବାର ସକାଳ ୮ଟା ୩୦ରେ ରାହୁଲ କଟକ ଯାଇ ଏକ ବୈଠକରେ ଯୋଗ ଦେବେ। ଅପରାହ୍ଣରେ ସେ କଟକରୁ ପୁରୀ ଫେରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି। ଗୁରୁବାର ସକାଳ ୯ଟା ୩୦ରେ ସେ ପୁରୀରୁ ଭୁବନେଶ୍ୱର ଆସି ଆଞ୍ଚଳିକ ଇଡି ଅଫିସକୁ ଯିବେ। ଅପରାହ୍ଣ ୩ଟାରେ ବିମାନବନ୍ଦରକୁ ଯାଇ ପ୍ରସ୍ଥାନ କରିବାର କାର୍ଯ୍ୟସୂଚୀ ରହିଛି। ତେବେ ଇଡି ନିର୍ଦ୍ଦେଶକଙ୍କ ହଠାତ୍ ଓଡ଼ିଶା ଗସ୍ତକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ସମୟରେ ରାହୁଲ ଏକାଧିକ ପୁରୁଣା ମାମଲା ଖୋଲିବା ଏବଂ ନୂଆ ମାମଲା ରୁଜୁ ସମ୍ପର୍କରେ ଇଡି ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ବାର୍ଡ-ଫ୍ଲୁ: ଭୟଭୀତ ନ ହେବାକୁ ପରାମର୍ଶ

ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)

ରାଜ୍ୟରେ ବାର୍ଡ ଫ୍ଲୁ ଚିହ୍ନଟ ହେବାପରେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ସଂକ୍ରମିତ ସ୍ଥାନରେ କୁକୁଡ଼ାଙ୍କୁ ମରାଯାଉଛି। ତେବେ ସ୍ଥିତି ନିୟନ୍ତ୍ରଣରେ ଥିବାରୁ ଏହାକୁ ନେଇ ଅଯଥାରେ ଭୟଭୀତ ନ ହେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ପରାମର୍ଶ ଦେଇଛନ୍ତି। ସେହିପରି ଚିକେନ୍ ଖାଇବାନି ବୋଲି ଏବେ କହି ହେବନାହିଁ। ଯେଉଁ ଅଞ୍ଚଳରେ ସଂକ୍ରମଣ ହେଉଛି, ସେଠାରେ ସୋର୍ସ ରିଡକ୍ସନ୍ ଉପରେ ଧ୍ୟାନ ଦିଆଯାଉଛି। ତେଣୁ ସେଠାରେ ଚିକେନ୍ ନ ଖାଇବା ଭଲ। ମାତ୍ର ଯେଉଁଠାରେ କିଛି ହୋଇନାହିଁ, ଅଯଥାରେ ସେଠାରେ ଭୟର ବାତାବରଣ ସୃଷ୍ଟି କରିବା ଠିକ୍ ନୁହେଁ।

ପୂର୍ବରୁ ବାର୍ଡ-ଫ୍ଲୁ ଆସିଛି ଓ ତାକୁ ଆମେ ସଫଳତାର ସହ ମୁକାବିଲା କରିଛୁ। ତେଣୁ ପୁରୀ ଜିଲାର ପିପିଲି ଅଞ୍ଚଳରେ ବ୍ୟାପିଥିବା ବାର୍ଡଫ୍ଲୁ ପାଇଁ ଆତଙ୍କିତ ହୁଅନ୍ତୁ ନାହିଁ। ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଏହାର ନିୟନ୍ତ୍ରଣ ପାଇଁ ପୁରୀ ଜିଲାରେ ପ୍ରତିଷେଧମୂଳକ ପଦକ୍ଷେପ ମଧ୍ୟ ନିଆଯାଇଛି। ସୋର୍ସ ରିଡକ୍ସନ କରିବା ଆମର ପ୍ରଥମ କାମ। ବାର୍ଡ-ଫ୍ଲୁ ଯେଭଳି ଅଧିକ ନ ବ୍ୟାପିବ ସେଥିପାଇଁ ଭେଟେରିନାରି ବିଭାଗ କାର୍ଯ୍ୟ କରୁଛି। ପ୍ରଭାବିତ ଅଞ୍ଚଳକୁ ରାପିଡ୍ ରେସପନ୍ସ ଟିମ୍ ପଠାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏବେ ଜ୍ୱର ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ସର୍ଭେଲାନ୍ସରେ ରଖାଯାଇଛି। ଏହାର ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି। ସେହିପରି ବାର୍ଡ-ଫ୍ଲୁ ହେଲେ କ'ଣ କ'ଣ ଲକ୍ଷଣ ଦେଖାଯାଏ, ସେ ନେଇ ବିଭାଗ ପକ୍ଷରୁ ସଚେତନ କରାଯାଉଛି। କୁକୁଡା ଫାର୍ମ ମାଲିକମାନେ ସେମାନଙ୍କ କୁକୁଡ଼ାଙ୍କଠାରେ ଏଭଳି କିଛି ଲକ୍ଷଣ ଦେଖାଯାଉଛି କି ନାହିଁ ସେ ନେଇ ଦୃଷ୍ଟି ଦିଅନ୍ତୁ। ଲକ୍ଷଣ ଦେଖାଦେବା ମାତ୍ରେ ଆମକୁ ସୂଚନା ଦିଅନ୍ତୁ। ସଂକ୍ରମିତ କୁକୁଡ଼ାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ଲକ୍ଷଣ ଦେଖାଗଲେ, ସେମାନେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଆବଶ୍ୟକ ହେଲେ ଟେଷ୍ଟ କରାଯିବ ଏବଂ ପଜିଟିଭ୍ ଆସିଲେ ଚିକିତ୍ସା କରାଯିବ। ବାର୍ଡ ଫ୍ଲୁ ରୋକିବା ପାଇଁ ସଂକ୍ରମିତ କୁକୁଡା ଫାର୍ମରେ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ଗୋଷ୍ଠୀସ୍ତରରେ ସର୍ଭେଲାନ୍ସ ଉପରେ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ତେଣୁ ଅଯଥାରେ ଭୟଭୀତ ନ ହେବାକୁ ନିର୍ଦ୍ଦେଶକ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।



# ପ୍ରଜାକୋର୍ଟରେ ଯୁବକଙ୍କୁ ହତ୍ୟା

ମାଲକାନଗିରି,୨୬।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲାର ଭୈରମଗଡ଼ରେ ମାଓବାଦୀମାନେ ଏକ ପ୍ରଜା କୋର୍ଟକରି ଜଣେ ଯୁବକଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ପୋଲିସ ଇନ୍‌ଫର୍ମର ଅଭିଯୋଗରେ ମାଓବାଦୀମାନେ ଯୁବକଙ୍କୁ ହତ୍ୟାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ, ମାଓବାଦୀ ସଙ୍ଗଠନ ଭୈରମଗଡ଼ ଏରିଆ କମିଟି ସ୍ଥାନୀୟ ଅଞ୍ଚଳର ଏକ ଅଜ୍ଞାତ ସ୍ଥାନରେ ଜନ ଅଦାଲତର ଆୟୋଜନ କରିଥିଲେ, ଯେଉଁଠି ମାଓବାଦୀମାନେ ଭୈରମଗଡ଼ର ଜୈଗୁର ନିବାସୀ ସିତୁ ମାଣ୍ଡବୀଙ୍କୁ ହତ୍ୟା କରିଥିଲେ। ସିତୁ ୨୦୨୧ ପରଠାରୁ ପୋଲିସ ପାଇଁ ଇନ୍‌ଫର୍ମର ଭାବେ କାର୍ଯ୍ୟକରି ଆସୁଥିଲେ। ସଙ୍ଗଠନ ରଣନୀତି ଏବଂ ଗତିବିଧି ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବାରୁ ପ୍ରଜାକୋର୍ଟରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏନେଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପୋଷ୍ଟର ସ୍ଥାନୀୟ ଅଞ୍ଚଳରେ ଲଗାଯାଇଥିବା ଦେଖିବାକୁ ମିଳିଛି।

# ସାର୍ବଜନୀନ ହେବ ତଦନ୍ତ କମିଶନ ରିପୋର୍ଟ: ହରିଚନ୍ଦନ

## ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣା

ଭୁବନେଶ୍ୱର,୨୬।୮ (ଅନିଲ ଦାସ)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ତଦନ୍ତ କମିଶନ ରିପୋର୍ଟକୁ ରାଜ୍ୟ ସରକାର ସାର୍ବଜନୀନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଏ ନେଇ ଆଲୋଚନା ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ଏଭଳି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯେଉଁ କଥା ଆମେ ବିଗତ ଦିନରେ କହିଥିଲୁ, ଏବେ ଶୀଘ୍ର ଆଲୋଚନା କରାଯାଇ କମିଶନ ରିପୋର୍ଟ ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏଠାରେ ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ତାରିଖରେ କନ୍ଧମାଳର ଜଲେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପରେ କନ୍ଧମାଳରେ ଦଙ୍ଗା ସୃଷ୍ଟି ହୋଇଥିଲା। ପ୍ରଥମେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣାର ତଦନ୍ତ କରିଥିଲା। ପରେ ସରକାର ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଓ କନ୍ଧମାଳ ଦଙ୍ଗା ମାମଲାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ଶରତ ଚନ୍ଦ୍ର ମହାପାତ୍ର ଓ ପରେ ଜଷ୍ଟିସ ଏ.ଏସ୍. ନାଇଡୁଙ୍କ ଜଣିକିଆ କମିଶନ ନିଜର ତଦନ୍ତ ରିପୋର୍ଟକୁ ୨୦୧୫ ଡିସେମ୍ବରରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଏ ପର୍ଯ୍ୟନ୍ତ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ ହୋଇ ନାହିଁ। ହତ୍ୟାକାଣ୍ଡ ସମୟରେ ରାଜ୍ୟରେ ବିଜେଡି-ଭାଜପା ମିଳିତ ମେଣ୍ଟ ସରକାର ଥିଲା। ୨୦୦୯ରେ ଏହି ମେଣ୍ଟ ଭାଙ୍ଗି ଯାଇଥିଲା। ଭାଜପା କ୍ଷମତାକୁ ଆସିବା ପରେ ଏହି ରିପୋର୍ଟ ସାର୍ବଜନୀନ କରିବାକୁ ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି।

# ସମୁଦ୍ରରେ ଫସିଛନ୍ତି ୧୨ ମତ୍ସ୍ୟଜୀବୀ



- ୪୮ ଘଣ୍ଟା ପରେ ବି ଉଦ୍ଧାର ହୋଇନାହାନ୍ତି
- କୋଷ୍ଟଗାର୍ଡ ସହାୟତା ଲୋଡ଼ିଲା ପ୍ରଶାସନ

ଅସ୍ତରଙ୍ଗ,୨୬।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗର ନୂଆଗଡ଼ ଜେଟି ନିକଟରୁ ଚାରିଦିନ ତଳେ ମା' କାଳୀ ଏବଂ ମା' ପାର୍ବତୀ ନାମକ ଦୁଇଟି ବୋଟ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲା। ଶନିବାର ସକାଳେ ମା' କାଳୀ ବୋଟ୍ ଦେବୀନଦୀ ମୁହାଣ ଠାରୁ ୩ କିମି ଏବଂ ମା' ପାର୍ବତୀ ବୋଟ ୨କିମି ଦୂରରେ ଥିବାବେଳେ ହଠାତ ବୋଟ୍‌ଦ୍ୱୟର ଇଞ୍ଜିନ (ଗିଅର ବକ୍ସ) ଭାଙ୍ଗିଯାଇଥିଲା। ଫଳରେ ଉଭୟ ବୋଟ୍ ସମୁଦ୍ରରେ ଫସିରହିଛି। ୪୮ ଘଣ୍ଟା ପରେ ବି ବୋଟ୍ ଦୁଇଟିରେ ଥିବା ମୋଟ ୧୨ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇପାରିନାହିଁ। ସେମାନଙ୍କୁ ଉଦ୍ଧାର କରିବାକୁ ଏକ ଟ୍ରଲର ଯାଇଥିଲେ ମଧ୍ୟ ସମୁଦ୍ର ଅଶାନ୍ତ ଥିବାରୁ ନିରାଶରେ ଫେରିଆସିଛି। ଏହି ଘଟଣା ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କ ପରିବାରର ଚିନ୍ତା ବଢାଇଥିବାବେଳେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା ରହିଛି। ମା' ପାର୍ବତୀ ବୋଟରେ ବସନ୍ତ ନାୟକ, ଅଜୟ ମହାନ୍ତି, ରମେଶ ମହାନ୍ତି, ବୁଦ୍ଧେଶ୍ୱର ଦଳାଇ, ପ୍ରଭାସ ଚନ୍ଦ୍ର ସିଲ୍, ଶିବ ପରିଡା ରହିଥିବାବେଳେ ମା' କାଳୀ ବୋଟରେ ଥିବା ୬କର୍ମଚାରୀଙ୍କ ନାମ ମିଳିପାରିନାହିଁ। ଦେବୀ ମୁହାଣଠାରୁ ୨ରୁ ୩ କିଲୋମିଟର ଦୂରରେ ଦୁଇଟି ବୋଟ ଥିବାବେଳେ ସେମାନେ ଆବଶ୍ୟକ ମୁତାବକ ନେଇଥିବା ଖାଦ୍ୟ ସାମଗ୍ରୀ ଖାଉଛନ୍ତି ବୋଲି ମା' ପାର୍ବତୀ ବୋଟ୍‌ର ଡ୍ରାଇଭର ବସନ୍ତ ନାୟକ କହିଛନ୍ତି। ମତ୍ସ୍ୟଜୀବୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୪ ମସିହାରେ ସରକାରଙ୍କ ଦ୍ୱାରା ନୂଆଗଡ଼ ସାମୁଦ୍ରିକ ଥାନା ସ୍ଥାପିତ ହୋଇଥିଲା। ତେବେ ଦେବୀ ମୁହାଣ ମଧ୍ୟରେ ଫସିରହିଥିବା ଦୁଇଟି ବୋଟ ସମେତ ୧୨ଜଣ କର୍ମଚାରୀଙ୍କୁ ନୂଆଗଡ଼ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିପାରିନାହିଁ। ନୂଆଗଡ଼ ସାମୁଦ୍ରିକ ଥାନାର ମୁଖ୍ୟ ସମସ୍ୟା ହେଉଛି, ୨୦୦୮ ମସିହାର ସ୍ପିଡ୍ ବୋଟ ଯାହାର କ୍ଷମତା ୧୨ଟନ ବିଶିଷ୍ଟ, ତାହା କାମରେ ଲାଗୁନାହିଁ। ଦେବୀ ନଦୀ ମୁହାଣର ଅଶାନ୍ତ ସମୁଦ୍ରକୁ ଯାଇ ଉଦ୍ଧାର କରିପାରି ନାହିଁ। ଜୀବନ ସହ ସଂଗ୍ରାମ କରି ଦୀର୍ଘ ୪୮ଘଣ୍ଟାରୁ ଊର୍ଦ୍ଧ୍ୱ ହେଲା। ଦେବୀ ମୁହାଣ ମଧ୍ୟରେ ୨ଟି ବୋଟ ରହିଛି। ଏଥିସହ ସମୁଦ୍ରରେ ଫସିଥିବା ମା' ପାର୍ବତୀ ବୋଟ୍‌ର ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀଙ୍କ ସହିତ ସୁବିଧା ଅସୁବିଧା ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କଥା ହୋଇଛନ୍ତି। ସୋମବାର ସକାଳୁ ଅସ୍ତରଙ୍ଗ ସହମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାଶ ସମ୍ପୃକ୍ତ ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରିବା ପାଇଁ ନୂଆଗଡ଼ ଜେଟିଠାରୁ ମା' ମଙ୍ଗଳା ଏବଂ ମା' ଜାଡୁଆଣୀ ନାମକ ଅନ୍ୟ ଦୁଇଟି ବୋଟ୍ ସହ ୨୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ନେଇ ଦେବୀ ନଦୀ ମୁହାଣକୁ ଯାଇଥିଲେ। କିନ୍ତୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସେହି ବୋଟ ଦୁଇଟି ପାଖକୁ ଯାଇପାରିଲେ ନାହିଁ ବୋଲି ସହମତ୍ସ୍ୟ ଅଧିକାରୀ ଦାଶ କହିଛନ୍ତି। ଅପରାହ୍ଣରେ ଅସ୍ତରଙ୍ଗ ମତ୍ସ୍ୟବିଭାଗ ପକ୍ଷରୁ ଲାଇଫ ଜ୍ୟାକେଟ ସହ ଏକ ଟ୍ରଲର ବୋଟ୍ ପଠାଯାଇଛି। ଅନ୍ୟପଟେ ଉକ୍ତ ବୋଟ୍ ଦ୍ୱୟକୁ ଉଦ୍ଧାର କରିବା ପାଇଁ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ପାରାଦୀପ କୋଷ୍ଟଗାର୍ଡଙ୍କ ସହାୟତା ଲୋଡ଼ାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିସର୍ଚ୍ଚ ଇଣ୍ଟିଗ୍ରିଟି ଇନ୍ ସାଇନ୍ସ ଆଣ୍ଡ ଏଜୁକେଶନ କ୍ୟାମ୍ପେନ, ସ୍ଥାନ: ମୁଖ୍ୟ ଅଡିଟୋରିୟମ୍, କ୍ୟାମ୍ପସ-୨, ସମୟ: ମଧ୍ୟାହ୍ନ ୧୨ଟା।
- ୪୭ତମ ଜାତୀୟ ବର୍ଷା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଶାଳାର ୨୧ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ରାଧା ମଦନମୋହନ ମନ୍ଦିରରେ ନନ୍ଦ ଉତ୍ସବ ପାଳନ ଅବସରରେ ନାମ ସଂକୀର୍ତ୍ତନ ଓ ହରି କଥା, ସ୍ଥାନ: ବାଲିଆପାଳ ରାଧା ମଦନ ମୋହନ ମନ୍ଦିର, ସମୟ: ପ୍ରାତଃ ୫ଟାରୁ ପୂଜାର୍ଚ୍ଚନା ଆରମ୍ଭ, ପୂର୍ବାହ୍ନ ୧୦ଟାରୁ ନାମ ସଂକୀର୍ତ୍ତନ ଓ ହରିକଥା, ଅପରାହ୍ନ ୧ଟା ୩୦ରେ ପ୍ରସାଦ ସେବନ।
- ଜନ୍ମାଷ୍ଟମୀ ନନ୍ଦୋତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା ଓ ଭଜନ ସମାରୋହ, ସ୍ଥାନ: ଇସ୍କନ ମନ୍ଦିର, ରେମୁଣା, ସମୟ: ଦିବସବ୍ୟାପୀ।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନୀଳଗିରି ବିଜେଡିର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି, ସ୍ଥାନ: ବ୍ଲକ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୁଝାମଣା ପତ୍ର ସ୍ୱାକ୍ଷର ଓ ଅଧ୍ୟାପନା ଅଧ୍ୟାୟ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯାଦବ ମହାସଭା ଆନୁକୂଲ୍ୟରେ 'କୃଷ୍ଣାୟନ' ଉତ୍ସବ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ରାଧାକୃଷ୍ଣ ଯୁବକସଂଘ ପକ୍ଷରୁ ୫ ରାତି ଦିନ ବ୍ୟାପୀ ଜନ୍ମାଷ୍ଟମୀ ଉତ୍ସବ, ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାନ ତେଘରୀ ଶ୍ରୀକୃଷ୍ଣ ମୈଦାନ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅପୂର୍ବ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦୋତ୍ସବ ପାଳନ, ସ୍ଥାନ: ଇସ୍କନ ମନ୍ଦିର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ନନ୍ଦୋତ୍ସବ ସମାରୋହ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ, ଭଜନସନ୍ଧ୍ୟା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀଚୈତନ୍ୟ ଆଶ୍ରମ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ପୀଠରେ ମଙ୍ଗଳା ଓଷା ଏବଂ ପୂଜା, ସ୍ଥାନ : ଭୂଇଁପୁର, ହାଟଡିହୀ, ସମୟ: ସକାଳ ୭ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ବେଦପାଠ, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ହାବଲେଶ୍ୱର, ହାଟଡିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ମା' ତାରିଣୀଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ମରେଇଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- କୃଷ୍ଣ ବେଶଧାରୀ କୁନି ପିଲାଙ୍କ ଗାଁ ପରିକ୍ରମା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଗ୍ରାମ, ସମୟ: ସକାଳ ୭ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ଉଦଳା ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪, ସ୍ଥାନ:ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ଗଞ୍ଜାମ

- ଧରାକୋଟ ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଖଡଭାଗ (ଆସିକା ବ୍ଲକ), ସମୟ: ସକାଳ ୮ଟା।

## କନ୍ଧମାଳ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ରାଇକିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ସଦର ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।
- ନନ୍ଦ ଉତ୍ସବ ପ୍ରସାଦ ସେବନ, ସ୍ଥାନ- କୁଞ୍ଜକାନ୍ତ ମନ୍ଦିର, ସମୟ- ମଧ୍ୟାହ୍ନ ୧୨ଟା।
- ଇସ୍କନ ପକ୍ଷରୁ ନନ୍ଦଉତ୍ସବ ପାଳନ, ସ୍ଥାନ- ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସ୍ୱଚ୍ଛତା, ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ସକାଳ ୮ଟା।
- ପାରାଦୀପ ବନ୍ଦର ଲେଡିଜ କ୍ଲବ ପକ୍ଷରୁ ଦନ୍ତରୋଗ ଚିକିତ୍ସା ଶିବିର, ସ୍ଥାନ: ପୋର୍ଟ କ୍ଲବ ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଯାଦବ ମହାସଭା ପକ୍ଷରୁ ନନ୍ଦୋତ୍ସବ ଉପଲକ୍ଷେ ଲଉଡି ଖେଳ, ସ୍ଥାନ: ଶାରଳା ମନ୍ଦିର ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ନନ୍ଦୋତ୍ସବ, ସ୍ଥାନ: ଆୟେବା, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦୋତ୍ସବ, ସ୍ଥାନ: ଶ୍ରୀଗୋପୀନାଥଜୀଉ ମନ୍ଦିର, ବଡାଗର, ରାଜକନିକା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି,ସ୍ଥାନ:ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଡ଼ିଓଙ୍କ ମିଳିତ ଅଭିଯୋଗ ଶୁଣାଣୀ, ସ୍ଥାନ:ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ନନ୍ଦ ଉତ୍ସବ ପର୍ବ ଓ ନନ୍ଦ ରାଜାଙ୍କ ଗ୍ରାମ ପରିକ୍ରମା, ସ୍ଥାନ:ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ମାନତିର ଗ୍ରାମ,ସମୟ: ସକାଳ ୮ଟା।
- ପଞ୍ଚ ଦିବସୀୟ ଜନ୍ମାଷ୍ଟମୀ,ନନ୍ଦ ଉତ୍ସବ,ଲଉଡ଼ି ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ରାଧାକୃଷ୍ଣ ରୂପଲୀଳା ପ୍ରତିଯୋଗିତା ଓ ନଗର ପରିଭ୍ରମଣ, ସ୍ଥାନ: ଓଡ଼ଗାଁ ବ୍ଲକ କୋମଣ୍ଡର ସଚ୍ଚିଦାନନ୍ଦ ସେବାଶ୍ରମ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରାଜୀବ ଗାନ୍ଧୀ ସଭାଗୃହ, ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦୋତ୍ସବ ପାଳନ, ସ୍ଥାନ: ଉଠାଣି ସାହି ନୂଆଗାଁ ବ୍ଲକ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ପିଏମ୍ ଜନମନ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ ଅବସରରେ ପ୍ରତିଯୋଗିତା, ସ୍ଥାନ: ଇସ୍କନ କେନ୍ଦ୍ର, ଇନ୍ଦ୍ରା ନଗର ୫ମ ଲାଇନ, ରାୟଗଡା, ସମୟ: ସକାଳ ୯ରୁ ୧୦ ଟା।
- ଗୌଡ଼ ସମାଜ ପକ୍ଷରୁ ନନ୍ଦ ଉତ୍ସବ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନିଘାମନ ସାହି ତୁଳସୀ ଚହରା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲବ ଦ ୟଙ୍ଗ ଇଣ୍ଡିଆ ପକ୍ଷରୁ ନନ୍ଦ ଉତ୍ସବ ପାଳନ, ସ୍ଥାନ: ଲାଇନ୍ସ କ୍ଲବ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସୁରି ପଞ୍ଚାୟତ ଅଫିସ, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।
- ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାର ସଚେତନତା ଅଭିଯାନ, ସ୍ଥାନ: ବାଟିଗୁମା ଗ୍ରାମ, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସେମିଳିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲଙ୍କାପୁଟ ପଞ୍ଚାୟତ, କୋରାପୁଟ ବ୍ଲକ, ସମୟ : ପୂର୍ବାହ୍ନ ୧୦ ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି, ମାଳିପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ:୧୧ଟା।
- ସୁଭଦ୍ରା ଯୋଜନାକୁ ନେଇ ପଞ୍ଚାୟତ ପ୍ରତିନିଧିଙ୍କ ସହ ବୈଠକ, ସ୍ଥାନ: ପଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ସହ ବିଏଲ୍‌ଓମାନଙ୍କ ଭିଡିଓ କନଫରେନ୍ସିରେ ବୈଠକ, ପଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସ୍ଥାନ: ଅପରାହ୍ନ ୪ଟା।

## ସମ୍ବଲପୁର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : କୁସୁମୀ କୁଟିଆ, ସମୟ : ପୂର୍ବାହ୍ନ ୧୦ଟା୧୫।
- ଡିଷ୍ଟ୍ରିକ୍ଟ ଜିମ୍ନାଷ୍ଟିକ ଆସୋସିଏଶନ ଏବଂ ଆଫତାପ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ମଧ୍ୟାହ୍ନ ୧୨ଟା।
- ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ, ସ୍ଥାନ : ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଜିଲା ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଲପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବ୍ୟାସ ପୂଜା ମହାମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଗୋକର୍ଣ୍ଣେଶ୍ୱରପଡା ଇସ୍କନ୍ ମନ୍ଦିର, ସମୟ: ସକାଳ ୮ଟା।
- ନନ୍ଦୋତ୍ସବ ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦୋତ୍ସବ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ଆର୍‌ଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଁଖାଇ ପାଇଁ ଶୁଭଲଗ୍ନ ନିର୍ଦ୍ଧାରଣ ନିମନ୍ତେ ପଣ୍ଡିତ ମହାସଭା, ସ୍ଥାନ: ସୁବର୍ଣ୍ଣପୁର ସହର ଗଡଭିତର ସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ତରଭା ସୁନାରିପଡା ରାଧାକୃଷ୍ଣ ମନ୍ଦିରରେ ନନ୍ଦ ଉତ୍ସବ ଓ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ:ସୁରେଶ୍ୱରୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଲ ପ୍ରଭୁପାଦ ବ୍ୟାସପୂଜା, ସ୍ଥାନ: ଇସ୍କନ, ସାଇଶ୍ରଦ୍ଧା ମଣ୍ଡପ ପଛପଟ, ଆଶାକିରଣ ଛକ, ବରଗଡ଼, ସମୟ: ଭୋର୍ ୪ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବିହାରୀ ଯୁବକ ସଂଘ କଲ୍ୟାଣ ମଣ୍ଡପ, ପୁରୁଣା ରିଜର୍ଭ ପୋଲିସ ସମ୍ମୁଖ, ବରଗଡ଼, ସମୟ: ସକାଳ ୯ଟା।
- ମାଁ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ପାଇଁ ଭୂମିପୂଜା, ମୃତ୍ତିକା ଉତ୍ତୋଳନ, ନୂତନ ଦୁର୍ଗା ମଣ୍ଡପ ପ୍ରତିଷ୍ଠା ସମାରୋହ, ସ୍ଥାନ: ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୯ଟା।
- ବରଗଡ଼ ଜିଲା ଯାଦବ ସାଂସ୍କୃତିକ ସମାଜର ନନ୍ଦୋତ୍ସବ, ସ୍ଥାନ: ଜୟସିଂ କଲ୍ୟାଣ ମଣ୍ଡପ, ଭଟଲି ଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ପାଇକମାଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ, ସ୍ଥାନ: ସରକାରୀ ନୋଡ଼ାଲ ହାଇସ୍କୁଲ ପଡ଼ିଆ, ଗାଇସିଲେଟ୍, ସମୟ: ଅପରାହ୍ନ ୩ଟା।
- ନୂଆଁଖାଇ ଲଗ୍ନ ନିରୂପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର, ସମୟ: ପ୍ରାତଃ ୫ଟା।
- ଆଗାମୀ ବିଶ୍ୱକର୍ମା ପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ପାଇଁ ମନ୍ଦିର ପ୍ରାଙ୍ଗଣ ପ୍ରସ୍ତୁତି, ସ୍ଥାନ: ସହରସ୍ଥିତ ତାରିଣୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଶ ପୂଜା ମେଢ଼ ପାଇଁ ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝଣ୍ଡାଛକ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ଇଏସ୍‌ଆଇ ମେଡିକାଲ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଆଇଟିଆଇ ରୋଡ, ସମୟ: ଅପରାହ୍ନ ୩ଟା।
- ବିଭିନ୍ନ ମନ୍ଦିରରେ ନନ୍ଦୋତ୍ସବ, ସ୍ଥାନ: ସେକ୍ଟର-୧୪,୧୫, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ, ସ୍ଥାନ: ରିଆମାଳ ବ୍ଲକ, ବାରକୋଟ ବ୍ଲକ ଓ ତିଲେଇବଣି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଅନ୍ନ ଅଭିଯାନ ଅଧୀନରେ ବାୟୋ ଇନପୁଟ ଉପରେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ. ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜୁନାଗଡ଼ ଏନ୍‌ଏସିରେ ସ୍ୱତନ୍ତ୍ର ବୈଠକ, ଅନାସ୍ଥା ଭୋଟ ଗ୍ରହଣ, ସ୍ଥାନ: ଜୁନାଗଡ଼ ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଏମ୍ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଓ ନଗର ପରିକ୍ରମା, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମଦନମୋହନ ମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ନନ୍ଦ ଉତ୍ସବ, ସ୍ଥାନ: ମଦନମୋହନ ମନ୍ଦିର ପରିସର, ବୌଦ୍ଧ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଯୋଗିନ୍ଦ୍ରପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର ପରିସର, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।
- ବୌଦ୍ଧ ମଗଧା ଗଉଡ ସମାଜର ଜନ୍ମାଷ୍ଟମୀ ଅବସରରରେ ନନ୍ଦ ଉତ୍ସବ, ସ୍ଥାନ: ଖଲିଆବଗିଚା ହନୁମାନ ମଣ୍ଡପ, ବୌଦ୍ଧ , ସମୟ: ରାତି ୮ଟା।

ପ୍ରଥମ ପୃଷ୍ଠାରୁ...

## ପରିବାରର ଆୟ...

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ସାମିଲ ନ ଥିବେ, ସେମାନଙ୍କୁ ସୁଭଦ୍ରା ଯୋଜନାରୁ ଲାଭ ମିଳିବ ନାହିଁ।

### କେଉଁଠି, କେମିତି କରିହେବ ଆବେଦନ

'ସୁଭଦ୍ରା' ଯୋଜନାରେ ସାମିଲ ହେବା ପାଇଁ ଫର୍ମପୂରଣ କରି ଅଫ୍‌ଲାଇନରେ ତଥା ସୁଭଦ୍ରା ପୋର୍ଟାଲରେ ଅନ୍‌ଲାଇନରେ ଆବେଦନ କରାଯାଇପାରିବ। ଅଙ୍ଗନୱାଡି କେନ୍ଦ୍ର, ବ୍ଲକ ଅଫିସ୍, ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ର ଇତ୍ୟାଦିରେ ମୁଦ୍ରିତ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ। ଆବେଦନକାରୀମାନେ ଫର୍ମପୂରଣ କରି ଏହାକୁ ନିକଟସ୍ଥ ମୋ ସେବାକେନ୍ଦ୍ର/ସାଧାରଣ ସେବା କେନ୍ଦ୍ରରେ ଦାଖଲ କରିବାକୁ ପଡ଼ିବ। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫର୍ମ ଓ ଆଧାରକାର୍ଡରେ କୌଣସି ଅସଙ୍ଗତି ଥିଲେ, ଆଧାରରେ ଥିବା ସୂଚନାକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ। ସଂଗୃହୀତ ସମସ୍ତ ଆବେଦନକୁ ସରକାରଙ୍କ ପାଖରେ ଉପଲବ୍ଧ ଡାଟାବେସ୍ ସହିତ ଯାଞ୍ଚ କରାଯିବ ଓ ଆବଶ୍ୟକ ସ୍ଥଳରେ କ୍ଷେତ୍ର ଅନୁସନ୍ଧାନ ମାଧ୍ୟମରେ ଯାଞ୍ଚ କରାଯିବ।

ଏଥିସହିତ ସମସ୍ତ ଆବେଦନକାରୀ ସୁଭଦ୍ରା ଅଧୀନରେ ଯୋଗ୍ୟ ବିବେଚିତ ହେବା ପାଇଁ ଇ-କେୱାଇସି ନିମିତ୍ତ ନିଜର ଘୋଷଣାନାମା ଦେବେ। ଯେଉଁ ମହିଳାମାନେ ଯୋଗ୍ୟ ଅଟନ୍ତି ଓ ସୁଭଦ୍ରା ଅଧୀନରେ ଲାଭ ପାଇବାକୁ ଆବେଦନ କରିବାକୁ ଚାହିଁବେ, ସେମାନଙ୍କର ନିଜ ନାମ ଆଧାରକାର୍ଡରେ ରହିବା ଆବଶ୍ୟକ। ସେମାନେ ନିଶ୍ଚିତ ଭାବରେ ସେମାନଙ୍କର ମୋବାଇଲ ନମ୍ବରକୁ ଆଧାରକାର୍ଡ ସହିତ ଲିଙ୍କ୍ କରିଥିବେ। ସେମାନଙ୍କର ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ। ଯଦି ହିତାଧିକାରୀଙ୍କ ପାଖରେ ଆଧାର ନମ୍ବର ନାହିଁ କିମ୍ବା ତାଙ୍କ ଆଧାରକାର୍ଡରେ ତଥ୍ୟ ମେଳ ଖାଉନାହିଁ, ତା'ହେଲେ ତାଙ୍କୁ ଆଧାର ଅଧୀନରେ ନିଜକୁ ପଞ୍ଜୀକରଣ କରିବାକୁ ପଡ଼ିବ କିମ୍ବା ଆବଶ୍ୟକ ଅନୁଯାୟୀ ତଥ୍ୟ ସଂଶୋଧନ କରିବାକୁ ପଡ଼ିବ। ଯଦି ହିତାଧିକାରୀଙ୍କର ଏକକ ଆଧାର-ସକ୍ଷମ ଓ ଡିବିଟି-ସକ୍ଷମ ବ୍ୟାଙ୍କ୍ ଆକାଉଣ୍ଟ ନାହିଁ, ତାଙ୍କୁ ଏକକ ଧାରକ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ବ୍ୟାଙ୍କ ଆକାଉଣ୍ଟକୁ ଆଧାର-ସକ୍ଷମ କରିବା, ବ୍ୟାଙ୍କ୍ ଆକାଉଣ୍ଟକୁ ଡିବିଟି-ସକ୍ଷମ କରିବା ଓ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯିବ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ।

### ଯୋଜନା ତଦାରଖ ପାଇଁ ଗଠନ ହେବ ରାଜ୍ୟ, ଜିଲା ସ୍ତରୀୟ କମିଟି

ଯୋଜନାର ତଦାରଖ କରିବା ପାଇଁ ରାଜ୍ୟସ୍ତରରେ ଏକ ରାଜ୍ୟ ସ୍ତରୀୟ ପରିଚାଳନା ଓ ତଦାରଖ କମିଟି (ଏସ୍‌ଏଲ୍‌ଏସ୍‌ଏମ୍‌ସି) ଗଠନ କରାଯିବ। ମୁଖ୍ୟ ଶାସନ ସଚିବ ଏହାର ଅଧ୍ୟକ୍ଷ ଓ ଉନ୍ନୟନ କମିଶନର ଏହାର ଉପାଧ୍ୟକ୍ଷ ରହିବେ। ସେହିଭଳି ଜିଲାସ୍ତରରେ ଜିଲାସ୍ତରୀୟ ତଦାରଖ କମିଟି (ଡିଏଲ୍‌ଏମ୍‌ସି) ଗଠନ କରାଯିବ। ଜିଲାପାଳ ଏହାର ଅଧ୍ୟକ୍ଷ ରହିବେ। ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଯାଞ୍ଚ କମିଟି ଗଠନ କରାଯିବ। ସହରାଞ୍ଚଳ ନଗର/ନିଗମ ସ୍ତରରେ ସହରାଞ୍ଚଳସ୍ତରୀୟ ଯାଞ୍ଚ କମିଟି ଗଠନ ହେବ। ମହିଳା ଓ ଶିଶୁ ବିକାଶ ବିଭାଗ 'ସୁଭଦ୍ରା' ଯୋଜନାର ନୋଡାଲ ବିଭାଗ ହେବ। ଏହି ଯୋଜନାର ସଫଳ ରୂପାୟନକୁ ସକ୍ଷମ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ନିୟମିତ ବ୍ୟବଧାନରେ ଆଦେଶ ଓ ନିର୍ଦ୍ଦେଶାବଳୀ ଜାରି କରିବ। ଯଦି ଏହି ଯୋଜନାର ବ୍ୟାଖ୍ୟା କିମ୍ବା କାର୍ଯ୍ୟକାରିତା ସମ୍ବନ୍ଧରେ କୌଣସି ବିବାଦ ଥାଏ, ମହିଳା ଓ ଶିଶୁ ବିକାଶ ବିଭାଗର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ ହେବ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି।

ଗତ ଅଗଷ୍ଟ ୨୩ରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା ପାଇଁ ଏସ୍‌ଓପି ଜାରି କରିଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୪ ତାରିଖରେ ବିଧାନସଭାରେ ଏସମ୍ପର୍କରେ ଘୋଷଣା କରିଥିଲେ। ୨୧ରୁ ୬୦ବର୍ଷର ମହିଳାଙ୍କୁ ବାର୍ଷିକ ୨ଟି କିସ୍ତିରେ ୧୦ହଜାର ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଆସନ୍ତା ୫ ବର୍ଷରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ହଜାର ଟଙ୍କା ପାଇବେ। ନିଜ ଇଚ୍ଛାରେ ସେ ଏହି ଟଙ୍କା ଖର୍ଚ୍ଚ କରିପାରିବେ। ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁଯାୟୀ,ଏହି ଯୋଜନା ୨୦୨୪-୨୫ରୁ ଆରମ୍ଭ ହୋଇ ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫,୮୨୫ କୋଟି ଟଙ୍କା ଖର୍ଚ୍ଚ ହେବ। ୧ କୋଟିରୁ ଅଧିକ ମହିଳା ଏଥିରେ ଉପକୃତ ହେବେ। ସମସ୍ତ ହିତାଧିକାରୀଙ୍କୁ ରାଖୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସ(୮ ମାର୍ଚ୍ଚ)ରେ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ସହାୟତା ପ୍ରଦାନରେ ସ୍ୱଚ୍ଛତାକୁ ନିଶ୍ଚିତ କରିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍(ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ। ଏଥିସହ ହିତାଧିକାରୀଙ୍କୁ ଏକ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ।

## 'ସୁଭଦ୍ରା' ଫର୍ମ ପାଇଁ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି

**ଭୁବନେଶ୍ୱର,୨୬।୮(ବନ୍ଦନା ସେଠୀ)**

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ସୁଭଦ୍ରା' ଯୋଜନାର ଗାଇଡ୍‌ଲାଇନ ଜାରି କରାଯାଇଛି। ଏଥିସହ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ସମସ୍ତ ଜିଲାପାଳ ଏବଂ ମ୍ୟୁନିସିପାଲ କମିଶନରଙ୍କୁ ଚିଠି କରିଛନ୍ତି। ସୁଭଦ୍ରା ଯୋଜନାର ଲାଭ ଯେପରି ରାଜ୍ୟର ସମସ୍ତ ଯୋଗ୍ୟ ମହିଳା ଉଠାଇପାରିବେ ସେ ନେଇ ପର୍ଯ୍ୟାପ୍ତ ସଂଖ୍ୟକ ଫର୍ମ ମୁଦ୍ରଣ କରିବା ଉପରେ ଚିଠିରେ ଗୁରୁତ୍ୱାରୋପ କରାଯାଇଛି। ଏହି ଫର୍ମ ଜିଲା ଓ ନିଗମ ମାଇକ୍ରୋ ଯୋଜନା ଅନୁଯାୟୀ ଏକାଧିକ ସ୍ଥାନରେ ବଣ୍ଟନ କରାଯିବ। ଚିଠିରେ ଫର୍ମ ପାଇଁ ଅନୁମୋଦିତ ହୋଇଥିବା ଡିଜାଇନ ସଂଲଗ୍ନ କରାଯାଇଛି। ଫର୍ମଟି ସମ୍ପୂର୍ଣ୍ଣ ଓଡ଼ିଆରେ ହେବା ସହ ଏହାର ପ୍ରିଣ୍ଟିଂ (ଆଗ, ପଛ) ମଲ୍ଟିକଲର ହେବ। ସେହିଭଳି କାଗଜର ଆକାର ୮.୩ ଇଞ୍ଚ X ୧୧.୭ ଇଞ୍ଚ, କାଗଜର ରଙ୍ଗ ଧଳା ମ୍ୟାପ୍ଲିଥୋ T ଏହାର ଘନତା ୯୦ଗ୍ରାମ ହେବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ୨୯ରେ ଆଉ...

ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟିହେବ। ଏହା ପ୍ରଭାବରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ ଓ ମାଲକାନଗିରିରେ ୭ରୁ ୧୧ ସେ.ମି. ବର୍ଷା ହେବା ସମ୍ଭାବନା ଥିବାରୁ ଏସବୁ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ରହିଥିବାବେଳେ ୩୦ରେ କେତେକ ଜିଲାରେ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏନେଇ କେତେକ ଜିଲାକୁ ଅରେଞ୍ଜ ଓ ଅନ୍ୟ କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ୯ ବର୍ଷରେ ୯୨ ଅଫିସର...

ଜନଜାତିଙ୍କ ପାଇଁ ୭.୫%, ଓବିସିଙ୍କ ପାଇଁ ୨୭%, ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ୧୦% ଏବଂ ଭିନ୍ନକ୍ଷମଙ୍କ ପାଇଁ ୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ୧୯୯୩ରେ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ ଯଦି କୌଣସି କର୍ମଚାରୀ ଜାଲ୍ ତଥ୍ୟ ଦେଇ ବା ଜାଲ୍ ସାର୍ଟିଫିକେଟ ଦାଖଲ କରି ନିଯୁକ୍ତି ପାଇଥିବା ଜଣାପଡ଼େ, ତେବେ ତାଙ୍କୁ ଉକ୍ତ ଚାକିରିରେ ରଖାଯିବା ଉଚିତ ନୁହେଁ। ୟୁପିଏସ୍‌ସି ପରୀକ୍ଷା ଦେବା ପାଇଁ ଥିବା ସୁଯୋଗ ସୀମା ଶେଷ ହୋଇଥିବା ସତ୍ତ୍ୱେ ପୂଜା ଖେଡ୍‌କର ଜାଲ୍ ପରିଚୟ ଓ ପ୍ରମାଣପତ୍ର ବଳରେ ୨୦୨୧ରେ ପୁନର୍ବାର ପରୀକ୍ଷା ଦେଇପାରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା।

## ପଣ୍ୟବାହୀ ଜାହାଜ ଆଇଟିଟି...

ଫର୍ନେସ ଅଏଲ ବୋଝେଇ ହୋଇଥିଲା। ଏହି ଦୁର୍ଘଟଣା ସମୟରେ ଜାହାଜରେ ୨୭ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ଉଦ୍ଧାର ହୋଇଥିବାବେଳେ ଜଣେ ରୁଷୀୟ ଯନ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଜାହାଜରେ ଭର୍ତ୍ତି କରାଯାଇଥିବା ସାମଗ୍ରୀକୁ କେହି ଦାବି କରି ନ ଥିଲେ, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଏହାକୁ ନେଇ କେଲେଙ୍କାରୀ ଅଭିଯୋଗ ଉଠିଥିଲା। ଏଥିରେ ବିଜେଡିର ପ୍ରଭାବଶାଳୀ ନେତା ସାମିଲ ଥିବା ନେଇ ବିଭିନ୍ନ ସମୟରେ ବିରୋଧୀ ଦଳ ଅଭିଯୋଗ କରିଆସିଛନ୍ତି। ଏପରିକି ଏହି ପ୍ରସଙ୍ଗକୁ ମଧ୍ୟ ବିଧାନସଭାରେ ଅନେକ ଥର ବିରୋଧୀ ଦଳ ଉତ୍ଥାପନ କରିଛନ୍ତି। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ବ୍ଲାକ୍‌ରୋଜ ବୁଡ଼ି ଘଟଣା ତଦନ୍ତର ନୂଆଫର୍ଦ୍ଦ ଖୋଲିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅତୀତର ବିବାଦୀୟ ପରିସ୍ଥିତିକୁ ନେଇ ଟେନ୍‌ସନ ଲାଗି ରହିବ। ଟଙ୍କା ପଇସାକୁ କେନ୍ଦ୍ରକରି କିମ୍ବା ପର କଥା ଶୁଣି ଘରେ କଳହ ସୃଷ୍ଟି ହୋଇପାରେ। ଅଶ୍ୱିନୀ ନକ୍ଷତ୍ର କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ବ୍ୟବସାୟ, ନିର୍ମାଣ, ପ୍ଲଟିଂ କାରବାର, ଆଇନ ଅଦାଲତ କ୍ଷେତ୍ରରୁ ଆଶାଜନକ ଫଳ ପାଇବେ।

**ବୃଷ**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ ଏବଂ ଦ୍ରବ୍ୟ ଲାଭଜନିତ ଏକ ପ୍ରକାର ଆଶ୍ୱସ୍ତି ଲାଭକରିବେ। ମୃଗଶିରା ନକ୍ଷତ୍ର ଅଭାବ ପୂରଣ ଦିଗରେ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ବିଗିଡ଼ି ଯାଇଥିବା ଭ୍ରାତୃ ସମ୍ପର୍କରେ ସମସ୍ୟା ସମାଧାନର ଆଶା କରାଯାଇପାରେ।

**ମିଥୁନ**
ଆଗପଛ ବିଚାରକରି କାମରେ ହାତ ଦିଅନ୍ତୁ, ନଚେତ୍ ପଶ୍ଚାତ୍ତାପ କରିବାକୁ ପଡ଼ିବ। ଆରଦ୍ରା ନକ୍ଷତ୍ର ନିଜ ଫାଇଦା ହାସଲ ପାଇଁ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ପୁରାତନ ରୋଗପୀଡ଼ା ବୃଦ୍ଧି ପାଇପାରେ ,ସଜାଗ ରହିବା ଭଲ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**କର୍କଟ**
ପରିବାରର କଠିନ ପରିସ୍ଥିତିରେ ନିଜକୁ ଆଡଜଷ୍ଟକରି ନେବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ବନ୍ଧୁଙ୍କ ପ୍ରେରିତ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ଅଶ୍ଳେଷା ନକ୍ଷତ୍ର ଜାତ ବ୍ୟକ୍ତିମାନେ ପ୍ରତ୍ୟେକ କ୍ଷେତ୍ରରେ ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ।

**ସିଂହ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ସଫଳତା ପାଇବେ। ମଘା ନକ୍ଷତ୍ର ସକାଳୁ ନକାରାତ୍ମକ ଚିନ୍ତାଧାରା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଉଥିବା ଅନୁଭବ କରିବେ। ପରିବାରରେ କିଛିଟା ପ୍ରତିବନ୍ଧକ ରହିଥିଲେ ମଧ୍ୟ କାମ ହାସଲ କରିବାରେ ସମର୍ଥ ହୋଇପାରନ୍ତି।

**କନ୍ୟା**
ଉନ୍ନତ ଚିନ୍ତା ସହ ସମସ୍ତଙ୍କୁ ସାଙ୍ଗରେ ନେଇ ଚଳିବା ମନୋଭାବରୁ ପ୍ରଶଂସିତ ହେବେ। ଚିତ୍ରା ନକ୍ଷତ୍ର ପାଇଁ ସଭାସମିତିରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତହେବ। ବ୍ୟବସାୟରେ ଲାଭ ମିଳିବା ସହ ବାଦ ବିବାଦରେ ଆପୋସ ସମାଧାନ ଘଟିବ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନ ସମସ୍ୟାବହୁଳ ରହିବ।

**ତୁଳା**
ଆଜି ଦିନଟିରେ ଘରକାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବା ଫଳରେ ଜମା ଫୁର୍‌ସତ୍ ପାଇବେ ନାହିଁ। ବନ୍ଧୁଙ୍କ ମନରେ ବିଶ୍ୱାସହେଲା ଭଳି କାମକରି ଲକ୍ଷ୍ୟ ହାସଲକରିବେ। ଧର୍ମ କାର୍ଯ୍ୟର ନେତୃତ୍ୱ ନେଲେ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**ବିଛା**
ଆପଣଙ୍କ ପାଇଁ ସମୟର ଚକ୍ର ପୂର୍ବପରି ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଉନ୍ନତି ନ ହେଲେ ମଧ୍ୟ ଅବନତି ହେବନାହିଁ। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଜ୍ୟେଷ୍ଠା ନକ୍ଷତ୍ରର କାମ ସୁବିଧାରେ ନ ହେବା କାରଣରୁ ବ୍ୟଥିତ ହେବେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ କୃତକାର୍ଯ୍ୟ ହେବେ।

**ଧନୁ**
ଅସୁବିଧାକୁ ସୁବିଧାରେ ପରିଣତ କରିବାରେ ସମ୍ପର୍କୀୟଙ୍କ ଭୂମିକାକୁ ଅସ୍ୱୀକାର କରିପାରିବେ ନାହିଁ। ଅଯଥା ମାନସିକ ଉଦ୍‌ବେଗ ଓ ଆଶଙ୍କା ଅସ୍ଥିରତା ମଧ୍ୟରେ ଦିନଟିକୁ କଟାଇବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣାର ଅଭାବ ଅଶାନ୍ତିର କାରଣ ହେବ। ଉତ୍ତରା ଫାଲ୍‌ଗୁନୀର ଅବକାରୀ ବେପାରରେ ସମସ୍ୟା ଆଶଙ୍କା ରହିବ।

**ମକର**
ଶ୍ରବଣା ନକ୍ଷତ୍ର ସାଧାରଣ କଥାରେ ଅତ୍ୟଧିକ ଅଧୈର୍ଯ୍ୟ ହେବା କାରଣରୁ ମାନସିକ ଶାନ୍ତି ପାଇବେ ନାହିଁ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ସହଯୋଗ କରିପାରନ୍ତି। ସଭାସମିତିରେ ଆଲୋଚନା କିମ୍ବା ତର୍କବିତର୍କରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ**
ଆଜି କୌଣସି ବିବାଦୀୟ ଘଟଣାରେ ଚିହ୍ନା ପଡ଼ିଲେ ନିଜକୁ କ୍ଷତି ସହିବାକୁ ପଡ଼ିବ। ଯେକୌଣସି କ୍ଷେତ୍ରରେ ହେଉ, ଆଗତୁରା ପ୍ରତିକ୍ରିୟା ଦେବା ଠିକ୍ ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସହଜରେ ସମ୍ପନ୍ନ କରିପାରିବେ। ପୂର୍ବଭାଦ୍ରପଦ ନକ୍ଷତ୍ର କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିବେ।

**ମୀନ**
ଆଜି ଆର୍ଥିକ ଦିଗରୁ ଅସୁବିଧାଜନକ ସ୍ଥିତି ନ ଉପୁଜିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ରେବତୀ ନକ୍ଷତ୍ରର ଅପରାହ୍ନରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ ଏବଂ ଅନ୍ୟମାନଙ୍କ ଖଲକଥାରେ ପ୍ରଭାବିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ସମସ୍ୟାର ସମାଧାନ ଆଶା କରାଯାଇପାରେ।

ଆଜି ସର୍ବସମ୍ମତ ନନ୍ଦୋତ୍ସବ, ଅଗଷ୍ଟ ୨୭ ତାରିଖ, ଭାଦ୍ରବ କୃଷ୍ଣ ନବମୀ ମଙ୍ଗଳବାର, ଶ୍ରୀମନ୍ଦିରରେ ନନ୍ଦୋତ୍ସବ। ରାଶିନକ୍ଷତ୍ର-ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ୦୮।୪୦ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୨ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୨୮ ମଧ୍ୟେ ରାହୁକାଳ।

# ପ୍ରେମିକାଙ୍କୁ ଠକିଥିବା ଯୁବକ କୋର୍ଟ ଚାଲାଣ

**ରାଜକନିକା, ୨୬।୮ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)**

ଜଣେ ଯୁବତୀଙ୍କୁ ବିବାହିତ ଯୁବକ ପ୍ରେମଜାଲରେ ଛନ୍ଦି ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଯୁବକ ଜଣଙ୍କୁ ରବିବାର ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ରାଜକନିକା ଥାନା କଣ୍ଡିଆ ଫାଣ୍ଡି ଅଧୀନ ଜଣେ ଯୁବତୀଙ୍କୁ ବାଲେଶ୍ୱର ବସ୍ତା ଥାନା ଅନ୍ତର୍ଗତ ସୋଲପଟା ଗାଁର ଚିତ୍ତରଞ୍ଜନ ରାଉତ ଓରଫ ପପୁ (୩୨)୨୦୨୩ ମସିହାରେ ରଙ୍ଗ୍ ନମ୍ବରରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇ ହୋଟେଲକୁ ଡକାଇ ବାରମ୍ବାର ଯୌନ ସମ୍ପର୍କ ରଖିବା ପରେ ଶେଷରେ ପ୍ରତାରଣା କରିଥିଲେ। ବାଧହୋଇ ଯୁବତୀ ଜଣକ ନିରୁପାୟ ହେବାରୁ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ସହାୟତାରେ ଯୁବତୀ ଜଣକ ଗତ ୧୭ ତାରିଖରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ରବିବାର ରାତିରେ ଚିତ୍ତରଞ୍ଜନଙ୍କୁ ସୋଲପଟା ଗାଁର ତାଙ୍କ ଘରୁ ଗିରଫକରି ଥାନାକୁ ଆଣିବା ପରେ ପଚରାଉଚୁରା କରିଥିଲା। ଏଥିରୁ ଜଣାପଡ଼ିଥିଲା କି ଚିତ୍ତରଞ୍ଜନ ପୂର୍ବରୁ ବିବାହିତ ଓ ତାଙ୍କର ୨ଟି ପିଲା ଅଛନ୍ତି। ପୋଲିସ ନଂ. ୩୫୩/୨୪ ମାମଲା ରୁଜୁ କରି ଡାକ୍ତରଖାନାରେ ତାଙ୍କର ଡାକ୍ତରୀ ମାଇନା କରାଇଛି।

# କୂଅରୁ ୫ ବାର୍ହା ଛୁଆ ଉଦ୍ଧାର



ଉଦ୍ଧାର ହୋଇଥିବା ବାର୍ହା ଛୁଆ।

**ଖଡ଼ିଆଳ, ୨୬।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଗଡ୍ରାମୁଣ୍ଡା ଅଞ୍ଚଳରେ ଗତ କିଛିଦିନ ହେଲା ବାର୍ହା ଉପଦ୍ରବ ଲାଗିରହିଛି। ବାର୍ହା ପଲ ଲୋକଙ୍କ ବାରିରେ ପଶି ମକା ଓ ପନିପରିବା ଚାଷ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଥିବାବେଳେ ସୋମବାର ଖଡ଼ିଆଳ ବନ କର୍ମଚାରୀ ଗଡ୍ରାମୁଣ୍ଡା ଗାଁର ଭୁବନେଶ୍ୱର ବନ୍ଛୋରଙ୍କ ଏକ କୂଅରୁ ୫ଗୋଟି ବାର୍ହା ଛୁଆକୁ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ ସକାଳେ ବାର୍ହା ପଲ ଗ୍ରାମକୁ ମକା ଖାଇବାକୁ ଆସିଥିବା ବେଳେ ଭୁବନେଶ୍ୱର ବନଛୋରଙ୍କ ମକା ବଗିଚା ନିକଟ କୂଅରେ ୫ଗୋଟି ବାର୍ହା ପଡ଼ିଥିବା ଦେଖିବାକୁ ମିଳିଥିଲା। ଗାଁ ଲୋକେ ଏହା ଜାଣିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପକ୍ଷରୁ ଫରେଷ୍ଟ ଗାର୍ଡ ମୁକେଶ ଦଣ୍ଡସେନାଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ୫ ଗୋଟି ବାର୍ହା ଛୁଆକୁ କୂଅରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ବାର୍ହା ଛୁଆମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଉଗଡମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଆଜି କାଲି କହି ହେଲା ବରଷେ,
ପଅରି ଦିନକୁ ହବ ପୁରୁଷେ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରିପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଲା ମାଳୀ, ମାଇଲା ଡାଳି,
ଧରି ପକାଇଲା ଖେଚୁଡ଼ି ଥାଳି।**

କେତେକ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଆଖିରେ ଆଙ୍ଗୁଠି ଗେଞ୍ଜି ସବୁକିଛି ଏପରି ଆତ୍ମସାତ୍ କରିନିଅନ୍ତି ଯେ ତା'ର ଟେର ବି କେହି ପାଇପାରି ନ ଥାନ୍ତି। ଅନ୍ୟକୁ ବୋକା ବା ଭକୁଆ ବନେଇ ସାର ପଦାର୍ଥ ଧରି ଚମ୍ପଟ ମାରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ୪ ବର୍ଷରେ ଗଲାଣି ୨୩୦ ଜୀବନ

## କେନ୍ଦୁଝରରେ ସାପକାମୁଡ଼ା ମୃତ୍ୟୁସଂଖ୍ୟା ବଢ଼ୁଛି

**କେନ୍ଦୁଝର, ୨୬।୮ (ଦୀପକ ମିଶ୍ର)**

କେନ୍ଦୁଝର ଜିଲାରେ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ବିଗତ ୪ ବର୍ଷରେ ସାପ କାମୁଡ଼ାରେ ୨୩୦ଜଣଙ୍କ ମୃତ୍ୟୁ ଘଟିଲାଣି। ସାପ କାମୁଡ଼ାର ଚିକିତ୍ସା ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉ ନ ଥିବାରୁ ମୃତ୍ୟୁହାର ବୃଦ୍ଧି ପାଉଛି। ଏଥିସହ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ନ ଥିବା ଏବଂ ଆଦିବାସୀ ଲୋକ ଗୁଣିଗାରେଡ଼ିକୁ ବିଶ୍ୱାସ କରୁଥିବାରୁ ଏହି ସଂଖ୍ୟା ବଢ଼ି ଚାଲିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ୨୦୨୧ରେ ଜିଲାରେ ସାପ କାମୁଡ଼ାରେ ୬୦ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଏହି ସଂଖ୍ୟା ୬୬ରେ ପହଞ୍ଚିଥିବା ବେଳେ ୨୦୨୩ରେ ବଢ଼ି ୮୩ ଛୁଇଁଥିଲା। ୨୦୨୪ ଜୁନ୍ ଶେଷ ସୁଦ୍ଧା ସାପ କାମୁଡ଼ାରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ବଣଜଙ୍ଗଲ ଘେରା କେନ୍ଦୁଝର ଜିଲାରେ ଆଦିବାସୀମାନେ ସାଧାରଣତଃ ସଚେତନତାଠାରୁ ଦୂରରେ ରହିଛନ୍ତି।



ଅଞ୍ଚଳରେ ଅଧିକାଂଶ ଲୋକ ସାପ କାମୁଡ଼ିବା ପରେ ଡାକ୍ତରୀ ଚିକିତ୍ସା ନ କରି ଗୁଣିଆ ଉପରେ ନିର୍ଭର କରିଥାନ୍ତି। ଗୁଣିଆ ଭଲ ନ କରିପାରିଲେ ମେଡିକାଲକୁ ଅଣାଯାଇଥାଏ। ଫଳରେ ଆବଶ୍ୟକ ଚିକିତ୍ସା ଅଭାବରୁ ଲୋକଙ୍କ ମୃତ୍ୟୁ ଘଟିଥାଏ। ସଚେତନତା ଅଭାବରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ତତ୍କାଳ ଚିକିତ୍ସା ଯୋଗାଇଦେଲେ ଅନେକ ଜୀବନ ବଞ୍ଚିଯାଇପାରନ୍ତା। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ମଧ୍ୟ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଥା ଦୂରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିଭେନମ ଇଞ୍ଜେକ୍ସନ ମିଳୁ ନ ଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତର ସହ ନେଉ ନ ଥିବା ଅଭିଯୋଗ ହେଉଛି। କେଉଁ ସାପ କାମୁଡ଼ିଲେ କେଉଁ ପ୍ରାଥମିକ ଚିକିତ୍ସା କରାଯିବ ଏବଂ କ'ଣ କରାଯାଇପାରିଲେ ଘର ମଧ୍ୟକୁ ସାପ ପ୍ରବେଶ କରିବ ନାହିଁ, ସେ ସମ୍ପର୍କରେ ସତର୍କତା ପଦକ୍ଷେପ ନେବା ଜରୁରୀ। ବିଶେଷକରି ଶୋଇଥିବା ଅବସ୍ଥାରେ ଚିତି ସାପ କାମୁଡ଼ିବାରୁ ଜିଲାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିପ୍ରତି କ'ଣ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ କିପରି ସାପ କାମୁଡ଼ା ଇଞ୍ଜେକ୍ସନ ରଖାଯାଇପାରିବ ସେ ସମ୍ପର୍କରେ ପଦକ୍ଷେପ ନେବାକୁ ଦାବି ହେଉଛି। ବର୍ଷାଦିନେ ତଳେ ନ ଶୋଇବା ପାଇଁ ଲୋକଙ୍କୁ ସଚେତନ କରାଗଲେ ଅନେକାଂଶରେ ସାପ କାମୁଡ଼ାଜନିତ ଅଘଟଣ ରୋକାଯାଇପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଜିଲା ଆପତ୍କାଳୀନ ଅଧିକାରୀ ଜେ.କଳ୍ପନା କହିଛନ୍ତି, ସ୍କୁଲ ଏବଂ ହଷ୍ଟେଲ ପରିସର ସଫାସୁତରା ରଖିବା, ଖଟ ଉପରେ ମଶାରି ଦେଇ ଶୋଇବାକୁ ପରାମର୍ଶ ଦିଆଯାଇଛି। ଜିଲା ଆପତ୍କାଳୀନ ବିଭାଗ ପକ୍ଷରୁ ଏଥିପାଇଁ ଲୋକମାନଙ୍କୁ ସଚେତନ କରାଯିବ।

# ନାବାଳକଙ୍କୁ ବନ୍ଧୁକରେ ମାଡ଼ ମାରି ଜେଲ ଗଲେ ଯୁବକ

**ଦେଶୀ ବନ୍ଧୁକ ସହ ୩ ଗୁଳି ଜବତ**

**ଓଡ଼ଗାଁ, ୨୬।୮ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ରାବରା ଗ୍ରାମରେ ଜଣେ ନାବାଳକଙ୍କୁ ବନ୍ଧୁକରେ ମାଡ଼ ମାରିଥିବା ଅଭିଯୋଗରେ ସେହି ଗ୍ରାମର ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଦେଶୀ ବନ୍ଧୁକ ସହ ୩ ଜୀବନ୍ତ ଗୁଳି ଜବତ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଯୁବକ ଜଣକ ରାବରା ଚଣ୍ଡୀସାହିର ଟୁକୁନା ଖଣ୍ଡେଇ(୨୯)। ଅଭିଯୋଗ ଅନୁସାରେ, ରାବରା ନିମସାହି ରମେଶ ସାମଲଙ୍କ ପୁଅ



ଟୁକୁନା ଖଣ୍ଡେଇ, ଜବତ ବନ୍ଧୁକ ଓ ଗୁଳି।

ରବିବାର ଅପରାହ୍ନ ୪ଟା ସାଇକେଲ ରଖି ଘର ନିକଟ ନଳକୂପରୁ ପାଣି ପିଉଥିଲେ। ଏହି ସମୟରେ ଟୁକୁନା ବାଇକ୍‌ରେ ଆସି ରମେଶଙ୍କ ପୁଅକୁ ରାସ୍ତାରୁ ସାଇକେଲ ବାହାର କରିବାକୁ କହିଥିଲେ। ରାସ୍ତା ଅଛି ତୁମେ ଯାଅ ବୋଲି ରମେଶଙ୍କ ପୁଅ କହିବା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଟୁକୁନା ଏଥିରେ ଉତ୍କ୍ଷିପ୍ତ ହୋଇ ସାଙ୍ଗରେ ଧରିଥିବା ଦେଶୀ ବନ୍ଧୁକରେ ରମେଶର ୧୩ବର୍ଷର ନାବାଳକଙ୍କୁ ପିଟିଥିଲେ। ଏ ନେଇ ରମେଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୬/୨୪ରେ ମାମଲା ରୁଜୁ କରି ଟୁକୁନାଙ୍କୁ ଗିରଫ କରିଥିଲା। ଟୁକୁନାଙ୍କୁ ପୋଲିସ ସାଙ୍ଗରେ ନେଇ ତାଙ୍କ ଭଉଣୀ ଘର ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା କୁମୁସରା ଗ୍ରାମରେ ପହଞ୍ଚି ବନ୍ଧୁକକୁ ଜବତ କରି ଆଣିଥିଲା। ପରେ ଓଡ଼ଗାଁଠାରେ ଟୁକୁନାଙ୍କ ଡାକ୍ତର ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ନୀତି

**ପୁରୀ, ୨୬।୮ (ଅଜିତ କୁମାର ମହାନ୍ତି)**

## ଆଜି ନନ୍ଦ ଉତ୍ସବ

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ସୋମବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ମଙ୍ଗଳବାର ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମା' ଦେବକୀ ଭାବେ ବିବେଚନା କରାଯାଇ ରବିବାର ଅର୍ଥାତ ସପ୍ତମୀ ତିଥିରେ ଯେଉଟ ଭୋଗ ସହ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା। ସୋମବାର ଶ୍ରୀକୃଷ୍ଣ ଜନ୍ମନୀତି ନିମନ୍ତେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହଙ୍କ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସନ୍ଧ୍ୟାଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଶୁଦ୍ଧସୁଆର ଭଣ୍ଡାର ଦୁଆର ଆଗରେ ପୋଛା ମାରିଥିଲେ। ପରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ଭଦ୍ରମଣ୍ଡଳ ଲେଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଚିତ୍ରକର ସେବକ ଦେଇଥିବା ଶ୍ରୀକୃଷ୍ଣ ଜନ୍ମପଟି ଓ ବଣିଆଙ୍କଠାରୁ ଆସିଥିବା ୯ ପାଖୁଡ଼ା ବିଶିଷ୍ଟ ରୁପାପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମ ପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ୍, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖାରହିଥିଲା। ଏକ ସୁବର୍ଣ୍ଣ କୃଷ୍ଣମୂର୍ତ୍ତି ମଣ୍ଡଳ ଉପରେ ରଖାଯାଇ ୯ଟି ପନ୍ତିଭୋଗ ବଢାଯାଇଥିଲା। ପୂଜାପଣ୍ଡା ପଞ୍ଚଉପଚାର ପୂଜା କରି ଭୋଗ ବଢାଇବା ପରେ ଦକ୍ଷିଣୀଘରୁ ଶ୍ରୀମଦନମୋହନଙ୍କୁ ଆଣି ସିଂହାସନ ଉପରେ ବିଜେ କରାଇଥିଲେ। ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡି ପ୍ରସାଦ ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଲାଗି କରାଇଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନଙ୍କୁ ଆଣି ଜନ୍ମଚକଡ଼ାରେ ବିଜେ କରାଇଥିଲେ। ପୂଜା ପଣ୍ଡା ଗର୍ଭଉଦକ କର୍ମ କରି ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପାଳିଆ ମହାସୁଆର ଦେଇଥିବା କ୍ଷୀର, ଲହୁଣି ଓ ଗଣ୍ଠୁଷ ମସଲା ପୂଜାପଣ୍ଡା ସମର୍ପଣ କରି ମଣୋହୀ କରିଥିଲେ। ଦେବକୀ, ବସୁଦେବଙ୍କ ସହିତ ମହାଜନ ସେବକ ଭଣ୍ଡାରଘରୁ ଆସିଥିବା ରୁପାଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଇଥିଲେ। ଏହାପରେ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ସମ୍ମୁଖ ଯମୁନା ନଈ କୂଳକୁ ବିଜେ କରାଇଥିଲେ। ଏହିସମୟରେ ଠାକୁରଙ୍କ ଶିର ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ଉଗ୍ରସେନ ଶ୍ରୀକୃଷ୍ଣଙ୍କୁ ଦଣ୍ଡ ପ୍ରଣାମ କରି ଗୋପପୁରକୁ ଯିବା ଲାଗି ବସୁଦେବଙ୍କୁ ବାଟ ଛାଡ଼ିଥିଲେ। ଠାକୁର ଘଣ୍ଟ, ଛତା, କାହାଳୀ ସହିତ ଯାଇ ନାଭିକଟା ମଣ୍ଡପଠାରେ ଥିବା ଖଟଶେଯ ଉପରେ ବିଜେ କରିଥିଲେ। ପରେ ମହାଜନ ସେବକ ଦକ୍ଷିଣୀଘରୁ ରାମକୃଷ୍ଣଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ସେଠାରେ ଜନ୍ମ ନୀତି, ନାଭିକଟାଠାରୁ ଉପନୟନ ସଂସ୍କାର ପର୍ଯ୍ୟନ୍ତ କର୍ମମାନ ହୋଇଥିଲା। ମହାଜନ ସେବକ ଠାକୁରଙ୍କୁ ଜଗମୋହନରେ ବନ୍ଧାଯାଇଥିବା ଦୋଳିରେ ବିଜେ କରାଇଥିଲେ। ଶୀତଳ ଭୋଗ ଓ ବନ୍ଦାପନା ନୀତି ହୋଇଥିଲା। ରାମକୃଷ୍ଣ ଭିତର ସିଂହାସନ ଏବଂ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିବା ପରେ ବଡ଼ସିଂହାର ଭୋଗ ବଢ଼ି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କଅନ୍ୟାନ୍ୟନୀତିସମ୍ପନ୍ନହୋଇଥିଲା।

# ଜୁଏଲଙ୍କ ଗାଁରେ ବାଚସ୍ପତି, ଖଣିମନ୍ତ୍ରୀ

## ସ୍ତ୍ରୀ ବିୟୋଗରେ ଜଣାଇଲେ ସମବେଦନା

**ଲହୁଣୀପଡ଼ା, ୨୬।୮ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀଙ୍କ ବିୟୋଗରେ ସମବେଦନା ଜଣାଇବା ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ତାଙ୍କ ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡିହି ଗ୍ରାମକୁ ଯାଉଛନ୍ତି। ଏହିକ୍ରମରେ ସୋମବାର ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଜୁଏଲଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ଜୁଏଲଙ୍କୁ ସମବେଦନା ଜଣାଇବା ପରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। କର୍ମକର୍ତ୍ତାମାନେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲାପାଳ ସୁରଞ୍ଜନ କୁମାର



କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା ଆଲୋଚନା କରୁଛନ୍ତି।

ସାହୁ, ଡିଆଇଜି ବ୍ରିଜେଶ କୁମାର ରାୟ, ଏସଡିପିଓ ସ୍ୱରାଜ ଦେବତାଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ଭାଜପା କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ରାତି ପ୍ରାୟ ୮ଟା ବେଳେ ବାଚସ୍ପତି ସୁରମା ପାଢ଼ୀ, ଦେବଗଡ଼ର ପୂର୍ବତନ ବିଧାୟକ ସୁବାସ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଦୀପ୍ତ ରାୟ ପହଞ୍ଚି ଜୁଏଲଙ୍କୁ ସମବେଦନା ଜଣାଇଥିଲେ। ଉପସ୍ଥିତ କାର୍ଯ୍ୟକର୍ତ୍ତା ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବାଚସ୍ପତି କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ।

# ୨୫ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୨୬।୮ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁରରେ ୨୫ ମାଓବାଦୀ ସଙ୍ଗଠନ ଛାଡ଼ି ପୋଲିସ ନିକଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ ଜଣ ହାର୍ଡକୋର୍ ମାଓବାଦୀ ରହିଥିବା ବେଳେ ଅନ୍ୟମାନେ ମାଓବାଦୀ ସଙ୍ଗଠନର ସଦସ୍ୟ ବୋଲି ସୂଚନା ମିଳିଛି। ତେବେ ଏହି ସମସ୍ତ ମାଓବାଦୀଙ୍କ ନାମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୩୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତେବେ ଏମାନେ ମାଓବାଦୀ ସଙ୍ଗଠନରେ ରହି ଅନେକ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିବା ବେଳେ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଉଥିବା ବେଳେ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କରୁଥିବାରୁ ଏମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ତେବେ ଏନେଇ ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସମସ୍ତ ଆତ୍ମସମର୍ପଣକାରୀଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ମୋରଡ଼ା, ୨୬।୮ (ସ୍ମାରକ ମାଜୀ)**

ପେଟ ପାଟଣା ପାଇଁ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚଢ଼େଇଗାଁ ପଞ୍ଚାୟତ ଅଧୀନ ଗାଣ ଗାଁର ପାଲଟନ ବେଶ୍ରା। ସୂଚନା ଅନୁଯାୟୀ, ୨ ବର୍ଷ ହେବ ପାଲଟନ ତାମିଲନାଡୁ ରାଜ୍ୟର ତ୍ରିପୁର ଅଞ୍ଚଳରେ ଥିବା ଲକ୍ଷ୍ମୀ ଗଣପତି ଟେକ୍ସଟାଇଲ ନାମକ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବରେ କାମ କରି ଆସୁଥିଲେ। ଗତ ୨୩ ତାରିଖରେ ସେଠାରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ସହଯୋଗୀମାନେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ କମ୍ପାନୀ କର୍ତ୍ତୃପକ୍ଷ ପାଲଟନଙ୍କ ପାରିବାରକୁ ଟଙ୍କାଟିଏ ବି ସହାୟତା ଦେଇ ନ ଥିବା ଓ ମୃତଦେହ ଗାଁକୁ ଆଣିବା ପାଇଁ ଆମ୍ବୁଲାନ୍ସ ଟିଏ ମଧ୍ୟ ଦେଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ କମ୍ପାନୀରେ କାର୍ଯ୍ୟରତ ସେହି ଗାଁର ଅନ୍ୟ ଯୁବକମାନେ ପରସ୍ପର ମଧ୍ୟରେ ଟଙ୍କା ଆଦାୟ କରି ଆମ୍ବୁଲାନ୍ସ ଯୋଗେ ସୋମବାର ପାଲଟନଙ୍କ ମୃତଦେହ ଗାଁକୁ ନେଇ ଆସିଥିଲେ। ମୃତ ପାଲଟନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ପାଲଟନ ହିଁ ରୋଜଗାରର ଏକମାତ୍ର ମାଧ୍ୟମ ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ରାଜ୍ୟ ସରକାର ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଖଇରାବାଦ ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ ମାମଲା

**କେନ୍ଦ୍ରାପଡ଼ା, ୨୬।୮ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖଇରାବାଦରେ ରବିବାର ସନ୍ଧ୍ୟାରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବାଇକ୍ ସାଇଡ ମରା ଘଟଣାକୁ ନେଇ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଉଭୟପକ୍ଷଙ୍କ ପକ୍ଷରୁ ଥାନାରେ ୨ଟି ଅଭିଯୋଗକୁ ଭିତ୍ତିକରି ମାମଲା ହୋଇଛି। ତେବେ ପରିସ୍ଥିତି ଅଦ୍ୟାବଧି ଶାନ୍ତ ହୋଇ ନ ଥିବାରୁ ସହରର ତିନିମୁହାଣୀ ଓ ଖଇରାବାଦ ଛକରେ ପୋଲିସ ଫୋର୍ସକୁ ସୋମବାର ବଢ଼ାଇ ଦିଆଯାଇଛି। ଗତ ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ରାମପାଟଣା ଗ୍ରାମର ଅଂଶୁମାନ ମହାରଣା ଓ ଟାଉନ ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ସୋନମ ଖାଁଙ୍କ ମଧ୍ୟରେ ବାଇକ୍ ସାଇଡ ମରାକୁ ନେଇ ହାତାହାତି ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଗୋଷ୍ଠୀ ସଂଘର୍ଷ ଆଡକୁ ଗତି କରିଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା। ଏ ସମ୍ପର୍କରେ ସୋନମ ଖାଁ ସଦର ଥାନାରେ ଅଭିଯୋଗ ପରେ ନଂ. ୪୬୪/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ଅଂଶୁମାନଙ୍କ ପରିବାରର ବଟକୃଷ୍ଣ ମହାରଣାଙ୍କ ଅଭିଯୋଗକ୍ରମେ ନଂ. ୪୬୫/୨୪ରେ ମାମଲା ରୁଜୁ ହୋଇଛି। ଏହି ସଂଘର୍ଷରେ ଉଭୟ ପକ୍ଷର ୪ରୁ ଅଧିକ ଲୋକ ସାମିଲ ଥିବା ଆଇଆଇସି ସରୋଜ ସାହୁ ସୂଚନା ଦେଇଛନ୍ତି। ଏଥିସହ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ ପ୍ରକାଶ କରିଛନ୍ତି।

# ଅଜଣା ରୋଗ: ସପ୍ତାହକରେ ୩ ମୃତ

**ବୈପାରିଗୁଡ଼ା, ୨୬।୮ (କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ୍ ଟିପାକୁର ପଞ୍ଚାୟତରେ ଅଜଣା ରୋଗ ଆତଙ୍କ ଖେଳାଇ ଦେଇଛି। ପଞ୍ଚାୟତର ପଡେଇଖଦରା, ଭାଲୁପାର ଓ ହଳଦୀକୁଣ୍ଡ ଆଦି ଗ୍ରାମରେ ଏହି ରୋଗ ବ୍ୟାପିଥିବା ବେଳେ ଧୀରେ ଅନ୍ୟ ଗ୍ରାମ ଗୁଡିକକୁ ବ୍ୟାପିବାର ଭୟ ସୃଷ୍ଟି ହୋଇଛି। ଏହି ରୋଗରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବା ବେଳେ ସରକାରୀ ଭାବେ ୨ ଜଣ ମୃତ୍ୟୁ ଘଟିଥିବା କୁହାଯାଇଛି। ଗତ ସପ୍ତାହରେ ପଡେଇଖଦାର ଗ୍ରାମରେ ୧୪ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ବାପାଙ୍କୁ ଦେଖିବାକୁ ଶାଶୁଘରୁ ଆସିଥିବା ଝିଅ ସୁନ୍ଦରୀ ଖରା(୩୦) ଏଥିରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିବା ସେହି ଗ୍ରାମର ସନିଆ ଖରା(୫୯)ଙ୍କ ରବିବାର ଦିନ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହାର ସପ୍ତାହକ ପୂର୍ବରୁ ସେହି ପଞ୍ଚାୟତ ଭାଲୁପାର ଗ୍ରାମର ଗୁରୁ ଗଲରୀ (୩୪)ଙ୍କର ଘରେ ମୃତ୍ୟୁ ହୋଇଥିବା ବେଳେ ୫ ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ମେଡିକାଲରେ ଭର୍ତ୍ତି ହୋଇ ଭଲ ହୋଇଥିଲେ। ଏହି ରୋଗର ଲକ୍ଷଣ ହେଲା ରୋଗୀ ଥରେ ୨ ଥର ଝାଡା ହେବା ସହ ବାନ୍ତି କରିବା ପରେ ହଠାତ୍ ଟଳି ପଡିବା। ଏହି ରୋଗକୁ ନେଇ ବୈପାରିଗୁଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଡାକ୍ତରୀ ଦଳ ଗାଁକୁ ଯାଇ ଚିକିତ୍ସା କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱଜିତ୍ ଭୂୟାଁଙ୍କୁ ପଚାରିବାରୁ ଏହା ଝାଡାବାନ୍ତି ନୁହେଁ, ଫୁଡ୍ ପଏଜନିଂ ବୋଲି କହିଛନ୍ତି। ଯାହାର ପ୍ରଭାବରେ ରୋଗୀ ସାମାନ୍ୟ ଝାଡ଼ା ବାନ୍ତି ପରେ ହୃଦ୍‌ଘାତରେ ମୃତ୍ୟୁ ହେଉଛି। ଦୂଷିତ ପାନୀୟ ଜଳ ଯୋଗୁ ଏହା ହେଉଛି। ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଲୋକେ ଜମିର ଦୂଷିତ ଚୁଆପାଣି ପିଇ ରୋଗରେ ଆକ୍ରାନ୍ତ ହେଉଥିବା ସେ କହିଛନ୍ତି। ଏଥିପାଇଁ ସେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଦାୟୀ କରିଛନ୍ତି।

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! -ଶ୍ରୀମା



# ସହଯୋଗୀଙ୍କ ଭିନ୍ନ ଆଭିମୁଖ୍ୟ

ଇସ୍ରାଏଲ-ହମାସ୍ ଯୁଦ୍ଧ ଇତିମଧ୍ୟରେ ୧୦ ମାସ ଅତିକ୍ରମ କଲାଣି। ସଦ୍ୟ ଘଟଣାକ୍ରମେ ଏହା ଭିତରକୁ ଲେବାନନ୍‌ର ଉଗ୍ରବାଦୀ ସଙ୍ଗଠନ ହେଜବୋଲ୍ଲା ପ୍ରବେଶ କରିଛି। ୨୫ ଅଗଷ୍ଟରେ ଇରାନ୍ ସମର୍ଥିତ ଏହି ସଙ୍ଗଠନ ଇସ୍ରାଏଲ ସେନା ଘାଟିକୁ ଲକ୍ଷ୍ୟ କରି ୩୨୦ରୁ ଅଧିକ କାତ୍ୟୁଶ ରକେଟ ମାଡ଼ କରିଛି। ଅନ୍ୟପକ୍ଷରେ ଇସ୍ରାଏଲ ପ୍ରତିଆକ୍ରମଣ କରି ଦକ୍ଷିଣ ଲେବାନନ୍‌ରେ ଥିବା ହେଜବୋଲ୍ଲାର ଅନେକ ଆଡ୍ଡାକୁ ଧ୍ୱଂସ କରି ଦେଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇଛି। ଇସ୍ରାଏଲକୁ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସମର୍ଥନ କରୁଥିବାରୁ ମୁସଲିମ୍ ଦେଶଗୁଡ଼ିକ ଏକଜୁଟ ହେବାରେ ଲାଗିଛନ୍ତି। ଏଭଳି ସ୍ଥଳେ ବିଶ୍ୱର କେଉଁ ରାଷ୍ଟ୍ର କାହା ପକ୍ଷ ନେଉଛନ୍ତି, ତାହା ଉପରେ କୂଟନୈତିକ ନଜର ରହିଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ କେନ୍ଦ୍ର ସରକାର ଇସ୍ରାଏଲକୁ ଯୁଦ୍ଧାସ୍ତ୍ର ଯୋଗାଇ ଆସୁଥିବାରୁ ତାହାକୁ ନେଇ ଦେଶ ଭିତରେ ବିରୋଧ ଆରମ୍ଭ ହୋଇଛି। କେନ୍ଦ୍ରରେ ଥିବା ଭାଜପା ସରକାରର ସହଯୋଗୀ ସଂଯୁକ୍ତ ଜନତା ଦଳ(ଜେଡିୟୁ)ର ସାଧାରଣ ସମ୍ପାଦକ କେ. ସି. ତ୍ୟାଗୀ ଉକ୍ତ ଯୁଦ୍ଧ ପ୍ରସଙ୍ଗରେ ମତଦେଇ ତୁରନ୍ତ ସରକାର ଇସ୍ରାଏଲକୁ ଯୁଦ୍ଧାସ୍ତ୍ର ଯୋଗାଣ ବନ୍ଦ କରିବା ଲାଗି କହିଛନ୍ତି। ବିରୋଧୀ ଗୋଷ୍ଠୀର ନେତା ସମାଜବାଦୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ଜାଭେଦ ଅଲ୍ଲୀ ଖାନ୍, ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂ, କଂଗ୍ରେସର ପୂର୍ବତନ ଏମ୍‌ପି କନଓ୍ୱର ଡାନିସ ଅଲ୍ଲୀଙ୍କ ସହ ତ୍ୟାଗୀ ମିଶି ଅଲ୍-କଦ୍ସ (ଜେରୁଜେଲମ୍‌ର ଆରବୀୟ ନାମ) ପାଇଁ ଲିଗ୍ ଅଫ୍ ପାର୍ଲାମେଣ୍ଟାରିଆନ୍ସର ମହାସଚିବ ମହମ୍ମଦ ମକ୍ରାମ ବଲାଓ୍ୱିଙ୍କୁ ଦିଲ୍ଲୀରେ ଭେଟିବା କେନ୍ଦ୍ର ସରକାରଙ୍କ ସକାଶେ ଆଉ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ, ଜାତିସଂଘର ସଂକଳ୍ପ ଅନୁଯାୟୀ ଏହି ଲିଗ୍ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନ ସହ ପାଲେଷ୍ଟାଇନକୁ ସମର୍ଥନ କରିଆସୁଛି। ଯେହେତୁ ଜେଡିୟୁ ଶକ୍ତି ବିହାରରେ ସୀମିତ ଓ ସେଠାକାର ମୁସଲମାନ ଭୋଟ ସେହି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ, ସେହେତୁ ଏବେ କେନ୍ଦ୍ର ସରକାର ଇସ୍ରାଏଲକୁ ଯୁଦ୍ଧାସ୍ତ୍ର ଯୋଗାଇବାକୁ ବନ୍ଦ କରୁ ବୋଲି ତ୍ୟାଗୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ହାଇଦ୍ରାବାଦରେ ଉତ୍ପାଦିତ ଡ୍ରୋନ୍‌କୁ ଭାରତ ଇସ୍ରାଏଲକୁ ଯୋଗାଇ ଥିଲା। ଉଦ୍‌ବେଗର ବିଷୟ ହେଉଛି, ଇସ୍ରାଏଲର ଏଲ୍‌ବିଟ୍ ସିଷ୍ଟମ ଓ ଭାରତର ଆଦାନୀ ଗ୍ରୁପ୍ ମିଳିତ ଭାବେ ହାଇଦ୍ରାବାଦରେ ଏହି ଯୁଦ୍ଧାସ୍ତ୍ର ଉତ୍ପାଦନ କରୁଥିଲେ। ସମ୍ଭବତଃ ଆଦାନୀ ଗ୍ରୁପ୍‌କୁ ଲାଭ ଦେବା ଲାଗି ଭାରତରୁ ଇସ୍ରାଏଲକୁ ଯୁଦ୍ଧାସ୍ତ୍ର ଯୋଗାଇ ଦିଆଯାଉଥିବା ବିଷୟ ଆଲୋଚନାକୁ ଆସିଛି। ତ୍ୟାଗୀଙ୍କ କହିବା ଅନୁଯାୟୀ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପାଲେଷ୍ଟାଇନ୍‌କୁ ସମର୍ଥନ କରିଥିଲେ। ଏବର ସ୍ଥିତି ଦେଖିଲେ ପାଲେଷ୍ଟାଇନ୍‌ରେ ଇସ୍ରାଏଲର ନରସଂହାର ହେଉଥିବାରୁ ତାଙ୍କ ଦଳ କେନ୍ଦ୍ର ସରକାରଙ୍କୁ ଯୁଦ୍ଧାସ୍ତ୍ର ବନ୍ଦ କରିବା ଲାଗି ଅଡ଼ି ବସିଛି।

**ବିରୋଧର ଧାରା ଜାରି ରହୁଥିବାରୁ ତାହା ରାଜନୈତିକ ବାତାବରଣକୁ ଚଳଚଞ୍ଚଳ କରିଛି ଓ କେନ୍ଦ୍ର ସରକାରଙ୍କୁ ହଇରାଣରେ ପକାଇଲାଣି। ନିକଟରେ ୟୁପିଏସ୍‌ସିରେ ଲାଟେରାଲ ଏଣ୍ଟ୍ରି ପ୍ରସ୍ତାବକୁ ଲୋକ ଜନଶକ୍ତି (ରାମ ବିଳାସ) ନେତା ତଥା କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାଶ୍ୱାନ ବିରୋଧ କରିବାରୁ ସରକାର ପଛଘୁଞ୍ଚା ଦେଇଥିଲେ। ତେବେ ବିଶେଷକରି ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ବେଳେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପରାମର୍ଶ ଲୋଡ଼ିବା ଦରକାର ହୋଇପଡ଼ିଲାଣି।**

କେବଳ ଉପରଲିଖିତ ପ୍ରସଙ୍ଗ ନୁହେଁ, ୨୭ ଜୁଲାଇରେ ଶେଷ ହୋଇଥିବା ନୀତି ଆୟୋଗ ବୈଠକରେ ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯୋଗଦେଇ ନ ଥିଲେ। କ୍ରମାଗତ ଦୁଇଟି ଘଟଣାକୁ ବିଶ୍ଲେଷଣ କଲେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତିରେ ଯେଉଁଠାରେ ଅସଙ୍ଗତି ଲକ୍ଷ୍ୟ କରାଯାଉଛି, ସେଥିରେ ସହଯୋଗୀ ଜେଡିୟୁ ପ୍ରତିବାଦ କରୁଛି। ଏଭଳି ବିରୋଧର ଧାରା ଜାରି ରହୁଥିବାରୁ ତାହା ରାଜନୈତିକ ବାତାବରଣକୁ ଚଳଚଞ୍ଚଳ କରିଛି ଓ କେନ୍ଦ୍ର ସରକାରଙ୍କୁ ହଇରାଣରେ ପକାଇଲାଣି। ନିକଟରେ ୟୁପିଏସ୍‌ସିରେ ଲାଟେରାଲ ଏଣ୍ଟ୍ରି ପ୍ରସ୍ତାବକୁ ଲୋକ ଜନଶକ୍ତି (ରାମ ବିଳାସ) ନେତା ତଥା କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାଶ୍ୱାନ ବିରୋଧ କରିବାରୁ ସରକାର ପଛଘୁଞ୍ଚା ଦେଇଥିଲେ। ତେବେ ବିଶେଷକରି ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ବେଳେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପରାମର୍ଶ ଲୋଡ଼ିବା ଦରକାର ହୋଇପଡ଼ିଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 2 | 7 | | 6 | 1 | |
| | | | 3 | | | | | |
| | | | | | 1 | 7 | 8 | |
| | 2 | 9 | | | | | | 8 |
| | 1 | | 6 | | | 9 | | |
| | | | 4 | | | | | 2 |
| 3 | | | | | 7 | | 5 | |
| | | | 9 | | | | | 7 |
| 7 | | | 8 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 2 | 6 | 3 | 9 | 7 | 5 |
| 3 | 2 | 5 | 4 | 7 | 9 | 6 | 1 | 8 |
| 6 | 7 | 9 | 5 | 1 | 8 | 3 | 4 | 2 |
| 9 | 8 | 1 | 3 | 2 | 7 | 5 | 6 | 4 |
| 7 | 4 | 3 | 1 | 5 | 6 | 2 | 8 | 9 |
| 5 | 6 | 2 | 9 | 8 | 4 | 1 | 3 | 7 |
| 4 | 3 | 8 | 6 | 9 | 2 | 7 | 5 | 1 |
| 2 | 5 | 6 | 7 | 4 | 1 | 8 | 9 | 3 |
| 1 | 9 | 7 | 8 | 3 | 5 | 4 | 2 | 6 |

ଗତକାଲିର ଉତ୍ତର

# ପ୍ରସାଧନୀ ପଦକ୍ଷେପ



ଡ. ସୁବାସ ଚନ୍ଦ୍ର ପାତ୍ର

ଉଭୟ କେନ୍ଦ୍ର ଓ ରାଜ୍ୟରେ, କ୍ଷେତ୍ରରେ ନିର୍ବାଚନ ଜିଣି ଯେଉଁ ସରକାରମାନେ ଆସନ୍ତି, ପ୍ରଶାସନ ନାମରେ ସେମାନେ ଜନସାଧାରଣଙ୍କୁ ଯାହା ପ୍ରଦାନ କରନ୍ତି; ତାହା ବସ୍ତୁତଃ ଏକ ଏକ ପ୍ରସାଧନୀ ପଦକ୍ଷେପ। କୌତୂହଳର କଥା, ଜନସାଧାରଣଙ୍କ ସାମୂହିକ ଉଦାସୀନତା ଏହି ପ୍ରସାଧନକୁ ଆହୁରି ପ୍ରୋତ୍ସାହିତ କରେ।

ସରକାରଙ୍କ ପ୍ରସାଧନୀ ପଦକ୍ଷେପ ପ୍ରସଙ୍ଗରେ ସବୁଠି ବେଶି ମନେପଡ଼େ ଜିଲ୍ଲା ପ୍ରଶାସନର ଧାଡ଼ିବାନ୍ଧି ଠିଆ ହୋଇଥିବା ଅଧିକାରୀମାନଙ୍କ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଗଣ ଶପଥର ଦୃଶ୍ୟ। ଏହା ବି ବେଳେବେଳେ ହୁଏ, ଧାଡ଼ିରେ ଠିଆ ହୋଇଥିବା କୌଣସି ଅଧିକାରୀ ସେହିଦିନ ସନ୍ଧ୍ୟାରେ ଜେଲ୍ ଯାଆନ୍ତି ଭିଜିଲାନ୍ସ ପଞ୍ଝାରେ ପଡ଼ି। ଦୁର୍ନୀତିରେ ଲିପ୍ତ ନ ହେବା ଭଳି ମୂଳତଃ ଏକ ନୈତିକ ମନୋଭାବ ଓ ଦୃଷ୍ଟିଭଙ୍ଗୀ ସର୍ବସାଧାରଣରେ ପୂର୍ବଲିଖିତ କାଗଜ ଖଣ୍ଡିଏ ପଢ଼ି କିପରି ଜାଗ୍ରତ କରାଯାଏ ବୁଝାପଡ଼େନି। ଏତିକି ଅବଶ୍ୟ ଜାଣିହୁଏ ଯେ, ଏହା ଦୁର୍ନୀତି ନିବାରଣ ଉଦ୍ୟମ ପ୍ରତି ଏକ ଆନୁଷ୍ଠାନିକ ପରିହାସ। ସେମିତି ଅତିମାତ୍ରାରେ ଗମ୍ଭୀର ବିଷୟକୁ ଫଟୋଉଠା କାର୍ଯ୍ୟକ୍ରମରେ ପରିଣତ କରି ଉପହାସ କରିବାର ଅନ୍ୟ ନାମ ହେଉଛି ବୃକ୍ଷରୋପଣ। ବର୍ଷାଦିନ ଆସିଲେ ଫଟୋ ଉଠାଇବାକୁ ବ୍ୟାକୁଳ ଅନେକ ଲୋକଙ୍କୁ ବୃକ୍ଷଚିନ୍ତା ଘାରେ। ତା' ସାଙ୍ଗକୁ ସରକାରଙ୍କ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ବି ଅଛି, ଯାହାକୁ ବନ ମହୋତ୍ସବ କହନ୍ତି। ଏହି ସମୟରେ ବେଶ କିଛି ଲୋକ ସକ୍ରିୟ ହୋଇ ଉଠନ୍ତି। ସେମାନେ ହେଲେ ସ୍ୱେଚ୍ଛାସେବୀ ଗୋଷ୍ଠୀ, ସରକାରୀ ଅସାଧୁ ଅଧିକାରୀ, ଅସାଧୁ କାର୍ଯ୍ୟରେ ଲିପ୍ତ କିଛି ବୃକ୍ଷଚାରା ଯୋଗାଣକାରୀ ଓ ବୃକ୍ଷରୋପଣ ନାମରେ ପ୍ରହସନ ପାଳଟିଥିବା କାର୍ଯ୍ୟକୁ ଉଦ୍‌ଘାଟନ କରିବାକୁ ଆସୁଥିବା ରାଜନେତାଗଣ। ଗୋଟିଏ ପ୍ଲାଟ୍‌ଫର୍ମରେ ଚାରି ଗୋଷ୍ଠୀ, ଯାହାକୁ ଭୂତପୂର୍ବ ନିର୍ବାଚନ କମିଶନର ଟି.ଏନ୍. ଶେଷାନ କହିଥିଲେ- ବାବୁ, ଲାଲା ; ଟୋପି, ଝୋଲା। ଅର୍ଥାତ୍ ସରକାରୀ ବାବୁ, ବ୍ୟବସାୟୀ, ରାଜନେତା ଓ ସ୍ୱେଚ୍ଛାସେବୀ। ଦୁଃଖଲାଗେ ବିବେକର ଏହି ସାମୂହିକ ବିସର୍ଜନ ଦୃଶ୍ୟ ଦେଖି।

ଯେତେବେଳେ ପରିବେଶଜନିତ ଅବ୍ୟବସ୍ଥା ସମଗ୍ର ବ୍ରହ୍ମାଣ୍ଡକୁ ବିପର୍ଯ୍ୟସ୍ତ କଲାଣି- ମେରୁ ବରଫ ତରଳିବା, ସମଦ୍ରର ଜଳପତ୍ତନ ବଢ଼ିବା, ତାପମାତ୍ରା ବଢ଼ି ଆକାଶକୁ ଛୁଇଁବା, ନାହିଁ ନଥିବା ରୋଗ ଭୋଗୀ ମଣିଷର ପରମାୟୁ ଦ୍ରୁତଗତିରେ ହ୍ରାସ ପାଇବା- ସେତେବେଳେ ନିର୍ବାଚିତ ସରକାରମାନେ କେଡ଼େ ନିର୍ବିକାରରେ ସମସ୍ୟାକୁ ଏକ 'ମିଶନ ମୋଡ୍'ରେ ମୁକାବିଲା କରିବା ପରିବର୍ତ୍ତେ ଆଖିରେ 'କଳା ଚଷମା' ପିନ୍ଧି, ଓଠରେ 'ଲିପ୍‌ଷ୍ଟିକ' ଓ ଗାଲରେ 'ପାଉଡର' ମାରି କାମ ସାରି ଦେଉଛନ୍ତି। ଯେଉଁ କାମ ପାଇଁ ପର୍ଯ୍ୟାପ୍ତ ବଜେଟ ବ୍ୟବସ୍ଥା କରି ଦୈନନ୍ଦିନ ଭିତ୍ତିରେ ତଦାରଖ କରିବା ଦରକାର, ସେ କାମକୁ ଜନସାଧାରଣଙ୍କୁ ଏକ ନିବେଦନ ମାଧ୍ୟମରେ ଛାଡ଼ିଦେଲେ କେମିତି ହେବ? ଏବେ 'ଗୋଟିଏ ବୃକ୍ଷ ମା'ଙ୍କ ନାମରେ' ସ୍ଲୋଗାନଟିଏ ଦିଆଗଲା। ଫଳହେଲା ସେହି ଫଟୋ ଉଠାଉଠି। ଅଥଚ କେଡ଼େ ସୁନ୍ଦର ଦୀର୍ଘମିଆଦୀ ପ୍ରସ୍ତାବଗୁଡ଼ିକ ପ୍ରସାଧନ ସୌଦାଗରଙ୍କ ଚକ ତଳେ ଚାପି ହୋଇଯାଇଛି। କିଛି ବର୍ଷ ତଳେ ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଏକ ସୁନ୍ଦର ପ୍ରସ୍ତାବ ଉତ୍‌ଥାପନ କରିଥିଲେ। ସେ କହିଥିଲେ, ଏଣିକି ନୂତନ ରାଜପଥ ନିର୍ମାଣ ବେଳେ ଉଭୟ କଡ଼େ ୧୦୦ମି. ରୁ ଅଧିକ ଓସାରରେ ବୃକ୍ଷରୋପଣ କରାଯିବ; ଯାହା ରାଜପଥ ସହ ସମାନ୍ତରାଳ ଭାବରେ ଚାଲିବ। ତାହାର ଖର୍ଚ୍ଚ, ନିର୍ମାଣର ଖର୍ଚ୍ଚ ସହ ଯୋଡ଼ାଯିବ। ଫଳରେ ସମସ୍ତ ଭାରତବର୍ଷରେ ଗୋଟିଏ ଉଦ୍ୟମରେ ହଜାର ହଜାର ବର୍ଗ କି.ମି.ର ମଣିଷକୃତ ଜଙ୍ଗଲ ସୃଷ୍ଟି ହୋଇପାରିବ। କିନ୍ତୁ ଦୁଃଖର କଥା, କେଉଁ ଏକ ଶୀତଳ ଭଣ୍ଡାରରେ ତାହା ରହିଗଲା। ଠିକ୍ ସେମିତି ପ୍ରାଦେଶିକ ସ୍ତରରେ ବିଜୟଶ୍ରୀ ରାଉତରାୟ ଜଙ୍ଗଲ ମନ୍ତ୍ରୀ ଥିବାବେଳେ ଓଡ଼ିଶାର ସବୁ ନଦୀ କୂଳେ କୂଳେ ବୃକ୍ଷରୋପଣ ଯୋଜନା କଲେ, ଯାହା ଜଙ୍ଗଲ ସୃଷ୍ଟି କରିବା ସହ ନଦୀଗର୍ଭକୁ ମଧ୍ୟ ଜଳଧାରଣରେ ସହାୟକ ହେବ। କିଛି ବୃକ୍ଷରୋପଣ ହୋଇଥିଲା ମଧ୍ୟ, ମାତ୍ର ପରେ ଏହି ଯୋଜନା ବାଷ୍ପୀଭୂତ ହେଲା!



ବୃକ୍ଷରୋପଣ ଓ ଦୁର୍ନୀତି ନିବାରଣ ସପ୍ତାହ ପାଳନକୁ ନେଇ ପ୍ରଶାସନର ଅନ୍ୟ ନାମ ପ୍ରତାରଣା ବୋଲି ଲୋକେ ବିଚାର କରନ୍ତି। ତେଣୁ ଗମ୍ଭୀର ବିଷୟ ସବୁକୁ ହାଲୁକା ଭାବରେ ନେଇ ଯେନତେନ ପ୍ରକାରଣେ ପାଞ୍ଚବର୍ଷିଆ ଆଖିରେ ରାଜ୍ୟ ବା ରାଷ୍ଟ୍ରର ସ୍ୱାର୍ଥକୁ ଦେଖିବାକୁ ଉଦ୍ୟମ କରି ସୁଶାସନ ବା ବିକାଶ ନାମରେ ଭେଳିକି ହିଁ ଦେଖାହେଉଛି। ଗୋଟିଏ ଦୁଇଟି ଉଦାହରଣ ନିଆଯାଉ। ୧୯୮୩ରୁ ୨୦୨୪ ଦୀର୍ଘ ୪୧ ବର୍ଷ ଭିତରେ ଓଡ଼ିଶାର ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନଗୁଡ଼ିକୁ +୩ ଶିକ୍ଷାନୁଷ୍ଠାନରୁ ପୃଥକ୍ କରି ଏକ ସୁବ୍ୟବସ୍ଥିତ ନ୍ୟାୟ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରାଗଲା ନାହିଁ। ସବୁ ଦୁର୍ନୀତିର ମୂଳ ଉତ୍ସ ନିର୍ବାଚନ। ନିର୍ବାଚନ ଯେତେ ପ୍ରଦୂଷଣଯୁକ୍ତ ହେବ, ନିର୍ବାଚନ ପରେ ପ୍ରଶାସନ ସେତିକି ପଙ୍କିଳ ହେବ। କିନ୍ତୁ ଏକ ଶକ୍ତ ନିର୍ବାଚନୀ ଆଇନ ଆଣି ଓ ନିର୍ବାଚନୀ ପ୍ରକ୍ରିୟାରେ ଯୁଗାନ୍ତକାରୀ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରି ଏହାକୁ ଅର୍ଥ, ବାହୁବଳ ଓ ରାଜନୈତିକ ଅସମତାରୁ ମୁକ୍ତ କରି ଜ୍ଞାନୀ, ଗୁଣୀ, ସଚ୍ଚୋଟ ବ୍ୟକ୍ତି କେମିତି ରାଜନୀତିକୁ ଆସିବେ, ତା'ର ପଥ ପରିଷ୍କାର କରିବାରେ କାହାରି ଆଗ୍ରହ ନାହିଁ। ଆବର୍ଜନା ପାହାଡ଼ର ସଭାପତି ହେବାକୁ କିନ୍ତୁ ସମସ୍ତେ ବ୍ୟସ୍ତ!

ପ୍ରତାରଣା ପ୍ରତାରଣାକୁ ଜନ୍ମଦିଏ। ସରକାର ଯେମିତି ଜନସାଧାରଣଙ୍କୁ ଶାସନ ବା ପ୍ରଶାସନ ନାମରେ ପ୍ରସାଧନ ଭେଟି ଦେଉଛନ୍ତି, ଜନସାଧାରଣ ମଧ୍ୟ ସରକାର, ସରକାରୀ କାର୍ଯ୍ୟକ୍ରମ, ସରକାରୀ ପ୍ରତିଶ୍ରୁତିକୁ ଗମ୍ଭୀରତାର ସହିତ ନେଉନାହାନ୍ତି। 'ସରକାର' ଶବ୍ଦଟି ଏବେ ଯାବତୀୟ କଟୁ ସମାଲୋଚନା ପାଇଁ ଏକ ଉପମାର ସାମଗ୍ରୀ। ଅବିଶ୍ୱାସର ବ୍ୟବଧାନ ଏତେ ବଢ଼ିଯାଇଛି ଯେ, ଦଳୀୟ ସମର୍ଥକଙ୍କୁ ଛାଡ଼ିଦେଲେ ଆଜି କାହାରି ମାଟି ବା ପକ୍କା କାନ୍ଥରେ କୌଣସି ରାଜନେତାଙ୍କ ଫଟୋଚିତ୍ର ନାହିଁ; ଯାହା ସ୍ୱାଧୀନୋତ୍ତର ଅପେକ୍ଷାକୃତ ଗରିବ ଭାରତର ଏକ ନିୟମିତ ଚିତ୍ର ଥିଲା। ଏଥିରେ ଅସୁବିଧା ଏତିକି ଯେଉଁ କେତେକ ଉତ୍ସର୍ଗୀକୃତ, ମହାନ୍ ଆତ୍ମାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଜାଡ଼ିବାକୁ କିଛି ନିଷ୍ଠାପର ଉଦ୍ୟମ କରିଥିଲେ, ସେମାନେ ଏବେ ସେହି ଅନୁଷ୍ଠାନର ଏକଦା ସମର୍ପିତ କର୍ମଚାରୀମାନଙ୍କ ମଧ୍ୟରେ ସରକାରସ୍ତରୀୟ ମନୋଭାବ ଦେଖିଲେଣି- ଅର୍ଥାତ୍ ବିଷୟ ପ୍ରତି ଏକ ନିଷ୍ଠାପର, ଉପକାରୀ ଦୃଷ୍ଟିଭଙ୍ଗୀ ପରିବର୍ତ୍ତେ ଅଗଭୀର ଚାଷ ମାଧ୍ୟମରେ ଏକ 'ହାରାହାରି' କାମଚଳା ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କରିବା। ବୋଧହୁଏ, ସେମାନେ ଚାହାନ୍ତି ନିଷ୍ଠା କି ଗମ୍ଭୀରତା ନୁହେଁ, ପ୍ରସାଧନ ହିଁ ଆମର ଦିଗବାରେଣୀ ହେଉ!

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର
ମୋ. : ୯୪୩୭୩ ୭୬୨୧୯

# ଆଧୁନିକ ଜୀବନଶୈଳୀ



ରାଧାଶ୍ୟାମ ରାଉଳ

ଆଧୁନିକ ଜୀବନଶୈଳୀ ଉପରେ ଏକ ଚେତନାଭିତ୍ତିକ କଟାକ୍ଷ: 'ଆଜ୍ଞା, ଚାଳିଶବର୍ଷ ବୟସରେ ଆପଣଙ୍କୁ ଭଲ ଚାକିରି, ଭଲ ରୋଜଗାର, କୋଠା, ଗାଡ଼ି, ବାଡ଼ି (ଭୂସମ୍ପତ୍ତି), ବ୍ୟାଙ୍କବାଲାନ୍ସ, ପତ୍ନୀ, ପିଲାପିଲିର ସଂସାର ମିଳିବ! ଏଥିସହ ଆପଣଙ୍କୁ ମଧ୍ୟ ମିଳିବ ହାର୍ଟ ଆଟାକ୍‌ର ଅଫର୍!'

ହଁ ଆଜ୍ଞା, ଆଶ୍ଚର୍ଯ୍ୟ ହେଲେବି ଏହା ସତ୍ୟ ଯେ, ଚାଳିଶବର୍ଷ କିମ୍ବା ଚାଳିଶ ପାଖାପାଖି ବୟସରେ ଆମ ଭିତରୁ କେହି ନା କେହି ହାର୍ଟ ଆଟାକ୍‌ର ଶିକାର ହେଉଛନ୍ତି। ଅତଏବ ଏ ପ୍ରକାରର ବିପଦପୂର୍ଣ୍ଣ ସମ୍ଭାବନାକୁ ଆଦୌ ଏଡ଼େଇ ଦିଆଯାଇନପାରେ!

ଆମ ପୂର୍ବଜ ବା ପୂର୍ବପୁରୁଷମାନଙ୍କ କଥା ହିସାବକୁ ନିଆଯାଉ। ସେମାନେ କ'ଣ ଆମ ପରି ଶିକ୍ଷିତ କି ଉଚ୍ଚଶିକ୍ଷିତ ଥିଲେ କି ? ସେମାନଙ୍କ ପାଇଁ କ'ଣ ଆଜିକାଲି ଭଳି ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଥିଲା ନା ସେମାନେ ଆମ ଭଳି ହରେକ କିସମର ଖାଦ୍ୟ ଖାଉଥିଲେ ? ତଥାପି ସେମାନେ ବେଶ୍ ସୁସ୍ଥ, ସବଳ, ନୀରୋଗ, କର୍ମଚଞ୍ଚଳ ଓ ଦୀର୍ଘାୟୁ ଥିଲେ। ଏବେ ଆମ ପାଖରେ ବ୍ୟାପକ ଚିକିତ୍ସା ଉପଲବ୍ଧ, ଅର୍ଥର ଅଭାବ ନାହିଁ, ମନଇଚ୍ଛା ହରେକ କିସମର ଖାଦ୍ୟ ଖାଉଛୁ। ତଥାପି ଚାଳିଶବର୍ଷ ଉପଗତ ହୁଅନ୍ତେ ଆମ ଜୀବନ ପ୍ରତି ହାର୍ଟ ଆଟାକ୍‌ର ଭୟ ଓ ଆଶଙ୍କା ରହୁଛି! କେତେବେଳେ ପୁଣି ଏ ଆଶଙ୍କା ସତ ଫଳୁଛି!

ଆଧୁନିକ ଜୀବନଶୈଳୀ ସମ୍ପୂର୍ଣ୍ଣ ଭାବରେ ବସ୍ତୁବାଦ ଉପରେ ଆଧାରିତ। ବିଷୟବାସନା ପ୍ରତି ଅହେତୁକ ମୋହ, ଆସକ୍ତି, ଧନସଂପତ୍ତି, ଭୋଗବିଳାସ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ହାସଲ ପାଇଁ ଅହୋରାତ୍ର ଅର୍ଥଲୋଭୀ, ଧନଲିପ୍ସୁ ମାନସିକତା ପୋଷଣ ହେଉଛି ଏହାର ମୂଳତତ୍ତ୍ୱ। ଦୁର୍ଭାଗ୍ୟଜନକ ଭାବରେ ଆଧୁନିକ ଜୀବନଶୈଳୀ ନିର୍ବାହ କରିବା ନାଁରେ ଆମେ ଆମ ଦେହ ଓ ମନକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ବ୍ୟସ୍ତ ରଖୁଛୁ। ଆଦୌ ସଞ୍ଜତ, ସୁରୁଖୁରୁ ଓ ସୁଶୃଙ୍ଖଳ ନୁହେଁ ଆମ ଜୀବନଚର୍ଯ୍ୟା। ପରିଶ୍ରମ ପରେ ଦେହ ଓ ମନକୁ ବିଶ୍ରାମ ଦେବା ଉପରେ ଆମେ ଆଦୌ ଗୁରୁତ୍ୱ ଦେଉନାହୁଁ। ଅପରପକ୍ଷେ ଭାରାକ୍ରାନ୍ତ ଦେହ ଓ ମନକୁ ସରସ, ସୁନ୍ଦର ଓ ହାଲୁକା କରିବା ଉଦ୍ଦେଶ୍ୟରେ ମୋବାଇଲ, କମ୍ପ୍ୟୁଟର ଘଣ୍ଟା ଘଣ୍ଟା ଧରି ବ୍ୟବହାର କରୁଛୁ। ଅନିଦ୍ରା, ଖାଦ୍ୟପେୟରେ ଅନିୟମିତତା, ମଦ୍ୟପାନ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ଫଳରେ ଅମ୍ଳପିତ୍ତ, ବଦହଜମୀ, ଉର୍ଦ୍ଧ୍ୱ ରକ୍ତଚାପ, ଅପସ୍ମାର, ମଧୁମେହ, ମେଦବହୁଳତା, କ୍ୟାନ୍‌ସର୍, ସ୍ନାୟବିକ ଦୁର୍ବଳତା ଆଦି ନାନା ରୋଗରେ ଆମେ ଆକ୍ରାନ୍ତ ହେଉଛୁ। ଆବଶ୍ୟକତାଠାରୁ ଅଧିକ ବା ମାତ୍ରାଧିକ ଶାରୀରିକ ଶ୍ରମ ଓ ମାନସିକ ଚାପ ଆମକୁ ନାନା ରୋଗବ୍ୟାଧିର ଆବର୍ତ୍ତ ଭିତରକୁ ଟାଣି ନେଉଛି।

ବ୍ୟବସାୟ ହେଉ କି ଚାକିରି, ସବୁକ୍ଷେତ୍ରରେ କାମର ଆବଶ୍ୟକତା ରହୁଛି। ଯଦି ଆପଣ ଆପଣଙ୍କ କାମରେ ଢିଲା ମାରୁଛନ୍ତି, ତେବେ ଆପଣ ଆପଣଙ୍କର ବସ୍ କିମ୍ବା ମାଲିକ ଦ୍ୱାରା ଅପନିନ୍ଦିତ, ଉପହସିତ, ତିରସ୍କୃତ ହେବେ, କର୍ମକୋଢ଼ି, ଠକ, ଅଯୋଗ୍ୟ, ଅଦକ୍ଷର ଅପବାଦ ମୁଣ୍ଡେଇବେ! ଆଉ ଯଦି ଆପଣ ନିଜର ତଥା ନିଜ ପରିବାରର ଯତ୍ନ ନ ନେଇ ବସ୍‌ଙ୍କର ପ୍ରିୟଭାଜନ ହେବା ପାଇଁ କଠିନ ପରିଶ୍ରମ, ଅକ୍ଳାନ୍ତ ମେହନତ କରିବେ, ଫଳ ଏଇୟା ହେବ; ଆପଣ ଏବଂ ଆପଣଙ୍କ ପରିବାର ହୁଏତ ଦୁର୍ଦ୍ଦଶାଗ୍ରସ୍ତ ହେବେ! ଆପଣ ଶରୀରପୀଡ଼ା ଓ ମାନସିକ ଅବସାଦର ଶିକାର ହେବେ। ଅବଶ୍ୟ ଜୀବନ ଓ ଜୀବିକା ପାଇଁ କାମ କରିବା ଏକାନ୍ତ ଜରୁରୀ। କିନ୍ତୁ କଥା କ'ଣ କି, ଆମ ଦେହ ଏକ ମେଶିନ ବା ଯନ୍ତ୍ରତୁଲ୍ୟ। ଏକ ନିର୍ଦ୍ଦିଷ୍ଟ ସୀମା ସରହଦ ଅଛି କେଉଁ ପର୍ଯ୍ୟନ୍ତ ଆମ ଦେହ କର୍ମକ୍ଷମ ହୋଇପାରିବ। ସହ୍ୟ କରିବାଠାରୁ ଅଧିକ କାମ କରିବା ହିତକର ଅପେକ୍ଷା ଅହିତକର, କ୍ଷତିକାରକ।



ଆଧୁନିକ ଜୀବନଶୈଳୀ ଆମକୁ ବସ୍ତୁତଃ ଗୋଲାମ, ପରମୁଖାପେକ୍ଷୀ ସଜେଇଛି। ପରିବାରର ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ସମ୍ମାନ, ସଦ୍ଇଚ୍ଛା, ଭଲପାଇବା ନାହିଁ। ସମ୍ପର୍କର ମୂଲ୍ୟ କେହି ବୁଝୁନାହାନ୍ତି। ଆଧୁନିକ ଜୀବନଶୈଳୀ ମଧ୍ୟ ଆମକୁ ଏତେମାତ୍ରାରେ ବ୍ୟକ୍ତିକେନ୍ଦ୍ରିକ ଓ ସ୍ୱାର୍ଥପର କରିଦେଇଛି ଯେ, ଯୌଥ ପରିବାରର ଗୁରୁତ୍ୱ ଓ ମହତ୍ତ୍ୱକୁ ଅବଜ୍ଞା କରି ଆମେ ଏକକ ପରିବାରକୁ ଆପଣେଇ ନେଇଛୁ। ଏକକ ପରିବାର ଅର୍ଥ ଏକାକୀ, କେବଳ ନିଜେ ନିଜର ସ୍ୱାମୀ, ସ୍ତ୍ରୀ, ପୁଅ ଝିଅଙ୍କ ସ୍ୱାର୍ଥ ସୁବିଧା ବାଦେ ପରିବାରର ଅନ୍ୟମାନଙ୍କର ସ୍ୱାର୍ଥ ସୁବିଧା ବୁଝିବାକୁ ଆମେ ଆଦୌ ପ୍ରସ୍ତୁତ ନୁହଁ। ଅଧିକାଂଶ କ୍ଷେତ୍ରରେ, ଅନେକ ସମୟରେ ପ୍ରାୟ ଅଘଟଣ, ସମସ୍ୟା ସୃଷ୍ଟି ହୁଏ ନିଜ ସ୍ତ୍ରୀ ଓ ପିଲାଛୁଆଙ୍କୁ ନେଇ ନିଜେ ଗଢ଼ିଥିବା ଏକକ ପରିବାରରେ। ଆମ କାମରେ ଏତେ ବ୍ୟସ୍ତ ଯେ, ପ୍ରିୟପରିଜନ ଆତ୍ମୀୟସ୍ୱଜନଙ୍କ ବିପଦ ସମୟରେ ସେମାନଙ୍କ ପାଖରେ ଯାଇ ପହଞ୍ଚିବା ପାଇଁ ଆମ ପାଖରେ ସମୟ ନାହିଁ।

ଆଧୁନିକ ଜୀବନଶୈଳୀ ଆମ ଭିତରୁ ଖୁସି, ଆନନ୍ଦ, ହର୍ଷ ଉଲ୍ଲାସ ଲୁଟି ନେଉଛି, ସରଳ ଜୀବନ କ୍ରମଶଃ ଜଟିଳ ହେବାରେ ଲାଗିଛି। ଆଧୁନିକ ଜୀବନଶୈଳୀରେ ଭଲପାଇବା କମ, ଭୁଲିଯିବା ଅଧିକ, ପ୍ରତିଶ୍ରୁତି କମ, ପ୍ରତାରଣା ଅଧିକ, ହୃଦୟବତ୍ତା କମ୍, ସ୍ୱାର୍ଥପରତା ଅଧିକ, ସୃଜନଶୀଳତା କମ୍, ଚାଲାଖି, ଚଞ୍ଚକତା ଅଧିକ! ତେବେ ଆଧୁନିକ ସମୟ,ଆଧୁନିକ ଜୀବନଶୈଳୀ,ଆଧୁନିକ ଆବହାଓ୍ୱା ଆଦି କହି ନିଜ ସପକ୍ଷରେ ଯେତେ ଯୁକ୍ତି କଲେ କ'ଣ ହେବ, ସମସ୍ୟା, ସଙ୍କଟ, ଦୁଃଖ, ଯନ୍ତ୍ରଣା, ଅବସୋସ, ଅନ୍ତର୍ଦହନ ଫାଙ୍କିବାଜ, ପଳାୟନପନ୍ଥା ଆଦି ସବୁକିଛି ଆମର। ଏସବୁ ହିଁ ଆମଦ୍ୱାରା ସୃଷ୍ଟି ହୋଇଥାଏ। ତେଣୁ ଏସବୁକୁ ଅଧିକ ବେଗବାନ ବା ତ୍ୱରାନ୍ୱିତ ନ କରି ଏଥିରେ ଅଙ୍କୁଶ ଲଗେଇବା, ନିୟନ୍ତ୍ରଣ କରିବା କାମ ମଧ୍ୟ ଆମର।

ଆଧୁନିକତାର ଭେଳିକିରେ ନ ମାତି ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖିବାର ଆବଶ୍ୟକତା ରହିଛି। ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ଉଚିତ। ନିଜର ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସକୁ କେବେବିନ୍ୟୁନଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ନିଜର ଉଦ୍‌ଯୋଗ, ପରିଶ୍ରମ, ସଫଳତାର ସମୀକ୍ଷା କରିବାର ଆବଶ୍ୟକତା ରହିଛି। ଆଧୁନିକତା ତା' ବାଟରେ ଯାଉ, ଆମେ ଆମ ବାଟରେ ଯିବା।

ବୀମାବିହାର, ମର୍କତନଗର, ସେକ୍ଟର:୬, କଟକ
ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ହଜିଯାଇଥିବା ଜିନିଷଟିଏ ହଠାତ୍ ମିଳିଗଲେ ସମସ୍ତଙ୍କ ମନ ଖୁସି ହୋଇଯାଏ। ଯଦି ବର୍ଷ ବର୍ଷ ତଳେ ହଜିଯାଇଥିବା ଆପଣାର ମଣିଷ ହଠାତ୍ ପାଖକୁ ଚାଲିଆସନ୍ତି ତାହେଲେ ମନ ତ ଖୁସିରେ ନାଚି ଉଠିବ ନିଶ୍ଚୟ। ଠିକ୍ ଏମିତି ଏକ ଘଟଣା ଘଟିଛି ଗୁଜରାଟର ସୁରଟରେ। ଏହି ଅଞ୍ଚଳର ଜଣେ ମହିଳା ଗୀତାଦେବୀ ଦୀର୍ଘ ୫ ବର୍ଷ ପରେ ଏବେ ତାଙ୍କ ପରିବାର ଲୋକଙ୍କ ପାଖକୁ ଫେରି ଆସିଛନ୍ତି। ପ୍ରକୃତ କଥା ହେଉଛି କି ଗୀତାଙ୍କର ମାନସିକ ଅବସ୍ଥା ଭଲ ନ ଥିବାରୁ ୫ ବର୍ଷ ତଳେ ସେ ଦିନେ କାହାକୁ କିଛି ନ କହି ଘର ଛାଡ଼ି କୁଆଡ଼େ ଚାଲି ଯାଇଥିଲେ। ଘରେ ତାଙ୍କ ସ୍ୱାମୀ, ଦୁଇ ଝିଅ ଓ ପୁଅ ସୁମିତ୍ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ହେଲେ କୌଣସି ସ୍ଥାନରେ ନ ପାଇ ନିରାଶ ହୋଇଥିଲେ। ତେଣୁ ଘର ଲୋକେ ଭାବି ନେଇଥିଲେ କି ସେମାନେ ଗୀତାଙ୍କୁ ଆଉ କେବେ ପାଇପାରିବେ ନାହିଁ। ମାତ୍ର ଏବେ ଗୀତା ଦେବୀ ତାଙ୍କ ଘରକୁ ଫେରି ସମସ୍ତଙ୍କୁ ଆପଣାଇ ନେଇଛନ୍ତି। ୫ ବର୍ଷ ତଳେ ଗୀତାଙ୍କୁ ଷ୍ଟେଶନ ନିକଟରୁ ଉଦ୍ଧାର କରି ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କର ଚିକିତ୍ସା ଚଳାଇଥିଲା। ଏତେ ବର୍ଷ ପରେ ତାଙ୍କ ମାନସିକ ଅବସ୍ଥା ଧୀରେ ଧୀରେ ଠିକ୍ ହୋଇ ଆସିବାରୁ ସେ ତାଙ୍କ ଘର ଓ ଗାଁର ଠିକଣା ପ୍ରକାଶ କରିଥିଲେ। ପୋଲିସ ସେହି ଠିକଣା ଅନୁସାରେ ତାଙ୍କ ଘରକୁ ଖବର ପଠାଇଥିଲେ। ଖବର ପାଇ ଗୀତାଙ୍କ ପୁଅ ସୁମିତ୍ ତାଙ୍କ ଭଉଣୀ ସହ ଆସି ମାଆଙ୍କୁ ଚିହ୍ନି ଘରକୁ ନେଇଯାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୭୫

- ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମ, ପାନାମା ଓ ପାଲେଷ୍ଟାଇନ ମୁକ୍ତି ସାମ୍ମୁଖ୍ୟକୁ ଗୋଷ୍ଠୀ ନିରପେକ୍ଷ ଦେଶର ସଦସ୍ୟ ରୂପେ ଗ୍ରହଣ କରାଯାଇଛି।
- ଚୀନ୍‌ର ଶିଳ୍ପାଞ୍ଚଳଗୁଡ଼ିକରେ ବ୍ୟାପକ ଶ୍ରମିକ ଅଶାନ୍ତି ଓ ଧର୍ମଘଟ ଦେଖାଦେଇଥିବା ବେଳେ ସେସବୁକୁ ଦମନ କରିବା ଲାଗି ବ୍ୟାପକ ସୈନିକ ପ୍ରୟୋଗ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଗାଜା ନରସଂହାର ରୋକାଯାଉ

ମହାଶୟ,

ଆଧୁନିକ ପରମାଣୁ ଯୁଗରେ ସାରା ବିଶ୍ୱର ଉନ୍ନତ ବିତ୍ତଶାଳୀ ଓ ସାମରିକ ଶକ୍ତିଶାଳୀ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଉପରେ ନିଜ ନିଜର ପ୍ରତିପତ୍ତି ,ଆଧିପତ୍ୟ ବିସ୍ତାର ନିମନ୍ତେ ସଦାସର୍ବଦା ନିଜକୁ ଆଧୁନିକ ଯୁଦ୍ଧାସ୍ତ୍ରରେ ସଜ୍ଜିତ ହୋଇ ରହିଥାଆନ୍ତି ଏକ ଆସନ୍ନ ଯୁଦ୍ଧ ଅପେକ୍ଷାରେ। ବିଶ୍ୱରେ ଶାନ୍ତିର ଆବଶ୍ୟକତା ଅନ୍ୟ ସମସ୍ତ ଯୁଗ ଅପେକ୍ଷା ବହୁ ଅଧିକ ପରିମାଣରେ ଅନୁଭୂତ କରିହୁଏ ବର୍ତ୍ତମାନ ପରିପ୍ରେକ୍ଷୀରେ। ଯୁଦ୍ଧ ଅପେକ୍ଷା ଶାନ୍ତି ପ୍ରତିଷ୍ଠାରେ ପ୍ରଚେଷ୍ଟା କମ୍ ଗୌରବର ବିଷୟ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଲାଣ୍ଡ ଓ ୟୁକ୍ରେନ୍ ଗସ୍ତକୁ ଶାନ୍ତିଯାତ୍ରା କରି ଦୀର୍ଘ ୨ ବର୍ଷରୁ ଅଧିକ ଲାଗିରହିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା ଏବଂ ଆସନ୍ନ ତୃତୀୟ ବିଶ୍ୱଯୁଦ୍ଧରୁ ବିଶ୍ୱକୁ ରକ୍ଷା ନିମିତ୍ତ, ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରସମୂହ ଯେପରି ଭାବେ ବିରତ ରୁହନ୍ତୁ, ସେଇ ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଅନ୍ୟପଟେ ଇସ୍ରାଏଲସ୍ ଆକ୍ରମଣରେ ଗାଜାର ବ୍ୟାପକ ନରସଂହାରକୁ ରୋକାଯିବା ଉଚିତ। ଗାଜାରେ ୯୦ ପ୍ରତିଶତ ଘର ସମ୍ପୂର୍ଣ୍ଣ ନିଶ୍ଚିହ୍ନହେବା ସହ ପ୍ରାୟ ୪୨,୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁଙ୍କ ସମେତ ବହୁ ଲୋକଙ୍କ ମୃତ୍ୟୁକୁ ନେଇ ଜାତିସଂଘ ଚିନ୍ତା ପ୍ରକଟକରି କହିଛି। ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଙ୍ଗଠନ 'ହୁ' ଗାଜାର ପରିବେଶ ପ୍ରଦୂଷିତ ହୋଇଛି ବୋଲି ମତବ୍ୟକ୍ତ କରିଛି। ଏଇ ପରିସ୍ଥିତି ସୃଷ୍ଟି କରିବା ଦେଶର ମୁଖ୍ୟ ଶାସକଙ୍କ ଉପରେ କୌଣସି ନୀତିନିୟମ ନ ଥିଲା ପରି ପ୍ରତୀୟମାନ ହେବା ଏବଂ ନୀରବ ଦର୍ଶକ ସାଜିବା ଦୁର୍ଭାଗ୍ୟଜନକ।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗୋଲାପ ପାନକରେ ଶିଶିର ବିନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ
କିପାଁ ଗୋ ଆଖି ଜଳ ନୟନେ ଛଳ ଛଳ
ବିଦାୟ ମାଗେ ଦୂର ଗଗନେ ଇନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ।
(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ପରଲୋକ

ଦେଓଗାଁ,୨୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାରାୟଣପୁର ଗାଁରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ବୃଦ୍ଧ ଜଣକ ହେଲେ ନାରାୟଣପୁର ଗାଁର କଲାର ଭୋଇ(୬୨)। ସୂଚନାନୁସାରେ ସୋମବାର ପୂର୍ବାହ୍ନ ପ୍ରାୟ ୧୨ଟାରେ କଲାର ତାଙ୍କ ବାରିପଟ ଦେଇ ନିକଟସ୍ଥ ଜୋରକୁ ଗାଧୋଇବା ପାଇଁ ଯାଉଥିବାବେଳେ ସରକାରୀ ପମ୍ପହାଉସ ନିକଟରେ ବିଦ୍ୟୁତ୍ ତାର ଆଘାତରେ ଆସିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସଆଇ ଅବିନାଶ ଦିକ୍ଷିତ ସୂଚନା ଦେଇଛନ୍ତି ।

### ବାର୍ଦ୍ଧକ୍ୟ ଆବାସର ଅନ୍ତେବାସୀଙ୍କ ପରଲୋକ

ଦେଓଗାଁ,୨୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ପ୍ରଶାସନ ଦ୍ୱାରା ବଲାଙ୍ଗୀର ସହରରୁ ଉଦ୍ଧାର ହୋଇଥିବା ଜଣେ ଅନ୍ତେବାସୀଙ୍କ ସୋମବାର ଦେଓଗାଁବ୍ଲକ ସାଲେପାଲି ସ୍ଥିତ ବାର୍ଦ୍ଧକ୍ୟ ଆବାସରେ ପରଲୋକ ହୋଇଛି। ଗତ ୨୦୨୨ ଡିସେମ୍ବରରେ ବଲାଙ୍ଗୀର ସହରରେଏକ ଗାଡି ଧକ୍କାରେ ଦ୍ୱାରୁ ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ମୁଣ୍ଡରେ ଅସ୍ତ୍ରୋପଚାର କରାଯିବା ପରେ ଜିଲା ପ୍ରଶାସନର ତତ୍କାଳୀନ ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଓ ମାହେଶ୍ୱରୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ସାଲେପାଲି ବାର୍ଦ୍ଧକ୍ୟ ଆବାସକୁ ଅଣାଯାଇ ଅନ୍ତେବାସୀ ଭାବେ ରଖାଯାଇଥିଲା। ଦ୍ୱାରୁଙ୍କ ପରଲୋକରେ ସଙ୍ଗଠନ କର୍ମକର୍ତ୍ତା ଓ ବାର୍ଦ୍ଧକ୍ୟ ଆବାସର କାର୍ଯ୍ୟକର୍ତ୍ତା ତରଫରୁ ଶୋକପ୍ରକାଶ କରାଯାଇଛି। ମୃତଦେହ ସତ୍କାର ସମୟରେ ଆବାସର କର୍ମକର୍ତ୍ତାଙ୍କ ସହ ମାହେଶ୍ୱରୀ ସଙ୍ଗଠନର ରାଜ ବାଲୁଙ୍କେଶ୍ୱର ନନ୍ଦ, ଯତିନ୍ଦ୍ର ସାହୁ, ଧିରେନ ମଲ୍ଲିକ ଓ ଲୋକନାଥ ପଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଆଦର୍ଶ ଶିକ୍ଷକ ଗୋପୀନାଥ ପାଢ଼ୀଙ୍କ ପରଲୋକ



ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ନୀତିନିଷ୍ଠ ସାଧକ ତଥା ଆଦର୍ଶ ଶିକ୍ଷକ ଗୋପୀନାଥ ପାଢ଼ୀ (୮୮)ଙ୍କ ସୋମବାର ସକାଳ ୭ଟା ୧୫ରେ ତାଙ୍କ ବଲାଙ୍ଗୀର ଆଦର୍ଶପଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ପ୍ରାୟ ୩ ବର୍ଷ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଶଯ୍ୟାଶାୟୀ ହୋଇ ଘରେ ଚିକିତ୍ସିତ ହେଉଥିଲେ। ୨୧ଫେବୃୟାରୀ ୧୯୩୬ ରେ ଜନ୍ମିତ ସ୍ୱର୍ଗତ ପାଢ଼ୀ ଜଣେ ମେଳାପୀ, ମିଷ୍ଟଭାଷୀ ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ଅବିଭକ୍ତ ବଲାଙ୍ଗୀର ଜିଲାର ମେଣ୍ଢା, ଲଛିପୁର ନିକଟ ଅସୁରମୁଣ୍ଡା, ସାଗରପାଲି ଏବଂ ତୁଷରା ନୂଆପଡା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧିନସ୍ଥ ସ୍କୁଲରେ ସେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରିଥିଲେ। ମେଣ୍ଢା ଗାଁର ମୂଳ ନିବାସୀ ସ୍ୱର୍ଗତ ପାଢ଼ୀ ମେଣ୍ଢା ସେବାଶ୍ରମରେ ଦୀର୍ଘ ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ୧୯୯୬ ମସିହାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଚାକିରୀରୁ ଅବସର ପରେ ମେଣ୍ଢା ଗାଁର ଜଗନ୍ନାଥ ମନ୍ଦିର ଓ ଗୋପାଳଜୀ ମଠ ସହ ଓତଃପ୍ରୋତ ଭାବେ ଜଡିତ ରହି ସେ ଧାର୍ମିକ ଓ ଆଧ୍ୟାତ୍ମିକ ସଚେତନତା ଦିଗରେ କାର୍ଯ୍ୟ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ଚାରି ପୁଅ ଅଶୋକ, ଅରୁଣ, ରମେଶ, ରାଜେଶ, ଚାରି ଝିଅ ଆହ୍ଲାଦିନୀ, ଇନ୍ଦିରା, ସବିତା, ସୁନୀତା, ଚାରି ବୋହୂ ଓ ଚାରି ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଜ୍ୟେଷ୍ଠପୁତ୍ର ସଫଳ ଶିଳ୍ପଦ୍ୟୋଗୀ ଅଶୋକ ପାଢ଼ୀ ମୁଖାଗ୍ନି ଦେଇଥିଲେ।

# ଧାନବିକ୍ରି ପାଉଣା ଦାବିରେ ଚାଷୀଙ୍କ ଧାରଣା

ଟିଟିଲାଗଡ଼, ୨୬।୮ (ଶରତ ମିଶ୍ର)



ଧାନ ବିକ୍ରି ଟଙ୍କା ଦାବିରେ ଚାଷୀମାନେ ଧାରଣା ଦେଇଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ମୁରିବାହାଲ ବ୍ଲକ ବଡ଼ ତେନ୍ତୁଲିଖୁଣ୍ଟି ମଣ୍ଡିରେ ଗତ ଖରିଫରେ ଚାଷୀ ଧାନ ବିକ୍ରି କରିଥିଲେ। ହେଲେ ଦୀର୍ଘ ୮ ମାସ ହେଲା ଧାନ ବିକ୍ରି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇନାହିଁ। ଏନେଇ ଚାଷୀ ବଲାଙ୍ଗୀର ଜିଲାପାଳ, ଜିଲା ସମବାୟ ସମିତି ସମୂହ ନିବନ୍ଧକ, ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ, ଉପଖଣ୍ଡ ସମବାୟ ସମିତି ସମୂହ ନିବନ୍ଧକ ସନ୍ତୋଷ ମଲ୍ଲିକଙ୍କୁ ଅନେକ ଥର ଗୁହାରି କରିଛନ୍ତି । ହେଲେ ସେମାନଙ୍କୁ ପାଉଣା ମିଳି ପାରିନାହିଁ । ଏନେଇ ଗତ ୧୬ରେ ଚାଷୀ ଭଗବାନ ମାଝୀ, ଦିବାକର ରଣା, ବିପିନ ରଣା ଟିଟିଲାଗଡ଼ ଉପଜିଲାପାଳଙ୍କ ଠାରେ ପୁଣି ଥରେ ଫେରାଦ ହେବା ସହ ଟିଟିଲାଗଡ଼ ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଏନେଇ ବଡ଼ତେନ୍ତୁଲିଖୁଣ୍ଟି ପାକ୍ସ ଡିଇଓ ୨୬ ତାରିଖ ମଧ୍ୟରେ ଟଙ୍କା ଫେରସ୍ତ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବା ଉକ୍ତ ଦିନ ଟିଟିଲାଗଡ଼ ସମବାୟ ସମିତି ଉପନିବନ୍ଧକ ମଲ୍ଲିକ ଚାଷୀଙ୍କୁ ଆଶ୍ୱସ୍ତ କରିଥିଲେ। ହେଲେ ଆଜି ସେହି ତାରିଖରେ ଚାଷୀ ଟିଟିଲାଗଡ଼ ଆସିଥିବା ବେଳେ ସମିତି ଉପନିବନ୍ଧକ ନିଜ ଫୋନ ସ୍ୱିଚ ଅଫ କରିଦେଇଛନ୍ତି । ଅନ୍ୟପକ୍ଷରେ ସମ୍ପୃକ୍ତ ଡିଇଓ ଗଙ୍ଗାଧର ନାଗଙ୍କୁ ଯୋଗାଯୋଗ କରିବାରୁ ସେ ପୁଣି ସମୟ ମାଗିଛନ୍ତି । ସକାଳ ୧୦ଟାରୁ ଚାଷୀ ଧାରଣା ଦେଇଥିବା ଖବର ପାଇ ଟିଟିଲାଗଡ଼ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ଼ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚାଷୀଙ୍କ ସମସ୍ୟା ନେଇ ବୁଝାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏନେଇ ଚାଷୀ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିବା ଜଣାଯାଇଛି । ଚାଷୀଙ୍କ ହକ ଧାନ ବିକ୍ରି ପାଉଣା ତୁରନ୍ତ ପ୍ରଦାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଦେଓଗାଁର ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ



ବଡବନ୍ଧ ଗାଁ ମଝି ମଣ୍ଡପଠାରେ ଦେଓଗାଁ ଶିଶୁମନ୍ଦିର ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ ଅବସରରେ ବିଭିନ୍ନ ବେଶରେ ଶିଶୁମାନେ।

ଦେଓଗାଁ,୨୬।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବନ୍ଧ ଗାଁ ମଝି ମଣ୍ଡପଠାରେ ସୋମବାର ଦେଓଗାଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି । ଗୁରୁଜୀ ଭବାନୀ ଶଙ୍କର ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଭାବେ ଲିଙ୍ଗରାଜ ପଧାନ, ସରପଞ୍ଚ ଜଗବନ୍ଧୁ ମେହେର ଓ ଜଗଦୀଶ ପଧାନ ପ୍ରମୁଖ ମଞ୍ଚାସୀନ ରହି ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ପରିଚାଳନା କମିଟିର ସଭାପତି ଡା. ଶିବବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶିଶୁବାଟିକା ବିଭାଗ ତରଫରୁ କଂସବଧ ନାଟକ ପରିବେଷଣ କରାଯାଇଥିଲା। ସେହିପରି ପ୍ରାଥମିକ ବିଭାଗ ପକ୍ଷରୁ ମଧ୍ୟ ଶ୍ରୀକୃଷ୍ଣଙ୍କ ଲୀଳା ଉପରେ ଆଧାରୀତ ନାଟକ ମଞ୍ଚସ୍ଥ ହୋଇଥିଲା` ଶିଶୁ ଭଉଣୀଭାଇମାନେ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବଡବନ୍ଧ ଗାଁର ଅଭିଭାବକ ତଥା ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ। ଜରାସିଂହା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଚନ୍ଦ୍ରପୁର ସ୍ଥିତ ରାଧାକୃଷ୍ଣ ମନ୍ଦିରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇ ହୋଇଥିବା ବେଳେ ଏହି ଦିନ ଗାଁରେ ଥିବା ଜଗନ୍ନାଥ ମନ୍ଦିର, ଭାଗବତ ମଣ୍ଡପରେ ବ୍ରତୀମାନେ ଉପବାସ ରହି ଉତ୍ସବ ପାଳନ କରୁଥିବା ନଜରକୁ ଆସିଛି।

# ଶାରଦୀୟ ଦୁର୍ଗାପୂଜା ପାଇଁ ଆସିଲା ମାଟି



ମାଟି ସଂଗ୍ରହ ପୂଜାବେଳେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ।

ଲୋଇସିଂହା, ୨୬।୮ (ସୁଶାନ୍ତ ବାରିକ)

ଆସନ୍ତା ଅକ୍ଟୋବର ୯ ରୁ ୧୩ ପର୍ଯ୍ୟନ୍ତ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ସୋମବାର ପବିତ୍ର ଜନ୍ମାଷ୍ଟମୀ ତିଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଗ୍ରାମର ପୂଜା କମିଟି ପକ୍ଷରୁ ନିକଟସ୍ଥ ଗୋପାଳପୁର ଗ୍ରାମର ଚଣ୍ଡିସରରୁ ମାଟି ସଂଗ୍ରହ ହୋଇଯାଇଛି। ପୂଜା କମିଟି ସଭାପତି ଶୁଭମ କରଣ,ସମ୍ପାଦକ ସିଦ୍ଧାନ୍ତ ପଧାନ, ସହ ସମ୍ପାଦକ ସିପ୍ରମ ଜ୍ୟୋତି ବାରିକ, ଉପସଭାପତି ଶ୍ରୀମନ୍ତ ମିଶ୍ର, ବାକି କାର୍ଯ୍ୟକର୍ତ୍ତା ସମେତ ଗ୍ରାମବାସୀ ଧାର୍ଯ୍ୟ ସମୟ ସେଠାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏଠାରେ ଆଚାର୍ଯ୍ୟ ଗୌରୀ ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ସଚ୍ଚିଦାନନ୍ଦ ଷଡ଼ଙ୍ଗୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ପରେ ସଂଗ୍ରହ ମାଟିକୁ ଘଣ୍ଟ, ଶଙ୍ଖ ବଜାଇ ଓ ଭଜନ, କୀର୍ତ୍ତନ କରି ଆଣି ଗ୍ରାମ ପରିକ୍ରମା କରି ଯୋଗେଶ୍ୱର ଧାମ ପୂଜା ମଣ୍ଡପରେ ସେହି ମାଟିକୁ ରଖାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସାର୍ବଜନୀନ ଦୁର୍ଗାପୂଜାର ନୂତନ କମିଟି ଗଠନ

ମୁରିବାହାଲ,୨୬।୮ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାର ସର୍ବପୁରାତନ ୫୩ତମ ସାର୍ବଜନୀନ ଦୁର୍ଗା ପୂଜା ପାଇଁ ନୂତନ କମିଟି ସୋମବାର ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସଦସ୍ୟ ପୁରନ୍ଦର ତରିଆ କରଙ୍କ ସଭାପତିତ୍ୱରେ ବୈଠକରେ ଚଳିତବର୍ଷ ରିତିନୀତି ସହ ପୂଜା କରିବା ପାଇଁ ଉପସ୍ଥିତ କର୍ମଚାରୀ ମତଦେଇଥିଲେ। ଏହା ପରେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ରୂପେ ଅଜିତ କୁମାର ତାରିଆ, ଉପସଭାପତି, ଅବିନାଶ ଭୋଇ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାର, ସହ ସମ୍ପାଦକ ଲଳିତ କୁମାର ବଘାର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ବାଗଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବରେ ଯୁଧିଷ୍ଠିର ବଘାର, ହଜାର ପୁଟେଲ, ମକୁନ୍ଦ ପଧାନ, ଭୀମ ପଧାନ, ଜିତେନ୍ଦ୍ରିୟ ଭୋଇ, ଯଦୁପତି ଅଗସ୍ତି, ଅନ୍ତରାମ ପଧାନ, ତପନ ବଘାର, ଶାନ୍ତରାମ ପଧାନଙ୍କୁ ଚୟନ କରାଯାଇଛି। ଉକ୍ତ ପୂଜାରେ କର୍ତ୍ତା ଭାବରେ ଅଗସ୍ତି ବଘାର ଦାୟିତ୍ୱ ତୁଲେଇବା ନିଷ୍ପତି ନିଆଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ଦଳ ଆସିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ।

# ପୂଜ୍ୟପୂଜା ସଙ୍ଗଠନ ଦ୍ୱାରା ସମ୍ବର୍ଦ୍ଧିତ



ବିରଞ୍ଚି ନାରାୟଣ ଦାଶଙ୍କୁ ସମ୍ମାନିତ କରାଯାଉଛି।

କଣ୍ଟାବାଞ୍ଜି, ୨୬।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲାର ଅଗ୍ରଣୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଙ୍ଗଠନର ଊଣେଇଶତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପତିତପାବନ ଏକାଡେମୀର ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୁରୁଶ୍ରୀ ଘାସିରାମ ମିଶ୍ର ମୁଖ୍ୟଅତିଥି, ବାଲସାହିତ୍ୟ ପୁରସ୍କାରପ୍ରାପ୍ତ ଡ.ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଡାକ୍ତର ଜ୍ୟୋତ୍ସ୍ନା ମହାପାତ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମଦନ ମୋହନ ରଥ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବା, ବୃକ୍ଷ ରୋପଣ, ରକ୍ତଦାନ ଶିବିର ଆୟୋଜନ ଓ ଶିକ୍ଷା ପାଇଁ ନିର୍ଝରିଣୀର ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କୁ ସ୍ୱର୍ଗତ ଗାର୍ଗବ ପ୍ରସାଦ ମେହେର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି ଦାଶ ସଦାସର୍ବଦା ଭାଷା, ସାହିତ୍ୟ, ସଂସ୍କୃତି, ପରିବେଶ, ରକ୍ତଦାନ ଭଳି କ୍ଷେତ୍ରରେ କାମ କରି ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

# ସ୍କୁଲ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଉ

ଲାଠୋର, ୨୬।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ରହିଥିବା ୫-ଟି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ସହସ୍ରାଧିକ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନ ଯାଏ ସ୍କୁଲ ପୋଷାକ ଏବଂ ଜୋତା ମୋଜା ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଲାଠୋର ଅଞ୍ଚଳରେ ସଦର ଲାଠୋର କ୍ଲଷ୍ଟରରେ ଥିବା ୧୨ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୭୫୩ ଜଣ ଛାତ୍ରୀଛାତ୍ର, ଜାମକୁଆଁ କ୍ଲଷ୍ଟରରେ ୯ଟି ବିଦ୍ୟାଳୟରେ ୭୯୭ ଛାତ୍ରୀଛାତ୍ର, ଟଙ୍କପାଣି କ୍ଲଷ୍ଟରରେ ୧୦ଟି ବିଦ୍ୟାଳୟରେ ୧୨୬୭ ଛାତ୍ରୀଛାତ୍ର, ରେଙ୍ଗାଲି କ୍ଲଷ୍ଟରରେ ୧୩ ଟି ବିଦ୍ୟାଳୟରେ ୯୦୬ ଛାତ୍ରୀଛାତ୍ର, ଫୁଲକିମୁଣ୍ଡା କ୍ଲଷ୍ଟରରେ ୧୨ଟି ବିଦ୍ୟାଳୟରେ ୨୦୦୩ ଛାତ୍ରୀଛାତ୍ର ହିସାବରେ ମୋଟ ୫ଟି କ୍ଲଷ୍ଟରରେ ରହିଥିବା ୫୫ଟି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୭୨୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍କୁଲ ପୋଷାକ ଏବଂ ଜୋତା ମୋଜା ବଣ୍ଟନ କରାଯାଇ ନାହିଁ। ଗତବର୍ଷ ଯେଉଁ ପୋଷାକ ବଣ୍ଟନ ହୋଇଥିଲା, ତାକୁ ପରିଧାନ କରି ଛାତ୍ରୀଛାତ୍ର ପାଠ ପଢ଼ି ଆସୁଥିବା ଦେଖାଯାଉଛି। କ୍ଲଷ୍ଟରମାନଙ୍କୁ କାର୍ଯ୍ୟରତ କେନ୍ଦ୍ର ସଂଯୋଜକମାନଙ୍କୁ କାହିଁକି ପୋଷାକ ବଣ୍ଟନ ହୋଇ ନାହିଁ ବୋଲି ପଚାରିଲେ ସେମାନେ ଆମ ପାଖରେ କୌଣସି ପ୍ରକାର ଖବର ନାହିଁ ବୋଲି କହୁଛନ୍ତି। ଏହି ସମସ୍ୟା କେବଳ ଲାଠୋର ଅଞ୍ଚଳର ନୁହେଁ, ସମଗ୍ର ବ୍ଲକ ଅଞ୍ଚଳର ସମସ୍ୟା ଅଟେ। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କୁ ପଚାରିବାରେ ଗତ ମାସରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ତେଣୁ ପୋଷାକ ବଣ୍ଟନରେ ବିଳମ୍ବ ହୋଇଛି ବୋଲି କହିଥିଲେ। ତେବେ ଯଥାଶୀଘ୍ର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି।

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.

SSSPL

# କୃଷ୍ଣ ବେଶରେ ଶୋଭାଯାତ୍ରା

ଖପ୍ରାଖୋଲ, ୨୬।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଶିଶୁ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ପୂଜା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶ୍ରୀକୃଷ୍ଣ, ବଳରାମ, ଗୋପୀ, ଗୋପାଳ, ଯଶୋଦା, ନନ୍ଦ ରାଜା ବେଶରେ ଉପସ୍ଥିତ ଛାତ୍ରୀଛାତ୍ର ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ପ୍ରଧାନ ଗୁରୁଜୀ ସରୋଜ ମହାପାତ୍ର, ମନୋଜ ପ୍ରଧାନଙ୍କ ସମେତ ପରିଚାଳନା କମିଟି ସଦସ୍ୟା ସଦସ୍ୟ, ଗୁରୁମା ଗୁରୁଜୀ, ଛାତ୍ରୀ ଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ। କିଛି ସମୟ ପାଇଁ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ସେହିପରି ଖପ୍ରାଖୋଲ, ଯୁରିଆ ଶିଶୁ ମନ୍ଦିରରେ ମଧ୍ୟ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଥିବାବେଳେ ପ୍ରତି ଗାଁରେ ମଧ୍ୟ ଧୁମଧାମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।



ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଶୋଭାଯାତ୍ରା।

# ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ପରିଚର୍ଚ୍ଚା




ସ୍ୱାସ୍ଥ୍ୟ ପରିଚର୍ଚ୍ଚା କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

କଣ୍ଟାବାଞ୍ଜି, ୨୬।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନମାଳି ପ୍ୟାଲେସରେ କଣ୍ଟାବାଞ୍ଜି ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ଏବଂ ରାୟପୁର ଏମ୍‌ଏମ୍‌ଆଇ ନାରାୟଣ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରିଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଏମ୍‌ଏମ୍‌ଆଇ ନାରାୟଣ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ଶେଖର ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାର୍କେଟିଂ ହେଡ ସତନାମ ସିଂ, ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ସଭାପତି ଅଜୟ ଅଗ୍ରୱାଲ, ସମ୍ପାଦକ ହେମନ୍ତ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ଆଶିଷ ଖୈତାନ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା ସୁମିତ ଜୈନ କରିଥିଲେ। ମୁଖ୍ୟ ଅତିଥି ସାଂସଦ ସିଂଦେଓ ଏଭଳି ଆୟୋଜନ କରୁଥିବା ମାରୱାଡି ଯୁବା ବିକାଶ ଶାଖାକୁ ଧନ୍ୟବାଦ ଦେବା ସହ ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହୁ, ଯାହା ଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନତା ବାର୍ତ୍ତା ପହଞ୍ଚି ପାରିବ ବୋଲି କହିଥିଲେ। ଏହି ସ୍ୱାସ୍ଥ୍ୟ ଆଲୋଚନା କାର୍ଯ୍ୟକ୍ରମରେ ଡାକ୍ତର ପାଢ଼ୀ ହୃଦୟରୋଗ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ସମସ୍ତଙ୍କୁ ହୃଦ୍‌ରୋଗର କାରଣ ଏବଂ ଲକ୍ଷଣ ବିଷୟରେ ଅବଗତ କରିଥିଲେ। ଆଧୁନିକ ଯୁଗର ଲାଇଫ ଷ୍ଟାଇଲ, ଖାଇବାରୁ ଆରମ୍ଭ କରି ଶୋଇବା ଯାଏ କେମିତି ରହିବା କଥା, କଣ ସବୁ କରିବା କଥା, କଣ କରିବା କଥା ନୁହେଁ ତାହା ଡାକ୍ତର ଚିକିନିଖି ବୁଝାଇଥିଲେ। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ପ୍ରେସ କ୍ଲବ, ସାମ୍ବାଦିକ ସଂଘ, ମୁରିବାହାଲ ସାମ୍ବାଦିକ ସଂଘ, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘକୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ନଗରପାଳ ବରୀୟାମ ସିଂ ସାଲୁଜା ଉପସ୍ଥିତ ରହି ଏଭଳି ସ୍ୱାସ୍ଥ୍ୟ ଉପରେ ଆଲୋଚନା ହେବା କଥା ବୋଲି ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। କମେଶର ଲେହେରେ, ମନୀଷ ଜୈନ, ଆଲୋକ ଗୋୟାଲ, ଦୀପକ ଜୈନ, ନାରାୟଣ ଜିନ୍ଦଲ, ରିଶବ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ମୟଙ୍କ ଜୈନ, ନିଖିଲ ଅଗ୍ରୱାଲ, ଆଜାଦ ବଂଶଲ, ଆନନ୍ଦ ମୋଟେ, ଅନୁପ ଜୈନ, ବବେଶ ଅଗ୍ରୱାଲଙ୍କ ସହ ସହରର ବିଭିନ୍ନ ସଙ୍ଗଠନର ପଦାଧିକାରୀ ସହ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ବାଉଁଶୁଣୀ, ୨୬ ।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣି ସରସତୀ ଶିଶୁ ମନ୍ଦିରଠାରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ରମେଶ ପ୍ରସାଦ ମେହେର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ପ୍ରମୁଖ ସଭାପତି ହୃଦୟ ରଞ୍ଜନ ଖମାରୀ, ଉପସଭାପତି ସଦାନନ୍ଦ ମିଶ୍ର, ସମ୍ପାଦକ ସୁନିଲ କୁମାର ବାରିକ, ସହ ସମ୍ପାଦକ ସୁଧାଂଶୁ ଶେଖର ମହାକୁଲ, ହରିହର ମେହେର ପ୍ରମୁଖ ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କର ଜୀବନ ଚରିତ୍ରକୁ ଖୁବସୁନ୍ଦର ଭାବେ ମୁଖ୍ୟଅତିଥି ବର୍ଣ୍ଣନା କରିଥିଲେ। ଶେଷରେ ବିଦ୍ୟାଳୟକୁ ନବାଗତ ଶିଶୁ ଓ ଅଭିଭାବକମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଜନ୍ମାଷ୍ଟମୀ ଉପଲକ୍ଷେ ଶିଶୁମାନେ ଶ୍ରୀକୃଷ୍ଣ, ରାଧା, ଗୋପୀ ବେଶରେ ସୁସଜ୍ଜିତ ହୋଇଥିଲେ।


ବାଉଁଶୁଣି ସରସ୍ୱତୀ ଶିଶୁ ମନ୍ଦିରଠାରେ ଜନ୍ମାଷ୍ଟମୀରେ ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

# ଜବରଦଖଲରେ ସରକାରୀ ଜମି


ଜବରଦଖଲ ଯୋଗୁ କଳାପଥର ଗାଁ ଦାଣ୍ଡରେ ଜମିଥିବା ପାଣିରେ ପଶି ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି।

ଅମରପାଲି, ୨୮।୬ (ପୀତାମ୍ବର ସାହୁ)

**ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମରେ ଥିବା ସରକାରୀ, ଗୋଚର, ଅନାବାଦୀ ଜମି ସହିତ ଗ୍ରାମ୍ୟ ରାସ୍ତା ଏବେ ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ବାରମ୍ବାର କହିଲେ ବି ଜବରଦଖଲ ହଟୁନାହିଁ। ଏନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଡାକଯୋଗେ ପ୍ରଦାନ କରିଛନ୍ତି। ଏହାର ନକଲ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସୁବର୍ଣ୍ଣପୁର ଜିଲାପାଳ, ବୀରମହାରାଜପୁର ଉପଜିଲାପାଳ ଓ ଉଲୁଣ୍ଡା ତହସିଲଦାରଙ୍କୁ ମଧ୍ୟ ଡାକ ଯୋଗେ ପଠାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କଳାପଥର ବୀରମହାରାଜପୁର ଉପଖଣ୍ଡର ଏକ ବଡ ଗ୍ରାମ। ୭ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ସ୍କୁଲ, କଲେଜ ସମେତ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ମାତ୍ର ଗ୍ରାମରେ ଜବରଦଖଲ ବୃଦ୍ଧି ପାଇଥିବାରୁ ଏବେ ରାସ୍ତା ଘାଟ ସମେତ ବିଭିନ୍ନ ସ୍ଥାନ ସଂକୀର୍ଣ୍ଣ ହୋଇ ପଡିଛି। ଗୋଚର ଜମି ଜବର ଦଖଲ ଯୋଗୁ ଗୃହପାଳିତ ପଶୁ ଚରିବା ପାଇଁ କୌଣସି ଜାଗା ନାହିଁ। ଗ୍ରାମ୍ୟ ରାସ୍ତା ଓ ଡ୍ରେନକୁ ଜବର ଦଖଲ କରି ଏହା ଉପରେ ଘର କରି ଦିଆଯାଉଛି। ଫଳରେ ବର୍ଷା ପାଣି, ନର୍ଦ୍ଦମା ପାଣି ରାସ୍ତା ଉପରେ ଜମି ରହୁଛି। ମୁଷ୍ଟିମେ ଓ ପ୍ରଭାବଶାଳୀ ବ୍ୟକ୍ତି ଜବର ଦଖଲ କରିଥିବାରୁ କେହି କହିବାକୁ ସାହସ କରୁନାହାନ୍ତି। ବିଭାଗ ସବୁ ଦେଖି ନ ଜାଣିଲା ପରି ହାତ ବାନ୍ଧି ବସି ରହିଛି। ଜବର ଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନାହିଁ। କଳାପଥର ଗ୍ରାମର ପ୍ରାୟ ଶତାଧିକ ଏକର ସରକାରୀ ଜମି ଜବର ଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏବେ ନୂତନ ସରକାର ଜବର ଦଖଲ ଉଚ୍ଛେଦ ପାଇଁ କଡା ଆଭିମୁଖ୍ୟ ନେଉଥିବାରୁ କଳାପଥର ଗ୍ରାମରେ ମଧ୍ୟ ଜବର ଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତୀ ମେହେର, ସମିତି ସଭ୍ୟ ରବିଶ୍ଚନ୍ଦ୍ର ମହାକୁର, ଚିତ୍ତରଞ୍ଜନ ଗର୍ତିଆ, ଶାନ୍ତନୁ କୁମାର ପଧାନ, ମକୁନ୍ଦ ଭୋଇ, ୱାର୍ଡସଭ୍ୟ ସୂର୍ଯ୍ୟ ନାରାୟଣ ପଧାନ, ୱାର୍ଡସଭ୍ୟା ସପ୍ତମୀ ଝାଙ୍କର, ଅର୍ଜୁନ ସାହୁ, କନ୍ଦର୍ପ ରଣା, ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଦାବିପତ୍ର ପ୍ରଦାନ କରାଯାଇଛି।

# ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ହେଲେ ଛାତ୍ରୀଛାତ୍ର

ଅମରପାଲି, ୨୬।୮ (ପୀତାମ୍ବର ସାହୁ)



ସୁବର୍ଣ୍ଣପୁର ଜଲା ବୀର ମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ଅବସରରେ ଛାତ୍ରୀ ଛାତ୍ରମାନେ ରାଧାକୃଷ୍ଣ ବେଶ ହୋଇଥିଲେ। ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଆଧାତ୍ମିକ ସଭାରେ ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ ଅଧ୍ୟକ୍ଷତା କରିଥିଲେ। ମଞ୍ଚ କଳାକାର ଅଁଇଠୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନ୍ମାଷ୍ଟମୀର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷାନୁଷ୍ଠାନ ସମ୍ପାଦକ ରାଜେନ୍ଦ୍ର ପଧାନ, ଆଚାର୍ଯ୍ୟ ପ୍ରତ୍ୟୁଷ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଆକାଶ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା, ଗୋବିନ୍ଦ ସେଠୀ ଅତିଥି ପରିଚୟ ଓ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶ ହୋଇ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରିଥିଲେ। ରାଧାକୃଷ୍ଣ ବେଶରେ ବୀରମହାରାଜପୁର ଶିଶୁ ବିଦ୍ୟାମନ୍ଦିର ବିଦ୍ୟାର୍ଥୀମାନେ।

# ବୈଷୟିକ ଶିକ୍ଷା ଉପରେ ସଚେତନ କଲା କୌଶଳ ରଥ


କୌଶଳ ରଥରେ ଛାତ୍ରୀମାନଙ୍କୁ ସଚେତନ କରାଯାଉଛି।

ଅମରପାଲି, ୨୬।୮ (ପୀତାମ୍ବର ସାହୁ)

ଦକ୍ଷତା ବୃଦ୍ଧି ଓ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତା ସୃଷ୍ଟି ଲକ୍ଷରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଅନୁଷ୍ଠାନକୁ କୌଶଳ ରଥ ପରିକ୍ରମା କରୁଛି। ସୋମବାର ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍କୁଲକୁ ଉକ୍ତ ରଥ ପରିକ୍ରମା କରିଛି। ସୁବର୍ଣ୍ଣପୁର ସରକାରୀ ପଲିଟେକନିକ ପରିସରରୁ ଉକ୍ତ ରଥ ବାହାରି ପ୍ରଥମେ ଉଲୁଣ୍ଡା ବ୍ଲକର ଧର୍ମଶାଳା ହାଇସ୍କୁଲରେ ପହଞ୍ଚି ଥିଲା। ସେଠାରେ ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉକ୍ତ ରଥକୁ ସ୍ୱାଗତ କରିଥିଲେ। ସେଠାରେ ଛାତ୍ରୀଛାତ୍ରମାନେ ଏହି ରଥକୁ ବୁଲି ଦେଖି ଜ୍ଞାନ ଆହରଣ କରିଥିଲେ। ପରେ ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ରଥ ପହଞ୍ଚିଥିଲା। ସେଠାରେ ଛାତ୍ରୀ ଛାତ୍ର, ଅଭିଭାବକ ଏବଂ ପରିଦର୍ଶକ ରଥ ବୁଲି ଦେଖିଥିଲେ। ଏମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ସହ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନ କରାଯାଇଥିଲା। ସେଠାରୁ ସୁବଳୟା ହାଇସ୍କୁଲକୁ ରଥ ଯାଇଥିଲା।

# ଜିଲା ସଙ୍କୀର୍ତ୍ତନ ସଂଘର ନୂତନ କର୍ମକର୍ତ୍ତା

## ଦାମୋଦର ମେହେର ସଭାପତି, ରାଧେଶ୍ୟାମ ସାହୁ ସମ୍ପାଦକ

ଅମରପାଲି, ୨୬।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଜିଲା ଶ୍ରୀକୃଷ୍ଣ ଚୈତନ୍ୟ ସଙ୍କୀର୍ତ୍ତନ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବ ସମ୍ମତିକ୍ରମେ ଉକ୍ତ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଙ୍କୀର୍ତ୍ତନ ଗୁରୁ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଗଠିତ ହୋଇଥିବା ନୂତନ କମିଟିରେ ସଭାପତିଭାବେ ବିଶିଷ୍ଟ ସଙ୍କୀର୍ତ୍ତନ ଗାୟକ ଦାମୋଦର ମେହେରଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସନ୍ତୋଷ ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ପୁରୋହିତଙ୍କୁ ଉପସଭାପତି, ରାଧେଶ୍ୟାମ ସାହୁଙ୍କୁ ସମ୍ପାଦକ, ରଞ୍ଜନ ପଧାନଙ୍କୁ ସହସମ୍ପାଦକ, ଗୌତମ ଦେହୁରୀ ଙ୍କୁ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଥିଲା। ଏହି ବୈଠକରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ସଙ୍କୀର୍ତ୍ତନ ଗୁରୁ ସାମିଲ ହୋଇଥିଲେ। ନୂତନ କାର୍ଯ୍ୟକର୍ତ୍ତା ଚୟନ ହେବାପରେ ସମସ୍ତ ବ୍ଲକ କମିଟି ପୁନର୍ଗଠନ କରିବା ସହିତ ସଙ୍କୀର୍ତ୍ତନ୍ୟ ଗାୟକ, ବାଦକ ଓ ପାଳିଆମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିନିକା ବ୍ଲକ ସଭାପତିଭାବେ ସୁଦର୍ଶନ ନାଥଙ୍କୁ ମନୋନୀତ କରାଯାଇଥିଲା।


ଜିଲା ଶ୍ରୀକୃଷ୍ଣ ଚୈତନ୍ୟ ସଙ୍କୀର୍ତ୍ତନ ସଂଘର ନୂତନ କର୍ମକର୍ତ୍ତା ଓ ସଦସ୍ୟ।

# ସ୍ଥାୟୀ ନିଯୁକ୍ତି, ଚାକିରି ନିରାପତ୍ତା ପ୍ରଦାନ କର



ମହାସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

ସୋନପୁର, ୨୬ ।୮ (ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବୈଠକ**

ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକ ସ୍ଥାନୀୟ ଏନ୍‌ଜିଓସିସି ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ନରହରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଚାକିରି ନିରାପତ୍ତା ପ୍ରଦାନ କରିବା, ଛଟେଇ ବନ୍ଦ କରିବା, ସମସ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଦୈନିକ ମଜୁରୀପ୍ରାପ୍ତ କର୍ମଚାରୀଙ୍କୁ ଆଉଟ୍‌ସୋର୍ସିଂରେ ସାମିଲ ପାଇଁ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ସଂଘର ଜିଲା ଶାଖା ଉପସଭାପତି ରବିନାରାୟଣ ତଣ୍ଡକର, ସମ୍ପାଦକ ବିକାଶ କୁମାର ସାହୁ, ସହସମ୍ପାଦକ ରାମ ମେହେର, କୋଷାଧ୍ୟକ୍ଷ ଲୋକନା ସୁରୁଜାଲ, ସଂଯୋଜକ ରାକେଶ ମିଶ୍ର, ସହ ସଂଯୋଜକ ତ୍ରିଲୋଚନ ବାରିକ, ଜିଲା ସଂଯୋଜକ ପ୍ରଦୀପ ଦାସ ଓ ପ୍ରଭାସିନୀ ସାହାଣି ପ୍ରମୁଖ ଉପସ୍ଥିତ ରହି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**

No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.

SSSPL

# ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଜିଲା କର୍ମକର୍ତ୍ତା।

ବୌଦ୍ଧ, ୨୬।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜିଲାରେ ସଦସ୍ୟତା ଅଭିଯାନକୁ ନେଇ ଏକ ଦିବସୀୟ କର୍ମଶାଳା ବୌଦ୍ଧ ଟାଉନହଲଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ରାଜ୍ୟ ଭାଜପା ପକ୍ଷରୁ ସରୋଜ ସାବତ ଓ ସବିତା ନନ୍ଦ ଯୋଗଦାନ କରି ଜିଲାରେ କିପରି ଅଧିକରୁ ଅଧିକ ଲୋକଙ୍କୁ ସଦସ୍ୟତା ଅଭିଯାନ ଜରିଆରେ ସାମିଲ କରାଯାଇପାରିବ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଏହା ସହିତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲାରେ ଦୁଇଗୋଟି ବିଧାନସଭାର ୪୧୧ଟି ବୁଥ, ୧୦ ଗୋଟି ମଣ୍ଡଳ ଓ ୭୬ଟି ଶକ୍ତିକେନ୍ଦ୍ରରେ ସମସ୍ତ ଭାଜପା କର୍ମୀ ଓ ଭୋଟରମାନଙ୍କୁ ଜାତି, ଧର୍ମ ନିର୍ବିଶେଷରେ ଭାଜପାର ନୂତନ ସଦସ୍ୟ ଭାବରେ ସାମିଲ କରିବାକୁ ଆସନ୍ତା ସେପ୍ଟେମ୍ବର ୨ରୁ ଅଭିଯାନ ଆରମ୍ଭ କରାଯିବ। ସଫଳ ଭାବରେ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଜିଲାର ସମସ୍ତ ନେତୃବୃନ୍ଦଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସମସ୍ତ ସଦସ୍ୟତା କାର୍ଯ୍ୟ ଅକ୍ଟୋବର ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ମୁଖ୍ୟସଚେତକ ପ୍ରଧାନ ଓ କନ୍ଧମାଳ ବିଧାୟକ ଶ୍ରୀଡାଙ୍ଗ, ରାଜ୍ୟ ପ୍ରତିନିଧିମାନେ ସଦସ୍ୟତା କାର୍ଯ୍ୟକ୍ରମକୁ ସଫଳତାର ପରିଚାଳନା କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ଏହି କର୍ମଶାଳାରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥ, ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ବରିଷ୍ଠ ନେତା ଶେଷ କୁମାର ମେହେର, ଅକ୍ଷୟ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ରାକେଶ କୁମାର ତ୍ରିପାଠୀ, ପ୍ରେମାନନ୍ଦ ମିଶ୍ର, ସୌମିତ୍ରି କୁମାର ନାୟକ, ଅଟଳ ପ୍ରଧାନ, ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସମେତ ଜିଲାର ବରିଷ୍ଠ ନେତୃବୃନ୍ଦ ଓ ସମସ୍ତ ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି, ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ଗଛରେ ପିଟି ହେଲା ବାଇକ, ଚାଳକ ମୃତ

ଅମରପାଲି, ୨୬।୮ (ପୀତାମ୍ବର ସାହୁ)

ଗଛ ରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଡ଼ାଲଡବା ଗ୍ରାମର ବିକାଶ ଜଗଦଲା (୨୬)। ରବିବାର ବିଳମ୍ବିତ ରାତିରେ କୋଟସମଲେଇ ପଟରୁ ଏକ ବାଇକ (ନଂ.ଓଡ଼ି ୧୫ ଏଏସ ୭୫୭୯) ଯୋଗେ ବିକାଶ ଘରକୁ ଫେରୁଥିବା ବେଳେ ଗଇଲଗୁଡି ନିକଟ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ବୀରମହାରାଜପୁର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବୀରମହାରାଜପୁରରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ଜବତ କରିଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ହରିହର ଯୋର ଫାଣ୍ଡି ଅଧିକାରୀ ବିଭୂନ୍ଦ୍ର ବରାଳ କହିଛନ୍ତି। ମୃତକ ବିବାହିତ ଏବଂ ତାଙ୍କର ଏକ ଶିଶୁପୁତ୍ର ଅଛି।

**ଭଏସ୍ ଅଫ ସମ୍ବଲପୁରୀ ସିଜନ୍-୧**

# ସୋହେଲାର ସୋହମ ବିଜେତା

ସୋନପୁର, ୨୬।୮ (ମୃତ୍ୟୁଞ୍ଜୟ ଶତପଥୀ)

**ସମ୍ବଲପୁରୀ ଗୀତ ପ୍ରତିଯୋଗିତାରେ ଭାଗନେଲେ ୬୦ କଣ୍ଠଶିଳ୍ପୀ**

ସୁବର୍ଣ୍ଣପୁର ରୁମ୍‌କୁଝୁମାନା ଅନୁଷ୍ଠାନ ତରଫରୁ ସମ୍ବଲପୁରୀ ଗୀତକୁ ନେଇ ପ୍ରତିଯୋଗିତା ଭଏସ୍ ଅଫ ସମ୍ବଲପୁରୀ ସିଜନ୍-୧ ଟାଉନ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଥର ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡିଶାର ୧୦ ଜିଲା ସମେତ କେନ୍ଦୁଝର ଓ ଭୁବନେଶ୍ୱରରୁ କଣ୍ଠଶିଳ୍ପୀ ଅଂଶଗ୍ରହଣ କରିଥିଲେ। ମୋଟ ୬୦ କଣ୍ଠଶିଳ୍ପୀ ସମ୍ବଲପୁରୀ ଗୀତ ଗାଇଥିଲେ। ଭାଗିରଥୀ କୁମ୍ଭାର, ଅଙ୍କିତ ଷଡଙ୍ଗୀ, ଲିପିକା ସାହୁ, ଦୀପା ନାଗ, ମନ୍ତ୍ରରାମ ସୁନା, ମହେନ୍ଦ୍ର ମହାନନ୍ଦ ଓ ସୋହମ ସୋବି ନାୟକ ପ୍ରମୁଖ ୭ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ପ୍ରବେଶ କରିଥିଲେ। ଶେଷରେ ବରଗଡ ଜିଲା ସୋହେଲାର ସୋହମ ସୋବି ଭଏସ୍ ଅଫ ସମ୍ବଲପୁରୀ ସିଜିନ୍-୧ର ବିଜେତା ହୋଇଥିଲେ।

ସୁବର୍ଣ୍ଣ ସମ୍ବଳ ଦେଉଳଝରୀର ସନ୍ଥ ମନୋହର ବାବା ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସଂଗ୍ରାମ କେଶରୀ ନାୟକ, ଶ୍ରୀବତ୍ସ ମଲ୍ଲିକ, ଶାନ୍ତନୁ କୁମ୍ଭକାର, ମେଘନାଦ ପ୍ରଧାନ, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ପ୍ରଫୁଲ୍ଲ ରଥ, ଶ୍ରଦ୍ଧାଞ୍ଜଳି ମିଶ୍ର, ଅଜୟ ସୁବୁଦ୍ଧି, ଡ. ଅନିରୁଦ୍ଧ କୁରୁକୁରିଆ, ଗୀତାଞ୍ଜଳି ମିଶ୍ର, ସଙ୍ଗୀତା ପାଣିଗ୍ରାହୀ, ରଘୁମଣି ଦେହୁରୀ, ଅନ୍ତରାମ ପାଢୀ ଓ ଅମ୍ବୁଜ ବିହାରୀ ଶତପଥୀ ଯୋଗଦାନ କରିଥିଲେ। ଭାଗିରଥୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜନକ ସେଠ୍ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ କୁମ୍ଭାର, ପଦ୍ମଲୋଚନ ଦାସ, ମାନି ଚକ୍ରବର୍ତ୍ତୀ ଓ ତ୍ରିଲୋଚନ ସୁନା ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସଙ୍ଗୀତଜ୍ଞ ଡ. ବ୍ୟାସଦେବ ପୁରୋହିତ, ରତନ ପୂଜାହାରୀ, ନୁର୍ ବେଗମ୍ ଓ ଶତ୍ରୁଘ୍ନ ଲୁହା ମହାଗୁରୁ ଭାବରେ ଯୋଗଦାନ କରିଥିଲେ। ରାତିରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଣ୍ଠଶିଳ୍ପୀଙ୍କୁ ନେଇ ସୁବର୍ଣ୍ଣପୁରରେ ଏଭଳି ପ୍ରତିଯୋଗିତା ଆୟୋଜନକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଏହି ଅବସରରେ ବିଭୂତିଙ୍କ ଗୀତ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଯତିନ୍ଦ୍ର ପ୍ରଧାନ, ଡ. ଜୟଶ୍ରୀ ଧଳ, ସୁଚିସ୍ମିତା ପୃଷ୍ଟି, ସ୍ୱତନ୍ତ୍ର ଅତିଥି ଭାବେ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କମଳେଶ ଚକ୍ରବର୍ତ୍ତୀ, ତ୍ରୀଶୂଳ ଭଞ୍ଜ, ବିଶିକେଶନ ଦୀପ, ଅଙ୍କିତ ରାଜ, ସୌଭାଗ୍ୟଲକ୍ଷ୍ମୀ ଦାଶ ଓ ଚୁମ୍‌କି ପାଢୀ ପ୍ରମୁଖ ଅତିଥି କଳାକାରଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସସ୍ମିତା ପରମଗୁରୁ, ତନିଶା ଅଗ୍ରୱାଲ ଓ ରିୟା ପାଢୀ ଉଦ୍‌ଘୋଷିକା ଏବଂ ମାନଭଞ୍ଜନ ମିଶ୍ର, ବିଶ୍ୱଜିତ୍ ସାହୁ, ହିମାଂଶୁ ପଣ୍ଡା, ଭକ୍ତ ପ୍ରଧାନ ଓ କୁନୁ ଖାନ ଉଦ୍‌ଘୋଷକ ଦାୟିତ୍ୱ ନିର୍ବାହ କରିଥିଲେ।


ବିଜେତା ସୋହମ ସୋବି ନାୟକଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସର ତାରିଣୀ ମନ୍ଦିର ନିକଟ ବାଇପାସରେ ସୋମବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଜପଙ୍ଗା ଗ୍ରାମର ପ୍ରହ୍ଲାଦ ନାଏକ(୪୬)। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କାର୍‌କୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ପ୍ରହ୍ଲାଦ ଓଡି୧୬-ଏ ୧୨୬୭ ନଂ. ବାଇକ ଯୋଗେ ସୁନ୍ଦରଗଡରୁ ଘରକୁ ଫେରୁଥିବା ବେଳେ ତାରିଣୀ ମନ୍ଦିର ନିକଟରେ ପଛପଟୁ ଆସୁଥିବା ଓଡି୧୬-ଏଲ-୪୪୬୨ ନଂ. କର୍ ତାଙ୍କୁ ଧକ୍କା ଦେଇଥିଲା। ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଗଛରେ ପିଟି ହେଲା ବାଇକ୍, ଚାଳକ ମୃତ

**ଅମରପାଲି,୨୬।୮(ପୀତାମ୍ବର ସାହୁ):** ଗଛ ରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଡ଼ାଲଡବା ଗ୍ରାମର ବିକାଶ ଜଗଦଲା(୨୬)। ରବିବାର ବିଳମ୍ବିତ ରାତିରେ କୋଟସମଲେଇ ପଟରୁ ଏକ ବାଇକ(ନଂ.ଓଡ଼ି ୧୫ ଏଏସ ୭୫୭୯) ଯୋଗେ ବିକାଶ ଘରକୁ ଫେରୁଥିବା ବେଳେ ଗଇଲଗୁଡି ନିକଟ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ବୀରମହାରାଜପୁର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବୀରମହାରାଜପୁରରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ଜବତ କରିଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ହରିହର ଯୋର ଫାଣ୍ଡି ଅଧିକାରୀ ବିଭୂନ୍ଦ୍ର ବରାଳ କହିଛନ୍ତି। ମୃତକ ବିବାହିତ ଏବଂ ତାଙ୍କର ଏକ ଶିଶୁପୁତ୍ର ଅଛି।

### ସାର୍ବଜନୀନ ଦୁର୍ଗାପୂଜାର ନୂତନ କମିଟି ଗଠନ

**ମୁରିବାହାଲ,୨୬।୮(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାର ସର୍ବପୁରାତନ ୫୩ତମ ସାର୍ବଜନୀନ ଦୁର୍ଗା ପୂଜା ପାଇଁ ନୂତନ କମିଟି ସୋମବାର ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସଦସ୍ୟ ପୁରନ୍ଦର ତରିଆ କରଙ୍କ ସଭାପତିତ୍ୱରେ ବୈଠକରେ ଚଳିତବର୍ଷ ରିତିନୀତି ସହ ପୂଜା କରିବା ପାଇଁ ଉପସ୍ଥିତ କର୍ମଚାରୀ ମତଦେଇଥିଲେ। ଏହା ପରେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ରୂପେ ଅଜିତ କୁମାର ତାରିଆ, ଉପସଭାପତି, ଅବିନାଶ ଭୋଇ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାର, ସହ ସମ୍ପାଦକ ଲଳିତ କୁମାର ବଘାର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ବାଗଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବରେ ଯୁଧିଷ୍ଠିର ବଘାର, ହଜାର ପୁଟେଲ, ମକୁନ୍ଦ ପଧାନ, ଭୀମ ପଧାନ, ଜିତେନ୍ଦ୍ରୟ ଭୋଇ, ଯଦୁପତି ଅଗସ୍ତି, ଅନ୍ତରାମ ପଧାନ, ତପନ ବଘାର, ଶାନ୍ତରାମ ପଧାନଙ୍କୁ ଚୟନ କରାଯାଇଛି। ଉକ୍ତ ପୂଜାରେ କର୍ତ୍ତା ଭାବରେ ଅଗସ୍ତି ବଘାର ଦାୟିତ୍ୱ ତୁଲେଇବା ନିଷ୍ପତି ନିଆଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ଦଳ ଆସିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

# ଘର ଭାଙ୍ଗିଲା, ଚାଉଳ ଖାଇଲା



ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଶନିବାର ଦନ୍ତା ହାତୀ ପଶି ଭାଙ୍ଗିଥିବା ଘର।

**ବଡ଼ଗାଁ,୨୬।୮(ଅଶୋକ ଷଡ଼ଙ୍ଗୀ)**

**ବଡ଼ଗାଁରେ ଦନ୍ତା ଆତଙ୍କ**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ଶନିବାର ରାତିରେ ପଶି ଆସିଥିବା ଏକ ଦନ୍ତା ମୁକୁନ୍ଦପୁର ଗାଁ ନିକଟ ଜଙ୍ଗଲରେ ରହିଲା ପରେ ରବିବାର ବିଳମ୍ବିତ ରାତିରେ ରୁନଗା ଓ ମଚାମରା ଗ୍ରାମରେ ଘର ଭାଙ୍ଗି ଚାଉଳ ଖାଇଦେଇଛି। ସୂଚନା ଅନୁଯାୟୀ, ସବ୍‌ଡେଗା ବନାଞ୍ଚଳରୁ ଶନିବାର ଏକ ଦନ୍ତା ପଶି ଆସିଥିଲା। ବନ ବିଭାଗ କର୍ମଚାରୀମାନେ ଘଉଡ଼ାଇବାରୁ ମୁକୁନ୍ଦପୁର ଗାଁ ନିକଟ ଜଙ୍ଗଲରେ ରହିଥିଲା। ରବିବାର ରୁନଗା ନିକଟ ମହାଜନଗୁଡାର ଜଗଦୀଶ ପ୍ରଧାନଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା। ଏହାପରେ ତାଙ୍କ ପଡୋଶୀ ଜେମ୍ସ କେରକେଟାଙ୍କ ବାଇକକୁ ମାଡି ଦେଇଥିଲା। ଲୋକେ ଘଉଡ଼ାଇବାରୁ ମଚାମରା ଗ୍ରାମ ପଟକୁ ଆସିଥିଲା। ମଚାମରା ଗ୍ରାମର ଆଲେକ୍ସିୟୁସ ଗୁଡ଼ିଆଙ୍କ ଘର କାନ୍ଥ ଭାଙ୍ଗି ଆସବାବପତ୍ର ମାଡ଼ିଦଳି ଭାଙ୍ଗି ଦେଇଥିଲା। ହାତୀ ଘର କାନ୍ଥ ଭାଙ୍ଗିବା ପୂର୍ବରୁ ଶବ୍ଦ କରିବାରୁ ସେହି କୋଠରିରେ ଶୋଇଥିବା ଲୋକେ ଘରୁ ବାହାରି ଅନ୍ୟ କୋଠରିରେ ଲୁଚି ରହିଥିଲେ। ଏହାପରେ ଦନ୍ତା ସେହି ପଡାର ଫ୍ଲୋରା କେରକେଟାଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା। ଦନ୍ତା ବିକ୍ରମ କେରକେଟାଙ୍କ ଘର କବାଟ ଭାଙ୍ଗି ଏକ ସାର ବସ୍ତାକୁ ଘୋଷାଡ଼ି ନେଇଥିଲା। ଦନ୍ତା ପଞ୍ଝୁପଡା ଗ୍ରାମର ବାସମତୀ କେଷ୍ଟୁଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା। ଉଲ୍ଲେଖଯୋଗ୍ୟ, ପ୍ରାୟ ଦେଢ଼ ମାସ ହେଲା ଅଞ୍ଚଳରେ ଥିବା ଏକ ଦନ୍ତା ଉପଦ୍ରବ କରିଆସୁଥିଲା ବେଳେ ପୁଣି ଆଉ ଏକ ଦନ୍ତା ପଶି ଆସିବାରୁ କ୍ଷୟକ୍ଷତି ଆଶଙ୍କା କରାଯାଉଛି।



ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇଥିବା କୁନି କୁନି ପିଲା।

## ସମୂହ ପାଳିଲେ ଜନ୍ମାଷ୍ଟମୀ ଉତ୍ସବ

**ବଡ଼ଗାଁ,୨୬।୮(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ସିଙ୍ଗାରମୁଣ୍ଡା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ବିଦ୍ୟାମନ୍ଦିରର କୋଷାଧ୍ୟକ୍ଷ ପ୍ରତାପ ବେଜି ବାଳ ଗୋପାଳ ଓ ଭାରତମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜା ଉପରାନ୍ତେ କୃଷ୍ଣଙ୍କୁ ଦୋଳିରେ ବସାଇ ଦଳଗତ ଭାବେ ଝୁଲାଇଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ବସନ୍ତ ବେହେରାଙ୍କ ସହିତ ଗୁରୁମା ଓ ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଆସିଥିବାରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ ପ୍ରତିଯୋଗିତା ପରିଚାଳନାରେ ଭାରତ ରାଉତ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟତ ପରିଷଦର ଅଧକ୍ଷ ସନାତନ ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ବିଦ୍ୟା ମନ୍ଦିରର ଉପଦେଷ୍ଟା ସୁରେନ୍ଦ୍ର ଦାନୀ ଓ ବିଜୟ ବେହେରା ଯୋଗଦେଇ କୃତି ପ୍ରତିଯୋଗୀ ଚୟନ କରିବାରେ ସହଯୋଗ କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ଗଜିନ୍ଦ୍ର ରାଉତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଥିଲେ।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ

**କୁତ୍ରା,୨୬।୮(ଦେବାଶିଷ ସାହୁ)**

କୁତ୍ରାଠାରେ ଅବସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶାଖା ପକ୍ଷରୁ ବ୍ରହ୍ମାକୁମାରି ଭୁବନେଶ୍ୱରୀ ଦିଦିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଜନ୍ମାଷ୍ଟମୀ ଉତ୍ସବ ପାଳନର ଉଦ୍ଦେଶ୍ୟ ତଥା ବର୍ତ୍ତମାନ ସମୟରେ ସମାଜରେ ସଦଭାବନା ସୃଷ୍ଟି ହୋଇପାରିବ ବୋଲି ଆଲୋକପାତ କରାଯାଇଥିଲା। ଏହାସହ କୁନି କୁନି ଝିଅମାନେ ରାଧା କୃଷ୍ଣ ବେଶରେ ସଜ୍ଜିତ ହୋଇ ଜନ୍ମାଷ୍ଟମୀ ଉତ୍ସବ ପାଳନ ପୂର୍ବକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଶାନ୍ତି ଶାଖା ସହ ଜଡିତ ବ୍ରହ୍ମାକୁମାରୀ,ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହା ସହିତ ଜଗନ୍ନାଥ ମନ୍ଦିର ପରିସରରେ ମଧ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଛି।

## ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

**ଲହୁଣୀପଡ଼ା,୨୬।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ହଲଦୀକୁଦର ଶିଶୁମନ୍ଦିରରେ ସୋମବାର ବିଶ୍ୱହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଧର୍ମସଭା ଅନୁଷ୍ଠିତ ହେଇଥିଲା। ଏଥିରେ ବିଶ୍ୱହିନ୍ଦୁ ପରିଷଦ ସମରସତା ବିଭାଗର ପଶ୍ଚିମ ଓଡିଶା ମୁଖ୍ୟ ଶାନ୍ତନୁ କୁସୁମ ଯୋଗଦେଇ ୧୯୬୪ ମସିହା ପବିତ୍ର ଜନ୍ମାଷ୍ଟମୀ ତିଥିରେ ମୁମ୍ବାଇର ସାନ୍ଦିପନୀ ଆଶ୍ରମରେ ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ହୋଇଥିବା ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଙ୍କଟାଭିମୁଖୀ ହିନ୍ଦୁ ସମାଜ ଓ ସଂସ୍କୃତିର ସୁରକ୍ଷା ପାଇଁ ବିଶ୍ୱହିନ୍ଦୁ ପରିଷଦର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ସଶକ୍ତ ହିନ୍ଦୁ ସଂଗଠନ ବିନା ଭାରତର ଅସ୍ତିତ୍ୱର ସୁରକ୍ଷା ଅସମ୍ଭବ ବୋଲି ସେ ଅବିହିତ କରିଥିବା ବେଳେ ତନ, ମନ, ଧନ ଅର୍ପଣ ପୂର୍ବକ ହିନ୍ଦୁତ୍ୱର କାର୍ଯ୍ୟରେ ସହଭାଗୀ ହେବାକୁ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ସନ୍ଥ ହରି ବାବା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତ୍ରିଲୋଚନ ସାହୁ, ଶିଶୁମନ୍ଦିର ପରିଚାଳନା କମିଟି ସମ୍ପାଦକ ଯୁଗଳ କିଶୋର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁମନ୍ଦିରର ପ୍ରଧାନ ଗୁରୁମା ଅଞ୍ଜନା ଧରୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶିଲ ଟପ୍ପୋ, ବିରଞ୍ଚି ନାୟକ, ହୃଦୟନାଥ ବଗର୍ତ୍ତି, ଶିବଚରଣ କିସାନ, ସରସ୍ୱତୀ ମାହାନ୍ତ, ରିତାଞ୍ଜଳି ପାହୁଲ, ସୁନୀତା ଗୁରୁ, ଲିପି ନାୟକ, ଅନ୍ନପୂର୍ଣ୍ଣା ଛଦିଆ, ଦୂର୍ମିଳା ବେହେରା, ଲିପି ବେହେରା, ପ୍ରଭାସିନୀ କୁଅଁର, ପୂର୍ଣ୍ଣିମା କଅଁର, ଶାନ୍ତି ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ପରଲୋକ

**ଦେଓଗାଁ,୨୬।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାରାୟଣପୁର ଗାଁରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ବୃଦ୍ଧ ଜଣକ ହେଲେ ନାରାୟଣପୁର ଗାଁର କଳାର ଭୋଇ(୬୨)। ସୂଚନାନୁସାରେ ସୋମବାର ପୂର୍ବାହ୍ନ ପ୍ରାୟ ୧୨ଟାରେ କଳାର ତାଙ୍କ ବାରିପଟ ଦେଇ ନିକଟସ୍ଥ ଜୋରକୁ ଗାଧୋଇବା ପାଇଁ ଯାଉଥିବାବେଳେ ସରକାରୀ ପମ୍ପହାଉସ ନିକଟରେ ବିଦ୍ୟୁତ୍ ତାର ଆଘାତରେ ଆସିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ଭାମଭୋଇ ମେଡିକାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସଆଇ ଅବିନାଶ ଦିକ୍ଷିତ ସୂଚନା ଦେଇଛନ୍ତି ।

## ୧୫ କୁଇଣ୍ଟାଲ ୮୮୦କେଜି ମହୁଲ ପୋଚ ନଷ୍ଟ

**ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)**

ଅବକାରୀ ବିଭାଗ କମିଶନର ନରସିଂହ ଭୋଳ ଏବଂ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ଜିଲାରେ ଚାଲୁଥିବା ଚୋରା ମଦ କାରବାର ଉପରେ ଚଢ଼ାଉ କରାଯାଇଛି। ଗତ ୨୦ତାରିଖରୁ ୨୫ ମଧ୍ୟରେ ମୋଟ ୫୭ଟି ଅବକାରୀ ମାମଲା ରୁଜୁ ହୋଇଛି। ଏଥିରେ ୩୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ବେଳେ ୧୫ କୁଇଣ୍ଟାଲ ୮୮୦କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଯାହାର ମୂଲ୍ୟ ୭ଲକ୍ଷ୯୪ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ସେହିପରି ୭ଲକ୍ଷ ୪୧ ହଜାର ୮୦୦ଟଙ୍କା ମୂଲ୍ୟର ୩ହଜାର ୭୦୯ ଲିଟର ପରିମାଣର ଦେଶୀ ରନ୍ଧା ମଦ ଏବଂ ୯୦ହଜାର ଟଙ୍କା ମୂଲ୍ୟର ବିଦେଶୀ ମଦ ଜବତ ଜବତ କରାଯାଇଛି। ଏଥିସହିତ ୩ଟି ଗାଡି ମଧ ଜବତ କରାଯାଇଛି। ସୁନ୍ଦରଗଡ ଅବକାରୀ ଅଧୀକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲା ସଦରର ୨ ଅବକାରୀ ନିରୀକ୍ଷକ ଯଜ୍ଞାସେନୀ ପ୍ରଧାନ ଓ ରବିନାରାୟଣ ପ୍ରଧାନ ସଦଳବଳ ଚଢ଼ାଉରେ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



**ସୁନ୍ଦରଗଡ,୨୬।୮(ଜୟ ନାରାୟଣ ମେଣ୍ଡୁଲି)**

ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭା କକ୍ଷଠାରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଭାବେ ପରିଚାଳନା କମିଟି ସଭାପତି ଗୌରଶଙ୍କର ପଟେଲ, ସମ୍ପାଦକ ଶ୍ରୀବସ ଚୌଧୁରୀ, ସୁଧାନଂଶୁ କୁମାର ଚୌଧୁରୀ, ସଭ୍ୟ ମନୋଜ କୁମାର ପୁରୋହିତ ଓ ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ଉପସ୍ଥିତ ରହି କୃଷ୍ଣଙ୍କ ପୂଜାର୍ଚ୍ଚନା, ବନ୍ଦନା ଓ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର କୃଷ୍ଣ ବେଶରେ ସଜ୍ଜିତ ହୋଇ ଆସିଥିଲେ। ପିଲାଙ୍କ ମଧ୍ୟରେ ପୌରାଣିକ ଚିନ୍ତାଧାରାକୁ ଉଦଜ୍ଜିବିତ୍ କରି କୃଷ୍ଣଙ୍କ ଆଦର୍ଶରେ ପରମ୍ପରା ସହ ପରିଚିତ ହେବା ଏହାର ମୁଖ୍ୟ ଆଭିମୁଖ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁରୁମା ଓ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସ୍ୱାଧୀନତା NAI | **SEA SPRINT SERVICES PRIVATE LIMITED** | NATIONAL INLAND NAVIGATION INSTITUTE
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**

No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL

## ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ବନ୍ଧମୁଣ୍ଡା,୨୬।୭(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଡୁମେରତାସ୍ଥିତ ପ୍ରଗତି କ୍ଲବ ଖେଳ ପଡ଼ିଆରେ ଏକ ଦିବସୀୟ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବନ୍ଧମୁଣ୍ଡା ସରପଞ୍ଚ ଅନୀତା ତିର୍କୀ, କାପାଟମୁଣ୍ଡା ସରପଞ୍ଚ ମୋତିଲାଲ ଲାକ୍ରା, ଜିତୁ ମିଞ୍ଜ, ଡୋଗୋ ଲାକ୍ରା ଅତିଥିଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ରାଉରକେଲା ସେକ୍ଟର ୨୦ ଏବଂ କପାଟମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ସେକ୍ଟର ୨୦ ଦଳ ୧-୦ ଗୋଲରେ ଜିତିଛି। ଟୁର୍ନାମେଣ୍ଟ ଶେଷରେ ବିଜେତା ଏବଂ ଉପବିଜେତା ଦଳକୁ ନଗଦ ଟଙ୍କା ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରଗତି ସ୍ପୋର୍ଟସ ଗ୍ରାଉଣ୍ଡରେ ୬.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ସୋସିଆଲ ହୋମକୁ ମଧ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଶନ କେର୍କେଟ୍ଟା, ମନୁ କିସପୋଟ୍ଟା, ରୋମିସ ଓରାମ, ସୁଲେଜର ଓରାମ, ଛଟୁ ମାହାତୋ, ରାମସି ଟପ୍ପୋ, ବିଶାଲ ଏକ୍କା,ସୌରଭ ତିଗା,ମୁକେଶ ଲାକ୍ରା, ସୁକ୍ରା ଏକ୍କା, ଆନନ୍ଦ ଲାକ୍ରା, ସଞ୍ଜୟ ଓରାମ,ରଞ୍ଜିତ ଏକ୍କା ଉପସ୍ଥିତ ଥିଲେ।

# ଧାନବିକ୍ରି ପାଉଣା ଦାବିରେ ଚାଷୀଙ୍କ ଧାରଣା

**ଟିଟିଲାଗଡ଼, ୨୬।୮(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ମୁରିବାହାଲ ବ୍ଲକ ବଡ଼ ତେନ୍ତୁଲିଖୁଣ୍ଟି ମଣ୍ଡିରେ ଗତ ଖରିଫରେ ଚାଷୀ ଧାନ ବିକ୍ରି କରିଥିଲେ। ହେଲେ ଦୀର୍ଘ ୮ ମାସ ହେଲା ଧାନ ବିକ୍ରି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇନାହିଁ। ଏନେଇ ଚାଷୀ ବଲାଙ୍ଗୀର ଜିଲାପାଳ, ଜିଲା ସମବାୟ ସମିତି ସମୂହ ନିବନ୍ଧକ, ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ, ଉପଖଣ୍ଡ ସମବାୟ ସମିତି ସମୂହ ନିବନ୍ଧକ ସନ୍ତୋଷ ମଲ୍ଲିକଙ୍କୁ ଅନେକ ଥର ଗୁହାରି କରିଛନ୍ତି । ହେଲେ ସେମାନଙ୍କୁ ପାଉଣା ମିଳି ପାରିନାହିଁ । ଏନେଇ ଗତ ୧୬ରେ ଚାଷୀ ଭଗବାନ ମାଝୀ, ଦିବାକର ରଣା, ବିପିନ ରଣା ଟିଟିଲାଗଡ଼ ଉପଜିଲାପାଳଙ୍କ ଠାରେ ପୁଣି ଥରେ ଫେରାଦ ହେବା ସହ ଟିଟିଲାଗଡ଼ ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଏନେଇ ବଡ଼ତେନ୍ତୁଲିଖୁଣ୍ଟି ପାକ୍ସ ଡିଇଓ ୨୬ ତାରିଖ ମଧ୍ୟରେ ଟଙ୍କା ଫେରସ୍ତ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବା ଉକ୍ତ ଦିନ ଟିଟିଲାଗଡ଼ ସମବାୟ ସମିତି ଉପନିବନ୍ଧକ ମଲ୍ଲିକ ଚାଷୀଙ୍କୁ ଆଶ୍ୱସ୍ତ କରିଥିଲେ। ହେଲେ ଆଜି ସେହି ତାରିଖରେ ଚାଷୀ ଟିଟିଲାଗଡ଼ ଆସିଥିବା ବେଳେ ସମିତି ଉପନିବନ୍ଧକ ନିଜ ଫୋନ ସ୍ୱିଚ ଅଫ କରିଦେଇଛନ୍ତି । ଅନ୍ୟପକ୍ଷରେ ସମ୍ପୃକ୍ତ ଡିଇଓ ଗଙ୍ଗାଧର ନାଗଙ୍କୁ ଯୋଗାଯୋଗ କରିବାରୁ ସେ ପୁଣି ସମୟ ମାଗିଛନ୍ତି । ସକାଳ ୧୦ଟାରୁ ଚାଷୀ ଧାରଣା ଦେଇଥିବା ଖବର ପାଇ ଟିଟିଲାଗଡ଼ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ଼ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚାଷୀଙ୍କ ସମସ୍ୟା ନେଇ ବୁଝାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏନେଇ ଚାଷୀ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିବା ଜଣାଯାଇଛି । ଚାଷୀଙ୍କ ହକ ଧାନ ବିକ୍ରି ପାଉଣା ତୁରନ୍ତ ପ୍ରଦାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ଧାନ ବିକ୍ରି ଟଙ୍କା ଦାବିରେ ଚାଷୀମାନେ ଧାରଣା ଦେଇଛନ୍ତି।

# ଝଣ୍ଡାଛକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା,୨୬।୮(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ଜନବହୁଳ ଝଣ୍ଡାଛକରେ ଦୀର୍ଘ ବର୍ଷରୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ସହରର ସରବାହାଲଠାରୁ ବିଟିଏମ ଓ ବିଟିଏମଠାରୁ ବଢେଇ ମୁଣ୍ଡାଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଗୁରୁତର ହେବା ଫଳରେ ଝଣ୍ଡାଛକ ଏଥିରୁ ବାଦ ପଡ଼ିନାହିଁ। ଓଣଓସାରିଆ ରାସ୍ତା ସାଙ୍ଗକୁ ରାସ୍ତା ଉପରେ ଅସ୍ଥାୟୀ ଦୋକାନ ଲାଗିବା ଫଳରେ ଟ୍ରାଫିକ ସମସ୍ୟା ଅଧିକ ବିପର୍ଯ୍ୟସ୍ତ ହେଉଛି। ଦୀର୍ଘ ବର୍ଷରୁ ଝଣ୍ଡାଛକ ମୁଖ୍ୟ ଛକ ରାସ୍ତା ଦୁଇ ପାର୍ଶ୍ୱରେ ଅନେକ ଅସ୍ଥାୟୀ ଦୋକାନ ସମେତ ପୂଜା ଦୋକାନ, ଫଳମୂଳ ଦୋକାନ, ପନିପରିବା ଦୋକାନ, ଚା ଦୋକାନ ସମେତ ବିଭିନ୍ନ ଅସ୍ଥାୟୀ ଦୋକାନ ସମେତ ଅଟୋ, ମଟରସାଇକେଲ, କାର ରଖି ଲୋକେ ଜିନିଷ କିଣା ବିକା କରୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏଭଳି ସ୍ଥିତିରେ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସହରର ସରବାହାଲ ରେଳ ଫାଟକ ଛକ, ଧର୍ମଶାଳା ଛକ, ରେଳଷ୍ଟେଶନ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ବେହେରାମାଳ ଛକରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦୀର୍ଘ ଦିନରୁ ଦାବି ହୋଇଆସୁଛି।


ଝଣ୍ଡାଛକରେ ରାସ୍ତାଜାମ୍ ହୋଇଛି।

## ସଂକ୍ଷେପରେ

### ୨୨ ଲିଟର ରନ୍ଧା ଦେଶୀ ମଦ ଜବତ: ଜଣେ ଗିରଫ



ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ବ୍ରାହ୍ମଣୀମାଳ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ୨୨ ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଛି। ଏଥିସହ ବେଆଇନ ମଦ କାରବାର ଅଭିଯୋଗରେ ଉକ୍ତ ଗ୍ରାମର ପ୍ରଭା ମହାକୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରଭା ଦୀର୍ଘ ଦିନ ହେଲା ବ୍ରାହ୍ମଣୀମାଳ ଗ୍ରାମରେ ବେଆଇନ ଦେଶୀ ମଦ ବିକ୍ରି କରୁଥିଲେ। ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋମବାର ଅବକାରୀ ସବ ଇନ୍ସପେକ୍ଟର ଶଶୀକାନ୍ତ ରାଉତଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ଏହି ଚଢାଉ କରାଯାଇଥିଲା। ଚଢଉ ସମୟରେ ତା' ନିକଟରୁ ୪ଟି ପ୍ଲାଷ୍ଟିକ ଜାର ଏବଂ ଗୋଟିଏ ପ୍ଲାଷ୍ଟିକ ବୋତଲରେ ୨୨ଲିଟର ରନ୍ଧା ଦେଶୀ ମଦ ଜବତ ମିଳିଥିଲା। ବେଆଇନ ମଦ ଜବତ କରିବା ସହ ପ୍ରଭାଙ୍କୁ ଗିରଫ କରାଯାଇଥିଲା।

### ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ ଟୁର୍ନାମେଣ୍ଟ: ଜେଇ ଏକାଦଶ ବିଜୟୀ

ବ୍ରଜରାଜନଗର,୨୬।୮(ବିଜୟ ବରାଡ଼)

ଝାରସୁଗୁଡା ଜିଲା ରାଜପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଲି ଫୁଟବଲ ପଡିଆରେ ଚାଲିଥିବା ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ ପ୍ରତିଯୋଗୀତାରେ ଲିଙ୍ଗରାଜ ଏକାଦଶକୁ ୬/୦ ଗୋଲରେ ହରାଇ ଜେଇ ଏକାଦଶ ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳର ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରିଥିଲେ। ହେଲେ କେହି କାହାକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଅତିରିକ୍ତ ୨୦ମିନିଟ ସମୟରେ ଜେଇ ଏକାଦଶ ୬ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଖେଳରେ କୁଦୋପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ୍ ମୁଖ୍ୟଅତିଥି, ଝାରସୁଗୁଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରାଜ କିଶୋର ଜେନା ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଶାନ୍ତ ପାଢଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଗଣପତି କ୍ଲବ ସଭାପତି ଈଶ୍ୱର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ସଦସ୍ୟମାନେ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ସାର୍ବଜନୀନ ଦୁର୍ଗାପୂଜା ବୈଠକ, କର୍ମକର୍ତ୍ତା ଚୟନ


ବୈଠକରେ ପୂଜା ବିଷୟରେ ଆଲୋଚନା କରାଯାଉଛି।

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ଗୋପାଳଜୀଉ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ରବିବାର ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ କମିଟି ସଭାପତି ସୁଶୀଲ କୁମାର କପରଦାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଅଗାମି ବର୍ଷର ଆୟ ଏବଂ ବ୍ୟୟ ଉପସ୍ଥାପନା କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବରେ ସୁଶୀଲ କୁମାର କପରଦାର, ଉପସଭାପତି ପ୍ରଦୀପ ଦେବ, ସମ୍ପାଦକ ଈଶ୍ୱର ପ୍ରସାଦ ଦାଶ, ସହସମ୍ପାଦକ ସତ୍ୟାନନ୍ଦ ସାହୁ, କୋଷାଧ୍ୟକ୍ଷ ଭାବରେ ମହେଶ୍ୱର ପାଣିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଗଲା। ଏବର୍ଷ ସାର୍ବଜନୀନ ଦୁର୍ଗା ପୂଜା ୧୨ବର୍ଷ ପୂରଣ କରୁଥିବାରୁ ପୂଜାକୁ ଆଡମ୍ବର ସହକାରେ କରାଯିବା ନିମନ୍ତେ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ, ସୁଦର୍ଶନ ଦେବ, ମହେଶ୍ୱର ପାଣି, ପ୍ରଫୁଲ୍ଲ ନାୟକ, ବିକାଶ ପ୍ରଧାନ, ସୁଶାନ୍ତ ନନ୍ଦ, ରମଣୀ ଆଚାର୍ଯ୍ୟ, ଈଶ୍ୱର ପ୍ରସାଦ ଦାଶ, ବାବୁଲି କର, ନରୋତ୍ତମ ସାହୁ, ସତ୍ୟାନନ୍ଦ ସାହୁ, ବିଭୁତି ଦେବ ପ୍ରମୁଖେ ଉପସ୍ଥିତ ଥିଲେ। ଶେଷରେ ମହେଶ୍ୱର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ

ବ୍ରଜରାଜନଗର,୨୬।୮(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପୌରାଣିକ କୌତୁକ ବେଶ ଧରି ନିଜ ଭାବ ଭକ୍ତି ପରିବେଷଣ କରିଥିଲେ। ଅତ୍ୟଧିକ ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶରେ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଚିକିତ୍ସାଳୟ ବରିଷ୍ଠ ଅସ୍ଥି ଚିକିତ୍ସକ କି ରୋଟି ମୁଖି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସାହେବ ରାଓ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ ପ୍ରମୁଖ ବିଭିନ୍ନ ପୌରାଣିକ କୌତୁକ ବେଶରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଗୁରୁମା ପୁଷ୍ପା ଜସୱାଲ ଶ୍ରୀକୃଷ୍ଣଙ୍କ ମହିମା ବିଷୟରେ କହିବା ସହ ସମାଜକୁ ସନ୍ଦେଶ ଦେଲେ କି ସ୍ୱତନ୍ତ୍ର ହୁଅ ସଚ୍ଛନ୍ଦତାର ତ୍ୟାଗ କର, କାରଣ ସ୍ୱତନ୍ତ୍ରତା ମନୁଷ୍ୟକୁ କର୍ତ୍ତବ୍ୟ ପାଳନ କରିବା ଶିଖାଏ। ପ୍ରଧାନ ଆଚାର୍ଯ ଯୋଗେନ୍ଦ୍ର ନାଥ ଠାକୁର୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଗୁରୁଜୀ ଦୀନେଶ ଯାଦବ, ବସନ୍ତ ମହାପାତ୍ର, କ୍ଷିରୋଦ ଜେନା, ସୁଧାକର ବେହେରା, ସୁନିତୀ ଭୋଇ, କିଶୋର ଭାଇସାଲ, ଦିଲୀପ ପଟ୍ଟନାୟକ ଯୋଗଦେଇଥିଲେ। ସେବିକାଙ୍କ ବିଶେଷ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ଗୁରୁଜୀ ହଜାରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶ ଧାରଣ କରିଛନ୍ତି।

# କୋଲାବିରା ଅଞ୍ଚଳରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

କୋଲାବିରା,୨୬।୮
(ଚିନ୍ମୟ କୁମାର ବହିଦାର)

ଝାରୁସୁଗୁଡା ଜିଲା କୋଲାବିରା ତଥା ଉପାନ୍ତ ଅଞ୍ଚଳରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି। ଜନ୍ମାଷ୍ଟମୀ ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ଏକ ପବିତ୍ର ଉତ୍ସବ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ପରମ ପୁରୁଷ ପରମାତ୍ମା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଦିବସ। ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସର୍ବଶକ୍ତିମାନ, ସର୍ବବ୍ୟାପକ ଅନନ୍ତ ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ଅଧିକାରୀ। ଯାହାଙ୍କ ତିନୋଟି ରୂପ ବ୍ରହ୍ମ, ପରମାତ୍ମା ଓ ଭଗବାନ। ମାନବ ରୂପକ ସେ ପରମବ୍ରହ୍ମଙ୍କ ସ୍ୱରୂପ ଅଟନ୍ତି। ଭାଗବତରେ ସର୍ବାନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣାବତାର ଗ୍ରହଣ କରି ଶ୍ରୀକୃଷ୍ଣ ପୃଥିବୀରେ ଅବତିର୍ଣ୍ଣ ହୋଇଥିଲେ ବୋଲି କଥାରେ ଅଛି। ଏହି ଦିନ ଭାରତୀୟଙ୍କ ମାନସପଟରେ ଆଧ୍ୟାତ୍ମ ଓ ଧର୍ମୀୟ ଭାବଧାରା ପ୍ଲାବିତ ହୁଏ। ଏହି ପରିପ୍ରେକ୍ଷୀରେ ଦିନ ତମାମ ଶ୍ରଦ୍ଧାଳୁମାନେ ଉପବାସରେ ରହି ସମସ୍ତେ ଚାହିଁ ବସିଥିଲେ ପ୍ରଭୁଙ୍କ ଧରାବତରଣକୁ। ଶ୍ରୀକୃଷ୍ଣଙ୍କ ଜନ୍ମ ସମାରୋହ ରାତିର ଚତୁର୍ଥ ପ୍ରହର ପର୍ଯ୍ୟନ୍ତ ଉପବାସୀମାନେ ରହିଲା ପରେ ପ୍ରସାଦ ସେବନ ପୂର୍ବକ ଉପବାସ ବ୍ରତ ସମ୍ପୂର୍ଣ୍ଣ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଦିନ ତମାମ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରବଚନ, ଭଜନ, ସଙ୍ଗୀତ, ଭାଗବତ ଆଦି କାର୍ଯ୍ୟକ୍ରମ ରହିଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗ ଦେବା ସହ କୃଷ୍ଣଙ୍କ ବିଚିତ୍ର ଓ ମଧୁର ଲୀଳା ଶ୍ରବଣ କରିଥିଲେ। ଏହି ଉତ୍ସବ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭ୍ୟବୃନ୍ଦଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟତଃ କ୍ଷୀର, ସର ଓ ଦହିରୁ ପ୍ରସ୍ତୁତ ପେଡା, ଖିରି ଓ ଅନ୍ୟାନ୍ୟ ଦ୍ରବ୍ୟମାନ ପ୍ରଭୁଙ୍କ ପାଖରେ ପ୍ରସାଦ ଅର୍ପଣ ପଶ୍ଚାତ ସାମୂହିକ ପ୍ରସାଦ ସେବନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ


ପିଲମାନେ ରାଧାକୃଷ୍ଣ ବେଶଧାରଣ କରିଛନ୍ତି।

ଝାରସୁଗୁଡ଼ା,୨୬।୮(ସଞ୍ଜୟ ମାଲି)

ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ସାମାଜିକ କର୍ମୀ ମିନର୍ଭା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆଗେଇ ନେଇଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଲତା ପଟେଲ, ସହକାରୀ ଶିକ୍ଷକ ସୁରେଶ ବିଶି, ସାମାଜିକ କର୍ମୀ ସୁନୀତା ସିଂ, ପଞ୍ଚପଡ଼ା ସିଆରସିସି ସୁରଜ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝି ଅତିଥି ପରିଚୟ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମମତା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚପଡ଼ା ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ବିଭିନ୍ନ ବେଶରେ ଥିବା ରାଧା, କୃଷ୍ଣ ନଗର ପରିକ୍ରମା କରିଥିଲେ। ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଶିଶୁଙ୍କ କୌତୁକ ବେଶ ପ୍ରତିଯୋଗିତା ହୋଇଥିଲା। ବଡ଼ ଶିଶୁଙ୍କ ମଧ୍ୟରେ ଗୀତା ପାଠ ଓ ହନୁମାନ ଚାଳିଶା ପାଠ ପ୍ରତିଯୋଗିତା କରାଯାଇଥିଲା। ଶିଶୁଙ୍କ ମା'ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ଶିଶୁଙ୍କ ମଧ୍ୟରେ ରାଧାକୃଷ୍ଣ ବେଶଧାରୀଙ୍କୁ ସ୍ୱତନ୍ତ୍ର ଭାବେ ଏକ ଦୋଳି କରାଯାଇ ଦୋଳନ କରାଯିବ ସହିତ ଭଗବାନ ଶ୍ରୀକୃଷ୍ଣଙ୍କ ବେଶରେ ପ୍ରେମ ଜମକିଆର ଭାଇ ପିରାମିଡ ମାଧ୍ୟମରେ ଦାଧି ହାଣ୍ଡି ଭାଙ୍ଗିଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋକ୍ଷକାନ୍ତ ନରବେଣା, ଉଦିତ କୁମାର ପଣ୍ଡା, ସୁନିଲ କୁମାର ସାହୁ, ପ୍ରେମାନନ୍ଦ ପଟେଲ, ଝରଣା ସୁନାନି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଶ୍ରୀକୃଷ୍ଣଙ୍କ ପ୍ରସାଦ ବଣ୍ଟନ କରାଯାଇଥିଲ। ଶେଷରେ ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହୃଦାନନ୍ଦ ଖୁଣ୍ଟିଆ ଉପସ୍ଥିତ ରହି ଶିଶୁ ଭାଇଭଉଣୀଙ୍କୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଲୀଳା ବିଷୟରେ ମାର୍ଗଦର୍ଶନ କରିଥିଲେ। ଭାଇ ଭଉଣୀମାନେ କୃଷ୍ଣରାଧା ବେଶ ହୋଇ ଆସିଥିଲେ। କାର୍ଯ୍ୟକ୍ରମ ଦେବଦାସୀ ଗୁରୁମା ପରିଚାଳନା କରିଥିବା ବେଳେ ଶେଷରେ ଗୀତା ରାଣୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।


ଦେବଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜନ୍ମାଷ୍ଟମୀ ଉତ୍ସବରେ ବିଭିନ୍ନ ବେଶରେ ଛାତ୍ରୀଛାତ୍ର।

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200
NATIONAL INLAND NAVIGATION INSTITUTE

**TENDER NOTICE**
No. NINI/SSSPL/MOCK-UP UNIT/2024-25
Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL

# ବିଭାଗ, ସଂଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଭାଗ ଓ ସଂଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ, ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା, ଜିଲା ପ୍ରମୁଖ ବିଜୟ କୁମାର ପ୍ରଧାନ, ଜିଲା ପ୍ରମୁଖ ବିଜୟ କୁମାର ପ୍ରଧାନ, ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ବିଦ୍ୟାଳୟ ସଭାପତି ସୁକାନ୍ତ ସାହୁ ଉପସ୍ଥିତ ଥିଲେ। ସମ୍ବଲପୁର, ବରଗଡ଼ ଓ ରାଉରକେଲା ବିଭାଗର ୧୪୬ଜଣ ପ୍ରତିଭାଗୀ ଓ ୧୭ଜଣ ପରିଚାଳକ ଓ ୧୫ଜଣ ବିଚାରକ ଉପସ୍ଥିତ ଥିଲେ । ଗଣିତ ବିଭାଗର ପ୍ରଶ୍ନମଞ୍ଚ, ପତ୍ରବାଚନ ଓ ପ୍ରୟୋଗ, ବିଜ୍ଞାନ ବିଭାଗର ପ୍ରୟୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଣିତ ପ୍ରଶ୍ନମଞ୍ଚ କିଶୋର ବର୍ଗରେ ବୁର୍ଲା, ବାଲବର୍ଗରେ ପଦ୍ମପୁର, ଗଣିତ ପତ୍ରବାଚନ କିଶୋର ବର୍ଗରେ ଦେବଗଡ ପ୍ରଥମ ସ୍ଥାନ ଅଧିକାର କରି ପ୍ରାନ୍ତସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ହୃଦାନନ୍ଦ ଖୁଣ୍ଟିଆ, ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ, ଦେବଗଡ ସିଦ୍ଧାର୍ଥ ଗୁରୁ, ପରିଚାଳନା ସମିତି ସଦସ୍ୟା ସନ୍ଧ୍ୟାରାଣୀ ପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ସମରୋପ ଉତ୍ସବରେ ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା, ପଶ୍ଚିମ ସଂଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ, ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ, ବିଦ୍ୟାଳୟର ସଭାପତି ସୁକାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଦେବଗଡ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଉଦୟନାଥ ପ୍ରଧାନ, ସତ୍ୟନାରାୟଣ ସାହୁ, ବିଜ୍ଞାନ ଶିକ୍ଷକ ତପନ କୁମାର ପ୍ରଧାନ, ସୌଭାଗ୍ୟ କୁମାର ଦେହୁରୀ, ଦିଲୀପ କୁମାର ପ୍ରଧାନ, ହିମାଂଶୁ ଦେହୁରୀ, ରଞ୍ଜନ କୁମାର ବ୍ରହ୍ମା, ରମଣୀ ରଞ୍ଜନ ବିଶ୍ୱାଳ, ପ୍ରାଣବନ୍ଧୁ ଘଡେଇ, ସୁମିତ୍ରା ପୁରୋହିତ, ସୁଭାଶିଷ କର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।


କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

# ଘର ତାଲା ଭାଙ୍ଗି ଟଙ୍କା, ସୁନାଅଳଙ୍କାର ଚୋରି

## ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ଦେବଗଡ଼,୨୬।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ପୁରୁଣାଗଡରେ ଘର ତାଲା ଭାଙ୍ଗି ୧୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ପୁରୁଣାଗଡସ୍ଥିତ ଠିକାଦାର ଅନୀଲ କୁମାର ରାଣାଙ୍କ ଘରେ କେହି ନ ଥିବା ବେଳେ ଘର ତାଲା ଭାଙ୍ଗି ଚୋରି ହୋଇଥିବା ଜଣାପଡିଛି। ଗତ ଶନିବାର ସକାଳୁ ଅନୀଲ ଘରେ ତାଲା ପକାଇ କୌଣସି କାମରେ ଜିଲା ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ମୁଖ୍ୟ ଫାଟକର ତାଲା କଟର ସାହାଯ୍ୟରେ କାଟି ଦୁର୍ବୃତ୍ତ ଘର ଭିତରେ ପଶି କଳାକନା ବୁଲାଇଥିଲେ। ସୋମବାର ସକାଳୁ ଅନୀଲ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଲୋକ ଘର କବାଟ ଖୋଲା ଥିବା ନେଇ ଜଣାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଅନୀଲ ଘରେ ପହଞ୍ଚି ଭିତରକୁ ପ୍ରବେଶ କରିବା ପରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଘର ଆଲମିରା ଏବଂ ସୋକେସ ଭାଙ୍ଗି ନଗଦ ୧୫ ହଜାର ଟଙ୍କା, ଦୁଇଟି ସୁନା ଚେନ, ହଳେ ସୁନା ଚୁଡି, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଏବଂ ଗୋଟିଏ ଦାମି ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

ଏ ନେଇ ଦେବଗଡ ଥାନା ପୋଲିସକୁ ସୂଚନା ଦେବା ପରେ ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସନ୍ଧାନୀ କୁକୁର ଜରିଆରେ ପୋଲିସ କିଛି ସୁରାକ ପାଇଥିବା ବେଳେ ମଙ୍ଗଳବାର ସାଇଣ୍ଟିଫିକ ଟିମ ଆସିବା ପରେ ଅଧିକ ତଦନ୍ତ କରାଯିବ ବୋଲି ଜଣାପଡିଛି। ଏ ନେଇ ଦେବଗଡ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

## ସଂକ୍ଷେପରେ

### ଦଧିବାମନ ମନ୍ଦିରରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

**ଜୁନାଗଡ଼,୨୬।୮ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ସହରର ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୮ ତାରିଖ ରବିବାର ସକାଳ ୯ଟା ୩ ମିନିଟରୁ ୯ଟା ୧୮ ପର୍ଯ୍ୟନ୍ତ ବିଶୁଦ୍ଧ ତୁଳା ଲଗ୍ନେ ନବାନ୍ନ ଭକ୍ଷଣ ପାଇଁ ସ୍ଥିର ହୋଇଛି। ଏହି ସଭାରେ ଜ୍ୟୋତିର୍ବିଦ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଫକୀର ମୋହନ ପାଢ଼ଯୋଶୀ, ଫକୀର ମୋହନ ପାତ୍ର, ନଳିନୀ ରଞ୍ଜନ ବଡ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

**ଜୁନାଗଡ଼,୨୬।୮ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବନଜାରି ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାରେ କାର୍ (ସଫାରି) ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋକସରା ଥାନା ଚିଲିଗୁଡା ଗ୍ରାମର ନୀଳାଞ୍ଚଳ ନାଗ (୨୪)। ନୀଳାଞ୍ଚଳ ସ୍କୁଟିରେ ଭବାନୀପାଟଣାରୁ ଫେରୁଥିବାବେଳେ ସଫାରି ସହିତ ଧକ୍କା ହୋଇଥିବା ଜଣାପଡିଛି। ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପାଣିପମ୍ପ କେବୁଲ ଚୋରି, ଜଳ ଯୋଗାଣ ବନ୍ଦ

**ରିଷିଡ଼ା,୨୬।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ତେଲ ନଦୀ କୂଳରେ ଥିବା ୨ଟି ପାଣିପମ୍ପ ହାଉସରୁ ବିଦ୍ୟୁତ୍ କେବୁଲ ଚୋରି ହୋଇଛି। ଫଳରେ ତେରେସିଂହା ଓ ରିଷିଡ଼ା ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି । ପାଣିପମ୍ପ ହାଉସରୁ କୂପ ତଳ ମୋଟରକୁ ସଂଯୋଗ କରୁଥିବା ବିଦ୍ୟୁତ୍ ତମ୍ବା କେବୁଲକୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ରବିବାର ସକାଳେ ପାଣିପମ୍ପ ଚାଲୁ କରିବାକୁ ଯାଇଥିବା ଅପରେଟର କଣ୍ଟ ରଣା ପମ୍ପହାଉସ ତାଲା ଭଙ୍ଗାଯାଇ କେବୁଲ ଚୋରି ହୋଇଥିବା ଦେଖି ବିଭାଗୀୟ ଅଧିକାରୀଙ୍କୁ ଫୋନକରି ଜଣାଇଥିଲେ। ପରେ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ କରିବା ସହ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

**ଖଡ଼ିଆଳ,୨୬।୮ (ସୁଜିତ କୁମାର ପ୍ରଧାନ):** ଅଗଷ୍ଟ ୨୪ ଓ ୨୫ରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ନୂଆପଡ଼ା ଓ ଦକ୍ଷିଣ ପଶ୍ଚିମ ବିଭାଗ ମିଳିତ ଆନୁକୂଲ୍ୟରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଶତ ପ୍ରତିଶତ ସଫଳତା ମିଳିଛି। ବାଲବର୍ଗ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ଆୟୁଷ ସାହୁ, ସାଇ ଅର୍ପଣ ମହାଉତୀ ଓ ପୁଷ୍ପେନ୍ଦ୍ର ଭୋଇ, ଗୀତରେ ସ୍ନିଗ୍ଧା ସୁପ୍ରିୟା ମିଶ୍ର, ମୂର୍ତ୍ତି କଳାରେ ରିତେଶ ସାହୁ, କିଶୋର ବର୍ଗ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚରେ ଅଂଶୁମାନ ବାରିକ, ଶିବମ ସିଂହ ନୀନା, ସିଦ୍ଧାନ୍ତ ଚଲାନ, ବିଜ୍ଞାନ ପତ୍ର ବାଚନରେ ମାନସ ବେହେରା, ଗଣିତ ପତ୍ର ବାଚନରେ ଶ୍ରିୟାସ୍ମିତା ସାହୁ ପ୍ରଥମ ସ୍ଥାନ ହାସଲ କରିଥିଲେ। ଶିଶୁ ବର୍ଗ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚରେ ଅର୍ଣ୍ଣବ ନନ୍ଦନ ଦର୍ଜୀ, ରାଜ ଶୁଭେନ୍ଦୁ ଶେଖର ମେହେର ଓ ଅଭିଲାଷ ପଟ୍ଟନାୟକ ବିଭାଗ ଓ ସଂଭାଗ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ବାଲବର୍ଗ କଥା କଥନରେ ଇଚ୍ଛାମୟ ମିଶ୍ର ଓ କିଶୋର ବର୍ଗ ବିଜ୍ଞାନ ପ୍ରକଳ୍ପରେ ଲୁକେଶ୍ୱର ଛତ୍ରିଆ ପ୍ରଥମ ସ୍ଥାନ ଅଧିକାର କରଛନ୍ତି।

### ୫ ଫୁଟ୍‌ର ଅଜଗର ଉଦ୍ଧାର

**କର୍ଲାମୁଣ୍ଡା,୨୬।୮ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଙ୍ଗା ପଞ୍ଚାୟତର ବିନ୍ଧାଣି ଗ୍ରାମର ତେଲନଦୀ ନିକଟରୁ ସୋମବାର ବନ ବିଭାଗ ୫ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର କରିଛି। କୌଣସି ସୂତ୍ରରୁ ଖବର ପାଇ ମଦନପୁର ସେକ୍ସନର ବନପାଳ ସମ୍ପଦ କୁମାରଙ୍କ ନେତୃତ୍ୱରେ ବନ କର୍ମଚାରୀ ଓ ସାପଧରାଳି ଘଟଣାସ୍ଥଳରେ ପହଞ୍ଚି ସାପକୁ ଧରି ସୁନାମୁଖୀ ସଂରକ୍ଷିତ ଜଙ୍ଗଲ ନରସିଂହପୁରଠାରେ ଛାଡ଼ିଦେଇଛନ୍ତି। ଉଦ୍ଧାରକାରୀ ଟିମ୍‌ରେ ରମେଶ ନାଗ, କ୍ରିଷ୍ଣା ନାଗ, ସତ୍ୟବାନ ନାଗ, ଫରେଷ୍ଟ ଗାର୍ଡ ସତ୍ୟମ ମାଝି, ଗୋପୀନାଥ ନାଏକ ପ୍ରମୁଖ ସାମିଲ ହୋଇଥିଲେ।



କୃଷ୍ଣ ବେଶରେ କୁନି ପିଲାମାନେ।

# କୃଷ୍ଣମୟ ହେଲା ବିଦ୍ୟାଳୟ ପରିସର

**ଭବାନୀପାଟଣା, ୨୬।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ରଜବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପ୍ରାରମ୍ଭଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୯୦ଜଣ ଶିଶୁ ଭାଇଭଉଣୀଙ୍କ ହଟିଆ ନାଗର ବେଶରେ ବିଦ୍ୟାଳୟ ପରିସର କୃଷ୍ଣମୟ ହୋଇଯାଇଥିଲା। ଏହି ଭକ୍ତିମୟ ପରିବେଶରେ ବିଦ୍ୟାଳୟ ପକ୍ଷରୁ ଦହି ହାଣ୍ଡି ଫଟା, ଶିଶୁ ମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ଇତ୍ୟାଦି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବରେ ବିଶିଷ୍ଟ ପ୍ରବଚକ ସ୍ୱାମୀଜୀ ରାମଦାସ ରାମାୟଣୀ ଯୋଗଦେଇ କୃଷ୍ଣ କଥାମୃତ, କୃଷ୍ଣରସ, ଭାଗବତ ଗୀତା ତତ୍ତ୍ୱ ଶୁଣାଇଥିଲେ। କାର୍ଯ୍ୟକ୍ରମକୁ ଜୟରାମ ସାହୁ ଓ ରଶ୍ମିତା ପଣ୍ଡା ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରଧାନ, ସୁମତୀ ମୁଣ୍ଡ, ସନ୍ତୋଷିନୀ ଆଚାରୀ, ବନଶ୍ରୀ ଦାଶ, ଝୁନଲତା ସାମନ୍ତରାୟ, ରୁଦ୍ର ନାରାୟଣ ସିଂ, ମୋନାଲିସା ମହାପାତ୍ର, ସୁନିତା ନାୟକ, ରଶ୍ମିତା ମିଶ୍ର ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଗୋଦାବରୀ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଶିଶୁମନ୍ଦିର ପ୍ରମୁଖ ମନୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଲାଞ୍ଜିଗଡ଼-ଶାନ୍ତି ନଗରପଡ଼ା ରାସ୍ତା ମରଣଯନ୍ତା

**ଲାଞ୍ଜିଗଡ,୨୬।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ପଞ୍ଚାୟତର ଶାନ୍ତି ନଗରଠାରୁ ସାପ୍ତାହିକ ବଜାରକୁ ସଂଯୋଗ କରୁଥିବା ମାଟି ରାସ୍ତା ମରଣଯନ୍ତା ପାଲଟିଛି। ଏହାର ମରାମତି ପାଇଁ ଲାଞ୍ଜିଗଡ ପଞ୍ଚାୟତ କର୍ତ୍ତୃପକ୍ଷ କି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ ଦାୟିତ୍ୱ ନେଇଥିବା ବେଦାନ୍ତ କମ୍ପାନୀକୁ ପଡ଼ାବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁ ନ ଥିବା ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ ପଞ୍ଚାୟତ, ବ୍ଲକ ଓ ପରେ ଜିଲାପାଳଙ୍କୁ ଅଞ୍ଚଳବାସୀ ଜଣାଇବା ପରେ ଲାଞ୍ଜିଗଡ ପଞ୍ଚାୟତ ପକ୍ଷରୁ ୨୦୨୦-୨୧ ମସିହାରେ ସାପ୍ତାହିକ ବଜାରଠାରୁ ଶାନ୍ତିନଗର ପଡା ପର୍ଯ୍ୟନ୍ତ ୩୦୦ ଶହ ମିଟର ନୂତନ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ ରାସ୍ତା ତିଆରି ହୋଇଥିଲା। ହେଲେ ନିମ୍ନମାନର କାମ ନେଇ ପଡାବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପଦକ୍ଷେପ ନିଆ ନ ଯିବା ଫଳରେ ମାତ୍ର ୬ ମାସ ମଧ୍ୟରେ ରାସ୍ତାଟି ମରଣଯନ୍ତା ପାଲଟିଥିଲା। ଏହି ରାସ୍ତା ଦେଇ ଶାନ୍ତି ନଗର ପଡାବାସୀଙ୍କ ସମେତ ଗୋଇପଟା, ପୂଜାରିପଡା ଓ କଲୋନି ପଡାବାସୀ ଯାତାୟାତ କରୁଥିବା ବେଳେ ୪ ବର୍ଷ ହେଲା ଶୋଚନୀୟ ଅବସ୍ଥା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପଞ୍ଚାୟତ, ବ୍ଲକ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଶୁଣୁ ନ ଥିବା ପଡାବାସୀ ପ୍ରକାଶ କରିଛନ୍ତି। ରାସ୍ତା କାମ ଶୀଘ୍ର କରା ନ ଗଲେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ରାସ୍ତା ଶୋଚନୀୟ ହୋଇଥିବା ଖବର ମିଳିଛି। ୨୦୨୪-୨୫ ପାଣ୍ଠି ଆସିଲେ ରାସ୍ତାକାମ କରାଯିବ ବୋଲି ପ୍ରକାଶ କରିଥିଲେ।



ଶାନ୍ତିନଗରପଡ଼ା ରାସ୍ତା ଶୋଚନୀୟ ହୋଇଛି।

## ଯୋଗ ଓ ଉଚ୍ଚ ସଂସ୍କାର କାର୍ଯ୍ୟକ୍ରମ

**ନୂଆପଡ଼ା,୨୬।୮ (ମକାରୁ ବେମାଲ)**

ନୂଆପଡ଼ା ମହିଳା ଉତ୍ଥାନ ମଣ୍ଡଳ ଓ ଯୋଗ ବେଦାନ୍ତ ସେବା ସମିତି ଜାମଲି ପକ୍ଷରୁ ଯୋଗ ଓ ଉଚ୍ଚ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରମେଶ ଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଟେନଭୂଆଁ ଓ ସିଆଲଲଟି ଆଶ୍ରମ ବିଦ୍ୟାଳୟରେ ଯୋଗ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ, ପ୍ରାଣାୟାମ, ବ୍ୟାୟାମ ପ୍ରଶିକ୍ଷଣ ଦିଆଯିବା ସହ ସତ୍‌ସଙ୍ଗ ମାଧ୍ୟମରେ ବୌଦ୍ଧିକ, ଆଧ୍ୟାତ୍ମିକ, ମୁନିଋଷିଙ୍କ ଜୀବନୀ ଉପରେ ଆଧାରିତ ପ୍ରଶ୍ନଉତ୍ତର କରାଯାଇଥିଲା। ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ସରଳ ଜୀବନଯାପନ ଉପରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଦୀନନାଥ ସତ୍‌ନାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରହ୍ମଚାରୀ ମହେନ୍ଦ୍ର ସାହୁ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଶତପଥୀ, ତରଙ୍ଗ ପଟେଲ, ହୃଦୟ କିଶୋର ପଟେଲ, ବାସନ୍ତୀ ପଟେଲ, ବିନୋଦିନୀ ଦାସ, ପୁଷ୍ପାଞ୍ଜଳି ରାଉତ, ଦ୍ରୌପଦୀ ରାଉତ, ଈଶ୍ୱରୀ ରାଉତ, ଚଞ୍ଚଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

**ବେହେରା,୨୬।୮ (ଭୂପେଶ ତିୱାରୀ):** କାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରାରମ୍ଭଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ରାଧା, କୃଷ୍ଣ, ବଳରାମ, ବସୁଦେବ ବେଶ ହୋଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

## ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଉଦ୍ୟମ

**ଜୟପାଟଣା,୨୬।୮ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡା ଚାରିଛକଠାରେ ଥିବା ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି। ପ୍ରତିମୂର୍ତ୍ତିକୁ ପଥରରେ ଆଘାତ କରାଯିବା ସହ ମୂର୍ତ୍ତି ତଳରେ ଲାଗିଥିବା ମାର୍ବଲକୁ ଭଙ୍ଗାଯାଇଛି। ସେହିପରି ବାବା ସାହେବଙ୍କ ପୁଷ୍ପମାଲ୍ୟ ଓ ଚଷମାକୁ କାଢି ଫିଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ଥାନାରେ ଅଭିଯୋଗ

ସ୍ଥାନୀୟ ଡ଼. ଆମ୍ବେଡ଼କର ଜାଗୃତି ମଞ୍ଚ ଏଭଳି କାର୍ଯ୍ୟକୁ ଦୃଢ ନିନ୍ଦା କରିଛି। ଘଟଣାରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ ଜୟପାଟଣା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ମଞ୍ଚ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଏହା ପରେ ଜୟପାଟଣା ପୋଲିସ ଘଟଣାସ୍ଥଳକୁ ଆସି ସିସି ଟିଭି ଯାଞ୍ଚ କରିବା ସହ ଅଧିକ ତଦନ୍ତ ଚଳାଇଛି।



ଆମ୍ବେଡ଼କର ଜାଗୃତି ମଞ୍ଚ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯାଉଛି।

## ଏନ୍‌ଆର୍‌ବିସି ଶିକ୍ଷକ ସଂଘର ବୈଠକ

**କୋକସରା,୨୬।୮ (ଦୁଷ୍ମନ୍ତ କୁମାର ପାଢଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ କୁସୁମଖୁଣ୍ଟି ଶିଶୁମନ୍ଦିର ପ୍ରାଙ୍ଗଣରେ ରବିବାର ଏନ୍‌ଆର୍‌ବିସି ସଂଘ କୋକସରା ଶାଖା ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୈତନ୍ୟ ପୁଞ୍ଜି ସଭାପତିତ୍ୱ କରିଥିଲେ। ୨୦୦୭-୦୮ ଶିକ୍ଷାବର୍ଷର ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ଏନ୍‌ଆର୍‌ବିସି/ଆର୍‌ବିସି ଶିକ୍ଷକ ଛଟେଇ ହୋଇଥିବାରୁ ସେମାନଙ୍କୁ ଶିକ୍ଷକ ଭାବେ ପୁନଃ ନିଯୁକ୍ତି ପାଇଁ ଆଲୋଚନା କରାଯାଇଥିଲା। ଓପେପା ଚିଠି ସଂଖ୍ୟା ୯୫୪୫/ଇଜିଏସ୍ ତା୨୭।୧୨।୨୦୦୬ ଅନୁସାରେ ନିଯୁକ୍ତି ପ୍ରଦାନକରି ୨୦୦୭ ଡିସେମ୍ବରରେ ଛଟେଇ କରିଥିଲେ। ଏହି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆର୍‌ପି ତନୁକଲାଲ ନାଗ, ରୂପେନ୍ଦ୍ର ସୁନାନୀ, ହୃଦୟମଣି ସୁନା, ହୋମ ପ୍ରକାଶ ନାଏକ, ବିଘ୍ନ ବିହାରୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ଲାମୁଣ୍ଡାରେ ଆୟୁଷ୍ମାନ ଆରୋଗ୍ୟ ଶିବିର



ରେଗଡ଼ାଠାରେ ଡାକ୍ତର ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି।

**କର୍ଲାମୁଣ୍ଡା,୨୬।୮ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିସିନ ବିଶେଷଜ୍ଞ ଡା. ବିଶ୍ୱଜିତ ମୁଣ୍ଡ, ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଆଶିଷ କୁମାର ଧରୁଆ, ଡା. ଅଖିଳେଶ ସାମଲ ଯୋଗଦେଇ ୧୩୨ ଜଣ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଥିଲେ। ବ୍ଲକ୍ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦାଶ, ସିଏଚ୍‌ଓ ପ୍ରମୋଦ ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ବିଜୟା ମାଝି ଶିବିର ଆୟୋଜନରେ ସହଯୋଗ କରିଥିଲେ। ସେହିପରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେଗଡ଼ାଠାରେ ଅନୁଷ୍ଠିତ ଶିବିରରେ ଉଚ୍ଚ ରକ୍ତଚାପ ୧୩, ମଧୁମେହ ୭ ଓ ଅନ୍ୟାନ୍ୟ ୩୫ ଏପରି ସମୁଦାୟ ୫୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ରେଗଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଲଭ୍‌ଲି ସାହୁ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କମ୍ୟୁନିଟି ହେଲ୍‌ଥ ଅଫିସର କାଳୀପ୍ରସାଦ ହୋତା, ମହିଳା ସ୍ୱାସ୍ଥ୍ୟକର୍ମୀ ସଙ୍ଗୀତା ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ରଶି ଲଗାଇ ଆତ୍ମହତ୍ୟା

**ଖଡ଼ିଆଳ,୨୬।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ନେହେନା ଗ୍ରାମର ରଘୁନାଥ ବାଗ (୫୬) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପୁଅ ଘନଶ୍ୟାମ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ରଘୁନାଥଙ୍କ ମସ୍ତିଷ୍କ ଖରାପ ଥିବାବେଳେ କିଛିଦିନ ପୂର୍ବେ ରାୟପୁରରେ ଚିକିତ୍ସିତ ହୋଇ ଫେରିଥିଲେ। ରବିବାର ସକାଳୁ ସେ ଘରୁ ବାହାରି ସୋମବାର ସକାଳ ପର୍ଯ୍ୟନ୍ତ ଆସି ନ ଥିଲେ। ପୂର୍ବାହ୍ନ ୧୦ଟା ସମୟରେ ନେହେନା ପଞ୍ଚାୟତଠାରୁ ୨ଶହ ମିଟର ଦୂରରେ ଥିବା ଏକ ଲିମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମାମଲା (ନଂ.୧୯/୨୪) ରୁଜୁ ହୋଇଛି।

## ଅଙ୍ଗନୱାଡି ପିଲାଙ୍କୁ ନିମ୍ନମାନର ଡ୍ରେସ୍ ଯୋଗାଣ

**ଗୋଲାମୁଣ୍ଡା,୨୬।୮ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମଣ୍ଡା ବ୍ଲକ୍‌ର ଅଙ୍ଗନୱାଡି ପିଲାଙ୍କୁ ନିମ୍ନମାନର ଡ୍ରେସ୍ ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବ୍ଲକ୍‌ରେ ମୋଟ ୧୮୪ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ମୋଟ ୪୧୮୮ ପୁଅ ଓ ୪୦୬୬ ଜଣ ଝିଅ ପଢୁଛନ୍ତି। ପ୍ରତ୍ୟେକଙ୍କୁ ୨ହଳ ଡ୍ରେସ୍ ଯୋଗାଣ ପାଇଁ ନିୟମ ରହିଛି। ପୁଅ ପିଲାଙ୍କ ହଲେ ଡ୍ରେସ୍ ପାଇଁ ୧୦୦ଟଙ୍କା ଓ ଝିଅ ପିଲାଙ୍କ ହଳେ ପୋଷାକ ପାଇଁ ୧୫୦ଟଙ୍କା ବ୍ୟବସ୍ଥା ରହିଛି। ଏହି ଡ୍ରେସ୍ ଯୋଗାଣ କରିବାକୁ ବ୍ଲକ୍‌ର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱ ନେଇଛନ୍ତି। ଏଥିମଧ୍ୟରୁ ମା' ମଙ୍ଗଳା ଗୋଷ୍ଠୀ ବଡ଼ଚେରଗାଁର ୮୦୫, ମହାଲିଙ୍ଗ ପଞ୍ଚାୟତର ୧୦୨୪, ଫରଙ୍ଗର ୯୭୫ ଓ କେଗାଁର ୭୫୦ ପୁଅଝିଅଙ୍କୁ ପୋଷାକ ଯୋଗାଇବ। ପୂର୍ଣ୍ଣମାସୀ ମହିଳା ଗୋଷ୍ଠୀ ବୃନ୍ଦାବାହାଲର ୧୨୨୩, ମହାଶକ୍ତି ମହିଳା ଗୋଷ୍ଠୀ ମାନଝେର ପଞ୍ଚାୟତର ୧୦୫୯ ଏବଂ ଶିବାନୀ ଗୋଷ୍ଠୀ ଗୋଲାମୁଣ୍ଡାର ୯୫୨ ପୁଅଝିଅଙ୍କୁ ପୋଷାକ ଯୋଗାଇବେ। ବିଗତ ଦିନରେ ଏହି ୪ ଗୋଷ୍ଠୀ ପୋଷାକ ଯୋଗାଣ କରିଥିଲେ ମଧ ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଥିଲା। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା କଥା, ସିଧାସଳଖ ଯଦି ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ଯୋଗାଣ କରନ୍ତା ହୁଏତ କପଡ଼ାର ମାନ ଭଲ ରହନ୍ତା। ହେଲେ ମଧ୍ୟସ୍ଥ ବେପାରୀ ପଶିଆସିବାରୁ କପଡ଼ାର ମାନ ରହୁନାହିଁ। ଦୀର୍ଘ ଦିନରୁ ଏହି ୪ ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ଯୋଗାଣ କରିଆସୁଥିବାରୁ ବ୍ଲକ୍‌ର ଅନ୍ୟ ଗୋଷ୍ଠୀ ଏଥିରୁ ବଞ୍ଚିତ ହେଉଛନ୍ତି। କେଉଁ ଆଧାରରେ ଏମାନଙ୍କୁ ଲଗାତର ଏହି ସୁବିଧା ଦିଆଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଚରିତା ମହାପାତ୍ରଙ୍କୁ ପଚାରିବାରୁ ଅତିରିକ୍ତ ଦାୟିତ୍ୱରେ ଥିବାରୁ ଏ ବିଷୟରେ କିଛି ନ କହି ନୂତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦାନ କରିବା ପରେ ତାଙ୍କୁ ପଚାରିବେ ବୋଲି କହି ଫୋନ୍ କାଟି ଦେଇଥିଲେ। ଜିଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

**କୋକସରା,୨୬।୮ (ଦୁଷ୍ମନ୍ତ କୁମାର ପାଢଯୋଷୀ)**

କୋକସରା ବ୍ଲକ୍‌ର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଶିଶୁମନ୍ଦିରରେ ପହଞ୍ଚିଥିଲେ। ପ୍ରଧାନ ଆଚାର୍ଯ୍ୟ ଭବାନୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ମୀନକେତନ ପ୍ରଧାନୀ, ତହସିଲ କର୍ମଚାରୀ ଅମିୟ ପ୍ରଧାନୀ, ସମ୍ପାଦକ ସୁନୀଲ କୁମାର ପ୍ରଧାନୀ ଯୋଗଦେଇ ଏହି ଦିବସର ପୌରାଣିକ ଦିଗ ଓ ବର୍ତ୍ତମାନ ସମାଜରେ ଏହାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଖଗେଶ୍ୱର ରଣା, ଗୁରୁମା ମାଧୁରୀ ମୁଣ୍ଡ, ଅନୁପମା ପଟ୍ଟନାୟକ, ରଶ୍ମିତା ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ଜୟଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍‌ର କୋକସରା, କୁସୁମଖୁଣ୍ଟି, ଲଡୁଗାଁ, କାଉଡୋଳା, ଆମପାଣି ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ହୋଇଛି।



ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରଛାତ୍ରୀ।

## ମହିଳାଙ୍କ ଆଧାରକାର୍ଡ ନେଇ ଲକ୍ଷାଧିକ ଟଙ୍କା ଠକେଇ

**ନୂଆପଡ଼ା,୨୬।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁର ଆଦିବାସୀ ମହିଳାଙ୍କ ଆଧାରକାର୍ଡ ନେଇ ଜଣେ ଯୁବକ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ସୋମବାର ତରବୋଡ ଫାଣ୍ଡିରେ ଠକେଇର ଶିକାର ହୋଇଥିବା ମହିଳାମାନେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ୨୦୨୧-୨୨ ଓ ୨୩ରେ ବନ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୋଙ୍ଗାଘାଟି ରାସ୍ତାଠାରୁ ପାଟି ଡଙ୍ଗର ଜଙ୍ଗଲରେ ଟ୍ରେଞ୍ଚ କମ ବୋଣ୍ଡିଂ (ଟିସିବି) କାମ ଚାଲିଥିଲା। ଶ୍ରମିକମାନେ ଆଧାରକାର୍ଡ, ଜବ୍‌କାର୍ଡ ଓ ଆକାଉଣ୍ଟ ନମ୍ବର ଦେଇ ବ୍ୟାଙ୍କ ଜରିଆରେ ପାରିଶ୍ରମିକ ପାଉଥିଲେ । ସେହି ସୁଯୋଗ ନେଇ ଭାଲୁକୋନା ଗାଁର ଜଣେ ଯୁବକ ଗାଁ ମହିଳାମାନଙ୍କ ପାଖକୁ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା ପଡ଼ିବ କହି ସେମାନଙ୍କ ଆଧାରକାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ନଂ. ନେଇଥିଲେ। ପରେ ସେ ଅନ୍ୟ ଏକ ବ୍ୟାଙ୍କରେ ରଣ କରି ଆକାଉଣ୍ଟରେ ଟଙ୍କା ପଡିଲା ପରେ ଗାଁର ମହିଳାମାନଙ୍କୁ ନେଇ ବ୍ୟାଙ୍କରୁ ଟିପଚିହ୍ନ ନେଇ ଟଙ୍କା ଉଠାଣ କରିଥିଲେ। ସରଳ ଆଦିବାସୀ ମହିଳାମାନେ ତାଙ୍କ କଥାରେ ବିଶ୍ୱାସ କରି ବ୍ୟାଙ୍କରୁ ଉଠାଣ ପରେ ତାଙ୍କ ହାତକୁ ଟଙ୍କା ଦେଇଥିଲେ। ପରେ ଏକ ହଜାର ଲେଖାଏ ମହିଳାମାନଙ୍କୁ ଦେଇ ବାକିତକ ଟଙ୍କା ଯୁବକ ଜଣକ ଠକି ନେଇଥିଲେ। ଠକାମୀର ଶିକାର ହୋଇଥିବା ଜାଣିବା ପରେ ମହିଳାମାନେ ତରବୋଡ ଫାଣ୍ଡିରେ ସୋମବାର ସମ୍ପୃକ୍ତ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଗାଁରେ ୩୫ ଜଣ ମହିଳାଙ୍କ ନାମରେ ଯୁବକ ଜଣକ ରଣ କରିଥିବା ଜଣାପଡିଛି। ଜଣେ ମହିଳାଙ୍କ ଆକାଉଣ୍ଟରେ ୩୦ ହଜାରରୁ ଆରମ୍ଭ କରି ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ରଣ ହୋଇଛି । ସମ୍ପୃକ୍ତ ଯୁବକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗାଁର ମହିଳା ବାସନ୍ତି ମାଝି, ସୁମିତ୍ରା ମାଝି, କୁନ୍ତି ମାଝି, ବୁଧବାରୀ ମାଝି, ଯମୁନା ରାଉତ, ଚଞ୍ଚଳା ମାଝି, ଭାନୁମତି ମାଝି, ପୁତନେ ମାଝି, କୁନ୍ତଳା ମାଝି ପ୍ରମୁଖ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ତରବୋଡ ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସଙ୍କୁ ପଚାରିବାରୁ ଭାଲୁକୋନା ଗାଁର ମହିଳାମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଥିଲେ।



ଠକେଇର ଶିକାର ହୋଇଥିବା ମହିଳାମାନେ।

# ଜଳାଶୟକୁ ପଶୁଛି ଡାକ୍ତରଖାନା ଆବର୍ଜନା

- ଜିଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା
- ଜିଲାପାଳ, ଜନ ପ୍ରତିନିଧିଙ୍କ ଆଲୋଚନା
- ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ପ୍ରତିଶ୍ରୁତି


ଟୁକୁର୍ଲା ଗ୍ରାମର ଜଳାଶୟ।


ଜିଲା ମୁଖ୍ୟ ଡାକ୍ତରଖାନାରେ ବିକ୍ଷୋଭ।

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲା (ଖେଦାପାଲି)ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାର ଆବର୍ଜନା ନିକଟସ୍ଥ ଏକ ଜଳାଶୟକୁ ପଶୁଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟୁକୁର୍ଲା ଗ୍ରାମର ଶତାଧିକ ଗ୍ରାମବାସୀ ଡାକ୍ତରଖାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଡାକ୍ତରଖାନାର ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ୪କୋଟି ଟଙ୍କା ମଞ୍ଜୁର ହୋଇ ସାରିଥିବା ନେଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସୂଚନା ଦେବା ପରେ ଆନ୍ଦୋଳନ ଥମିଥିଲା।

ପ୍ରକାଶ ଯେ, ବରଗଡ଼ ସହରଠାରୁ ପ୍ରାୟ ୮କି.ମି ଦୂର ଟୁକୁର୍ଲା(ଖେଦାପାଲି)ରେ ଜିଲା ମୁଖ୍ୟ ଡାକ୍ତରଖାନା ରହିଛି। ଡାକ୍ତରଖାନାର ଅନତିଦୂରରେ ଟୁକୁର୍ଲା ଗ୍ରାମବାସୀଙ୍କ ପ୍ରାୟ ୮୪ଏକର ପରିମିତ ଏକ ଜଳାଶୟ ରହିଛି। ଉକ୍ତ ଜଳାଶୟରେ ଲୋକେ ପୂଜାପାଠ ସହିତ ସ୍ନାନ କରିଥାନ୍ତି। କିନ୍ତୁ ଜିଲା ମୁଖ୍ୟ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ପରଠାରୁ ଜଳାଶୟ ପାଣି ଦୂଷିତ ହେବାରେ ଲାଗିଛି। ଡାକ୍ତରଖାନାରୁ ନିର୍ଗତ ମଇଳା ପାଣି ସହିତ ବ୍ୟବହୃତ ବ୍ୟାଣ୍ଡେଜ କପଡ଼ା, ତୁଳା, ସାଲାଇନ ବୋତଲ ଆଦି ଆବର୍ଜନା ଜଳାଶୟ ଭିତରକୁ ପଶୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଦୂଷିତ ପାଣି ବ୍ୟବହାର କରି ଲୋକେ ବିଭିନ୍ନ ସଂକ୍ରାମକ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିବା କହିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ନେଇ ଉତ୍ତେଜନା ଦେଖାଯାଇଥିଲା।

ଗ୍ରାମର ଶତାଧିକ ଲୋକ ଡାକ୍ତରଖାନାରେ ପହଞ୍ଚିଥିଲେ ଏବଂ ସେହି ସମସ୍ୟା ପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ଆନ୍ଦୋଳନ ଚାଲିଥିବାବେଳେ ଡାକ୍ତରଖାନାରେ ନୂତନ ସି.ଟି ସ୍କାନ ମେଶିନ ଉଦ୍‌ଘାଟନ ପାଇଁ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ଲୋକେ ଜଳାଶୟ ପାଣି ସମସ୍ୟା ନେଇ ସେମାନଙ୍କୁ ଅବଗତ କରିଥିଲେ। ପରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସେଠାରେ ପହଞ୍ଚି ଡାକ୍ତରଖାନା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥିବା ସୂଚନା ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

## ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସମସ୍ୟା ଅସମାହିତ ହୋଇ ରହିଛି। ଡାକ୍ତର ଅଭାବ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ସେହିପରି କେତେବେଳେ ଦୀର୍ଘ ସମୟ ଧରି ଡାକ୍ତରଖାନାକୁ ବିଦ୍ୟୁତ୍ କାଟ୍ ହେଉଥିବାବେଳେ ଆଉକେତେବେଳେ ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା ଚାଲିବା ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ଦିନବେଳା ମୋବାଇଲ ଟର୍ଚ୍ଚ ଆଲୁଅ ଦେଖାଇ ରୋଗୀଙ୍କ ହାତରୁ ରକ୍ତ ସଂଗ୍ରହ କରିବା ଘଟଣା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଏକ ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ ଜଣେ ନର୍ସିଂ ଛାତ୍ରୀ ରୋଗୀଙ୍କ ହାତରୁ ସିରିଞ୍ଜରେ ରକ୍ତ ସଂଗ୍ରହ ପାଇଁ ନିଡିଲ୍ (ଛୁଞ୍ଚି) ପୂରାଉଛନ୍ତି। ଆଉ ସେତେବେଳେ ଅନ୍ୟ ଜଣେ ମୋବାଇଲ ଟର୍ଚ୍ଚରେ ଆଲୁଅ ଦେଖାଉଛନ୍ତି। ଏହାସତ୍ତ୍ୱେ ରକ୍ତ ସଂଗ୍ରହ ହୋଇପାରୁ ନ ଥିବା ଯୋଗୁ ବାରମ୍ବାର ରୋଗୀଙ୍କ ହାତରେ ଛୁଞ୍ଚି ପୂରାଯାଇଥିବା ଜଣାପଡିଛି।

## ଭୁତଟିକ୍ରାରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା କଲା ମାହେଶ୍ୱରୀ ଗ୍ରୁପ୍

ସରଣ୍ଡା, ୨୬।୮(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଭୁତଟିକ୍ରା ଗ୍ରାମରେ ସୋମବାର ମାହେଶ୍ୱରୀ ଗ୍ରୁପ ଅଫ ଇଷ୍ଟିଚ୍ୟୁସନ ପକ୍ଷରୁ ବୀର ବଜରଙ୍ଗଙ୍କ ଶୀଳା ସ୍ଥାପନ ସହ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଏବଂ ନାମ ମଣ୍ଡଳୀର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ବୁଗବୁଗା ଅଞ୍ଚଳବାସୀଙ୍କ ସମେତ ଆଖ ପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଏଥିରେ ବରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ ଇଷ୍ଟଚ୍ୟୁସନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଫକିର କର୍ଣ୍ଣ ଏବଂ ତାଙ୍କ ସହଧର୍ମିଣୀ ସନ୍ତୋଷିନୀ କର୍ଣ୍ଣ ସପତ୍ନୀକ କର୍ତ୍ତା ଦାୟିତ୍ୱ ବାହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଗବୁଗା ପଞ୍ଚାୟତର ସମିତି ସଭ୍ୟ କୈଳାସ ଚନ୍ଦ୍ର ଧରୁଆ, ରେମଣ୍ଡା ଗ୍ରାମର ଅଭିନେତା ଛବିଳ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ । ପଣ୍ଡିତ ପାରେଶ୍ୱର କର ମୁଖ୍ୟ ପୁରୋହିତ ଥିବା ବେଳେ ପଣ୍ଡିତ ଦିବାକର ତ୍ରିପାଠୀ ପୂଜାପାଠ କାର୍ଯ୍ୟରେ ସହଯୋଗ କରିଥିଲେ। ଭୁତଟିକ୍ରାର ସମସ୍ତ ଗ୍ରାମବାସୀ ପୂଜାକାର୍ଯ୍ୟରେ ଉପସ୍ଥିତ ରହି ବୀର ବଜରଙ୍ଗଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପରିଚାଳନାରେ ସହଯୋଗ କରିଥିଲେ।


ଭୁତଟିକ୍ରାରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଅବସରରେ ପୂଜାପାଠ କରି ଧ୍ୱଜା ପରିକ୍ରମା ଚାଲିଛି।

## ସଂକ୍ଷେପରେ

### ସି.ଟି ସ୍କାନ ସେବା ଲୋକାର୍ପିତ

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ଟୁକୁର୍ଲା(ଖେଦାପାଲି) ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ସୋମବାର ନିଃଶୁଳ୍କ ସି.ଟି ସ୍କାନ ସେବା ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ସି.ଟି ସ୍କାନ ବ୍ୟବସ୍ଥା ନ ଥିବା ଯୋଗୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଣିକି ଜିଲା ମୁଖ୍ୟ ଡାକ୍ତରଖାନାରେ ନିଃଶୁଳ୍କ ସି.ଟି ସ୍କାନ ସେବା ମିଳିବ ବୋଲି ସୂଚନା ଦିଆଯାଇଛି।

### ବରିଷ୍ଠ ନାଗରିକ ସଂଘର କବିତା ପାଠୋତ୍ସବ

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିଳା ସମିତି କାର୍ଯ୍ୟାଳୟରେ ଦେଶାତ୍ମବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଗୌନ୍ତିଆ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି, ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ଗୋବିନ୍ଦ ଦାଶ, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର, ଉପସଭାପତି ନିର୍ମଳ କିଶୋର କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସର୍ଦ୍ଦାର ପ୍ରୀତମ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୦ଜଣ କବି ଅଂଶଗ୍ରହଣ କରିଥିଲେ।

## ସଂସ୍କାର ସ୍କୁଲରେ ସ୍ୱାଗତ ସମାରୋହ



ସ୍ୱାଗତ ସମାରୋହରେ ଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

ବରଗଡ଼,୨୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଫ୍ରେସରେଷ୍ଟା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲକୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିଆ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଡ଼ ପ୍ରଦାନ ସହିତ ଆଶୀର୍ବାଦ ଦେଇଥିଲେ। ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ପ୍ରିନ୍ସପାଲ କରନ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାଓ୍ୱଡ଼ିଆ, ଏକାଡ଼େମିକ ସଂଯୋଜିକା ସୀମା ସାହୁ, ସଂଯୋଜିକା ମମତା ସିହ୍ନା, ରୀତା ନାୟକ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏକାଦଶ ଶ୍ରେଣୀର ଛାତ୍ର ହିମାଂଶୁ ସିହ୍ନା ଗୀତ ପରିବେଷଣ କରିଥିଲେ। ସ୍କୁଲର ଚେୟାରମ୍ୟାନ ସାଓ୍ୱଡ଼ିଆ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରିନ୍ସପାଲ ସାହୁ ବାଧାବିଘ୍ନକୁ ଭୟ ନ କରି ଉଚିତ୍ ବାଟରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


କୁନିକୁନି ଛାତ୍ରୀଛାତ୍ର ରାଧା, କୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

## ନବାନ୍ନ ପାଇଁ ଲଗ୍ନ ଘୋଷଣା

ବରପାଲି,୨୬।୮(ଚିତ୍ତରଞ୍ଜନ ସାହୁ)

ବରପାଲି ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ନବାନ୍ନ ପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ସୋମବାର ବରପାଲି ବ୍ରାହ୍ମଣ ସମାଜର ବିଶିଷ୍ଟ ପଣ୍ଡିତଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଏହି ଲଗ୍ନ ଘୋଷଣା କରାଯାଇଛି। ଆସନ୍ତା ଇଂରାଜୀ ମାସ ସେପ୍ଟେମ୍ବର ୮ ତାରିଖ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ବିଶୁଦ୍ଧ ତୁଳା ଲଗ୍ନର ବୃଷ ନବାଂଶେ ପୂର୍ବାହ୍ନ ୧୦.୧୧ମିନିଟରୁ ୧୦.୨୬ ମିନିଟ ମଧ୍ୟରେ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଲାଗି ହେବ। ଏହି ବୈଠକରେ ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତା, ଡ. ସରୋଜ କୁମାର ଦାଶ, ପଣ୍ଡିତ ହେମନ୍ତ ମିଶ୍ର, ପୀନାକୀ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ରବୀନ୍ଦ୍ର ଦାଶ, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗାଇସିଲେଟରେ ଜନ୍ମାଷ୍ଟମୀ

ଗାଇସିଲେଟ,୨୬।୮(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ରାଧା-କୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁମନ୍ଦିରରେ ଭଗବାନ ଜନ୍ମ ଉତ୍ସବରୁ ବସୁଦେବଙ୍କ ଦ୍ୱାରା ଟୋକେଇରେ ଯମୁନା ପାରିକରିବାର ଦୃଶ୍ୟ ନାଟକିଅ ଢଙ୍ଗୀରେ ଉପସ୍ଥାପନ ହୋଇଥିଲା। ପରେ ଗୋପାଳ ବାଳକ ଓ ଗୋପୀଙ୍କ ନୃତ୍ୟ ପରିବେଷଣ କରାଯାଇଥିଲା। ଚଳିତବର୍ଷ ନନ୍ଦ ଭୂମିକାରେ ଆଦିକନ୍ଦ ପୁରୋହିତ ଓ ଯଶୋଦା ଭୂମିକାରେ ସୁବର୍ଣ୍ଣ ପୁରୋହିତ, ବସୁଦେବ- ମୁକେଶ ସାହୁ ଓ ଉଗ୍ରେସନ ଭୂମିକାରେ ମହେନ୍ଦ୍ର ସାହୁ ଅଭିନୟ କରିଥିଲେ। ପଣ୍ଡିତ ପିଣ୍ଟୁ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଧର୍ମାନନ୍ଦ ମହଲା ଓ ଅରୁଣ ପାଣିଗ୍ରାହୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ଅଗ୍ନି ଦୁର୍ଘଟଣା ରୋକିବାକୁ ସଚେତନତା

ବରଗଡ,୨୬।୮(ପ୍ରେମାନନ୍ଦ ଖମାରୀ)

ବରଗଡର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଅଗ୍ନି ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ଏକାଡେମିକ ସଂଯୋଜିକା ସୀମା ସାହୁ, ସଂଯୋଜିକା ମମତା ସିହ୍ନା, ରୀତା ନାୟକଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ସହକାରୀ ସଂଯୋଜକ ଜିତେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ସହକାରୀ ଅଗ୍ନିଶମ ଅଧିକାରୀ ସୁଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ଅଗ୍ନି ଦୁର୍ଘଟଣାରୁ ରକ୍ଷା ପାଇଁ କିଭଳି ସଚେତନତା ଅବଲମ୍ବନ କରାଯିବ ଏବଂ ଦୁର୍ଘଟଣାରୁ ଲୋକଙ୍କୁ ଉଦ୍ଧାର କରାଯିବ, ସେ ନେଇ ମକ୍‌ଡ୍ରିଲ କରିବା ସହିତ ସଚେତନତା ସୃଷ୍ଟି କରିଥିଲେ।


ଅଗ୍ନି ଦୁର୍ଘଟଣାରୁ ରକ୍ଷା ପାଇଁ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ମକ୍‌ଡ୍ରିଲ କରାଯାଉଛି।

## ପଲ୍ଲୀ ଶିକ୍ଷା ବିକାଶର ସ୍ୱପ୍ନ ଦେଖିଥିଲେ ବ୍ରଜମୋହନ

ସରଣ୍ଡା,୨୬।୮(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ଲରମ୍ବା କଲେଜରେ ଜନ୍ମାଷ୍ଟମୀ ଅବସରରେ କଲେଜର ୬୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଅତାବିରା ନିର୍ବାଚନମଣ୍ଡଳୀର ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ମୁଖ୍ୟବକ୍ତା ସରକାରୀ କଲେଜର ସହକାରୀ ଓଡ଼ିଆ ପ୍ରାଧ୍ୟାପକ ଡ. ଶ୍ୟାମ ଭୋଇ, କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ ମଞ୍ଚାସୀନ ଥିଲେ। ବକ୍ତାମାନେ ବ୍ରଜମୋହନ ପଣ୍ଡାଙ୍କ ଅବଦାନ ସହ କୃଷ୍ଣଙ୍କ ପ୍ରତିଭକ୍ତି ଭାବନାକୁ ଆଲୋଚନା କରିବା ସହ 'ପଲ୍ଲୀ ଶିକ୍ଷା ବିକାଶର ସ୍ୱପ୍ନ ଦେଖିଥିଲେ ବ୍ରଜମୋହନ '' ବୋଲି କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୋଧ କ୍ରମେ ଦିବ୍ୟାଙ୍ଗ ଛାତ୍ର ଅଜୟ କୁମାର ଭୋଇଙ୍କୁ ବିଧାୟକ ଲାପ୍‌ଟପ୍ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ଡ. ଶାନ୍ତିଲତା ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଯଶୋବନ୍ତୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶରେ ଜନ୍ମାଷ୍ଟମୀ ଉତ୍ସବ ପାଳନ

ବରଗଡ,୨୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ସହରଉପକଣ୍ଠବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ଏବଂ ଟ୍ରଷ୍ଟି ଡି. ରାମତୁଳସୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। କଠିନ ଧର୍ମର ପଥ ଅନୁସରଣ କରିବା ଏବଂ ଧର୍ମପଥରେ ଅଗ୍ରସର ହେଲେ ଭବିଷ୍ୟତ ଜୀବନ ସୁଖମୟ ହେବ ବୋଲି ମୁଖ୍ୟ ଅତିଥି କ୍ରୀଷ୍ଣା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କୁନି ଛାତ୍ରୀଛାତ୍ର ବାଳକୃଷ୍ଣ, ରାଧା ବେଶରେ ସଜ୍ଜିତ ହୋଇ ଦହିହାଣ୍ଡି ଖେଳ, ଦୋଳିଝୁଲା, ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଅବସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଭକ୍ତି ସମ୍ବଳିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବିକାଶ ଆବାସିକ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳନ କରାଯାଉଛି।

## ଡିଭିଆର୍ ଏଣ୍ଡ ଜିଆରସିଆର୍ ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ

ବରଗଡ,୨୬।୮(ପ୍ରେମାନନ୍ଦ ଖମାରୀ)

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ପରିସରରେ ଦାଶରୀ ଭୀରରାଜୁ(ଡିଭିଆର୍) ଏବଂ ଗୁନ୍ନମ ରାମଚନ୍ଦ୍ର ରାଓ (ଜିଆରସିଆର୍) ମେମୋରିଆଲ ଟ୍ରଷ୍ଟର ୧୮ତମ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାଜୁଏଶନ ଡେ ଭାବେ ଏହି ଉତ୍ସବକୁ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ପ୍ରମୁଖ ସ୍ୱର୍ଗତ ଦାଶରୀ ଭୀର ରାଜୁ ଏବଂ ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଅମିୟ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ବିକାଶ ଡିଗ୍ରୀ କଲେଜ, ବିକାଶ ଲ ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୨ଛାତ୍ରୀଛାତ୍ର, ୪ଜଣ ବେଷ୍ଟ ଗ୍ରାଜୁଏଟଙ୍କ ସମେତ ୪୯ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ମୁଖ୍ୟ ଡି. ନାଗେଶ୍ୱର ରାଓ ମା' ଦାସରୀ ଲକ୍ଷ୍ମୀ ଏବଂ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ୨୯ଜଣ ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇ ସିଲେଇ ମେଶିନ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ଏବଂ ସଂକଳ୍ପ ପରିବାରକୁ ଡି.ଭି.ଆର୍ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ମାରକ ପ୍ରଦାନ କରାଯାଇଥିଲା। ବିକାଶର ଡାଇରେକ୍ଟର ଜି. ରାମକ୍ରୀଷ୍ଣା, ଭବାନୀପାଟଣା ବିକାଶର ଡାଇରେକ୍ଟର ଡି. ଶ୍ୟାମ, ଡି. ରାମକୁମାର, ଡା. ନିକିତା ଚୌଧୁରୀ, ଗୀତିକା ଚୌଧୁରୀଙ୍କ ସମେତ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଉପଦେଷ୍ଟା ପି. କେ ଦାଶ, ଅଧ୍ୟକ୍ଷ ଡଃ ବିକ୍ରମ ଦାସ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଡଃ ଦିଲୀପ ଖମାରୀ, ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଡିନ୍ ଆର୍.ଏସ.ଭି କ୍ରୀଷ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅଜୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ଡାଇରେକ୍ଟର ଜି. ରାମକ୍ରୀଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ନିୟନ୍ତ୍ରଣ ହରାଉଛି ଡେଙ୍ଗୁ

■ ଇସ୍ପାତ ସହରରେ ଭୁଶୁଡୁଛି ପରିମଳ ବ୍ୟବସ୍ଥା
■ ସହରରେ ଡ୍ରୋନ୍ ସର୍ବେକ୍ଷଣ ହେଉନି

ରାଉରକେଲା,୨୬।୮(ସଙ୍ଗୀତା ଜେନା)

ବର୍ଷାଦିନ ଆରମ୍ଭରୁ ରାଉରକେଲା ସହରରେ ଡେଙ୍ଗୁ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଖୋର୍ଦ୍ଧା ଜିଲା ପରେ ରାଉରକେଲାକୁ ଡେଙ୍ଗୁର ହଟ୍‌ସ୍ପଟ୍ ଭାବେ ଗଣନା କରାଯାଇଛି। ଏହାକୁ ନେଇ ସାଧାରଣ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଇସ୍ପାତ ଅଞ୍ଚଳରେ ଥିବା ସେକ୍ଟର-୧୪, ସେକ୍ଟର-୧୬ ସମେତ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ରେ କୋଏଲନଗର, ଜଗଦା ଆଦି ଡେଙ୍ଗୁ ପ୍ରବଣ ହୋଇପଡ଼ିଛି। ଏଠାକାର ଶହ ଶହ ରୋଗୀ ଦୈନିକ ରକ୍ତ ପରୀକ୍ଷା କରାଉଥିବା ବେଳେ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଜଗଦା ସ୍ଥିତ ସିଡବ୍ଲ୍ୟୁଏସ୍, ରାଉରକେଲା ସରକାରୀ ଡାକ୍ତରଖାନା, ଆଇଜିଏଚ୍ ସମେତ ଛୋଟବଡ଼ ନର୍ସିଂହୋମ ଓ ଘରୋଇ ହସ୍ପିଟାଲକୁ ଅଧିକ ରୋଗୀ ଯାଉଛନ୍ତି। ଉକ୍ତ ହସ୍ପିଟାଲରେ ରୋଗୀମାନଙ୍କୁ ଶଯ୍ୟା ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରୋଗୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ସିଡବ୍ଲ୍ୟୁଏସ୍, ଆରଜିଏଚ୍ ଭଳି ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ଆରଜିଏଚ୍ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ୨୦ ଶଯ୍ୟା ବ୍ୟବସ୍ଥା ଏବଂ ଅଧିକ ରୋଗୀଙ୍କୁ ଦୃଷ୍ଟିରେ ରଖି ଆଇସୋଲେଶନ ୱାର୍ଡରେ ଅତିରିକ୍ତ ୨୫ ଶଯ୍ୟା ପ୍ରସ୍ତୁତ ରଖାଯାଇଥିବା ଆରଜିଏଚ୍ ପ୍ରଶାସନ କହିଛି। ରାଉରକେଲାରେ ଡେଙ୍ଗୁ ପ୍ରକୋପ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ଘର ଘର ବୁଲି ସଚେତନତା କରାଯାଉଛି। ମାତ୍ର ଡ୍ରୋନ ସର୍ଭେ କରାଯାଉ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ବହୁତଳ ପ୍ରାସାଦ, ଆପାର୍ଟମେଣ୍ଟ ଗୁଡ଼ିକର ଛାତ ଉପରେ ଜମା ରହୁଥିବା ପାଣି ଓ ଅନ୍ୟ ପରିମଳ ବ୍ୟବସ୍ଥା ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରୁନାହିଁ। ଯାହାଦ୍ୱାରା ଡେଙ୍ଗୁ ଉପରେ ନିୟନ୍ତ୍ରଣ ରଖାଯାଇପାରୁନାହିଁ ବୋଲି ମତପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...



“ ଦୀର୍ଘଦିନରୁ ଜଗଦା, ଗୋପାଳଟୋଲି ଅଞ୍ଚଳରେ ନାଳନର୍ଦ୍ଦମା ସଫେଇ କରାଯାଉନାହିଁ। ବର୍ଷାଦିନ ପୂର୍ବରୁ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ମଶାତେଲ ସ୍ପ୍ରେ, ସଚେତନତା କାର୍ଯ୍ୟକ୍ରମ ଓ ଫଗିଂ ଉପରେ ଆଦୌ ଧ୍ୟାନ ଦିଆଯାଉନାହିଁ। ମଲ୍ଟି ଷ୍ଟୋରେଜ୍ ବିଲ୍ଡିଂରେ ଠିକ୍ ସର୍ବେକ୍ଷଣ କରାଯାଇପାରୁନାହିଁ। ଡ୍ରୋନ ସର୍ବେକ୍ଷଣ ଜରୁରୀ ଅଟେ। ବସ୍ତି ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟ ଠିକ୍‌ଭାବେ ହେଉନାହିଁ।

**-ବିପଦ ପଣ୍ଡା, ସମାଜସେବୀ, ଗୋପାଳଟୋଲି, ଜଗଦା**



“ ପୂର୍ବରୁ ସହରରେ ଏତେ ପରିମାଣରେ ଡେଙ୍ଗୁ ପ୍ରଭାବ ନ ଥିଲା। କ୍ରମଶଃ ସହରରେ ପରିମଳ ବ୍ୟବସ୍ଥା ଢ଼ିଲା ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ନାଳନର୍ଦ୍ଦମା ସଫେଇ, ବ୍ଲିଚିଂ ପାଉଡର, ମଶାତେଲ ସିଞ୍ଚନ, ସଚେତନତା ଆଦି ସୁଚାରୁ ରୂପେ କରାଯାଉନାହିଁ। ଆରଜିଏଚ୍‌ରେ ଡେଙ୍ଗୁ ଜ୍ୱର ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ହେଉଛି। ଅନ୍ୟ ଅଞ୍ଚଳରେ ଟେଷ୍ଟିଂ ସେଣ୍ଟର ଖୋଲାଯାଇପାରନ୍ତା। ଦିଲ୍ଲୀ ଓ ଅନ୍ୟ ଅଞ୍ଚଳ ଭଳି ଏଠାରେ ସର୍ବେକ୍ଷଣ ହେଉନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ପ୍ରଶାସନ ଡେଙ୍ଗୁ ନିୟନ୍ତ୍ରଣରେ ବିଫଳ ହୋଇଛି। ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି।

**-ରାଜକିଶୋର ପ୍ରଧାନ, ସମ୍ପାଦକ, ସିପିଆଇ(ଏମ୍) ରାଉରକେଲା ଆଞ୍ଚଳିକ କମିଟି**



“ ଆର୍‌ଏମ୍‌ସି ସଫେଇ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଗତ ଦିନରେ ସ୍ୱଚ୍ଛସାଥୀମାନେ ପରିମଳ ବ୍ୟବସ୍ଥା ପରିଚାଳନା କରୁଥିଲେ। ଯାହାଦ୍ୱାରା ପରିମଳ ବ୍ୟବସ୍ଥା ଠିକ୍ ରହୁଥିଲା। ପ୍ରଶାସନ ଏହି ସମ୍ବେଦନଶୀଳ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଉଚିତ୍। ନାଳନର୍ଦ୍ଦମା ସଫେଇ ସହ ମଶାବଂଶବୃଦ୍ଧି ରୋକିବା ପାଇଁ ଡ୍ରୋନ ସର୍ବେକ୍ଷଣ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ସମ୍ପୂର୍ଣ୍ଣ ଅଞ୍ଚଳରେ ନଜର ରଖାଯାଇପାରନ୍ତା।

**-ଗଗନ ପଣ୍ଡା, ନଗର ସଭାପତି, ରାଉରକେଲା ବିଜେଡି**



“ ଚଳିତ ବର୍ଷ ରାଉରକେଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଉଭୟ ଆରଜିଏଚ୍ ଏବଂ ଆଇଜିଏଚ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରିମଳ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ସହ ହାଇଟେକ୍ ପଦ୍ଧତିରେ ଡ୍ରୋନ ସର୍ବେକ୍ଷଣ ପାଇଁ ଆର୍‌ଏମସିକୁ ପ୍ରସ୍ତାବ ଦିଆଯିବ। ଅଧିକ ଥର ଫଗିଂ ପାଇଁ ମଧ୍ୟ କୁହାଯାଉଛି।

**-ଧୀରେନ୍ ସେନାପତି, ରାଜ୍ୟ ପ୍ରବକ୍ତା, ଭାଜପା**

## ଟ୍ରକ୍ ପଛକୁ ପିଟିଲା କାର୍, ଦମ୍ପତି ମୃତ

ବେଦବ୍ୟାସ/ରାଉରକେଲା,୨୬।୮ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଚିକଟମାଟି ଅଞ୍ଚଳରେ ସୋମବାର ଭୋର ୪ଟା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ପୁରୋହିତ କାଣ୍ଡି(୪୫) ଓ ସରିତା ଖେସ୍(୪୦)। ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ହୋଇ ବ୍ରାହ୍ମଣୀତରଙ୍ଗସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୯୩/୨୪) ରୁଜୁ କରିଛି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ପୋଲିସ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପୁରୋହିତ ରାଉରକେଲା ଚୌଧୁରୀ ପେଟ୍ରୋଲ ପମ୍ପ ଡିଏଭି ଗଳିରେ ରହୁଥିଲେ। ସେ ସୁନ୍ଦରଗଡ଼ ସୁଇମ୍ ଆସୋସିଏଶନ୍‌ର ଏକ୍‌ଜିକ୍ୟୁଟିଭ୍ ମେମ୍ବର ମଧ୍ୟ ଅଟନ୍ତି। ସେ ପରିବାର ସହ ସମ୍ବଲପୁର ଯାଇ ରବିବାର ରାତିରେ ରାଉରକେଲା ସ୍ଥିତ ନିଜ ବାସଭବନକୁ ଏକ କାରରେ ଫେରୁଥିଲେ। ଭୋର ସମୟରେ ଚାଳକଙ୍କ ଆଖି ଲାଗିଯିବାରୁ କାର୍‌ଟି ଚିକଟମାଟି ନିକଟ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସରିତା ମୃତ୍ୟୁବରଣ କରିଥିବା ବେଳେ ଆରଜିଏଚ୍‌ରେ ପୁରୋହିତଙ୍କୁ ମୃତ ଘୋଷଣା କରାଯାଇଥିଲା। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ କ୍ଷିତିଶ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ସେକ୍ଟର-୨୦ ଦୁର୍ଗାପୂଜା ସ୍ୱର୍ଣ୍ଣଜୟନ୍ତୀ କମିଟି ଘୋଷିତ



ବୈଠକରେ ଉପସ୍ଥିତ ପୂଜାକମିଟିର ସଦସ୍ୟଗଣ।

ରାଉରକେଲା,୨୬।୮(ସଙ୍ଗୀତା ଜେନା)

ସେକ୍ଟର-୨୦ ଡି ବ୍ଲକ ଦୁର୍ଗାପୂଜାର ସ୍ୱର୍ଣ୍ଣଜୟନ୍ତୀ ଚଳିତ ବର୍ଷ ପାଳନ ହେବାକୁ ଯାଉଛି। ଏହି ଅବସରରେ ସୋମବାର ସେକ୍ଟର-୨୦ ପେଣ୍ଡାଲ ନିକଟ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ନୂତନ କମିଟି ଗଠନ କରାଯାଇଛି। ଅଜୟ ପାତ୍ର ଓ ଚିନ୍ମୟ ସାମଲଙ୍କ ପୃଷ୍ଠପୋଷକତାରେ ସଭାପତି ଭାବେ ମନୋଜ ଘଡେଇ, କାର୍ଯ୍ୟକାରୀ ସଭାପତି ହରିଶ୍ଚନ୍ଦ୍ର ଗୌଡ, ଉପସଭାପତି ନିତ୍ୟାନନ୍ଦ ପଶାୟତ, ରଞ୍ଜିତ ସିଂହ, ଅନୁଜ ନାୟକ, ରୋହିତ ପାତ୍ର, ରାମଚନ୍ଦ୍ର ପ୍ରଧାନ, ଚନ୍ଦ୍ରମୋହନ ମାଝୀ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ପଣ୍ଡା, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ରାଉତ, ସୁବ୍ରତ ମହାନ୍ତି, ସନ୍ତୋଷ ମଲ୍ଲିକ, ଡି. ତିରୁପତି ପାତ୍ର, ପ୍ରଣୟ ନାୟକ, କୋଷାଧ୍ୟକ୍ଷ ସମୀର ରଥ, ଯୁଗ୍ମ କୋଷାଧ୍ୟକ୍ଷ ଚିତ୍ରସେନ ଜେନା, ପେଣ୍ଡାଲ ସମ୍ପାଦକ ବାସୁଦେବ ମଲ୍ଲିକ ଏବଂ ଉପଦେଷ୍ଟା ମଣ୍ଡଳୀରେ ପ୍ରିୟରଞ୍ଜନ ଦାଶ, ସରୋଜ ନାୟକ, ପ୍ରତାପରୁଦ୍ର ତ୍ରିପାଠୀ, ଅଶୋକ ସାହୁ, ରମେଶ ସେଠୀ, ହରିଶଙ୍କର ଦାସ ପ୍ରମୁଖ ସଦସ୍ୟ ରହିଛନ୍ତି।

## ଆର୍‌ଏମ୍‌ସିଏଲ୍‌ର ୨୭ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

ରାଉରକେଲା,୨୬।୮(ଦିନେଶ ମିଶ୍ର)

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ୨୭ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ ଡାଇରେକ୍ଟର) ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଉରକେଲା ସ୍ମାର୍ଟସିଟି ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ସହରର ବିକାଶକୁ କିପରି ଶୀର୍ଷରେ ପହଞ୍ଚାଯାଇପାରିବ ତା ଉପରେ ଆଲୋଚନା ହୋଇଥିଲା। ସେହିପରି ସହରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ସହ ଏଗୁଡ଼ିକୁ ଉପଯୋଗ କରି କିପରି ସରକାର ଅଧିକରୁ ଅଧିକ ରାଜସ୍ୱ ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିବା ସହ ପ୍ରକଳ୍ପ କାର୍ଯ୍ୟରେ ସୃଷ୍ଟି ସମସ୍ୟାକୁ ଦୂର କରି ସେଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ରାଉରକେଲା ୱାନ, କୋଏଲନଗରଠାରେ ନିର୍ମାଣାଧୀନ ବ୍ରିଜ, ରିକ୍ରିଏଶନାଲ ପାର୍କଗୁଡ଼ିକର ଅଗ୍ରଗତି ସମୀକ୍ଷା ସହ ବେଦବ୍ୟାସ ପୀଠର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସୁନ୍ଦରଗଡ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ରାଉରକେଲା ସ୍ମାର୍ଟସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପରିବହନ, ଖଣି ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା, ୨୬।୮(ସଙ୍ଗୀତା ଜେନା)

କେନ୍ଦ୍ରୀୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀଙ୍କ ଶ୍ରାଦ୍ଧକାର୍ଯ୍ୟରେ ଯୋଗଦେବାକୁ ରାଜ୍ୟ ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଜେନା ସୋମବାର ରାଉରକେଲା ଗସ୍ତ କରିଥିଲେ। ଅପରାହ୍ନରେ ସେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ସୁବ୍ରତ ପଟ୍ଟନାୟକ, ଲତିକା ପଟ୍ଟନାୟକ, ହିରୋଜ ରାୟ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଜେନା ଯୋଗ ଦେଇଥିଲେ। ଉଦିତନଗରସ୍ଥିତ ଏଡିଏମ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଡିଆଇଜି ରାଉରକେଲା ବ୍ରିଜେଶ ରାୟ, ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ଟ୍ରେନ ଯୋଗେ ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ବିମାନ ବନ୍ଦରରେ ଭାଜପା କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଦେବେନ୍ଦ୍ର ଦାଶଙ୍କ ପ୍ରଥମ ସ୍ମାରକୀ ବକ୍ତୃତାମାଳା

ରାଉରକେଲା,୨୬।୮(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ପ୍ରଜ୍ଞାପୁରୁଷ ଦେବେନ୍ଦ୍ର କୁମାର ଦାଶଙ୍କ ପ୍ରଥମ ସ୍ମାରକୀ ବକ୍ତୃତାମାଳା ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରଫେସର ଡକ୍ଟର କାଳୀଦାସ ମିଶ୍ର ଯୋଗଦେଇ ସାମ୍ପ୍ରତିକ କାଳରେ ଗଙ୍ଗାଧରଙ୍କ ଉପରେ ମତପ୍ରକାଶ କରିଥିଲେ। ଗଙ୍ଗାଧରଙ୍କ ସୃଷ୍ଟିରେ ପ୍ରକୃତି ସର୍ବଦା ଜୀବନ୍ତ । ସେ ନିରାଶାବାଦ ବଦଳରେ ସକାରାତ୍ମକ ଚିନ୍ତାଧାରା ନେଇ କାବ୍ୟ ରଚନା କରୁଥିଲେ। ଗଙ୍ଗାଧରଙ୍କୁ ସମାଲୋଚକମାନେ ସ୍ୱଭାବ କବି ଭାବେ ଅଭିହିତ କରିଥିଲେ ମଧ୍ୟ ବାସ୍ତବରେ ତାଙ୍କର ଅଧିକାଂଶ କାବ୍ୟରେ ବୌଦ୍ଧିକ ପ୍ରଭାବ ପରିଲକ୍ଷିତ ହୁଏ ବୋଲି ବକ୍ତା ମିଶ୍ର କହିଥିଲେ। ଡକ୍ଟର ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି ଡକ୍ଟର ପ୍ରଭାତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦେବେନ୍ଦ୍ର ଦୃଷ୍ଟି ୨ୟ ଭାଗ ଓ ଦେବେନ୍ଦ୍ର ଦାଶଙ୍କୁ ସମର୍ପିତ ନଗେନ କୁମାର ଦାସଙ୍କ ବେହେମିଆନ କାଉଲ ଓ ଅନ୍ୟାନ୍ୟ ପ୍ରବନ୍ଧ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରେ ପ୍ରଫେସର ଗୌରାଙ୍ଗ ଦାଶ ଓ ପିତବାସ ପ୍ରଧାନଙ୍କୁ ସଂଘ ପକ୍ଷରୁ ଦେବେନ୍ଦ୍ର ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ତ୍ରିନାଥ ସିଂଙ୍କୁ ଦେବେନ୍ଦ୍ର ଛାତ୍ର କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଲକ୍ଷ୍ମଣନାଥ ଦାସ, ଅଶୋକ କୁମାର ପଟ୍ଟନାୟକ, ରାଧାମୋହନ ନାୟକ, ଘନଶ୍ୟାମ ଧଳ, ସ୍ମିତା ମିଶ୍ର, ରଶ୍ମି ସାହୁ, ଶୁଭ୍ରାଂଶୁ ଶେଖର ମହାପାତ୍ର, ଅରବିନ୍ଦ ପାତ୍ର, ଧରଣୀଧର ସାମଲ, ଇନ୍ଦ୍ରମଣି ମହାପାତ୍ର, ପରୀକ୍ଷିତ ଗୁରୁ, ପଶୁପତିନାଥ ଚାଟାର୍ଜୀ, ସତ୍ୟନାରାୟଣ ଦାଶ, ଭୂଷଣ ମହାନ୍ତି, ବିଚିତ୍ରାନନ୍ଦ ସାହୁ, ଅକ୍ଷୟ ଦାସ, ଶର୍ମିଷ୍ଠା କବି ଶତପଥୀ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେବେନ୍ଦ୍ର ଦାଶଙ୍କ ସହଧର୍ମିଣୀ ଗୀତାଞ୍ଜଳି ଦାଶ, ପୁତ୍ର ଶ୍ରୀୟାଂଶ, ସଙ୍କେତ, ପୁତ୍ରବଧୂ ସୁପ୍ରିୟା, ନିବେଦିତା ଓ ନାତୁଣୀ ନୁମା ସହଯୋଗ କରିଥିଲେ। ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା ପାଇଁ ମାଟିପୂଜା



ସେକ୍ଟର-୨୦ ବୈକୁଣ୍ଠ ଘାଟରେ ପୂଜା କରାଯାଉଛି।

ରାଉରକେଲା,୨୬।୮(ସଙ୍ଗୀତା ଜେନା)

କେନ୍ଦ୍ରୀୟ ପୂଜା କମିଟି ପରିଚାଳିତ ତଥା ୬୧ ବର୍ଷରେ ପଦାର୍ପଣ କରିଥିବା ରାଉରକେଲା ସେକ୍ଟର-୧ ଦୁର୍ଗାପୂଜା କମିଟି (ପୁରୁଣା) ପକ୍ଷରୁ ସୋମବାର ସକାଳେ ମୂର୍ତ୍ତି ନିର୍ମାଣ ପାଇଁ ମାଟିପୂଜା ବିଧି ଅନୁସାରେ ସମ୍ପନ୍ନ ହୋଇଛି। ପୂଜା କର୍ତ୍ତା କୈଳାସ ପ୍ରଧାନ, କମିଟି ସଭାପତି ବନଜ ପରିଡ଼ା, ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା, ଚନ୍ଦ୍ରମଣି ଜେନା, ପ୍ରହ୍ଲାଦ ନାୟକ, ସରୋଜ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ସେକ୍ଟର-୨୦ର କୋଏଲ ନଦୀ ବୈକୁଣ୍ଠ ଘାଟରୁ ମାଟି ସଂଗ୍ରହ କରି ପେଣ୍ଡାଲକୁ ଶୋଭାଯାତ୍ରାରେ ଅଣାଯାଇଥିଲା।

## ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତାରେ ୫୦ ଯୋଡି ରାଧାକୃଷ୍ଣ

ରାଉରକେଲା,୨୬।୮(ସଙ୍ଗୀତା ଜେନା)

### ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

ଇସ୍କନ ରାଉରକେଲା ଶାଖା ପକ୍ଷରୁ ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ସିଭିଲଟାଉନଶିପ୍ ସ୍ଥିତ ତ୍ରିଶକ୍ତିଧାମ ଠାରେ ରବିବାରଠାରୁ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିବସରେ ଶ୍ଳୋକ ଲିଖନ, (ସିନିୟର) ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ( ସିନିୟର), ଶ୍ଳୋକ ପାଠ, ପ୍ରବନ୍ଧ ଲିଖନ, ଏକକ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଫ୍ୟାନ୍ସିଡ୍ରେସ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ପ୍ରାୟ ୫୦ଟି ଯୋଡି ରାଧାକୃଷ୍ଣ ବେଶରେ ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିନ ବିଭାଗ ମୁଖ୍ୟ ଡିଏଫ୍‌ଓ ଯଶୋବନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ସିଟି ଜିଏସ୍‌ଟିର ଡେପୁଟି କମିଶନର ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଇଆଇଡିସି ଅଧ୍ୟକ୍ଷ ଶ୍ରୀମଦ୍ ଭକ୍ତିବିଜୟ ଭାଗବତ ସ୍ୱାମୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ରାଉରକେଲା ଶାଖା ସମ୍ପାଦକ ପ୍ରେମମାଧବ ଦାସ ବ୍ରହ୍ମଚାରୀ, ଆଇନଜୀବୀ ପି.କେ. ରାଉତ, ଦୁଃଶାସନ ବେହେରା, କର୍ମକର୍ତ୍ତା ସୁବୋଧ ଗୋସ୍ୱାମୀ, ଦେବବ୍ରତ ଘଡେଇ, କହ୍ନେଇ କିଙ୍କର ଦାସ, ଆଦିତ୍ୟ ମଲ୍ଲିକ, ଜୟପ୍ରସାଦ ରାଉତଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ସନ୍ଧ୍ୟାରେ ମାଠିଆଭଙ୍ଗା, ସନ୍ଧ୍ୟା ଆରତୀ, ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାତିରେ ଶ୍ରୀକୃଷ୍ଣଙ୍କୁ ଭବ୍ୟ ଅଭିଷେକ କରାଯାଇଥିଲା।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସାହିତ୍ୟ ବଞ୍ଚିଲେ ସଂସ୍କୃତି ସମୃଦ୍ଧ ହେବ

ରାଉରକେଲା,୨୬।୮(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ରାଉରକେଲା ସାହିତ୍ୟ ସଂସଦ ପକ୍ଷରୁ ଶିଶୁ ମହୋତ୍ସବ ଓ ସାରସ୍ୱତ ସମାରୋହ ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶ୍ରମିକ ନେତା ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦ ପକ୍ଷରୁ ଭାଷା ସାହିତ୍ୟ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପକୁ ଅତିଥି ବେହେରା ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଗୀତାଞ୍ଜଳି ପତ୍ରୀ ଯୋଗଦେଇ ଭାଷା ସାହିତ୍ୟକୁ ନେଇ ତାଙ୍କର ଦୀର୍ଘଦିନର ଅଭିଜ୍ଞତାକୁ ଛାତ୍ରୀଛାତ୍ରଙ୍କୁ ବାଣ୍ଟିଥିଲେ। ମୁଖ୍ୟବକ୍ତା ଭାବେ ଶେଖ୍ ଅବଦୁଲ ଖାଲିକ ଉପସ୍ଥିତ ଥିଲେ। ଭାଷା ବଞ୍ଚିଲେ ଆମ ସାହିତ୍ୟ ବଞ୍ଚିବ। ସାହିତ୍ୟ ବଞ୍ଚିଲେ ସଂସ୍କୃତି ସମୃଦ୍ଧ ହେବ। ସମୃଦ୍ଧ ସଂସ୍କୃତି ଆମ ପିଲାମାନଙ୍କ ରକ୍ଷା କବଚ ସାଜିବ ବୋଲି ବକ୍ତା ଖାଲିକ ତାଙ୍କ ବକ୍ତବ୍ୟରେ କହିଥିଲେ। ସଂସଦର ସମ୍ପାଦିକା ନିରୁପମା ପତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶେଖ୍ ଅବଦୁଲ ଖାଲିକଙ୍କୁ ରାଉରକେଲା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ସଂସଦ ପକ୍ଷରୁ ବିଭିନ୍ନ ସ୍କୁଲରେ କରାଯାଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ଆରମ୍ଭରେ ଗୁରୁ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ତାଙ୍କ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କବି ସୁଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କବି ରଶ୍ମିବାଳା ରାଉତରାୟଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରଞ୍ଜନ କରଣ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କବିତା ପାଠୋତ୍ସବରେ କବି ବସନ୍ତ କୁମାର ବିଶ୍ୱକର୍ମା, ଗୀତାରାଣୀ ବେହେରା, ନିରୁପମା ନାୟକ, କାଶୀନାଥ ନନ୍ଦୀ, ସଞ୍ଜୀବ ଭୋଇ, ପଞ୍ଚାନନ ସାହୁ, ସୁସ୍ମିତା ପ୍ରଧାନ, ବିକ୍ରମ ଆଚାର୍ଯ୍ୟ, ଅଶୋକ ପଟ୍ଟନାୟକ, ଶୁଶାନ୍ତ ସିଂ, ତପସ୍ୱିନୀ ପତି, ଆର୍ତ୍ତତ୍ରାଣ ମହାପାତ୍ର, ନିକୁଞ୍ଜ ବିହାରୀ ପ୍ରମୁଖ ୩୨ ଜଣ କବି ସ୍ୱ ରଚିତ କବିତା ପାଠ କରିଥିଲେ। ଲେଖକ ଭୂପେନ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ଅକ୍ଷୟ ସାମଲ, ବିଜୟ ବରାଳ, ଶିବ ସୁନ୍ଦର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୂର୍ଯ୍ୟନାରାୟଣ ପଣ୍ଡା, ବିଦ୍ୟାଧର ପାଢୀ, ଚନ୍ଦ୍ରଭାନୁ ଦାସ, ସୁରେନ୍ଦ୍ର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ସୌମ୍ୟ ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥିଗଣ।

### ଶିଶୁ ମହୋତ୍ସବ ଓ ସାରସ୍ୱତ ସମାରୋହ

## ସଂକ୍ଷେପରେ

### ଭିଏଚ୍‌ପି ପକ୍ଷରୁ ଜନ୍ମାଷ୍ଟମୀ, ସ୍ଥାପନ ଦିବସ ପାଳନ

କୁଚିଣ୍ଡା,୨୬।୮(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରାଠାରେ ପବିତ୍ର ଜନ୍ମାଷ୍ଟମୀ ଓ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ସ୍ଥାପନ ଦିବସ ସୋମବାର ପାଳିତ ହୋଇଯାଇଛି। ପରିଷଦର ସଦସ୍ୟମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ କୀର୍ତ୍ତନ ମଣ୍ଡପ ପରିସରକୁ ସଫେଇ କରିଥିଲେ। ଅପରାହ୍ନରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ଯୁବକ ବାଇକ ଶୋଭାଯାତ୍ରା କରିଥିଲେ। ଭିଏଚ୍‌ପି ବାମରା ବ୍ଲକ ସଭାପତି କୁମାର ଚନ୍ଦ୍ର ପଟେଲଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ପଣ୍ଡିତ ଅଲେଖ କୁମାର ପତି ଯୋଗଦେଇ ଅଖଣ୍ଡ ଭାରତର ପରିକଳ୍ପନା, ବର୍ତ୍ତମାନ ଦେଶର ପରିସ୍ଥିତି, ହିନ୍ଦୁତ୍ୱ, ସନାତନ ଧର୍ମ, ଶ୍ରୀକୃଷ୍ଣଙ୍କ ଅବତାର, ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ପରିଷଦର ଜିଲା ଉପସଭାପତି ରୁଦ୍ର ପ୍ରତାପ ଦେଓ, ଜିଲା ସଙ୍ଗଠନ ସମ୍ପାଦକ ରାମ ନାରାୟଣ ଭୋଇ, ଉପଦେଷ୍ଟା ଜ୍ୟୋତି କୁମାର ଲାଠ ଯୋଗଦେଇଥିଲେ। ଆରଏସଏସ ସମ୍ବଲପୁର ଗ୍ରାମୀଣ ଜିଲା କାର୍ଯ୍ୟବାହ ସୋମନାଥ କେଶରୀ ସ୍ୱାଗତ ଭାଷଣ ଦେଇଥିଲେ। ଭିଏଚ୍‌ପି କୋଷାଧ୍ୟକ୍ଷ ଓମ ଖଣ୍ଡେଲୱାଲ, ଉପସଭାପତି ବିଚିତ୍ର ବିଶ୍ୱାଳ, ସମ୍ପାଦକ ବିବେକ ଦୁବେ, ଯୁଗ୍ମ ସମ୍ପାଦକ ଅନୀଲ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଦ୍ଧେଶ୍ୱରୀ କୁଟୀରରେ ଶ୍ରୀକୃଷ୍ଣତତ୍ତ୍ୱ ଆଲୋଚନାଚକ୍ର

ସମ୍ବଲପୁର,୨୬।୮(ବି.ଶଙ୍କର)

ସିଦ୍ଧେଶ୍ୱର ଧର୍ମ ସଂସଦ ଓ ଦିବ୍ୟଦର୍ଶନ ସଂଘ ସମ୍ବଲପୁର ଶାଖା ପକ୍ଷରୁ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ ଉତ୍ସବ ଓ ଶ୍ରୀକୃଷ୍ଣ ତତ୍ତ୍ୱ ଆଲୋଚନା ଚକ୍ର ସୋମବାର ସିଦ୍ଧେଶ୍ୱରୀ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପିନାଥ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭକ୍ତକବି ପ୍ରଭାକର ପାଣିଗ୍ରାହିଙ୍କ ରଚିତ ଭକ୍ତି ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ଭାରତୀୟ ସଂସ୍କୃତି, ପରମ୍ପରା, ସନାତନ ଧର୍ମ ଓ ଆଧ୍ୟାତ୍ମିକତାରେ ଶ୍ରୀକୃଷ୍ଣଙ୍କ ମୁଖ ନିଶ୍ରୃତ ଗୀତାବାଣି, କୃଷ୍ଣ କଥା ଓ ମହାମନ୍ତ୍ର ଗାନ ସମଗ୍ର ପରିବେଶକୁ ମୁଖରିତ କରିଥିଲା। ସାଧୁ, ସନ୍ଥ, ସନ୍ୟାସୀ, ମହାମନିଷୀମାନଙ୍କ ମାଧ୍ୟମରେ ଦେଶ ବିଦେଶରେ ଶାନ୍ତି ମୈତ୍ରୀର ବିଜ ରୋପଣ କରାଯାଉଛି। ଯାହାକି ଜନ ସମୁଦାୟଙ୍କୁ ଆନନ୍ଦ, ନିରୋଗ, ଯୋଗ ପ୍ରଦାନ କରି କୃଷ୍ଣଙ୍କୁ ଜଗତ ଗୁରୁ କରିପାରିଛି। କୃଷ୍ଣତତ୍ତ୍ୱରେ ରାଜନୀତି, କୁଟନୀତି, ଅର୍ଥନୀତି ଓ ସତ୍ୟ, ଶିବ, ସୁନ୍ଦର ନିରାମୟ ଶାନ୍ତ ଜୀବନ ଯାପନର ପ୍ରଣାଳୀ ସଫଳତାର ହସ ସୃଷ୍ଟି ହୋଇପାରିଛି। ଏଥିସହ ଭାରତକୁ ବିଶ୍ୱଗୁରୁର ମାନ୍ୟତା ପ୍ରଦାନ କରିଛି ବୋଲି ଆଲୋଚକମାନେ ମତ ପ୍ରକାଶ କରିଛନ୍ତି। ସମ୍ପାଦକ ସୁଶାନ୍ତ ପଣ୍ଡା, ଜନ୍ମେଜୟ ବାବୁ, ସିତା ମିଶ୍ର, ସନ୍ଧ୍ୟାରାଣୀ ପଣ୍ଡା, ଅମିୟ ପାଣି ଆଲେଶଚନାରେ ଭାଗ ନେଇଥିଲେ। ଏହି ଅବସରରେ ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକଙ୍କ ଦିଗ୍‌ଦର୍ଶନରେ ମୂଲ୍ୟବୋଧର ବିକାଶ ଘଟିଥାଏ




ଅତିଥିମାନେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରିନାରାୟଣ ପଣ୍ଡାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୨୬।୮(ବି.ଶଙ୍କର)

**ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପରମ୍ପରା କାର୍ଯ୍ୟକ୍ରମ**

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଗୁରୁଶିଷ୍ୟ ପରମ୍ପରା ଶୀର୍ଷକରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପରମ୍ପରା କାର୍ଯ୍ୟକ୍ରମ ସୋମବାର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଜିତ କୁମାର ଦାଶ, ବିଜୟ ଚନ୍ଦ୍ର ତ୍ରିପାଠୀ, ବୈଜୟନ୍ତୀ ନାୟକ, ମହିପାଳ ସ୍ୱାଇଁ, ଯଶୋବନ୍ତ ସାହୁ ଏବଂ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଆଧୁନିକତାର ଛାପରେ ଗୁରୁ ଶିଷ୍ୟଙ୍କ ସମ୍ପର୍କର ଗଭୀରତା ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି। ତେଣୁ ପୁରାତନ ଛାତ୍ରୀଛାତ୍ରମାନଙ୍କ ପରମ୍ପରା କାର୍ଯ୍ୟକ୍ରମ ଉଦ୍ୟମ ପ୍ରଶଂସନୀୟ ଅଟେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରଙ୍କ ଏକ ଭାବନାତ୍ମକ ସମ୍ପର୍କ ବିଦ୍ୟାଳୟ ପରିସର, ବାହାରେ ମଧ୍ୟ ରହିଥାଏ। ଶିକ୍ଷକମାନଙ୍କ ଦିଗଦର୍ଶନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ଘଟିଥାଏ। ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କଲେ ତାହା ହିଁ ଶ୍ରେଷ୍ଠ ଗୁରୁପୂଜା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଢଯୋଶୀ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ପରିବର୍ଦ୍ଧିତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଅତିଥିମାନେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହାପରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ କଳା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର ବିରଚିତ ଗୁରୁବନ୍ଦନା ଗାନ କରାଯାଇଥିଲା। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏବଂ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ବିଦ୍ୟାଳୟର ସଦ୍ୟ ଅବସରପ୍ରାପ୍ତ ସଂସ୍କୃତଶିକ୍ଷକ ହରି ନାରାୟଣ ପଣ୍ଡାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମରଣିକା ସମର୍ପିତ ବ୍ୟକ୍ତି ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରୀ ସସ୍ମିତା ପ୍ରିୟଦର୍ଶିନୀ ଓ ସୁପ୍ରିୟା ପଣ୍ଡା ପରିଚାଳନା କରିଥିଲେ। ରମେଶ ସାହା, ଦେବାଶିଷ ପ୍ରଧାନ, କର୍ଣ୍ଣେଲ ଅନୁପ ସାଗର ଦାଶ, ସୁବଳ ବେହେରା, ଭକ୍ତବନ୍ଧୁ ସାହୁ, ଅରବିନ୍ଦ ତ୍ରିପାଠୀ, ସଞ୍ଜୟ କୁମାର ବିଶ୍ୱାଳ, ଡ.ଆଶୁତୋଷ ରଥ, କୈଳାସ ସେଠୀ, ଦେବୀପ୍ରସାଦ ଭୋଇ, ମାନସ ଦେବନାଥ, ମାନସ ପୁରୋହିତ, ତୃପ୍ତି ପଣ୍ଡା, ସନ୍ତୋଷ ପଟ୍ଟନାୟକ, ସଂଘମିତ୍ରା ଧଳ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବରିଷ୍ଠ ନାଗରିକ, ଶିକ୍ଷାବିତ, କବି, ଲେଖକଙ୍କ ସମେତ ଶତାଧିକ ପୁରାତନ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ



ନିଜ କୁଡିଆ ସମ୍ମୁଖରେ ସ୍ତ୍ରୀ ବିଜୁଳିଙ୍କ ସହ ଯଜ୍ଞ ବାଘ।

ନାକଟୀଦେଉଳ, ୨୬।୮(ବୈକୁଣ୍ଠନାଥ ସାହୁ)

**ଆବାସ ଯୋଜନା ସ୍ୱପ୍ନ**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଡ଼ଙ୍ଗଁଚା ଗ୍ରାମ ପଞ୍ଚାୟତ ପାଇକମାଳ ବାଉଡିହ ସାହିର ଯଜ୍ଞ ବାଘଙ୍କ ପାଇଁ ଆବାସ ଯୋଜନାରେ ଘର ଯେମିତି ସ୍ୱପ୍ନ ହୋଇଯାଇଛି। ବାରମ୍ବାର ଆବେଦନ କରି ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଉନାହିଁ। ଫଳରେ ଗୋଟିଏ ବଖରା ଝାଟିମାଟି ଘରେ ୪ପ୍ରାଣୀ କୁଟୁମ୍ବଙ୍କୁ ନେଇ ସେ ଦୟନୀୟ ଜୀବନ ଜିଉଁଛନ୍ତି।

ସ୍ତ୍ରୀ ବିଜୁଳି ବାଘ, ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ନେଇ ଯଜ୍ଞ ବାଘଙ୍କ ପରିବାର। ମୂଲମଜୁରି କରି ସେ ପରିବାର ପ୍ରତିପୋଷଣ କରୁଛନ୍ତି। ବଖରାଏ ଝାଟି ମାଟି ଘରେ ସେ ପରିବାର ସହ ରହୁଛନ୍ତି। ସେହି ଘରେ ରୋଷେଇ, ଖାଅପିଅ। ବର୍ଷାଦିନେ ଘରେ ପାଣି ଗଳୁଛି। ଚାଳ ପାଣି ମାଟି କାନ୍ଥରେ ପଡ଼ି ଧୋଇ ହୋଇଗଲାଣି। ଖାଦ୍ୟ ସୁରକ୍ଷା ଯୋଜନାରେ ଯଜ୍ଞଙ୍କୁ ମାସକୁ ମିଳୁଥିବା ୨୦କେଜି ଚାଉଳ ଏକମାତ୍ର ସମ୍ବଳ। ହେଲେ ଏତିକିରେ ପରିବାର ଚଳାଇବା କାଠିକର ହେଉଥିବା ବେଳେ ନୂଆ ଘର କରିବା ଅଥବା ମରାମତି କରି ପାରୁ ନାହାନ୍ତି ଯଜ୍ଞ। ଅପରପକ୍ଷରେ ଘର ପାଇଁ ଗତ ୧୦ବର୍ଷ ହେଲା ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଫିସ ଯାଏ ଆବେଦନ କରି ବି କୌଣସି ସୁଫଳ ମିଳିନି ବୋଲି ଅତ୍ୟନ୍ତ କ୍ଷୋଭର ସହିତ କହିଛନ୍ତି ଯଜ୍ଞ ବାଘ। ଏ ସମ୍ପର୍କରେ ବିଡିଓ ଧନେଇ ଚରଣ ଗୁଡୁଙ୍କୁ ପଚାରିବାରୁ ଆବାସ ଯୋଜନା ପାଇଁ ଆଗାମୀ ଦିନରେ ପୁଣି ଥରେ ସର୍ଭେ ହେବ। ଯଦି ଯଜ୍ଞ ବାଘ ଘର ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ତାହାଲେ ଆଲଟ୍‌ମେଣ୍ଟ ଆସିଲା ପରେ ତାଙ୍କୁ ପ୍ରାଥମିକତା ଦିଆଯାଇ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଜନ୍ମାଷ୍ଟମୀ ତିଥିରେ ରାଧାକୃଷ୍ଣ ଯୁଗଳ ନଗର ପରିକ୍ରମା



ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରବୋଧ ଓ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣଙ୍କ ଯୁଗଳ ବେଶରେ।

ସମ୍ବଲପୁର,୨୬।୮(ବି.ଶଙ୍କର)

ପବିତ୍ର ଜନ୍ମାଷ୍ଟମୀ ତିଥିରେ ପୁରରୁ ପଲ୍ଲୀ ପର୍ଯ୍ୟନ୍ତ କୃଷ୍ଣମୟ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଦେବାଳୟଗୁଡ଼ିକ ଉତ୍ସବ ମୁଖର ହୋଇଉଠିଛି। ଶ୍ରୀକୃଷ୍ଣଙ୍କ ଜୟ ଧ୍ୱନିରେ ଦେବାଳୟ ମୁଖରିତ ହୋଇଛି। ସମ୍ବଲପୁର ଫାଟକ ସିଦ୍ଧେଶ୍ୱର ବେର୍ଣ୍ଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରବୋଧ ଓ ପ୍ରାରମ୍ଭିକ ଶ୍ରେଣୀର କୋମଳମତି ଛାତ୍ରୀଛାତ୍ରମାନେ ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣଙ୍କ ଯୁଗଳ ବେଶ ଧାରଣ କରିଥିଲେ। ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମ ରାଧାକୃଷ୍ଣଙ୍କ ଯୁଗଳ ଯୋଡ଼ି ହୋଇ ସୋମବାର ସକାଳ ସକାଳେ ସମ୍ବଲପୁର ନଗର ପରିକ୍ରମା କରିଛନ୍ତି। ଏହି ଦୃଶ୍ୟ ସମଗ୍ର ସମ୍ବଲପୁର ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ସ୍ୱତନ୍ତ୍ର ପର୍ବକୁ ନେଇ ସମଗ୍ର ବିଦ୍ୟାମନ୍ଦିର ଉତ୍ସବମୁଖର ହୋଇ ଉଠିଥିଲା। ସହ ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣଙ୍କ ଯୁଗଳ ବେଶ ଧାରଣ କରିଥିବା ଛାତ୍ରୀଛାତ୍ରମାନଙ୍କ ପଦ ଧୌତ କରିଥିଲେ। ଛାତ୍ରଛାତ୍ରମାନେ ଶୃଙ୍ଖଳିତ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ଯୋଡି ନିକଟସ୍ଥ ରାଧାକୃଷ୍ଣ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ଜନ୍ମାଷ୍ଟମୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ସନ୍ୟାସୀ ସେଠ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ପ୍ରଧାନ ଉର୍ଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁଜୀ ଅଜେନ୍ଦ୍ର ପଟେଲ ବୌଦ୍ଧିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦିନୀ ବେହେରା ସଂଯୋଜନା କରିଥିଲେ।

### ଭାଜପା ସାକ୍ଷୀଗୋପୀନାଥ ମଣ୍ଡଳ ସଦସ୍ୟତା ଅଭିଯାନ ବୈଠକ

ସମ୍ବଲପୁର,୨୬।୮ (ଭବାନୀ ଶଙ୍କର ଭୋଇ)

ଭାଜପା ପକ୍ଷରୁ ଦେଶବ୍ୟାପୀ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହିକ୍ରମରେ ସୋମବାର ସମ୍ବଲପୁର ଜିଲା ଭାଜପାର ସାକ୍ଷୀଗୋପୀନାଥ ମଣ୍ଡଳରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ମଣ୍ଡଳ ସାଧାରଣ ସମ୍ପାଦକ ସୌମିତ୍ର ଜତି ପରିଚାଳନା କରିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ନେତା ଡ଼.ପ୍ରମୋଦ ରଥ, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲା ଉପସଭାପତି ଫଣୀ ଭୂଷଣ ମିଶ୍ର କର୍ମୀଙ୍କୁ ସଦସ୍ୟତା ଅଭିଯାନ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସାକ୍ଷୀଗୋପୀନାଥ ମଣ୍ଡଳର ସଦସ୍ୟତା ଅଭିଯାନ ସଂଯୋଜକଭାବେ ସନ୍ତୋଷ ଡାଲୁଆ ଏବଂ ସହ ସଂଯୋଜକଭାବେ କ୍ରିଷ୍ଣା ମହାକୁଡ଼ ଓ ସୌମିତ୍ର ଜତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ରାଜେଶ ସାହୁ, ଆରତୀ ବରାଡ଼, ଦୀପ୍ତିମୟୀ ବାରିକ, ଭବାନୀ ଦୁଷର ଓ ମଞ୍ଜୁଲା ଓରାମ ମଞ୍ଚାସୀନ ଥିଲେ।

# ରାଧା, କୃଷ୍ଣବେଶରେ ଗ୍ରାମ ପରିକ୍ରମା



ଗ୍ରାମ ପରିକ୍ରମା ପାଇଁ ବାହାରିଥିବା ବେଶଧାରୀ।

ପଡିଆବାହାଲ, ୨୬।୮(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ଠାକୁରମାଲ ଗ୍ରାମ ସୋମବାର ଜନ୍ମାଷ୍ଟମୀ ପାଇଁ ଉତ୍ସବ ମୁଖର ହୋଇଉଠିଛି। ଶ୍ରୀକୃଷ୍ଣ, ଶ୍ରୀରାଧା, ଗୋପୀ, ଗୋପାଳ ବେଶରେ ପିଲାମାନେ ସଜ୍ଜିତ ହୋଇଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପିଲାମାନେ ଗାଁ ପରିକ୍ରମା କରିଥିଲେ। ବେଶଧାରୀଙ୍କୁ ବଫଳ, ପଞ୍ଚାମୃତ, ମିଷ୍ଟାନରେ ଆପ୍ୟାୟିତ କରାଯାଇଥିଲା। ଜୟନ୍ତପୁର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ରାଜାରାମ ଷଡ଼ଙ୍ଗୀ ଅତିଥିଭାବେ ଯୋଗ ଦେଇଥିଲେ। ଏହିକାର୍ଯ୍ୟକ୍ରମକୁଜଗତରାମ ପ୍ରଧାନ, ଜିତେନ୍ଦ୍ରିୟ ସାହୁ, ଦୁଷ୍ମନ୍ତ ପ୍ରଧାନ, ମନୋଜ କୁମାର ସାହୁ, ଉଦ୍ଧବ ପ୍ରଧାନ, କୁବେର ନାୟକ ସଂଯୋଜନା କରିଥିଲେ। ଅନୁଷ୍ଠାନ ସଭାପତି ସରୋଜ କୁମାର ନାଥ, ସମ୍ପାଦକ ରଞ୍ଜନ ନାଥ, ପ୍ରଧାନ ଆଚାର୍ଯ୍ୟା ସୁସ୍ମିତା ଦୀପ, ସହ ପ୍ରଧାନ ଆଚାର୍ଯ୍ୟା ଲିଲିମା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ କ୍ଲବକୁ ହରାଇ ହିନ୍ଦ କ୍ଲବ ଫାଇନାଲରେ

ସମ୍ବଲପୁର,୨୬।୮(ବି.ଶଙ୍କର)

**ସନାତନ ବେହେରା ସ୍ମାରକୀ ଫୁଟବଲ**

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ୩-୧ ଗୋଲରେ ବିଜୟୀ ହୋଇ ହିନ୍ଦ କ୍ଲବ ଫାଇନାଲରେ ପ୍ରବେଶ କରିଛି। ସୋମବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରଥମ ସେମିଫାଇନାଲ ମ୍ୟାଚ ହିନ୍ଦ କ୍ଲବ ବନାମ ପୋଲିସ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ୨୫ତମ ମିନିଟରେ ପୋଲିସ କ୍ଲବର ଶିବୁ ପ୍ରସାଦ ବାରିକ ଏକ ସୁନ୍ଦର ଗୋଲ ସ୍କୋର କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ମ୍ୟାଚର ୪୮ତମ ମିନିଟରେ ହିନ୍ଦ କ୍ଲବ ଖେଳାଳି ସଞ୍ଜୟ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ହିନ୍ଦ କ୍ଲବ ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ଖେଳିଥିଲେ। ମ୍ୟାଚର ୫୫ତମ ମିନିଟରେ ଦଳର ଅଭିଷେକ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପୋଲିସ ଦଳର ଖେଳାଳିଙ୍କ ଆତ୍ମଘାତୀ ଗୋଲ ଯୋଗୁ ହିନ୍ଦ କ୍ଲବ ୩-୧ ଗୋଲରେ ବିଜୟୀ ହୋଇଥିଲା। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ମ୍ୟାଚ ହୋଇଥିଲା। ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀର କୁମାର ସିଂଦେଓ, କ୍ରୀଡା ସଙ୍ଗଠକ ସୟଦ ଜିନ୍ଦା ଓ ସୟଦ ନୌସାଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ପୋଲିସ କ୍ଲବ ଦଳର ଗୋଲ କିପର ବିଶାଳ ମୁଣ୍ଡା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

# ଜାତୀୟ ଚକ୍ଷୁଦାନ ପକ୍ଷରେ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୨୬।୮(ବି.ଶଙ୍କର)

ଜ୍ୟୋତି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ, ବକ୍ତୃତା ଏବଂ ସଙ୍ଗୀତ ଗାନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକମାନେ କୃତୀ ଛାତ୍ରୀଛାତ୍ରମାନଙ୍କ ନାମ ଘୋଷଣା କରିଥିଲେ। ଉକ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ସେପ୍ଟେମ୍ବର ୧ ତାରିଖ ସନ୍ଧ୍ୟାରେ ୬ ଘଣ୍ଟାରେ ହେବାକୁ ଥିବା ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜ୍ୟୋତି ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ସୂଚିତ କରିଛନ୍ତି। କାର୍ଯ୍ୟକ୍ରମ ସଂଯୋଜକ କଳ୍ପନା ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ମିସ୍ତ୍ରୀ, ଦୁର୍ଗା ଦାନୀ, ଡ. ସତ୍ୟ ନାରାୟଣ ଠାକୁର, ରତ୍ନ ଭୂଷଣ ପୃଷେଠ, ରାମାନୁଜ ପଣ୍ଡା, ଶାନ୍ତନୁ ପାଢୀ, ଶିବ ନାରାୟଣ ପାଣିଗ୍ରାହୀ, ରବିନାରାୟଣ ନନ୍ଦ, ବଦ୍ରୀ ହୋତା ସହଯୋଗ କରିଥିଲେ।

# ବିଶ୍ୱକୁ ମାର୍ଗ ଦର୍ଶନ କରିବ ଭାରତର ମହାକାଶ ଅଭିଯାନ

ସମ୍ବଲପୁର,୨୬।୮(ପ୍ରମୋଦ ବହିଦାର)

ସମଗ୍ର ବିଶ୍ୱକୁ ମାର୍ଗ ଦର୍ଶନ କରିବ ଭାରତର ମହାକାଶ ଅଭିଯାନ। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ସୂର୍ଯ୍ୟକାନ୍ତ ନାୟକ। ସେ ଚନ୍ଦ୍ରଯାନ ତୃତୀୟର ସାଙ୍ଗଠନିକ ଓ କାର୍ଯ୍ୟକାରୀ ଦିଗ ସମ୍ପର୍କରେ ଛାତ୍ରୀମାନଙ୍କୁ ସମ୍ୟକ ଜ୍ଞାନ ପ୍ରଦାନ କରିବା ସହ ଚନ୍ଦ୍ର ଓ ମଙ୍ଗଳରେ ଜନବସତିର ବୈଜ୍ଞାନିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ ତୃତୀୟର ସଫଳ ଅବତରଣର ସ୍ମୃତିରେ ଭାରତ ସରକାରଙ୍କ ପକ୍ଷରୁ ଘୋଷିତ ଜାତୀୟ ମହାକାଶ ଦିବସ ପରିପ୍ରେକ୍ଷୀରେ ସରକାରୀ ମହିଳା ମହାବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି।



ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅନ୍ୟାନ୍ୟ ବିଶିଷ୍ଟ ବକ୍ତାମାନେ ଭାରତର ମହାକାଶ ଗବେଷଣା କିପରି ଅନନ୍ୟ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ଓ ବକ୍ତାଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ମହାକାଶ ଦିବସ ପାଳନ ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ସ୍ପେସ୍ ଓଡ଼େଶୀ ପୋଷ୍ଟର, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ଅୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷା ପ୍ରଫେସର ବରାଳ ସ୍ୱାଗତ ଭାଷଣ ଦେଇ ଭାରତର ମହାକାଶ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ବିଜ୍ଞାନ ସଂସଦର ଉପାଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଂଯୋଜନା କରିଥିବା ବେଳେ ପ୍ରଫେସର ଅମ୍ବିତ ପାଣି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲ୍ୟ ସମୟର ଖେଳକୁଦରୁ ବଞ୍ଚିତ ହେଉଛି ଶିଶୁ

ସମ୍ବଲପୁର,୨୬।୮(ବି.ଶଙ୍କର)

**କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ**

କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ ସମ୍ବଲପୁର ସହର ଭୀମଭୋଇ ପାର୍କ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜନ୍ମାଷ୍ଟମୀ ତିଥିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ରାଧା ବେଶ ପ୍ରତିଯୋଗୀତା ହୋଇଥିଲା। ଶିଶୁ ବିଦ୍ୟା ମନ୍ଦିର ସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦେଇ ଥିଲେ। ଶିବଶଙ୍କର ନନ୍ଦ ମୁଖ୍ୟବକ୍ତା, ସୁରେନ୍ଦ୍ର କୁମାର ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସଂପ୍ରତି ଆଧୁନିକତା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ କଳୁଷିତ କରିଛି। ପାଠ ପଢ଼ାକୁ ଦ୍ୱାହି ଦେଇ କୋମଳ ମତି ଶିଶୁମାନଙ୍କ କାନ୍ଧରେ ପୁସ୍ତକ ରୂପକ ବୋଝ ଦିଆଯାଉଛି। ଯଦ୍ୱାରା କୋମଳ ମତି ଶିଶୁମାନେ ବାଲ୍ୟ ସମୟର ଖେଳ କୁଦରୁ ବଞ୍ଚିତ ହେଉଛନ୍ତି। ଶ୍ରୀକୃଷ୍ଣଙ୍କ ଦହି ଚୋରି ଦୃଶ୍ୟ ଦେଖିବାକୁ ମିଳୁ ନାହିଁ। ତେଣୁ କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥି ଓ ବକ୍ତାମାନେ ଶିଶୁମାନଙ୍କ ଶୈଶବକୁ ସୁରକ୍ଷିତ ରଖିବାକୁ ବାର୍ତ୍ତା ଦେଇଛନ୍ତି। ଏଥିସହ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଉପରେ ଅତିଥି ଓ ବକ୍ତାମାନେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ପଣ୍ଡାଙ୍କ ପରିଚାଳନାରେ କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବିଭୋର ହୋଇଥିଲେ। ଶିକ୍ଷକ ନେତା ବବ୍ରୁବାହାନ ଭୋଇ ଅତିଥି ପରିଚୟ କରିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ପଣ୍ଡା, ସମ୍ପାଦକ ସୁରେନ୍ଦ୍ର କୁମାର ଦାଶ, ଶେଷଦେବ ଗୁରୁ, ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ହେମନ୍ତ ପଣ୍ଡା, ସଞ୍ଜୟ କୁମାର ଦାସ, ସନ୍ତୋଷ ମିଶ୍ର, ଶୁଭଶ୍ରୀ ବଡ଼ପଣ୍ଡା, ହାସ୍ୟମୟୀ ବେହେରା, ସ୍ୱାଗତିକା ବାରିକ, ସଂଯୁକ୍ତା ପାଣିଗ୍ରାହୀ, ଗୀତାରାଣୀ ମିର୍ଦ୍ଧା, ରଶ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।

# ମହାନଦୀ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ

ସମ୍ବଲପୁର,୨୬।୮ (ଭବାନୀ ଶଙ୍କର ଭୋଇ)



ଆଲେଚନାଚକ୍ରରେ ମଞ୍ଚାସୀନ ଅତିଥି।

ସମ୍ବଲପୁରର ବିଭିନ୍ନ ସଙ୍ଗଠନଗୁଡିକୁ ନେଇ ସାମ୍ବାଦିକ ଭବନରେ ମହାନଦୀ ଜଳ ବିବାଦ ସମାଧାନର ବିକଳ୍ପ ରାସ୍ତା ପ୍ରସଙ୍ଗରେ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆବାହକ ସୁଦର୍ଶନ ଦାସ ମହାନଦୀର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଛତିଶଗଡ଼ରେ ଅନେକ ସଂଖ୍ୟାରେ ଛୋଟବଡ଼ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଗଚ୍ଛିତ କରି ରଖିବା ଓଡ଼ିଶା ପାଇଁ ଏକ ଗୁରୁତର ସମସ୍ୟା। କିନ୍ତୁ ଓଡ଼ିଶାର ଜୀବନରେଖା ମହାନଦୀକୁ ସୁରକ୍ଷିତ ରଖିବା ପାଇଁ ଏହାର ପ୍ରଦୂଷଣସ୍ତରକୁ କମାଇବା, ନଦୀ ତଟରେ ସବୁଜିମା ସୃଷ୍ଟି କରିବା, ମହାନଦୀରେ ଛୋଟଛୋଟ ବ୍ୟାରେଜ ନିର୍ମାଣ କରି ଏହାର ଜଳକୁ ସଂରକ୍ଷିତ ରଖିବା ଆଦି ବିଷୟ ଉପରେ ଆଲୋଚନା କରି ମହାନଦୀକୁ ଜୀବନ୍ତ ରଖିବା ପାଇଁ ଦାସ ଆହ୍ୱାନ କରିଥିଲେ।

ବୈଠକରେ ସଂଯୋଜନା କରୁଥିବା ବିଜେଡିର ବରିଷ୍ଠ ନେତା ସିଦ୍ଧାର୍ଥ ଦାସ ଛତିଶଗଡ଼ରେ ବେଆଇନ ବ୍ୟାରେଜ ନିର୍ମାଣ ପ୍ରସଙ୍ଗ ଉଠାଇବା ସହ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ମହାନଦୀ ଟ୍ରିବ୍ୟୁନାଲକୁ ଅନ୍ତରୀଣ ଆଦେଶ ଦେବାକୁ ତତ୍କାଳୀନ ରାଜ୍ୟ ସରକାର ଅନୁରୋଧ କରିଥିଲେ। ହେଲେ ଗ୍ରୀଷ୍ମ ସମୟରେ ଓଡ଼ିଶା ପାଇଁ ଆବଶ୍ୟକ ଜଳ ଛାଡିବା ଦିଗରେ ଗତ ୬ବର୍ଷରେ ଟ୍ରିବ୍ୟୁନାଲ କୌଣସି ପଦକ୍ଷେପ ନେଇ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ଉପସ୍ଥିତ ବକ୍ତା ପ୍ରଫୁଲ୍ଲ ହୋତା, ମହେନ୍ଦ୍ର ମିଶ୍ର, ଭକ୍ତପ୍ରସାଦ ନନ୍ଦ, ମହେଶ ସାଇତା ପ୍ରମୁଖ ମହାନଦୀ ଜଳ ଅବବାହିକାକୁ ସୁରକ୍ଷିତ ରଖିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ୬ ବର୍ଷରେ ୩୨ଟି ବୈଠକ କରିସାରିଥିବା ବେଳେ ତା'ର ଶୁଣାଣି ଆରମ୍ଭ ମଧ୍ୟ କରିପାରି ନ ଥିବା ନେଇ ଆଲୋଚନାଚକ୍ରରେ କ୍ଷୋଭ ପ୍ରକାଶ ପାଇଥିଲା। ୨୦୨୬ ଏପ୍ରିଲ ସୁଦ୍ଧା ମହାନଦୀ ଟ୍ରିବ୍ୟୁନାଲ ତାର ରାୟ ପ୍ରକାଶ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

- ସରକାର ଉପରେ ଦାୟିତ୍ୱ ନ୍ୟସ୍ତ କରି ଚୁପ୍ ରହିବା ଭୁଲ୍ ହେବ
- ଛତିଶଗଡ଼ରେ ବ୍ୟାରେଜ ସମସ୍ୟା ସହ ପ୍ରଦୂଷଣ ମହାନଦୀ ପାଇଁ ବିପଦ
- ଆସନ୍ତା ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ସମ୍ବଲପୁରରେ ହେବ ରାଜ୍ୟସ୍ତରୀୟ ବୈଠକ

ତେବେ ଏ ପର୍ଯ୍ୟନ୍ତ ଉଭୟ ଓଡ଼ିଶା ଏବଂ ଛତିଶଗଡ ରାଜ୍ୟ ସରକାର ଟ୍ରିବ୍ୟୁନାଲକୁ ମହାନଦୀ ସମ୍ପର୍କୀୟ ତଥ୍ୟ ପ୍ରଦାନ କରି ନାହାନ୍ତି। ଏଥିରୁ ଓଡ଼ିଶାବାସୀ ଉଚିତ ନ୍ୟାୟ ପାଇପାରିବା ନେଇ ଆଲୋଚକମାନେ ସନ୍ଦେହ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କଲମା ସମେତ ବିଭିନ୍ନ ବ୍ୟାରେଜରୁ ଛତିଶଗଡ଼ ସରକାର ବିଭିନ୍ନ କମ୍ପାନୀକୁ ଜଳ ଆବଣ୍ଟନ କରିବା ଆରମ୍ଭ କରିସାରିଛନ୍ତି। ସେଥିପାଇଁ ମହାନଦୀ ଓଡ଼ିଶାକୁ ପ୍ରବେଶ କରୁଥିବା ସୁଖାସୋଢାରେ ନଦୀ ଗ୍ରୀଷ୍ମ ସମୟରେ ଶୁଖିଲା ପଡୁଥିବା ନେଇ ଆଲୋଚକମାନେ ଦୁଃଖପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ପୂର୍ବ ବିଜେଡି ସରକାର ସବୁଜ ମହାନଦୀ ମିଶନ ନାଁରେ ମହାନଦୀ ପଠାକୁ ସବୁଜ ସୁନ୍ଦର କରିବା ପାଇଁ ୫୦ କୋଟି ଖର୍ଚ୍ଚ କରିଥିଲେ। ହେଲେ ବର୍ତ୍ତମାନ କେତୋଟି ଗଛ ବଞ୍ଚି ରହିଛି ତାହା ଚର୍ଚ୍ଚାର ବିଷୟ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ମହାନଦୀରେ ଜଳ ସଂରକ୍ଷଣ ପାଇଁ ହୀରାକୁଦ ତଳମୁଣ୍ଡରେ ୭ଟି ବ୍ୟାରେଜ ନିର୍ମାଣ କରିବା ପାଇଁ ଘୋଷଣା କରାଯାଇଥିଲେ ହେଁ ସେହି ପ୍ରକଳ୍ପ ଆଗେଇ ପାରିଲା ନାହିଁ। କମ୍ପାନୀଗୁଡିକ ଉପରେ ୮ ହଜାର କୋଟି ଟଙ୍କା ଜଳକର ବକେୟା ରହିଥିବା ବେଳେ ମହାନଦୀର ସୁରକ୍ଷା ପାଇଁ ରାଜ୍ୟରେ ସରକାରମାନେ ଯେତିକି ତତ୍ପର ହେବା କଥା, ସେତିକି ତତ୍ପରତା ଦେଖାଇଥିଲେ ଆଜି ମହାନଦୀ ଏଭଳି ସଙ୍କଟ ଦେଇ ଗତି କରି ନ ଥାନ୍ତା ବୋଲି ଆଲୋଚକମାନେ ମତ ଦେଇଥିଲେ।

ଟ୍ରିବ୍ୟୁନାଲ ସମାଧାନର ବାଟ ନୁହେଁ। କାବେରୀ ନଦୀ ଜଳ ବିବାଦ ଭଳି ବର୍ଷବର୍ଷ ଧରି ବିବାଦର ସମାଧାନ ଅପେକ୍ଷାରେ ଉଭୟ ରାଜ୍ୟ ମଧ୍ୟରେ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ବର୍ତ୍ତମାନ ସମୟରେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ରହିଥିବାରୁ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ବିଭିନ୍ନ ସହର ଏବଂ କଳ କାରଖାନାରୁ ନିର୍ଗତ ଆବର୍ଜନା ମହାନଦୀର ଜୈବ ବିବିଧତାକୁ ନଷ୍ଟ କରିବାକୁ ବସିଛି। ଏହାପ୍ରତି ସରକାର ଦୃଷ୍ଟି ନଦେଲେ ଆଗାମୀ ଦିନରେ ମହାନଦୀ କେବଳ ଏକ ବଡ ନାଳରେ ପରିଣତ ହୋଇ ଏହାର ମୃତ୍ୟୁ ହେବା ଆଶଙ୍କା ଦେଖାଦେଇଥିବା ନେଇ ଆଲୋଚନାରେ ଆଶଙ୍କା ପ୍ରକାଶ ପାଇଥିଲା। ତେଣୁ ମହାନଦୀର ସୁରକ୍ଷା ପାଇଁ କ'ଣ ଆବଶ୍ୟକ ସେହି ବିଷୟରେ ଆଲୋଚନା କରିବା ପାଇଁ ଆଗାମୀ ସେପ୍ଟେମ୍ବରରେ ଦ୍ୱିତୀୟ ସପ୍ତାହରେ ରାଜ୍ୟସ୍ତରୀୟ ବୈଠକ ସମ୍ବଲପୁରରେ ଆୟୋଜନ କରି ସମାଧାନ ବାଟ ବାହାର କରିବା ପାଇଁ ଚେଷ୍ଟା କରାଯିବ ବୋଲି ଘୋଷଣା କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅନନ୍ତ


@ ଜିତେନ


@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କରୁଣାକର ଶତପଥୀଙ୍କୁ ଅନ୍ତଃରାଷ୍ଟ୍ରୀୟ ଫଟୋଗ୍ରାଫି ସମ୍ମାନ

ସମ୍ବଲପୁର,୨୬।୮ (ଭବାନୀ ଶଙ୍କର ଭୋଇ)



ସମ୍ବଲପୁରର ବରିଷ୍ଠ ଫଟୋଗ୍ରାଫର୍ କରୁଣାକର ଶତପଥୀଙ୍କୁ ଆମେରିକାର ଫଟୋଗ୍ରାଫି ଏଲାୟନ୍ସ ୟୁଏସ୍‌ଏ ପକ୍ଷରୁ ଫଟୋଗ୍ରାଫିରେ ଅନରାରି ଫେଲୋ ସମ୍ମାନ ପାଇଁ ଚୟନ କରାଯାଇଛି। ଶତପଥୀଙ୍କୁ କଳାତ୍ମକ ଫଟୋଗ୍ରାଫି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବା ନେଇ ସୋମବାର ସୂଚନା ପ୍ରଦାନ କରାଯାଇଛି। ଏଥିପୂର୍ବରୁ ମଧ୍ୟ ଶତପଥୀଙ୍କୁ ଅନେକ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଛି।

ଏହି ଏଲାୟନ୍ସର ଭାରତୀୟ ପ୍ରତିନିଧି ଏବଂ ଆନ୍ଧ୍ର ପ୍ରଦେଶ ବିଜୟୱାଡ଼ାର ବିଶିଷ୍ଟ ଫଟୋ ଜର୍ନାଲିଷ୍ଟ ତମ୍ମା ଶ୍ରୀନିବାସନ ରେଡ୍ଡି ଦେଇଥିବା ସୂଚନା ଅନୁସାରେ ଏହି ସମ୍ମାନ ପାଇଁ ବିଶ୍ୱର ବିଭିନ୍ନ ଦେଶରୁ ଆବେଦନ କରାଯାଇଥିଲା। କଳାତ୍ମକ ଫଟୋଗ୍ରାଫି କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପାଇଁ ବିଶ୍ୱର ୨୮ଜଣ ଫଟୋଗ୍ରାଫରଙ୍କୁ ଗତ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ଶତପଥୀ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସୋମବାର ଶ୍ରୀତମ୍ମା ଶ୍ରୀନିବାସନ ରେଡ୍ଡି ତାଙ୍କୁ ସମ୍ମାନ ପାଇବା ନେଇ ଚୟନ କରାଯିବା ବିଷୟରେ ଅବଗତ କରିଥିଲେ। ଆସନ୍ତା ଡିସେମ୍ବର ପହିଲାରେ ବିଜୟୱାଡ଼ାଠାରେ ଶତପଥୀଙ୍କୁ ଏହି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ପ୍ରଦାନ କରାଯିବ।

## ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ ତିହାର ପ୍ରସ୍ତୁତି

ସମ୍ବଲପର,୨୬।୮ (ବି.ଶଙ୍କର)

ସମ୍ବଲପୁର ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟଘାଟ ତିହାର-୨୦୨୪ ପ୍ରସ୍ତୁତି ବୈଠକ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ନରେନ୍ଦ୍ର ପ୍ରକାଶ ରାୟଗୁରୁ ସଭାପତିତ୍ୱରେ ହୋଇଥିବା ସଭାରେ ଆବାହକ ଦେବାଶିଷ ପୁରୋହିତ ଭେଟଘାଟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ୨୦ବର୍ଷ ପୂର୍ବେ ଧନୁପାଲିରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଜୀଇଁ ଥିଲେ ବର୍ଷେ ହୋଇ ଆସୁଥିଲା। କିନ୍ତୁ କୌଣସି କାରଣରୁ ତାହା ବନ୍ଦ ହୋଇ ଯାଇଥିଲା। ବର୍ତ୍ତମାନ ଉକ୍ତ କାର୍ଯ୍ୟକ୍ରମକୁ ପୁନଃ ଆରମ୍ଭ କରବାକୁ ଚେଷ୍ଟା କରିବା ସହ ଅଞ୍ଚଳର ସାଂସ୍କୃତିକ ଗାରିମାକୁ ପୁନଃସ୍ଥାପନ କରିବା ଆବଶ୍ୟକ ରହିଛି ବୋଲି ଉପସ୍ଥିତ ଗୁରୁଜନ ଓ ଅଞ୍ଚଳବାସୀ ମତପ୍ରକାଶ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ଏହା ପରେ ବୈଠକରେ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସଞ୍ଜୟ ମିଶ୍ର ସଭାପତି, ସଞ୍ଜୀବ ପାଢ଼ୀ, ମମତାରାଣୀ ପଣ୍ଡା ଓ ଦୁଷ୍ମନ୍ତ ପଣ୍ଡା ଉପସଭାପତି, ପ୍ରଶାନ୍ତ ଥାପା ସମ୍ପାଦକ, ସୁରଜ କୁମାର ଗୁରୁ ସହ ସମ୍ପାଦକ, ସନ୍ତୋଷ ରାଏଗୁରୁ କୋଷାଧ୍ୟକ୍ଷ, ଚୈତନ୍ୟ ନାୟକଙ୍କୁ ସହ କୋଷାଧ୍ୟକ୍ଷଭାବେ ସର୍ବସମ୍ମତିରେ ମନୋନୀତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକଭାବେ ସୁରେନ୍ଦ୍ର ଖଟେଇ, ସୁଦାମ ପଣ୍ଡା, ତର୍ପଣ ପ୍ରଧାନ ରହିଛନ୍ତି। ଖାଦ୍ୟ ପରିଚାଳନା କମିଟି ସଂଯୋଜକ ଭାବେ ଜୟକିଶୋର ଜାଲ ଓ ସୌରଭ ପଣ୍ଡା, ପ୍ରଚାର ପ୍ରସାର ସଂଯୋଜକ ଦିଲୀପ ମହାନନ୍ଦ ଓ ଅଭିଲାଷ ପଣ୍ଡା, ଅର୍ଥ କମିଟିରେ ରାମଚନ୍ଦ୍ର ମେହେର, ସରୋଜ ସାହୁ, ପ୍ରଦୀପ ବହିଦାର, ମିଡ଼ିଆ ସଂଯୋଜକ ସଞ୍ଜୀବ ପାଣିଗ୍ରାହୀ ଓ ଅଭ୍ୟର୍ଥନା କମିଟି ସଂଯୋଜକ ଭାବେ ବିକ୍ରମ ଗୁରୁ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଛି। ମୁଖ୍ୟ ଉପଦେଷ୍ଟା ଭାବେ ନାଉରୀ ନାଏକ ରହିଥିବା ବେଳେ ୧୩ଜଣଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଛି। ଏହି ବୈଠକରେ ବିଭିନ୍ନ ସାଂସ୍କୃତିକ ଓ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ଚିତ୍ରକଳା କର୍ମଶାଳା, ବିତର୍କ, ସମ୍ବଲପୁରୀ ନୃତ୍ୟ ଓ ସମ୍ବଲପୁରୀ ବସ୍ତ୍ର ପରିଧାନ ପ୍ରତିଯୋଗିତା କରିବାକୁ ସ୍ଥିରୀକୃତ ହୋଇଛି। ଆବାହକ ସୌରଭ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହୀରାକୁଦ ଜଳଭଣ୍ଡାର: ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୬।୮ (ପ୍ରମୋଦ ବହିଦାର)

ଉପରମୁଣ୍ଡରେ ଭାରି ବର୍ଷାକୁ ଦୃଷ୍ଟିରେ ରଖି ରବିବାର ହୀରାକୁଦ ଜଳଭଣ୍ଡାରର ୬ଟି ଗେଟ୍ ଖୋଲାଯାଇଥିଲା। ମୋଟ ୨୦ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା। ହେଲେ ସୋମବାର ୬ଟି ଗେଟ୍ ବନ୍ଦ କରାଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାରରୁ ୧୪ଟି ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୫୦ ହଜାର ୦୯୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଣଭଣ୍ଡାରରୁ ପ୍ରତିସେକେଣ୍ଡରେ ହାରାହାରି ୨ ଲକ୍ଷ ୬୧ ହଜାର ୧୩୮ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ୧୪ଟି ସ୍ଲୁଇସ୍ ଗେଟ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୦ ହଜାର ୯୩୪ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୬ ହଜାର ୮୧୩ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୬୪୬ ଘନଫୁଟ, ଶାସନ କେନାଲରେ ୪୦୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନ ଗୁଡ଼ିକୁ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୭.୫୪ ମିଲିମିଟର ଓ ତଳମୁଣ୍ଡରେ ୩.୫୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି।

## ଶ୍ରୀକୃଷ୍ଣ ପ୍ରେମ, ସଦ୍‌ଭାବନାର ପ୍ରତୀକ

### ବଲାଙ୍ଗୀରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ


ଶ୍ରୀକୃଷ୍ଣ-ଶ୍ରୀରାଧା ବେଶରେ ଛାତ୍ରୀଛାତ୍ର ବଲାଙ୍ଗୀର ଡେଲିମାର୍କେଟରେ ପରିକ୍ରମା କରୁଛନ୍ତି।

ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ସହରର ବିଭିନ୍ନ ମନ୍ଦିର ଓ ଶିକ୍ଷାନୁଷ୍ଠାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଛି। ସହରର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂ ଯୋଗଦେଇ ଶ୍ରୀକୃଷ୍ଣ ପ୍ରେମ ଓ ସଦ୍‌ଭାବନାର ପ୍ରତୀକ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସକାଳେ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଏକ ରାଲିରେ କଂସାରୀପଡା ଠାରୁ ବାହାରି ବିକ୍ରମ ଛକ, ଡେଲିମାର୍କେଟ ରାସ୍ତାରେ ପରିକ୍ରମା କରିଥିଲେ। ଶ୍ରୀକୃଷ୍ଣ ଓ ଶ୍ରୀରାଧା ବେଶରେ ଏକଶତରୁ ଉର୍ଦ୍ଧ୍ୱ ବାଟିକା ବିଭାଗ ଶିଶୁମାନେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଶିକ୍ଷାନୁଷ୍ଠାନରେ ଶ୍ରୀକୃଷ୍ଣ ବାଲ୍ୟଜୀବନ କାହାଣୀ ଓ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା ଓ ଚଳଚ୍ଚିତ୍ର ମଥୁରା ବିଜୟ ପ୍ରଦର୍ଶନ ହୋଇଥିଲା। ଅଭିଭାବିକାମାନେ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ଓ ବାଳକୃଷ୍ଣ ବନ୍ଦାଣ କରିଥିଲେ। ପରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ବେଶଧାରୀ ଛାତ୍ରୀଛାତ୍ରଙ୍କୁ ଝୁଲଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ, ବ୍ୟକ୍ତିଗତ ଗୀତ, ଦାଣ୍ଡିଆ ତଥା ଦହି ମାଠିଆ ଫୋଡା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ଭାରତୀ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଡ. ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ତରଣୀସେନ ପଟେଲ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ତରିଆ ଉପସ୍ଥିତ ଥିଲେ। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ସାହାଜବାହାଲ ସ୍ଥିତ ବିଶ୍ୱାତ୍ମ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ରାଧା-କୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ମୁଖ୍ୟ ଆଚାର୍ଯ୍ୟ ଚନ୍ଦ୍ର କୁମାର ପୁରୋହିତ, ରଘୁନାଥ, ଶେଷଦେବ, କ୍ଷୀରୋଦ୍ର, ମାଧବୀ, ସବିତା, ଲିଲି, ସ୍ମୃତି, ନିରଞ୍ଜନ, ମଞ୍ଜୁ ପୂଜାର୍ଚ୍ଚନାରେ ପରିଚାଳନା କରିଥିଲେ।

ସେହିପରି ବଲାଙ୍ଗୀର ସହର ତେଲିଗୋଠପଡା ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସୋମବାର ସକାଳୁ ଜନ୍ମାଷ୍ଟମୀ ପୂଜନୋତ୍ସବ ପାଳିତ ହୋଇଥିଲା। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅନୁଷ୍ଠିତ ହୋଇଛି।

## ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡା

କୁଚିଣ୍ଡା,୨୬।୮ (ବିରଞ୍ଚି ଦର୍ଶା)


ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ପିଆରଆଇ ପ୍ରତିନିଧିମାନେ।

ଗ୍ରାମାଞ୍ଚଳର ବିକାଶରେ ସମସ୍ତ ଜନସାଧାରଣଙ୍କ ସହଯୋଗ ଲୋଡା। ଏହା କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ସମ୍ବଲପୁର ଜିଲା ବାମରା ବ୍ଲକ ରଙ୍ଗିଆଟିକିରାଠାରେ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ନାଏକ ଗ୍ରାମାଞ୍ଚଳର ସାମୂହିକ ବିକାଶକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଏହାଛଡା ରାସ୍ତାଘାଟ, ପାନୀୟଜଳ, ଆବାସ ଯୋଜନାରେ ଲୋକେ କେମିତି ସାମିଲ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ରଙ୍ଗିଆଟିକିରା ସରପଞ୍ଚ ସମୀର ବରିହାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ମଣ୍ଡଳ ସଭାପତି ସୁଶୀଲ ଦାଶ, ନରେଶ ସିଂ ଠାକୁର, ସାଧାରଣ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ରଙ୍ଗିଆଟିକିରା ଟଙ୍କଧର ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ବରିହା, ଯଶୋବନ୍ତ ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ସିଆରପି, ଏମବିକେ, ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜ୍ୟରେ ମାଛଚାଷର ହବ୍ ହେବ କଳାହାଣ୍ଡି

ଭବାନୀପାଟଣା,୨୬।୮ (ଉତ୍ତମ କୁମାର ଦାଶ)

- ବର୍ଷକୁ ୩୦ ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ
- ୨୦୨୦ରେ ଦେଶରେ କଳାହାଣ୍ଡି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା


ଧର୍ମଗଡ଼ ବ୍ଲକ ମୁଖିଗୁଡାଠାରେ ହେଉଥିବା ମାଛ ଚାଷ।

କଳାହାଣ୍ଡି ଜିଲା ଧାନ ଓ କପା ଉତ୍ପାଦନ କ୍ଷେତ୍ରରେ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଏବେ ଆଉ ଏକ ପାଦ ଆଗେଇବାରେ ସକ୍ଷମ ହୋଇଛି। ଜିଲାରେ ଉତ୍ପାଦନ ହେଉଥିବା ଉନ୍ନତ ମାନର ମାଛ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଆଗାମୀ ଦିନରେ ଜିଲା ମାଛଚାଷର ହବ୍ ହେବ ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି। ଭଲ ମାଛ ଉତ୍ପାଦନ ହେଉଥିବାରୁ ଏହାକୁ ଆହୁରି ବ୍ୟାପକ କରିବାକୁ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକକୁ ଛାଡି ଭବାନୀପାଟଣା, ଧର୍ମଗଡ, ଜୟପାଟଣା, ଜୁନାଗଡ, ଗୋଲାମୁଣ୍ଡା, କେସିଙ୍ଗା, ନର୍ଲା, କଲମପୁର, ଲାଞ୍ଜିଗଡ଼, କର୍ଲାମୁଣ୍ଡା, ଏମ୍ ରାମପୁର, କୋକସରା ଆଦି ୧୨ ବ୍ଲକରେ ଉନ୍ନତମାନର ମାଛ ଚାଷ କରାଯାଉଛି। ପ୍ରତିବର୍ଷ ଜିଲାରେ ୧୪ ହଜାର ହେକ୍ଟର ଅଞ୍ଚଳରେ ମାଛ ଚାଷ ହେଉଥିବା ବେଳେ ସେଥିରୁ ୩୦ ହଜାର ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଛି। ଏହାଦ୍ୱାରା ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ନିଜର ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ସକ୍ଷମ ହୋଇପାରୁଛନ୍ତି ବୋଲି ଜିଲା ମତ୍ସ୍ୟ ଅଧିକାରିଣୀ ଦ୍ରୌପଦୀ ମାଝି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ କଳାହାଣ୍ଡି ଜିଲା ମତ୍ସ୍ୟଚାଷ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା। ଏହାକୁ ନେଇ ସେହିବର୍ଷ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଭାରତ ସରକାରଙ୍କ ପକ୍ଷରୁ କଳାହାଣ୍ଡି ମତ୍ସ୍ୟ ଚାଷ ପାଇଁ ପୁରସ୍କୃତ ମଧ୍ୟ ହୋଇଥିଲା। ସେହି ଦିନଠାରୁ ମାଛ ଚାଷ ପାଇଁ ଚାଷୀଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏହି ଚାଷକୁ କିଭଳି ଆହୁରି ବ୍ୟାପକ କରାଯାଇ ପାରିବ ସେ ଉପରେ ଚାଷୀମାନେ ଉଦ୍ୟମ ଜାରି ରଖିଛନ୍ତି। ଚାଷୀମାନେ କିଭଳି ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିପାରିବେ ସେ ଉପରେ ଗୁରୁତ୍ୱ ଦେଇଛି ଜିଲା ମତ୍ସ୍ୟ ବିଭାଗ। ସେମାନଙ୍କୁ ବିଭାଗ ପକ୍ଷରୁ ପ୍ରୋତ୍ସାହନ ଯୋଗାଯିବା ସହ ମାଛ ଚାଷ ଉପରେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି। ଅନେକ ସମୟରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫ୍ରେଶ ୱାଟର ଆକ୍ୱାକଲଚର (ସିଫା)ର ଅଧିକାରୀ ଓ ମତ୍ସ୍ୟ ବିଜ୍ଞାନୀମାନେ ଜିଲାର ମାଛ ଚାଷ ହେଉଥିବା ଅଞ୍ଚଳ ଗସ୍ତ କରି ମାଛ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି। ପୂର୍ବରୁ କଳାହାଣ୍ଡି ଜିଲାକୁ ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗରୁ ମାଛ ଆମଦାନୀ ହେଉଥିବାବେଳେ ବର୍ତ୍ତମାନ ଆଉ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ। ଜିଲାର ମାଛ ଉତ୍ପାଦନ ଆବଶ୍ୟକତା ପୂରଣ କରୁଛି। ସେହିପରି କଳାହାଣ୍ଡିର ମାଛ ବାହାର ରାଜ୍ୟକୁ ମଧ୍ୟ ରପ୍ତାନି ହେଉଥିବା ମତ୍ସଜୀବୀ ନୀଳମଣି ଗୋପାଲ, ଦୁରୁ ଗୋପାଲ କହିଛନ୍ତି। ଏହା ଦ୍ୱାରା ଆଗାମୀ ଦିନରେ କଳାହାଣ୍ଡି ମାଛ ଚାଷର ହବ୍‌ରେ ପରିଣତ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରେ ରୋହି, ଭାକୁର, ବିଲାତି ଭଳି ଅନେକ ପ୍ରକାର ମାଛ ଚାଷ ହୋଇଥାଏ। ହେଲେ ମାଛ ଦରକୁ ନେଇ ଚାଷୀମାନଙ୍କ ମଧ୍ୟରେ କିଛିଟା ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ମାଛ କିଲୋ ପିଛା ୧୫୦ ଟଙ୍କାରେ ବିକ୍ରି କରୁଥିବା ବେଳେ ତାହା ବଜାରରେ ୨୦୦ରୁ ୨୨୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ସରକାର ବଜାର ବ୍ୟବସ୍ଥା କଲେ ଚାଷୀମାନେ ଆହୁରି ଉପକୃତ ହୋଇପାରନ୍ତେ ବୋଲି ମାଛଚାଷୀ ପଙ୍କଜ ମୁଣ୍ଡ, ମନୋଜ ପାଇଯୋଷୀ ପ୍ରକାଶ କରିଛନ୍ତି।

# କଂଗ୍ରେସ ୩୨, ଏନ୍‌ସି ୫୧ ଆସନରେ ଲଢ଼ିବ



କଂଗ୍ରେସ ଏବଂ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଶ୍ରୀନଗରରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ୨ଦଳର ନେତା ସୂଚନା ଦେଉଛନ୍ତି।

## କଶ୍ମୀର ନିର୍ବାଚନ

ଶ୍ରୀନଗର,୨୬।୮

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ସୋମବାର ଚୂଡ଼ାନ୍ତ ହୋଇଛି। ୯୦ ଆସନ ବିଶିଷ୍ଟ ବିଧାନସଭା ପାଇଁ ଏନ୍‌ସି ୫୧ ଆସନରେ ଲଢ଼ିବାକୁ ଥିବାବେଳେ ସହଯୋଗୀ ଦଳ କଂଗ୍ରେସ ୩୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ରାଜି ହୋଇଛି। ଏହା ବ୍ୟତୀତ ମେଣ୍ଟ ସହଯୋଗୀ ସିପିଆଇ(ଏମ୍) ଏବଂ ଜମ୍ମୁ-କଶ୍ମୀର ନ୍ୟାଶନାଲ ପାନ୍ଥର୍ସ ପାର୍ଟି (ଜେକେଏନ୍‌ପିପି)କୁ ଗୋଟିଏ ଲେଖାଏ ଆସନ ଛଡ଼ାଯାଇଛି। ଅବଶିଷ୍ଟ ୫ଟି ଆସନରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କ ବାସଭବନରେ ସୋମବାର ଦିବସବ୍ୟାପୀ ଆଲୋଚନା ପରେ କେଉଁ ଦଳ କେତେ ଆସନରେ ଲଢ଼ିବେ, ତାହା ମିଳିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ଆସନ ତାଲିକା ଏବଂ ପ୍ରାର୍ଥୀମାନଙ୍କ ନାଁ ଖୁବ୍ ଶୀଘ୍ର ପ୍ରକାଶ ପାଇବ ବୋଲି ନେତାମାନେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏନ୍‌ସି ଅଧ୍ୟକ୍ଷ ଫାରୁକ୍‌ଙ୍କ ବାସଭବନରେ ଆଲୋଚନା କରିବା ପରେ ୨ ଦଳ ମଧ୍ୟରେ ମେଣ୍ଟ ଚୂଡ଼ାନ୍ତ ହୋଇଥିଲା। ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଭୋଟ ଗଣତି ଅକ୍ଟୋବର ୪ରେ କରାଯିବ। ସିପିଆଇଏମ୍‌ର ଏମ୍‌ୱାଇ ତାରିଗାମୀ ମଧ୍ୟ ମେଣ୍ଟରେ ରହିବାକୁ ସହମତ ହୋଇଥିଲେ। ଆମ ପାଇଁ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶରେ ଥିବା ବିଭାଜନବାଦୀ ଶକ୍ତି ବିରୋଧରେ ଲଢ଼େଇ କରିବା ଆମର ମିଳିତ କାର୍ଯ୍ୟସୂଚୀ ବୋଲି ଏନ୍‌ସି ଅଧ୍ୟକ୍ଷ ଫାରୁକ୍ କହିଥିଲେ। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏହି ମେଣ୍ଟରେ ସାମିଲ ହୋଇ ନାହିଁ।

# ମହିଳାଙ୍କୁ ସୁରକ୍ଷା ଦେବାରେ ପଶ୍ଚିମବଙ୍ଗ ସରକାର ବିଫଳ: କେନ୍ଦ୍ର

## ରାଜ୍ୟରେ କାର୍ଯ୍ୟ କରୁନି ଅଧିକାଂଶ ଫାଷ୍ଟଟ୍ରାକ୍ କୋର୍ଟ

ନୂଆଦିଲ୍ଲୀ,୨୬।୮

ପଶ୍ଚିମବଙ୍ଗରେ ୪୮,୬୦୦ ବଳାତ୍କାର ଏବଂ ପୋକ୍‌ସୋ ମାମଲା ବିଚାର ଅପେକ୍ଷାରେ ପଡ଼ି ରହିଥିବାବେଳେ ମମତା ବାନାର୍ଜୀ ସରକାର ଅବଶିଷ୍ଟ ୧୧ଟି ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା କେନ୍ଦ୍ର କହିଛି। ମହିଳା ଓ ଝିଅମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା ପଦକ୍ଷେପ କାର୍ଯ୍ୟକାରୀ କରିବାରେ ବିଫଳତା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସମାଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମମତା ଲେଖିଥିବା ପତ୍ରର ଜବାବରେ ସୋମବାର କେନ୍ଦ୍ର କହିଛି, ଉକ୍ତ ରାଜ୍ୟକୁ ୧୨୩ଟି ଫାଷ୍ଟ-ଟ୍ରାକ୍ କୋର୍ଟ ମଞ୍ଜୁର ହୋଇଥିଲା, କିନ୍ତୁ ସେଥିରୁ ଅଧିକାଂଶ କାର୍ଯ୍ୟକ୍ଷମ ନୁହେଁ। ଦେଶର ୩୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗତ ଜୁନ୍ ସୁଦ୍ଧା ୪୦୯ ପୋକ୍‌ସୋ କୋର୍ଟ ସମେତ ୭୫୨ ଫାଷ୍ଟଟ୍ରାକ୍ କୋର୍ଟ କାର୍ଯ୍ୟ କରୁଛି। ଏହି କୋର୍ଟଗୁଡ଼ିକ ଜରିଆରେ ୨,୫୩,୦୦୦ରୁ ଅଧିକ ମାମଲାର ଫଇସଲା ହୋଇଛି। ବଳାତ୍କାର ଓ ଶିଶୁ ଯୌନ ଅପରାଧ ମାମଲାର ସମାଧାନ ପାଇଁ ଏହି ଯୋଜନାରେ ପଶ୍ଚିମବଙ୍ଗକୁ ୨୦ ପୋକ୍‌ସୋ କୋର୍ଟ ଏବଂ ୧୦୩ଟି ଫାଷ୍ଟଟ୍ରାକ୍ କୋର୍ଟ ମଞ୍ଜୁର ହୋଇଥିଲା। ୨୦୨୩ ଜୁନ୍ ପର୍ଯ୍ୟନ୍ତ କୌଣସି କୋର୍ଟ କାର୍ଯ୍ୟକ୍ଷମ ହୋଇ ନ ଥିଲା।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଦେଶରେ ବଳାତ୍କାର ସଂଖ୍ୟା ବଢୁଥିବା ନେଇ ଚିନ୍ତାବ୍ୟକ୍ତ କରିବା ସହ ତ୍ୱରିତ୍ ନ୍ୟାୟ ସୁନିଶ୍ଚିତ କରିବାରେ ପ୍ରସ୍ତାବିତ ଆଇନ କେତେ ସକ୍ଷମ ବୋଲି ପ୍ରଶ୍ନ ଉଠାଇଥିଲେ। ଦେଶରେ ଦୈନିକ ହାରାହାରି ୯୦ ବଳାତ୍କାର ଘଟୁଛି, ଯାହା ସମାଜର ଆତ୍ମବିଶ୍ୱାସ ଓ ବିବେକକୁ ଦୋହଲାଇଦେଇଛି। ମହିଳାମାନେ ଯେପରି ସୁରକ୍ଷିତ ଓ ନିରାପଦ ଅନୁଭବ କରିବେ, ସେଥିପାଇଁ ଏଭଳି ଅପରାଧକୁ ବନ୍ଦ କରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମମତା ଲେଖିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଚମ୍ପୁଆ ବିକାଶ ପରିଷଦ ସଦସ୍ୟ



ବିକାଶ ପରିଷଦ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚମ୍ପୁଆ,୨୬।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଚମ୍ପୁଆ ବିକାଶ ପରିଷଦ ସଦସ୍ୟ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟିଛନ୍ତି। ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରି ତୁରନ୍ତ ସମାଧାନ ପାଇଁ ଅନୁରୋଧ କରିଥିଲେ।

ସୂଚନା ଅନୁସାରେ, ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ହେଉଥିବା ବିଳମ୍ବ, ସହର ବାହାରେ ଏକ ବାଇପାସ୍ ନିର୍ମାଣ, ଚମ୍ପୁଆରେ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ, ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ, ଟ୍ରମା କେୟାର ସେଣ୍ଟର ଖୋଲିବା ଏବଂ ଚମ୍ପୁଆ ସହରକୁ ରେଳ ସଂଯୋଗୀକରଣ ପାଇଁ ଏକ ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନଠାରେ ବିକାଶ ପରିଷଦ ସମ୍ପାଦକ ଶାନ୍ତନୁ ଦାସ, ଉପସଭାପତି ବିଦ୍ୟାଧର ମହାନ୍ତ, କୋଶାଧ୍ୟକ୍ଷ କାଶିନାଥ ବେହେରା ଓ ସଦସ୍ୟ ତପନ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରମୁଖ ସମସ୍ୟା ଉପରେ ଦୃଷ୍ଟି ଦିଆଯାଇ ପର୍ଯ୍ୟାୟ କ୍ରମେ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା

## ଏସ୍‌ସି/ଏସ୍‌ଟି ସଂରକ୍ଷଣ ପ୍ରସଙ୍ଗ

ଭୁବନେଶ୍ୱର,୨୬।୮(ଅନିଲ ଦାସ)

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ସଂରକ୍ଷଣ ଦାବି ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଦୀର୍ଘ ବର୍ଷ ଧରି ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ 'ସମ୍ବିଧାନ ସମ୍ମତ ସଂରକ୍ଷଣ' ବ୍ୟବସ୍ଥା ଲାଗୁ ହୋଇନାହିଁ। ଚଳିତବର୍ଷ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆମେ ଆଶା କରିଥିଲୁ 'ସାମାଜିକ ନ୍ୟାୟ' ଜାତିଭିତ୍ତିକ ଜନଗଣନା ଓ ସମଗ୍ର ଦେଶରେ ଲାଗୁ ହୋଇଥିବା ସଂରକ୍ଷଣ ଉଭୟ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଓଡ଼ିଶାରେ ଲାଗୁ ହେବା ସମ୍ପର୍କରେ ଆପଣଙ୍କ ସରକାରଙ୍କ ନୀତି ଓ ନିଷ୍ପତ୍ତି ସମ୍ପର୍କରେ ବିଧାନସଭାରେ ସ୍ପଷ୍ଟ କରିବେ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଗତ ୨ଦିନ ଧରି ଆମେ ବିଧାନସଭାରେ ଦାବି କରିବା ସତ୍ତ୍ୱେ ଆପଣ ଏ ସମ୍ପର୍କରେ ନୀରବ ରହିଛନ୍ତି। ରାଜ୍ୟ ଲୋକସଂଖ୍ୟାର ଏସ୍‌ସି, ଏସ୍‌ଟି ଏବଂ ଓବିସି ସଂଖ୍ୟା ୯୪%। କିନ୍ତୁ ଏହି ବର୍ଗର ଛାତ୍ରୀଛାତ୍ର ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହିବେ। ଚଳିତ ଶିକ୍ଷାବର୍ଷର ଏମ୍‌ବିବିଏସ୍ ନାମଲେଖା ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମିଳୁଛି ମାତ୍ର ୨୦% ସଂରକ୍ଷଣ। ଏହି ବର୍ଗର ପିଲାମାନେ ୨୫୫ ଏମ୍‌ବିବିଏସ୍ ସିଟ୍ ହରାଉଛନ୍ତି। ଠିକ୍ ସେହିଭଳି ପଛୁଆବର୍ଗ (ଓବିସି/ଏସ୍‌ଇବିସି) ଛାତ୍ରୀଛାତ୍ରମାନଙ୍କ ପାଇଁ ଆଦୌ ସଂରକ୍ଷଣ ନାହିଁ। ସେମାନେ ଚଳିତ ବର୍ଷ ପ୍ରାୟ ୪୦୦ ସିଟ୍ ହରାଇବେ। (୨୭% ସଂରକ୍ଷଣ ସବୁ ରାଜ୍ୟରେ ଦିଆଯାଉଛି)। ଓବିସି/ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ର ୨୦୦୬ରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭ ହଜାର ପିଲା ଏବଂ ଏସ୍‌ସି, / ଏସ୍‌ଟି ବର୍ଗର ପ୍ରାୟ ୫ ହଜାର ପିଲା ଡାକ୍ତର ହେବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଏ ସମ୍ପର୍କରେ ବିଧାନସଭାକୁ ବିଶ୍ୱାସକୁ ନେଇ ଗୃହରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି କାଡାମ କହିଛନ୍ତି।

## ଅନ୍ୟାନ୍ୟ ଖବର

# ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସରେ ଗଣଦୌଡ଼



ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ସୋମବାର ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ପକ୍ଷରୁ ଭୁବନେଶ୍ୱରଠାରେ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ସହ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ୟୁନିଟ-୩ ପ୍ରଦର୍ଶନୀ ପଡିଆରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ ରାମ ମନ୍ଦିର, ଶ୍ରୀୟା ଛକ, ଗିରିଦୁର୍ଗା ଛକ, ମାଷ୍ଟର କ୍ୟାଣ୍ଟିନ, ଅଶୋକ ନଗର, ରାଜମହଲ ହୋଇ ପୁଣି ପ୍ରଦର୍ଶନୀ ପଡିଆକୁ ଫେରିଥିଲା। ପ୍ରାରମ୍ଭରେ ଏକ ସଂକଳ୍ପ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ପୂର୍ବ ଭାରତ ତଥା ଓଡିଶାର ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ଶଙ୍କରାନନ୍ଦ ଗିରି ମହାରାଜ, ଓଡ଼ିଶାର ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ବରିଷ୍ଠ ସନ୍ୟାସୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ଦିବ୍ୟଜୀବନ ସଂଘର ଦାମୋଦରାନନ୍ଦ ସରସ୍ୱତୀ ମହାରାଜ, ମହିମା ଅଲେଖ ଗାଦିର ବାବା ରମେଶ ମହାରାଜ, ଜିଜ୍ଞାସାନନ୍ଦ ସରସ୍ୱତୀ, ନିର୍ବାଣନନ୍ଦ ଗିରି, ବିଶ୍ୱହିନ୍ଦୁ ପରିଷଦର ପୂର୍ବାଞ୍ଚଳ ମନ୍ତ୍ରୀ ମହନ୍ତ କୃଷ୍ଣ ଗୋପାଳ ଦାସ, ଭୁବନେଶ୍ୱରର ବିଶେଷ ଚୈତନ୍ୟ ପ୍ରମୁଖ ଯୋଗଦେଇ ଏହି ଗଣଦୌଡ ସମାବେଶର ଶୁଭାରମ୍ଭ କରିଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସର ମ୍ୟାନେଜିଂ ଟ୍ରଷ୍ଟି ମନସୁଖଲାଲ ସେଠିଆଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରମୁଖମାନେ ଉପସ୍ଥିତ ଥିଲେ। ଜୟକୃଷ୍ଣ ପୃଷ୍ଟି ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସାଧୁସନ୍ଥମାନେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ କରି କହିଲେ, ୧୯୨୪ରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଅନୁଗୋଳ ଜିଲାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୬୫ରେ ହିମାଳୟରୁ ଫେରି ଗୋହତ୍ୟା ଓ ଧର୍ମାନ୍ତରଣ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୬୮ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ କନ୍ଧମାଳ ଜିଲାକୁ ଯାଇଥିଲେ। ତାଙ୍କ ଉପରେ ୯ଥର ମରଣାନ୍ତକ ଆକ୍ରମଣ ହୋଇଥିଲା। ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଉତ୍ସବ ବେଳେ ଜଲେଶପଟ୍ଟାସ୍ଥିତ ଶଙ୍କରାଚାର୍ଯ୍ୟ କନ୍ୟାଶ୍ରମ ଭିତରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ କନ୍ୟାଶ୍ରମ ସଞ୍ଚାଳିକା ମାତା ଭକ୍ତିମୟୀ, ଅମୃତାନନ୍ଦ ବାବା, କିଶୋରବାବା ଏବଂ ଜଣେ ଛାତ୍ରୀଙ୍କ ଅଭିଭାବକ ପୁରଞ୍ଜନ ଗଣ୍ଡିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

# ଶିକ୍ଷାର ବିକାଶ ପାଇଁ ଯୋଜନା ହୋଇଛି: ଧର୍ମେନ୍ଦ୍ର

## ଆଦର୍ଶ ବିଦ୍ୟାଳୟର ନୂତନ ଭବନ, ଛାତ୍ରୀ ନିବାସ ଉଦ୍‌ଘାଟିତ

ବଇଣ୍ଡା,୨୬।୮ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଓଡ଼ିଶା ସମେତ ଦେଶରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛନ୍ତି। ଏହା ସବୁ ବିଦ୍ୟାଳୟରେ ଲାଗୁ କରିବାକୁ ଯୋଜନା ହୋଇଛି। ବିଶେଷକରି ସିବିଏସ୍‌ଇ ପରିଚାଳିତ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ସର୍ବଦା ତତ୍ପରତା ଦେଖାଇଛନ୍ତି। ଓଡ଼ିଶାର ଅନେକ ବିଦ୍ୟାଳୟ ଡିଜିଟାଲ, ସ୍ମାର୍ଟ ହୋଇଛି। ହେଲେ ଏସବୁଥିରେ ପାଠପଢ଼ା ଢିଲା ପଡ଼ିଯାଇଛି। ତେଣୁ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଆବଶ୍ୟକ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନମାଳୀପୁରଠାରେ ସୋମବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଭବନ ଓ ଛାତ୍ରୀ ନିବାସ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୯୪ କୋଟି ୯୩ ଲକ୍ଷ ଟଙ୍କାର ପ୍ରକଳ୍ପ ଶୁଭ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବନମାଳିପୁରସ୍ଥିତ ଆଦର୍ଶ ସ୍କୁଲ ପରିସରରେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ରଣିଆକଟାରେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ନବନିର୍ମିତ ପଚାଶ ଶଯ୍ୟା ବିଶିଷ୍ଟ ନୂତନ କୋଠା, ୨୦ଟି ରାସ୍ତା, ୨୦ଟି ବ୍ରିଜ୍ ନିର୍ମାଣ କରାଯିବ। ନୂତନ ଶିକ୍ଷା ନୀତିରେ ଷଷ୍ଠ ଶ୍ରେଣୀରେ ଏକ ବିଷୟ ଯୋଡ଼ାଯାଇଛି। ଏହା ଶିକ୍ଷାର ଚେରକୁ ମଜଭୁତ କରିବ। ପ୍ରତ୍ୟେକ ବ୍ଲକରେ ପିଏମ୍‌ଶ୍ରୀ ସ୍କୁଲ ସ୍ଥାପନ କରାଯିବ। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୪ଟି ଏହି ବିଦ୍ୟାଳୟ ସ୍ଥାପନ ହେବ। ଆଠମଲ୍ଲିକ ଉପଖଣ୍ଡର ସବୁ ଜମିକୁ ପାଣି ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅଞ୍ଚଳର ନାଳଗୁଡିକରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ଜିଲା ପ୍ରଶାସନକୁ ଯୋଜନା କରିବା ପାଇଁ ନିର୍ଦ୍ଦେଶ ଦିଆଯିବ। ସବୁ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଓଡ଼ିଶାରେ ପ୍ରତ୍ୟେକ ଶିକ୍ଷା କ୍ଷେତ୍ରର ବିକାଶ ହେବ। ୮୦୦ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ସ୍କୁଲରେ ଅନ୍ତର୍ଭୁକ୍ତ କରାଯିବ। ମୋହନ ସରକାର ରାଜ୍ୟରେ ୧୬୦୦ ହଷ୍ଟେଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏସ୍‌ସି ଓ ଏସ୍‌ଟି ବିଦ୍ୟାଳୟଗୁଡିକର ବିକାଶ ହେବ। ସବୁ ବ୍ଲକରେ ଛାତ୍ର ନିବାସ ନିର୍ମାଣ ହେବ। ୧୬ ହଜାର ୧୦ ଜଣ ଜୁନିୟର ଶିକ୍ଷକ ନିଯୁକ୍ତି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ହାଇସ୍କୁଲଗୁଡିକରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ।

ଅତିଥି ଭାବେ ଉପସ୍ଥିତ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ଉପଖଣ୍ଡର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଆହତ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର

ନୟାଗଡ଼/ଗଣିଆ,୨୬।୮(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ଗାଁ ମୁହାଁ ହରିଣକୁ କିଶୋରପ୍ରସାଦ ଅଞ୍ଚଳର କେତେଜଣ ଚାଷୀ ଉଦ୍ଧାର କରି ଆହତ ଅବସ୍ଥାରେ ଗଣିଆ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ତେବେ ହରିଣକୁ ଚିକିତ୍ସା ପରେ ଜଙ୍ଗଲରେ ଛଡାଗଲା ନାଁ ବନ ବିଭାଗ ନିଜ ହେପାଜତରେ ରଖିଛି ସେ ନେଇ କିଛି ଜଣାପଡିନି। ଏ ସମ୍ପର୍କରେ ଗଣିଆ ଏସିଏଫ ସୁମନ ମାଝିଙ୍କ ଫୋନ ନଂ. ୮୨୬୦୪୮୦୬୭୬କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ। ବନ ବିଭାଗର କର୍ମଚାରୀ ମଧ୍ୟ ଆହତ ହରିଣ ନେଇ ମୁହଁ ଖୋଲୁନାହାନ୍ତି। ମିଳିଥିବା ସୂଚନା ଅନୁସାରେ, ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଥିଲା। ହରିଣକୁ କେତେଗୋଟି କୁକୁର ପିଛା କରିବାରୁ କିଶୋରପ୍ରସାଦ ଅଞ୍ଚଳର ଚାଷ ଜମିକୁ ଚାଲି ଆସିଥିଲା। ଏହି ସମୟରେ କେତେଜଣ ଚାଷୀ କୁକୁର ଆକ୍ରମଣରୁ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଦେଇଥିଲେ।



# ୨ ଭାଇଙ୍କୁ ମାଡ଼ ମାରି ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

ଖଇରା, ୨୬।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ତରାଙ୍ଗ ଗ୍ରାମର ୨ ଭାଇ ଭଦ୍ରକରୁ ଘରକୁ ଫେରୁଥିବା ବେଳେ ୪ଜଣ ଦୁର୍ବୃତ୍ତ ମାଡ଼ ମାରି ପିନ୍ଧା ଗହଣା ଓ ମୋବାଇଲ ଲୁଟି ନେଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଗଦାଧର ବେହେରା ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ରାକେଶ ଓ ପୁତୁରା ସୁଦର୍ଶନ ରବିବାର ରାତିରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବକ୍ରେଶ୍ୱର ପୋଲ ନିକଟରେ ୪ଜଣ ବ୍ୟକ୍ତି ୨ଟି ଗାଡ଼ିରେ ଆସି ନିସ୍ଥୁକ ମାଡ଼ ମାରି ଚେନ, ମୁଦି ଓ ମୋବାଇଲ ଛଡାଇ ନେଇଥିଲେ। ରାକେଶଙ୍କୁ ଖଇରା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

# ମାଗଣାରେ ମଦ ନ ଦେବାରୁ ଦୋକାନ ଭଙ୍ଗାରୁଜା

## ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)



ମଦ ଦୋକାନ ଉପରକୁ ପଥର ମାଡ଼ ସମୟର ସିସିଟିଭି ଫୁଟେଜ୍।

ରାଜଧାନୀରେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ। ଡିସ୍କାଉଣ୍ଟ ଓ ଫ୍ରିରେ ମଦ ନ ଦେବାରୁ ଏକ ମଦ ଦୋକାନ ଉପରକୁ ପଥର ଓ କାଚ ବୋତଲ ଫିଙ୍ଗି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଷ୍ଟେଶନବଜାର ନିକଟ ଚିନ୍ତାମଣିଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଘଟଣା ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ତେବେ ମଦ୍ୟପ ଯୁବକମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଦାଦାବଟି ପାଇଁ ଏଭଳି ଘଟଣା ଘଟାଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପୋଲିସ ଏହାକୁ ଖଣ୍ଡନ କରିଛି। ଏନେଇ ଜୋନ୍-୪ ଏସିପି ମାନସ ଦେଓ କହିଛନ୍ତି, ଫ୍ରିରେ ମଦ ନ ଦେବାରୁ ଜଣେ ଯୁବକ ଏଭଳି କାଣ୍ଡ କରିଛନ୍ତି। ତାଙ୍କୁ ଚିହ୍ନଟ କରାଯାଇଛି, ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ରବିବାର ରାତିରେ କେତେଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଉକ୍ତ ମଦ ଦୋକାନକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ ଭିତରକୁ ଯାଇ କର୍ମଚାରୀଙ୍କୁ ଡିସ୍କାଉଣ୍ଟରେ କିମ୍ବା ଫ୍ରିରେ ମଦ ଦେବାକୁ କହିଥିଲେ। କିନ୍ତୁ କର୍ମଚାରୀମାନେ ମନା କରିବାରୁ ମଦ୍ୟପ ଯୁବକଙ୍କ ମଧ୍ୟରୁ ଜଣେ ଉତ୍କ୍ଷିପ୍ତ ହୋଇ ଦୋକାନ ଉପରକୁ ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଦୋକାନର କାଚ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି ଯାଇଥିଲା। ମଦ୍ୟପ ଯୁବକଙ୍କୁ କର୍ମଚାରୀ ଧରି ପକାଇଥିଲେ ମଧ୍ୟ ତାଙ୍କ ସହ ଥିବା ଦୁଇଜଣ ସହଯୋଗୀ କର୍ମଚାରୀଙ୍କୁ ମାଡ଼ମାରି ସେମାନଙ୍କ କବଳରୁ ସମ୍ପୃକ୍ତ ଯୁବକଙ୍କୁ ଛଡ଼ାଇ ନେଇ ଫେରାର ହୋଇଥିଲେ। ଏନେଇ ମଦ ଦୋକାନର ମ୍ୟାନେଜର ଥାନାରେ ଅଭିଯୋଗ କରିଛନ୍ତି।

# ସାଲିଆସାହିରେ ପୁଣି ଦେଶୀ ମଦ



ଅବକାରୀ ଟିମ୍ ଦ୍ୱାରା ଜବତ ହୋଇଥିବା ଦେଶୀ ମଦ।

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)

## ପୋଲିସ ପରେ ଅବକାରୀ ଟିମ୍‌ର ତତ୍ପରତା

ରାଜଧାନୀ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହି ଦେଶୀ ମଦର ହଟସ୍ପଟ ପାଲଟିଛି। ଯେତେ ଚଢ଼ାଉ କରାଯାଉଛି, ସେତେ ମିଳୁଛି। ଘର ଭିତରେ ସିକ୍ରେଟ ଚାମ୍ବର କରି ସୁଡ଼ଙ୍ଗ ଭିତରେ ମଦ ପ୍ରସ୍ତୁତ କରାଯାଉଛି। ଦୁଇଦିନ ତଳେ କମିଶନରେଟ ପୋଲିସ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇ ହଜାର ହଜାର ଲିଟର ଦେଶୀ ମଦ ଜବତ ସହ ୪ଟି ଘରକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲେ। ଏହାପରେ ବି ସାଲିଆସାହିରେ ରନ୍ଧାମଦ, ପୋଚ ତିଆରି ହେଉଥିବା ଖବର ପାଇ ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ସାଲିଆସାହି ଦେଶୀମଦ ଆଡ୍ଡାସ୍ଥଳୀରେ ଅବକାରୀ ଟିମ୍ ସୋମବାର ସକାଳୁ ଚଢ଼ାଉ କରି ୫ ହଜାର ପୋଚ, ୬୨୦ ଲିଟର ଦେଶୀମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କମିଶନରେଟ ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ ପୁଣି ବିପୁଳ ପରିମାଣର ମଦ ମିଳିବାକୁ ନେଇ ନାନା ଚର୍ଚ୍ଚା ଲାଗି ରହିଛି। ପୋଲିସ ଓ ଅବକାରୀ ଟିମ୍‌କୁ ମଦ ପ୍ରସ୍ତୁତ କରୁଥିବା ଅପରାଧୀ ଭୟ କରୁ ନ ଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପୋଲିସ ପକ୍ଷରୁ ଯେତେ ଚଢ଼ାଉ କରାଯିବ, ସେତେ ମିଳିବ ବୋଲି ଲୋକମାନେ କହିଛନ୍ତି। ଅନ୍ୟପଟେ ଅବକାରୀ ଟିମ୍ ସାରା ରାଜ୍ୟରେ ସପ୍ତାହ ବ୍ୟାପୀ ଚଢ଼ାଉରେ ୧,୨୭୪ ଜଣଙ୍କୁ ଗିରଫ କରିବା ସହ ୧,୧୫,୮୨୨ ଲିଟର ଦେଶୀ ରନ୍ଧା ମଦ ଏବଂ ୧୦,୨୭,୩୭୬ ଲିଟର ପୋଚ ଜବତ କରାଯାଇଛି। ଏହାସହ ୧୩୨ଟି ଗାଡ଼ି ଜବତ ହୋଇଛି।

# ପୋଲିସ ସେବା ଭବନ ଆଗରେ ଡିଜେ ମାଲିକଙ୍କ ଧାରଣା



ପୋଲିସ ସେବା ଭବନ ଆଗରେ ଡିଜେ ମାଲିକଙ୍କ ଧାରଣା।

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)

## ଭସାଣିରେ କଟକଣାକୁ ବିରୋଧ

ଗଣେଶ ପୂଜା ଭସାଣିରେ ଡିଜେ ଉପରେ ଲଗାଯାଇଥିବା କଟକଣାକୁ ନେଇ ରାଜଧାନୀରେ ସାଉଣ୍ଡ୍ ସିଷ୍ଟମ୍ ମାଲିକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭସାଣିରେ ଅନୁମତି ଦେବାକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂଙ୍କ ସହ ୪ଦିନ ତଳେ ଆଲୋଚନା କରାଯାଇଥିଲେ ମଧ୍ୟ ସେଥିରେ କୌଣସି ପୁନଃବିଚାର ନ ହେବାରୁ ସୋମବାର ମାଲିକମାନେ ଅସନ୍ତୋଷ ପ୍ରକାଶ କରି ପୋଲିସ ସେବା ଭବନ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଡିଜେକୁ ବାରଣ କରାଯାଇଥିବାରୁ ଗତ ୫ ବର୍ଷ ହେବ କେବଳ ୪ଟି ବକ୍ସରେ ୬୫ ଡେସିବଲ ମଧ୍ୟରେ ସାଉଣ୍ଡ ବଜାଯାଉଛି। କିନ୍ତୁ କମିଶନରେଟ ପୋଲିସ ସାଉଣ୍ଡ ମାଲିକମାନଙ୍କ ସହ କୌଣସି ଆଲୋଚନା ନ କରି ଏଭଳି ଏକପାଖିଆ ନିଷ୍ପତ୍ତି ନେଇଥିବାରୁ ସାଉଣ୍ଡ ସିଷ୍ଟମ କରି ପରିବାର ପ୍ରତିପୋଷଣ କରୁଥିବା ମାଲିକଙ୍କ ପେଟକୁ ସିଧା ଲାତ ମାରିଥିବା ଅଭିଯୋଗ ହୋଇଛି। ଏହାସହ ଯେଉଁମାନେ ବି ନିୟମ ବାହାରେ ଯିବେ, ଉକ୍ତ ସାଉଣ୍ଡ ମାଲିକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଡିଜେ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ତେଣୁ ଆଗାମୀ ଦିନରେ ଏହା ଉପରେ କୌଣସି ବିଚାର କରା ନ ଗଲେ ସାରା ରାଜ୍ୟରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଡିଜେ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଡିଜେ ମାଲିକଙ୍କୁ ଭିତରକୁ ଡାକି ପୋଲିସ କମିଶନର ଆଲୋଚନା କରିବା ପରେ ଧାରଣାରୁ ଡିଜେ ମାଲିକମାନେ ହଟିଥିଲେ।

ସୂଚନାନୁସାରେ ଚଳିତ ବର୍ଷ ସେପ୍ଟେମ୍ବର ୭ରେ ହେବାକୁ ଥିବା ଗଣେଶ ପୂଜାକୁ ସହରରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନେଇ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟ ବଜେଇବା ଉପରେ ଗୁରୁତ୍ୱ ଦିଆଯିବା ସହ ଡିଜେ ସାଉଣ୍ଡ ବ୍ୟବହାରକୁ ବାରଣ କରାଯାଇଛି। କମିଶନରେଟ ପୋଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ହୋଇଥିବା ସମନ୍ୱୟ ବୈଠକରେ ଆଲୋଚନା ପରେ ଏନେଇ ଡିସିପି ପ୍ରତୀକ ସିଂ ଅଗଷ୍ଟ ୧୮ ରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ।

# ଭୋଜିବେଳେ ଗଣ୍ଡଗୋଳରୁ ଅପହରଣ ଉଦ୍ୟମ ଘଟଣା: ୭ କୋର୍ଟ ଚାଲାଣ

ବାରଙ୍ଗ,୨୬।୮ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଡେରାସରେ ବଣଭୋଜିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ଅପହରଣ ଉଦ୍ୟମ କରାଯାଇଥିବା ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମେଣ୍ଢାଶାଳ ଗ୍ରାମର ବିପିନ କୁମାର ଶତପଥୀ ଓ ସରୋଜ କୁମାର ବଳିଆରସିଂ, ପିତାପଲ୍ଲୀ ଗ୍ରାମର ଲିପୁନ ପରିଡ଼ା, ଲିଙ୍ଗରାଜ ପ୍ରଧାନ, ବିକ୍ରମ ପ୍ରଧାନ, ଗଙ୍ଗେଶ୍ୱର ପ୍ରଧାନ ଓ ସଞ୍ଜୀବ ପ୍ରଧାନ। ଏନେଇ ପୋଲିସ ୨୯୯ ଓ ୩୦୦/୨୪ରେ ୨ଟି ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ରବିବାର ମେଣ୍ଢାଶାଳ ଗ୍ରାମର ସରୋଜ ତାଙ୍କ ୭ ଜଣ ସହଯୋଗୀଙ୍କ ସହ ଡେରାସକୁ ଭୋଜି କରିବାକୁ ଯାଇଥିଲେ। ସେହିଭଳି ଲିପୁନ ଓ ତାଙ୍କ ୯ ଜଣ ସହଯୋଗୀ ମଧ୍ୟ ସେଠାକୁ ଭୋଜି କରିବାକୁ ଯାଇଥିଲେ। ଉଭୟ ଗୋଷ୍ଠୀ ମଦ୍ୟପାନ କରିଥିବାବେଳେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇ ମାରଧର ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ପିତାପଲ୍ଲୀ ଗ୍ରାମର ଯୁବକମାନେ ମେଣ୍ଢାଶାଳ ଗ୍ରାମର ବିପିନଙ୍କୁ ଏକ କାର୍‌ରେ ଅପହରଣ କରି ନେଇଯିବାକୁ ଉଦ୍ୟମ କରିଥିଲେ। ବିପିନଙ୍କ ସହଯୋଗୀ ସେମାନଙ୍କୁ ପିଛା କରି ପାଣିଓରା ନିକଟ ପେଟ୍ରୋଲ ପମ୍ପ ପାଖରେ କାର୍‌କୁ ଅଟକାଇ ତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ନିର୍ଘୃମ୍ ମାଡ଼ ମାରିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିତାପଲ୍ଲୀର ଯୁବକଙ୍କୁ ଉଦ୍ଧାର କରି ଫାଣ୍ଡିକୁ ଆଣିବା ପରେ ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଚାକିରି କରିବାକୁ କହି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

# ମାଥିଲି ଥାନାରେ ୩ ମାମଲା ରୁଜୁ

ମାଲକାନଗିରି,୨୬।୮ (ଦୁର୍ଯ୍ୟୋଧନ ପାତ୍ର)

## ମୁଖ୍ୟ ଅଭିଯୁକ୍ତ ରମେଶ ଗିରଫ



ରମେଶ ରାଉତ

ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ଏଠାରେ ବେକାରି ସଂଖ୍ୟା ଅଧିକ ରହିଛି। ଚାକିରି ପାଇବା ପାଇଁ ଯୁବତୀଯୁବକମାନେ ଆଶା କରିଥିଲେ ମଧ୍ୟ ସୁଯୋଗ ନ ପାଇ ଦଲାଲଙ୍କ ଶିକାର ହୋଇ ପରେ ଅନୁତାପ କରୁଛନ୍ତି। ଜିଲାରେ ଜାଲ୍ ସାର୍ଟିଫିକେଟ, ଆଧାର କାର୍ଡ, ନକଲି ପୋଲିସ ଅଧିକାରୀ, ନକଲି ମାଓବାଦୀ ଆଦି ଅନେକ ଘଟଣାରେ ଅଭିଯୁକ୍ତମାନେ ଗିରଫ ହୋଇଥିବା ନଜିର ରହିଛି। ଏଭଳି ଏକାଧିକ ଠକେଇରେ ଏବେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଯୁବକ ଜଣକ ହେଲେ ରମେଶ ରାଉତ। ତାଙ୍କ ଘର କେନ୍ଦ୍ରାପଡ଼ାରେ। ସେ ନିଜକୁ ଜଣେ ରାଜନୈତିକ ବ୍ୟକ୍ତିଙ୍କ ସମ୍ପର୍କୀୟ ଭାବେ ପରିଚୟ ଦେଇ ବେକାର ଉଚ୍ଚଶିକ୍ଷିତ ଯୁବତୀଯୁବକମାନଙ୍କୁ ଚାକିରି କରାଇଦେବା ନାଁରେ କୋଟି କୋଟି ଟଙ୍କା ଠକେଇ କରିବା ଅଭିଯୋଗ ହୋଇଛି।

ମାଲକାନଗିରି ଜିଲାରେ ବିଜେଡିର କେତେକ ଜନପ୍ରତିନିଧି ଯୁବତୀଯୁବକମାନଙ୍କୁ ଚାକିରି କରାଇଦେବା ନାଁରେ ବହୁ ଲକ୍ଷ ଟଙ୍କା ହଡ଼ପକରି ନେଇଥିବା ମାଥିଲି ଥାନାରେ ଅଭିଯୋଗ ହୋଇଛି। ମାଥିଲି ଥାନା ଅନ୍ତର୍ଗତ ମିଲୁଗୁଡ଼ା ଗ୍ରାମର ରବିନାରାୟଣ ପୁହାଣ ମାଥିଲି ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅଙ୍କୁ ଯୋଗାଣ ବିଭାଗରେ ଇନ୍ସପେକ୍ଟର ଚାକିରି କରାଇଦେବା ନାଁରେ ମାଥିଲି ଜିଲା ପରିଷଦ ଜୋନ୍-୩ ସଭ୍ୟା ସସ୍ମିତା ମାଝି ୨୦୨୩ ଏପ୍ରିଲ ୨୫ରେ ୧ଲକ୍ଷ ଟଙ୍କା, ଏପ୍ରିଲ ୨୮ରେ ୩୦ ହଜାର ଟଙ୍କା ନଗଦ ନେଇଥିଲେ। ପରେ ଭୁବନେଶ୍ୱରରେ ରହୁଥିବା ରମେଶ ରାଉତଙ୍କ ଆକାଉଣ୍ଟକୁ ଦୁଇଟି କିସ୍ତିରେ ୬ଲକ୍ଷ ଟଙ୍କା ପଠାଇବାକୁ କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ କାର୍ଯ୍ୟ ନ ହେବାରୁ ରବିନାରାୟଣ ଏସମ୍ପର୍କରେ ସସ୍ମିତାଙ୍କୁ ପଚାରିବାରୁ କିଛି ନ ଶୁଣିବା ସହ ଥାନାରେ କହିଲେ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଫଳରେ ରବିନାରାୟଣ ୧୯।୮।୨୪ରେ ମାଥିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ. ୧୬୬/୨୪ରେ ମାମଲା ରୁଜୁ କରିଛି। ଘଟଣାର ମାଷ୍ଟରମାଇଣ୍ଡ ସସ୍ମିତା ମାଝି ଫେରାର ହୋଇଯାଇଥିବାବେଳେ ଏହାର ମୁଖ୍ୟ ଅଭିଯୁକ୍ତ ରମେଶ ଚନ୍ଦ୍ର ରାଉତଙ୍କୁ କେନ୍ଦ୍ରାପଡ଼ାରୁ ରବିବାର ମାଥିଲି ପୋଲିସ ଗିରଫ କରିଛି।

ସେହିପରି ମାଥିଲି ସଦର ବ୍ଲକର ମାଧବୀ ହରେଶ କୁମାର ନାମ୍ନୀ ଜଣେ ମହିଳା ମଧ୍ୟ ବିଜେଡିର ବରିଷ୍ଠ ନେତା ଜୀବନ ସାହୁଙ୍କ କଥାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାକିରି ନିମନ୍ତେ ବିଜ୍ଞାପନ ବାହାରିଥିବାରୁ ଚାକିରି ଲାଗି ୧୦ ଲକ୍ଷ ୧୦ ହଜାର ଟଙ୍କା ରମେଶଙ୍କ ଆକାଉଣ୍ଟକୁ ପଠାଇଥିଲେ। ପରେ ଉକ୍ତ ପଦବୀର ଫଳ ବାହାରିବା ସମୟରେ ତାଙ୍କ ନାମ ନ ଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଜୀବନ ସାହୁ ଓ ରମେଶଙ୍କୁ ଟଙ୍କା ମାଗିବାରୁ ସେମାନେ ଫେରସ୍ତ କରିପାରି ନ ଥିଲେ। ଫଳରେ ମାଧବୀ ମାଥିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୦/୨୦।୭।୨୪ ରେ ମାମଲା ରୁଜୁ କରିଛି।

ସେହିପରି ମାଥିଲି ସଦର ବ୍ଲକର କାର୍ତ୍ତିକ ରାୟ ମଧ୍ୟ ଗତବର୍ଷ ହୋଇଥିବା ଇ-ବାଇକ୍ ଯୋଜନାର ଡିଲରସିପ୍ ବିଷୟରେ ଜାଣିବା ପରେ ଏହାର ସମସ୍ତ ନିୟମ ସସ୍ମିତା ଜାଣିଥିବେ ବୋଲି ତାଙ୍କ ସହ ଯୋଗାଯୋଗ କରିଥିଲେ। ସସ୍ମିତା ଏହି ଯୋଜନା ନିମନ୍ତେ ୨୬ ଲକ୍ଷ ୨୦ ହଜାର ଟଙ୍କା ରମେଶଙ୍କ ଆକାଉଣ୍ଟରେ ଜମା କରିବାକୁ କହିଥିଲେ। ଫଳରେ ସେ ରମେଶଙ୍କ ଆକାଉଣ୍ଟରେ ୯ଟି କିସ୍ତିରେ ମୋଟ ୨୬ ଲକ୍ଷ ୨୦ ହଜାର ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେ ଜାଣିବାକୁ ପାଇଲେ, ଏହା ଏକ ମିଥ୍ୟା ଯୋଜନା। ଏ ସମ୍ପର୍କରେ କାର୍ତ୍ତିକ ମାଥିଲି ଥାନାରେ ଅଭିଯୋଗ କଲା ପରେ ନଂ. ୧୪୯/୨୦।୭।୨୪ରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କୁ ପଚାରିବାରୁ ଏ ସମ୍ପର୍କରେ ୩ଟି ମାମଲା ମାଥିଲି ଥାନାରେ ରୁଜୁ କରାଯାଇଛି। ବର୍ତ୍ତମାନ ଏହାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ସସ୍ମିତା ମାଥିଲିରେ ଅନୁପସ୍ଥିତ ଅଛନ୍ତି। ଅଭିଯୁକ୍ତ ରମେଶ ଚନ୍ଦ୍ର ରାଉତଙ୍କୁ କେନ୍ଦ୍ରାପଡ଼ାରୁ ମାଥିଲି ପୋଲିସ ଗିରଫ କରିଛି। ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଫୁର୍‌ସତ

# ସିଂହ ସହ ବନ୍ଧୁତା



**ପ୍ରିଟୋରିଆ:** ବିଭିନ୍ନ କାହାଣୀରେ ସିଂହ ଏବଂ ମଣିଷ ମଧ୍ୟରେ ରହିଥିବା ବନ୍ଧୁତା ବିଷୟରେ ଅନେକେ ପଢ଼ିଛନ୍ତି, କିନ୍ତୁ ବାସ୍ତବ ଜୀବନରେ ଏପରି ଘଟିବାର ଖୁବ୍ ନଜର ରହିଛି। ନିକଟରେ ଏପରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସିଂହମାନଙ୍କ ସହ ଜଣେ ବ୍ୟକ୍ତିଙ୍କ ଦୃଢ଼ ବନ୍ଧୁତା ଦେଖି ବହୁ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ସୁଇଜରଲାଣ୍ଡରେ ଜନ୍ମିତ ପଶୁପ୍ରେମୀ ଡିନ୍ ସ୍ନାଇଡର୍ ଉକ୍ତ ଭିଡିଓରେ ସିଂହମାନଙ୍କ ସହିତ ଖେଳୁଥିବା ଏବଂ ମଜା କରୁଥିବାର ଦେଖିବାକୁ ମିଳୁଛି। ପୂର୍ବରୁ ଜଣେ ଉଦ୍ୟୋଗୀ ଭାବେ ପରିଚିତ ଥିବା ଡିନ୍ ପରବର୍ତ୍ତୀ ସମୟରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପ୍ରତି ସେ ଦକ୍ଷିଣ ଆଫ୍ରିକାର ଏକ ୪୦୦ ହେକ୍ଟର ବିଶିଷ୍ଟ ପ୍ରାଣୀ ଅଭୟାରଣ୍ୟରେ ରୁହନ୍ତି। ଏଠାରେ ଡିନ୍ ହାକୁନା ମିପାକା ନାମକ ଏକ ପ୍ରକଳ୍ପର ପରିଚାଳନା କରନ୍ତି। ସ୍ନାଇଡର୍ଙ୍କ ୱେବସାଇଟ୍ ଅନୁଯାୟୀ ଉକ୍ତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି, ପଶୁମାନଙ୍କୁ ଲୋକଙ୍କ ହୃଦୟକୁ ଆଣିବା। ମଣିଷ ଚାହିଁଲେ ପଶୁମାନଙ୍କୁ ବିନାଶ ମୁଖରୁ ରକ୍ଷା କରିପାରିବ ବୋଲି ତାଙ୍କର ବିଶ୍ୱାସ ରହିଥିବା ଡିନ୍ କହିଛନ୍ତି।

ତେବେ ଅଭୟାରଣ୍ୟ ମଧ୍ୟରେ ସିଂହମାନଙ୍କ ସହ ତାଙ୍କର ବନ୍ଧୁତାକୁ ନେଇ ଡିନ୍ ଅନେକ ଭିଡିଓ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପ୍ରତିଦିନ ଶେୟାର କରନ୍ତି। ବେଳେବେଳେ ସେ ସିଂହମାନଙ୍କ ସହ ଖେଳୁଥିବାବେଳେ ଅନ୍ୟ କେତେକ ସମୟରେ ତାଙ୍କୁ ସିଂହମାନଙ୍କ ମଧ୍ୟରେ ବୁଲୁଥିବାର ଦେଖାଯାଇଥାଏ। ସେହିପରି ଅନ୍ୟ କେତେକ ଭିଡିଓରେ ଡିନ୍‌ଙ୍କୁ ସାବଧାନତାର ସହ ସିଂହମାନଙ୍କର ଯତ୍ନ ନେଉଥିବାର ଦେଖିବାକୁ ମିଳିଥାଏ। ଅନେକ ସମୟରେ ଡିନ୍ ସ୍ନେହରେ ସିଂହମାନଙ୍କୁ ଆଲିଙ୍ଗନ କରୁଥାନ୍ତି। ତେବେ ବହୁବାର ଅଜାଣତବଶତଃ ସିଂହମାନଙ୍କ ନଖରେ ଡିନ୍‌ଙ୍କ ମୁହଁ କିମ୍ବା ଶରୀରକୁ ଆଘାତ ପହଞ୍ଚିଛି। ଏହାସତ୍ତ୍ୱେ ଡିନ୍ କେବେ ମଧ୍ୟ ବନ୍ୟପ୍ରାଣୀଙ୍କ ପ୍ରତି ନିଜର ସ୍ନେହ କମ୍ କରି ନାହାନ୍ତି।

# ବିନା ହେଲ୍‌ମେଟ୍‌ରେ କାର ଚଳାଇବାରୁ ୧,୦୦୦ ଜରିମାନା

**ରାମପୁର:** ଉତ୍ତରପ୍ରଦେଶ ରାମପୁରର ତୁଷାର ସକ୍ସେନା ନାମକ ଜଣେ ଖବରଦାତା ବିନା ହେଲ୍‌ମେଟ୍‌ରେ କାର୍ ଚଳାଉଥିବାରୁ ତାଙ୍କ ମୋବାଇଲକୁ ନୋଏଡା ଟ୍ରାଫିକ୍ ପୋଲିସ ନିକଟରୁ ୧ ହଜାର ଟଙ୍କା ଜରିମାନାର ମେସେଜ୍ ଆସିଛି। ଗତବର୍ଷ ନଭେମ୍ବର ୯ରେ ହେଲ୍‌ମେଟ୍ ନ ପିନ୍ଧି ନୋଏଡା ସହରରେ କାର ଚଳାଉଥିବାରୁ ତାଙ୍କ ଉପରେ ଜରିମାନା ଲଗାଯାଇଥିବା ଉକ୍ତ ମେସେଜ୍‌ରେ କୁହାଯାଇଛି। ତେବେ ପ୍ରଥମେ ତୁଷାର ଭୁଲବଶତଃ ଉକ୍ତ ମେସେଜ୍ ଆସିଥିବା ଭାବି ଏହାକୁ ଧ୍ୟାନ ଦେଇ ନ ଥିଲେ। ତେବେ ସମାନ ମେସେଜ୍ ପୁନଶ୍ଚ ତାଙ୍କ ଇ-ମେଲ ଓ ଫୋନ୍‌କୁ ଆସିଥିଲା। ତେଣୁ ତୁଷାର ସ୍ଥାନୀୟ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ତାଙ୍କୁ ଉକ୍ତ ଜରିମାନା ଦେବାକୁ ପଡ଼ିବ, ନଚେତ କୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି ପୋଲିସ କହିଥିଲା। ଫଳରେ ତୁଷାର ନିରାଶ ହୋଇଥିଲେ। ଘଟଣାର ଉଚିତ୍ ତଦନ୍ତ କରି ତାଙ୍କ ଜରିମାନା ଛାଡ଼ କରିବାକୁ ସେ ନୋଏଡା ଟ୍ରାଫିକ୍ ପୋଲିସକୁ ନିବେଦନ କରିଛନ୍ତି। ଅଟୋମେଟେଡ୍ କ୍ୟାମେରା ସର୍ଭିଲେନ୍ସ ସିଷ୍ଟମରେ ତ୍ରୁଟି ହେତୁ ଏପରି ଘଟିଥାଇପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।



# ତମନ୍ନା-ବିଜୟଙ୍କ ଭିଡିଓ ଭାଇରାଲ



ମୁମ୍ବାଇ: ଅଭିନେତ୍ରୀ ତମନ୍ନା ଭାଟିଆ ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଆସୁଛନ୍ତି। ତେବେ ସମ୍ପ୍ରତି ତମନ୍ନାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ତମନ୍ନା ନିଜ ପ୍ରେମିକ ତଥା ଅଭିନେତା ବିଜୟ ବର୍ମାଙ୍କ ସହ ଏକ ଲେଟ୍ ନାଇଟ୍ ଡିନର ଡେଟ୍ କରି ଫେରୁଥିବାର ନଜର ଆସୁଛନ୍ତି।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ତମନ୍ନା ତାଙ୍କ ପ୍ରେମିକ ବିଜୟ ବର୍ମାଙ୍କ ହାତ ଧରି ଏକ ହୋଟେଲରୁ ଫେରୁଥିବାର ନଜର ଆସୁଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଉକ୍ତ ଭିଡିଓ ରବିବାର ବିଳମ୍ବିତ ରାତ୍ରିର ହୋଇଥିବା ଜଣାପଡ଼ିଛି। ରବିବାର ରାତିରେ ଏହି ଯୋଡ଼ି ପରସ୍ପରକୁ ଡେଟ୍ କରିବା ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରିଥିଲେ। ଡେଟ୍ ସାରି ଫେରିବା ସମୟରେ ଗଣମାଧ୍ୟମର କ୍ୟାମେରା ଉଭୟଙ୍କୁ ରେକର୍ଡ କରିଥିଲା। ଉକ୍ତ ଭିଡିଓରେ ଏହି ପ୍ରେମୀ ଯୁଗଳ ଏକାଭଳି ନୀଳ ଏବଂ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ। ତେବେ ହୋଟେଲରୁ ବାହାରି କାର୍‌କୁ ଯିବା ସମୟରେ ଉପସ୍ଥିତ କ୍ୟାମେରା ମ୍ୟାନ୍ ଓ ମିଡିଆ ପ୍ରତିନିଧିଙ୍କୁ ଦେଖି ଉଭୟେ ହସୁଥିବା ନଜର ଆସିଥିଲେ। ସୋସିଆଲ ମିଡିଆରେ ଉକ୍ତ ଭିଡିଓକୁ ଉଭୟ ତମନ୍ନା ଓ ବିଜୟଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ତମନ୍ନା ଓ ବିଜୟଙ୍କ ଯୋଡ଼ିକୁ କେତେଜଣ ୟୁଜର୍ସ 'ବେଷ୍ଟ କପଲ'ର ଆଖ୍ୟା ଦେଇଛନ୍ତି।

ନିକଟରେ ରିଲିଜ୍ ହୋଇଥିବା ସୁପରହିଟ୍ 'ସ୍ତ୍ରୀ ୨' ଫିଲ୍ମରେ ଅଭିନେତ୍ରୀ ତମନ୍ନା ଏକ ଆଇଟମ୍ ନମ୍ବର କରିଥିଲେ, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ସେହିପରି ବିଜୟଙ୍କୁ ଶେଷ ଥର ପାଇଁ ଅଭିନେତ୍ରୀ ସାରା ଅଲି ଖାନ୍‌ଙ୍କ ସହ ଚଳିତ ବର୍ଷ ରିଲିଜ୍ ହୋଇଥିବା 'ମର୍ଡର ମୁବାରକ୍' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ଅଭିନେତ୍ରୀରୁ ବିଜନେସ୍ ୱମେନ୍



**ମୁମ୍ବାଇ:** ଛୋଟ ପରଦାର ଅଭିନେତ୍ରୀମାନଙ୍କ ମଧ୍ୟରେ ଦୀପିକା କକ୍କର ବେଶ୍ ଲୋକପ୍ରିୟ। ଟିଭି ସିରିଏଲ 'ସସୁରାଲ ସିମର କା'ର ସିମର ଚରିତ୍ର ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ଏହାବ୍ୟତୀତ ଛୋଟ ପରଦାରେ ଅନେକ ହିଟ୍ ଟିଭି ଶୋ'ରେ ମଧ୍ୟ ଦୀପିକା କାର୍ଯ୍ୟ କରିଛନ୍ତି। କିନ୍ତୁ ମା' ହେବା ପରେ ସେ ଅଭିନୟ ଜଗତରୁ ଦୂରେଇ ରହିଛନ୍ତି।

ତେବେ ଖୁବ୍‌ଶୀଘ୍ର ଦୀପିକା ନିଜର ଏକ କ୍ଲଥିଂ ବ୍ରାଣ୍ଡ୍ ଲଞ୍ଚ୍ କରିବେ ବୋଲି ରବିବାର ନିଜ ୟୁଟ୍ୟୁବ୍ ବ୍ଲଗ୍‌ରେ ସୂଚନା ଦେଇଛନ୍ତି। ଉକ୍ତ ବ୍ରାଣ୍ଡ୍‌ର କଲେକ୍ସନରେ ମହିଳାମାନଙ୍କର ବିଭିନ୍ନ ପୋଷାକ ରହିବ, ଯାହାକୁ ଅନ୍‌ଲାଇନ ମାଧ୍ୟମରେ ଗ୍ରାହକଙ୍କୁ ବିତରଣ କରାଯିବ ବୋଲି ସେ କହିଛନ୍ତି। ଏଥିନିମନ୍ତେ ସେ ଦୀର୍ଘଦିନ ଧରି ପରିଶ୍ରମ କରିଆସୁଥିଲେ ବୋଲି କହିବା ସହ ଦୀପିକା ଭାବପ୍ରବଣ ହୋଇଯାଇଥିଲେ। ଏଥିପାଇଁ ସ୍ୱାମୀ ସୋଏବ ଇବ୍ରାହିମ ତାଙ୍କୁ ବହୁତ ସମର୍ଥନ କରିଛନ୍ତି ବୋଲି ଦୀପିକା କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ....................................



ଆନ୍‌ଭି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିନକରେ ୨ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

■ସେନସେକ୍ସ ୬୧୨ ପଏଣ୍ଟ ବୃଦ୍ଧି

■୨୫,୦୦୦ ଅଙ୍କ ଉପରେ ନିଫ୍ଟି

ନୂଆଦିଲ୍ଲୀ,୨୬।୮ (ଅଭୟ ଦାଶ)

ଭୂ ରାଜନୈତିକ ସମସ୍ୟା ଓ ଦର ବୃଦ୍ଧି ସମସ୍ୟା ମଧ୍ୟରେ ଭାରତୀୟ ନିବେଶ ବଜାର ବେଶ୍ ଉତ୍ସାହଜନକ ରହିଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ଦିନକରେ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବଜାରରେ ଯୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାରର ଶେୟାର ବଜାର କାରବାର ଶେଷ ପରେ ନିବେଶକ ପୁଞ୍ଜି ବଜାରରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ଯୋଡ଼ିଛନ୍ତି। ଫଳରେ ପୁଞ୍ଜିବଜାରର ପରିମାଣ ୪୬୨.୪୦ ଲକ୍ଷ କୋଟିରେ ପହଞ୍ଚିଛି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ପରେ ବଜାର ପରିମାଣ ପ୍ରାୟ ୪୬୦.୪୦ ଲକ୍ଷ କୋଟି ଟଙ୍କାରେ ଥିଲା।



ସେହିଭଳି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ହେଉଥିଲାବେଳେ ନିବେଶକମାନେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନସେକ୍ସ ପ୍ରାୟ ୬୧୨ ପଏଣ୍ଟ ବଢ଼ି ୮୧,୬୯୮ ଅଙ୍କରେ ରହିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟି ୨୫,୦୦୦ ଅଙ୍କ ଉପରେ ରହିଛି। ଏପରିକି ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାର ୦.୭୬% ବୃଦ୍ଧି ପାଇଁ ୨୫,୦୧୧ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନସେକ୍ସର ମିଡକ୍ୟାପର କାରବାର ୦.୫% ଏବଂ ସ୍ମଲକ୍ୟାପ ୦.୨% ବୃଦ୍ଧି ଘଟିଥିଲାବେଳେ ନିଫ୍ଟି ମିଡକ୍ୟାପ ୦୬୪% ବଢ଼ି ୫୮,୯୩୧.୧୫ଅଙ୍କରେ ରହିଛି। ସେହିଭଳି ନିଫ୍ଟି ସ୍ମଲକ୍ୟାପ ୦.୪୧% ବୃଦ୍ଧି ଘଟି ୯୦୬୮.୧୫ ଅଙ୍କରେ ଥିଲାବେଳେ ନିଫ୍ଟି ବ୍ୟାଙ୍କ ୦.୪୨% ବଢ଼ି ୫୧,୧୪୮.୧୦ ଅଙ୍କରେ ପହଞ୍ଚିଛି। ସେହିପରି ସେକ୍ଟରାଲଭିତ୍ତିରେ ଆଇଟି, ମେଟାଲ, ଅଏଲ ଆଣ୍ଡ ଗ୍ୟାସ ଏବଂ ପ୍ରପର୍ଟି ଆଦିରେ ନିବେଶକମାନେ ୧ରୁ ୨% ନିବେଶ ବୃଦ୍ଧି କରିଥିଲାବେଳେ ନିଫ୍ଟି କ୍ଷେତ୍ରରେ ହିଣ୍ଡାଲ୍‌କୋ, ଏନ୍‌ଟିପିସି, ଏଚ୍‌ସିଏଲ୍ ଟେକ୍, ବଜାଜ ଫିନସର୍ଭ, ଓଏନ୍‌ଜିସି, ଆଦାନୀ ପୋର୍ଟ, ଆଇଚର ମୋଟର୍ସ ଏବଂ ନେସ୍‌ଲେ ଭଳି ନିବେଶକ ସର୍ବାଧିକ ଲାଭବାନ ହୋଇଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୧୨ (୬୧୧.୯୦) ପଏଣ୍ଟ ବଢି ୮୧,୬୯୮ (୮୧,୬୯୮.୧୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୮୭ (୧୮୭.୪୫) ପଏଣ୍ଟ ବୃଦ୍ଧି ଘଟି ୨୫,୦୧୧(୨୫,୦୧୦.୬୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଓଆଇର ଗ୍ରାହକ ସନ୍ତୁଷ୍ଟି ସମ୍ମିଳନୀ



ଭୁବନେଶ୍ୱର,୨୬।୮ (ଅଭୟ ଦାଶ)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଗ୍ରାହକ ସନ୍ତୁଷ୍ଟି ସମ୍ମିଳନୀ' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଅନୁଗୋଳର ଏକ ତାରକା ହୋଟେଲରେ ବ୍ୟାଙ୍କର କେନ୍ଦୁଝର ଅଞ୍ଚଳ ଆନୁକୂଲ୍ୟରେ ତାଳଚେର ଓ ଅନୁଗୋଳ ଅଞ୍ଚଳର ଗ୍ରାହକଙ୍କୁ ନେଇ ଏକ ଗ୍ରାହକ ସନ୍ତୁଷ୍ଟି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଓଆଇର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଯୋଗ ଦେଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଡାକ୍ତର, ବ୍ୟବସାୟୀ ଓ ବ୍ୟାଙ୍କର ମୂଲ୍ୟବାନ ଗ୍ରାହକଙ୍କ ସହ ବିକାଶ ବ୍ୟାଙ୍କିଙ୍ଗ ସେବାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ସେହିଭଳି ବିଓଆଇ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହୀମାଦ୍ରି ଶେଖର ଦାଶ, ସହକାରୀ ମହାପ୍ରବନ୍ଧକ ଲଳିତ ମହାନ୍ତି, ଅନୁଗୋଳ ଶାଖା ପରିଚାଳକ ବାବୁଲା ପ୍ରଧାନ ଏବଂ ତାଳଚେର ଶାଖା ପ୍ରବନ୍ଧକ ଶାଶ୍ୱତୀ ପ୍ରଧାନ ପ୍ରମୁଖ ଗ୍ରାହକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ବ୍ୟାଙ୍କ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଦେବା ସହିତ ଗ୍ରାହକଙ୍କୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବା ନେଇ ଉପସ୍ଥିତ ଗ୍ରାହକଙ୍କଠାରୁ ଅଧିକାରୀମାନେ ମତାମତ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିକାଶ କ୍ରିଷ୍ଣା ବ୍ୟାଙ୍କର ମୂଲ୍ୟବାନ ଗ୍ରାହକଙ୍କ ସହ ସିଧା କଥା ହୋଇ ଗ୍ରାହକ ସେବା ବିକାଶ ଦିଗରେ ଆବଶ୍ୟକ ଆଲୋଚନା କରି ତୁରନ୍ତ ତାହା ଉପରେ କାର୍ଯ୍ୟ କରିବାକୁ ବ୍ୟାଙ୍କ କର୍ମଚାରୀମାନଙ୍କୁ କହିଥିଲେ। ସେହିପରି ଏହି ଗ୍ରାହକ ସନ୍ତୁଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ୧୭ କୋଟି ଟଙ୍କାର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ପାଇଁ ଋଣ ପ୍ରଦାନ କରାଯାଇଥିଲା।


### ଜନ୍ମଦିନର ଶୁଭେଚ୍ଛା



**ଆରାଧ୍ୟା (ଆନ୍‌ଭି)**

ବାଲିଅନ୍ତା, ଭୁବନେଶ୍ୱର

ଶୁଭ ଜନ୍ମଦିନ ଉତ୍ସବ ପାଳନ- ତା ୨୭ ଅଗଷ୍ଟ, ୨୦୨୪

ପ୍ରଭୁ ଶ୍ରୀ ନିକୁଞ୍ଜବିହାରୀ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ- ଜେଜେ: ଅଭିମନ୍ୟୁ ସାହୁ, ଓ ସାହୁ ପରିବାରବର୍ଗ ।

ଧ-୭୧୨୩୨


# ଆଇଆଇଏସ୍‌ଏସ୍‌ଏସ୍‌ସି ସହ ନାଲ୍‌କୋର ବୁଝାମଣା



ଭୁବନେଶ୍ୱର,୨୬।୮ (ଅଭୟ ଦାଶ)

ଭାରତୀୟ ଲୌହ ଓ ଇସ୍ପାତ ଦକ୍ଷତା ପରିଷଦ (ଇଣ୍ଡିଆନ ଆଇରନ ଆଣ୍ଡ ଷ୍ଟିଲ ସେକ୍ଟର ସ୍କିଲ୍ କାଉନସିଲ (ଆଇଆଇଏସ୍‌ଏସ୍‌ଏସ୍‌ସି) ଏବଂ ନାଲ୍‌କୋ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଇନିସିଏଟିଭ୍‌ର ଅଂଶ ବିଶେଷ ରାଷ୍ଟ୍ରୀୟ କୌଶଳ ତଥା ଯୋଗ୍ୟତା ଫ୍ରେମୱାର୍କ ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପରିଚାଳନା ଦ୍ୱାରା ପୂର୍ବ ଶିକ୍ଷଣକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ଆଇଆଇଏସ୍‌ଏସ୍‌ଏସ୍‌ସି ସହ ନାଲ୍‌କୋ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି, ଏହି ସହଭାଗିତା (ବୁଝାମଣା) କମ୍ପାନୀ ପାଇଁ ବେଶ୍ ସହାୟକ ହେବ। ଏପରିକି ଦକ୍ଷତା ପ୍ରଶିକ୍ଷଣ ଦ୍ୱାରା ଭବିଷ୍ୟତରେ କମ୍ପାନୀର ନିରନ୍ତର ଏବଂ ସୁପରିଚାଳନାକୁ ସୁନିଶ୍ଚିତ କରିହେବ। ସେହିପରି ଭୁବନେଶ୍ୱରର ନାଲ୍‌କୋ ମୁଖ୍ୟାଳୟଠାରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଆଇଆଇଏସ୍‌ଏସ୍‌ଏସ୍‌ସିର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଡ.ସୁସିମ ବାନାର୍ଜୀ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ ଶଙ୍କର ପୁରକାୟସ୍ଥଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା।

# ଋଣ ପ୍ରକ୍ରିୟାକୁ ସରଳ କରିବ ୟୁଏଲ୍‌ଆଇ

ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ଡିଜିଟାଲ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗତବର୍ଷ ଏକ ନୂତନ ଯୋଜନାର ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ଋଣ ପ୍ରଦାନ ପ୍ରକ୍ରିୟାକୁ ସରଳ କରିବା ଉଦ୍ଦେଶ୍ୟରେ ଫ୍ରିକ୍ସନ୍‌ଲେସ୍ କ୍ରେଡିଟ୍ ପ୍ଲାଟ୍‌ଫର୍ମ ନାମକ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ପ୍ଲାଟ୍‌ଫର୍ମର ନାମକୁ ୟୁନିଫାଏଡ୍ ଲୋନ୍ ଇଣ୍ଟରଫେସ୍(ୟୁଏଲ୍‌ଆଇ)ରେ ପରିବର୍ତ୍ତନ କରାଯାଇଛି। ବେଙ୍ଗାଲୁରୁରେ ଦେଇଥିବା ଅଭିଭାଷଣରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ୟୁଏଲ୍‌ଆଇ ଋଣ ପ୍ରଦାନ ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିବ। ଏହାସହିତ ବ୍ୟାଙ୍କ ଏବଂ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡିକ ଋଣ ଦେବା ସହଜ ହେବ। ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଗୋଟିଏ ସ୍ଥାନରୁ ଜମି ରେକର୍ଡ ପରି ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସୂଚନା ପାଇବେ। ଫଳରେ ପ୍ରକ୍ରିୟାକରଣରେ ଜଡ଼ିତ ଉଭୟ ସମୟ ଏବଂ କାଗଜପତ୍ରକୁ ହ୍ରାସ କରିବ ବୋଲି ଆଶା କରାଯାଉଥି ଗଭର୍ନର ଦାସ କହିଛନ୍ତି। ଗଭର୍ନର ଆହୁରି କହିଛନ୍ତି, ଦେଶର ଛୋଟ ଗାଁ ଓ ସହର ଏବଂ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ୟୁଏଲ୍‌ଆଇ ଅଧିକ ଲାଭ ଦେବ। ପ୍ଲଗ୍ ଏବଂ ପ୍ଲେ ମଡେଲ ଆଧାରରେ ୟୁଏଲ୍‌ଆଇ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଯେକୌଣସି ସଂସ୍ଥା ଏହାକୁ ସହଜରେ ଗ୍ରହଣ କରିପାରିବେ। ପାଇଲଟ୍ ପ୍ରକଳ୍ପର ଭଲ ଅଭିଜ୍ଞତାକୁ ଆଧାରକରି ଖୁବ୍‌ଶୀଘ୍ର ୟୁଏଲ୍‌ଆଇ ସାରା ଦେଶରେ କାର୍ଯ୍ୟକାରୀ ହେବ। ସୂଚନାଥାଉ କି, ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର (ଡିପିଆଇ) ବ୍ୟାପକ ଭାବେ ସର୍ବସାଧାରଣ ଡୋମେନରେ ନିର୍ମିତ କୋର ଟେକ୍ନୋଲୋଜି ସିଷ୍ଟମକୁ ବୁଝାଏ। ଏହା ଉପଭୋକ୍ତା ଏବଂ ଅନ୍ୟ ବିକାଶକାରୀଙ୍କ ପାଇଁ ମୁକ୍ତ ଭାବେ ଉପଲବ୍ଧ।

# ଏନ୍‌ଆଇଏମ୍‌ଏଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୬।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ (ଏନ୍‌ଆଇଏମ୍‌ଏଫ୍)ର ନୂତନ ଉତ୍ପାଦ 'ନିପ୍ପନ ଇଣ୍ଡିଆ ନିଫ୍‌ଟି ୫୦୦ ଇକ୍ୱାଲ ୱେଟ୍ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍-ଏଣ୍ଡେଡ ସ୍କିମ୍ ହୋଇଥିଲାବେଳେ ନିଫ୍‌ଟି ୫୦୦ ଇକ୍ୱାଲ ୱେଟ୍ ଇଣ୍ଡେକ୍ସକୁ ଅନୁଧ୍ୟାନ କରୁଛି। ସେହିଭଳି ଏହି ଏନ୍‌ଏଫଓ ୨୦୨୪ ସେପ୍ଟେମ୍ବର ୪ରେ ବନ୍ଦ ହେବ। ଏ ସମ୍ପର୍କରେ ଏନ୍‌ଆଇଏମ୍‌ଏଫ୍‌ର ଇଡି ତଥା ସିଇଓ ସନ୍ଦୀପ ସିକ୍କା କହିଥିଲେ, ଆମେ ଆମର ନୂତନ ଉତ୍ପାଦକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ପରୋକ୍ଷ ନିବେଶ କ୍ଷେତ୍ରରେ ମଜଭୁତ ମାର୍କେଟ-କ୍ୟାପ୍ ୱେଟିଂ ଆଭିମୁଖ୍ୟ ଗ୍ରହଣ କରୁଥିବା ନିଫ୍‌ଟି ୫୦୦ ଭଳି ଲୋକପ୍ରିୟ ଇଣ୍ଡିସେସ୍ ପ୍ରତିବଦଳରେ ଏହା ସମାନ ଗୁରୁତ୍ୱ ପ୍ରଦାନକାରୀ ଆଭିମୁଖ୍ୟ ଗ୍ରହଣ କରିବ। ସେହିଭଳି ପାସିଭ୍ ଫଣ୍ଡଗୁଡିକ କ୍ଷେତ୍ରରେ ବଜାରର ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ନିପ୍ପନ ଇଣ୍ଡିଆ ଏମ୍‌ଏଫ୍ ଇଟିଏଫ୍, ଇଣ୍ଡେକ୍ସ ଫଣ୍ଡ ଏବଂ ଫଣ୍ଡ ଅଫ ଫଣ୍ଡ ସମେତ ୪୩ଟି ପାସିଭ୍ ସ୍କିମ୍ ଯୋଗାଇ ଦେଉଛି।

# ବିକ୍ରେତା ଫି' କମାଇଲା ଆମାଜନ୍

ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ଆମାଜନ୍ ଇଣ୍ଡିଆ ଏହାର ମାର୍କେଟ୍ ପ୍ଲେସ୍‌ରେ ବିଭିନ୍ନ ପ୍ରକାର ଉତ୍ପାଦ ଉପରେ ସେଲିଂ ଫି' କମ୍ କରିଛି। ଚଳିତ ବର୍ଷ ସେପ୍ଟେମ୍ବର ୯ରୁ ଲାଗୁ ହେଉଥିବା ଏହି ଫି' ଫେଷ୍ଟିଭ୍ ସିଜନ୍ ପୂର୍ବରୁ ବିକ୍ରେତାମାନଙ୍କ ପାଇଁ କମ୍ ହେବ। ବିଭିନ୍ନ ମୂଲ୍ୟର ୫୯ଟି ଉପ ବର୍ଗରେ ବିକ୍ରେତା ଫି' କମ୍ କରାଯାଇଛି। ହୋମ୍, ପୋଷାକ, କିଚେନ୍, ହୋମ୍ ଇମ୍ପ୍ରୁଭମେଣ୍ଟ, ଓୟାରଲେସ ଆସେସୋରି, ଅଫିସ ଉତ୍ପାଦ, କ୍ରୀଡ଼ା, ଜୋତା, ଲଗେଜ, ପେଟ୍, ଗହଣା,ବିଉଟି, ହାତଘଣ୍ଟା ବର୍ଗରେ ଫି' କମ୍ କରାଯାଇଛି। ବିଭିନ୍ନ ଉତ୍ପାଦ ବର୍ଗରେ ବିକ୍ରି ଫି'ରେ ୩ରୁ ୧୨% ପର୍ଯ୍ୟନ୍ତ ହ୍ରାସ କରାଯାଉଛି। ୫୦୦ ଟଙ୍କାରୁ କମ୍ ଦାମ୍‌ରେ ଉତ୍ପାଦ ବିକ୍ରି କରୁଥିବା ବିକ୍ରେତାମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ। ହୋମ୍ ଫର୍ନିସିଂରେ ଫି' ୯ ପ୍ରତିଶତ ହ୍ରାସ ପାଇଥିବା ବେଳେ ଇନ୍‌ଡୋର ଲାଇଟିଂରେ ୮ ପ୍ରତିଶତ ଓ ହୋମ୍ ଉତ୍ପାଦରେ ୮ ପ୍ରତିଶତ କମ୍ ହୋଇଛି। ଆମାଜନ୍‌ର ନିର୍ଦ୍ଦେଶକ (ସେଲିଂ ପାର୍ଟନର ସର୍ଭିସେସ୍) ଅମିତ ନନ୍ଦା କହିଛନ୍ତି ଯେ, ବିକ୍ରେତାମାନଙ୍କ ମତାମତ ଆଧାରରେ ବିଶେଷ କରି କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଫି' କମ୍ କରାଯାଇଛି।


# Classified Everyday

0674-2580101, 2549949



**REAL ESTATE**

**SALE**

Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838. D-75988

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1139

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ Sum Hospital-2 ନିକଟସ୍ଥ GrandBazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି SC/Gen plot କିଣନ୍ତୁ। 9658562429. D-75989

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1138



Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA by expert therapist. Contact- 9090400507. D-76148

**AFFIDAVIT**

By virtue of an affidavit sworn before Executive Magistrate, Talcher, dated 23.08.2024, I Liza Sahoo, W/o- Late Krushna Sahoo, Vill/ P.O.-Hensmul, P.S.-Talcher, Dist.-Angul (Odisha) 759100 declare that I have changed my name from Laxmipriya Sahoo to LIZA SAHOO. Henceforth, I shall be known as LIZA SAHOO for all purposes.

(Liza Sahoo)

D-1141

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BEFORE THE NOTARY PUBLIC, MALKANGIRI

I, Biswajit Panda, S/o Bijay Kumar Panda residing at Hi-tech Colony, Malkangiri, P.O./ P.S./Dist. Malkangiri do hereby solemnly affirm on oath as follows. That I am the holder of the Matriculation Certificate issued by the Indian School Certificate Examination (ISCE) under Roll No. 1234044/018 unique ID 7783343 for the academic year 2023 and the passed out student of Deepti Convent School, Malkangiri. That, I have lost my original matriculation certificate during the shifting to my new residence. I submit that the matriculation certificate mentioned is lost by me is a very essential document for my career. Hence I request the authorities of the (ISCE) Board to issue me a duplicate matriculation certificate lost by me. I undertake to hand over the original certificate in the event of their retrieval at a later date.

Deponent

D-1142

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

By virtue of an affidavit sworn before the Executive Magistrate, Dhenkanal, Dist.- Dhenkanal by Sri Deepak Ranjan Sahoo, vide Sl. No.-3142 dated 04.04.2024 and he also lodged a written report before the Inspector in Charge, Town Police Station, Dhenkanal, vide FIR No.-018, dtd 05.02.2024 that on dated 02.02.2024 at about 3.30 P.M. he missed the original educational certificate and marksheets which is enlisted below on the way from Town planning colony to Jawahar Chowk while he was going for Xerox purpose. After several search he could not trace out the same. 1. B.P.U.T. B. Pharma passout original certificate Sl.No.- 082530300060/ 2007-08. 2.B.Pharma original Marksheet, Sl.No.:PH/01/0162, Dt.:29.09.2006. 3. B.Pharma original Marksheet, Sl.No.: PH/02/0162, Dt. 29.09.2006. 4. B.Pharma original Marksheet, Sl.No.-EN/2008/8146, Dt. 25.11.2008. 5. B. Pharma Original Marksheet, Sl. No.- EN/2008/ 5146, Dt.25.11.2008.

Sd./-Deponent

D-75450

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଲକ୍ଷ୍ମୀଧର ପଟ୍ଟନାୟକ (ଉତ୍ସବ)**

କଣ୍ଟିଲୋ, ବାପୁଜୀନଗର

ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ତଥା ମେଳାପି ବ୍ୟକ୍ତି ଭାବରେ ସମଗ୍ର କଣ୍ଟିଲୋ ଠୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆପଣ ପରିଚିତ ଥିଲେ। ତାହୁଁ ତାହୁଁ ଆପଣଙ୍କ ଚାଲିଯିବାର ବର୍ଷେ ବିତିଗଲା। ବିଶ୍ୱାସ ହେଉନି ଆପଣ ଆଉ ଆମ ଗହଣରେ ନାହାନ୍ତି ବୋଲି। ଆପଣଙ୍କ ଅମାୟିକ ବ୍ୟବହାର, ଭଲପାଇବା ଓ ସ୍ନେହ, ଶ୍ରଦ୍ଧା ଆମ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଆଜିର ତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ଶୋକସନ୍ତପ୍ତ: ଭାଇ, ଭାଇବୋହୂ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ଓ ଆତ୍ମୀୟସ୍ୱଜନ ।

ଧ-୧୧୪୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶରତ କୁମାର ମିଶ୍ର**

ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଆବିର୍ଭାବ : ୩୦.୦୯.୧୯୪୪

ତିରୋଧାନ : ୧୭.୦୮.୨୦୨୪

ଗତ ତା.୧୭.୦୮.୨୦୨୪ରିଖ ମଧ୍ୟାହ୍ନ ଘ.୩.୦୪ମି. ସମୟରେ ଇଂ. ଶରତ କୁମାର ମିଶ୍ର ୮୧ ବର୍ଷ ବୟସରେ ସମସ୍ତ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନଙ୍କଠାରୁ ଅନ୍ତିମ ବିଦାୟ ନେଲେ। ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ

ସ୍ତ୍ରୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ

ଧ-୧୧୩୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅଭିରାମ ମହାରଣା**

ବାଲିକୁଦା, ଗୋପାଳପୁର, କଟକ ସଦର

ଆବିର୍ଭାବ: ୧୨।୦୪।୧୯୬୨

ତିରୋଧାନ: ୨୦।୦୮।୨୦୨୨

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପ୍ରେମଲତା, ଟିଙ୍କି, ଲକି, ସନାତନ, ଝିଲି, ମିକି, ଲାଡୁ, ଆରତୀ, ନିନି, ଅନୁ, ବନି।

ଧ-୧୧୪୭

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି

**ଋତୁସ୍ରାବ ସମୟରେ ଅନେକଙ୍କୁ ପେଟ, ଅଣ୍ଟାରେ ଖୁବ୍ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିରୁ ମୁକ୍ତିପାଇବା ଲାଗି କେତୋଟି ଯୋଗାସନ ବେଶ୍ ଉପକାରୀ। ଜାଣିରଖନ୍ତୁ ଏହା ସମ୍ପର୍କରେ...**



**ସୁପ୍ତ ବୁଦ୍ଧ କୋଣାସନ:** ଏହି ଆସନ କରିବା ପାଇଁ ବେଡ୍ ଉପରେ ପିଠିମାଡ଼ି ଶୋଇଯାଆନ୍ତୁ। ଦୁଇ ଆଣ୍ଠୁ ମୋଡ଼ି ଦୁଇ ପାଦ ତଳକୁ ଯୋଡ଼ନ୍ତୁ। ହାତକୁ ଖଟ ଉପରେ ଆରାମଦାୟକ ସ୍ଥିତିରେ ରଖି ଦୀର୍ଘ ନିଃଶ୍ୱାସ ନିଅନ୍ତୁ। କିଛି ସମୟ ଏପରି ସ୍ଥିତିରେ ରହିଲେ ପେଟ ଏବଂ ଅଣ୍ଟା ଯନ୍ତ୍ରଣାରେ ଉପଶମ ମିଳିଥାଏ।

**ବାଳାସନ:** ଋତୁସ୍ରାବ ବେଳେ ହେଉଥିବା ଯନ୍ତ୍ରଣା ଏବଂ ଥକ୍କାପଣ ଦୂରକରିବା ଲାଗି ବାଳାସନ ବହୁ ସାହାଯ୍ୟ କରିଥାଏ। ଏହି ଆସନ କରିବା ଲାଗି ପ୍ରଥମେ ୨ ଆଣ୍ଠୁ ଲଗାଇ ବସନ୍ତୁ। ଧୀରେ ଧୀରେ ମୁଣ୍ଡ ନୁଆଁଇ ତଳେ ଲଗାନ୍ତୁ ଯେପରି ପେଟ ଜଙ୍ଘ ଉପରେ ଚାପିହୋଇ ରହିବ। ଦୁଇ ହାତକୁ ଆଗକୁ ଷ୍ଟ୍ରେଚ୍‌କରି ତଳେ ଲଗାନ୍ତୁ। କିଛି ସମୟ ଏପରି ରହିଲେ ଆପଣଙ୍କୁ ଆରାମ ଲାଗିବ।

**ସେତୁବନ୍ଧ ସର୍ବାଙ୍ଗାସନ:** ଏହି ଆସନ ପାଇଁ ପ୍ରଥମେ ପିଠି ମାଡ଼ି ଶୁଅନ୍ତୁ। ଆଣ୍ଠୁ ଭାଙ୍ଗି ଦୁଇ ପାଦକୁ ତଳେ ଲଗାନ୍ତୁ। ଶରୀରର ଚଉଡ଼ା ଅନୁସାରେ ୨ ପାଦ ମଧ୍ୟରେ ଗ୍ୟାପ୍ ରଖନ୍ତୁ। ପାଦ, ହାତ, କାନ୍ଧକୁ ମଜଭୁତ ଭାବେ ସପୋର୍ଟ ଦେଇ ପିଠି, ଅଣ୍ଟା ଆଦିକୁ ଉପରକୁ ଉଠାନ୍ତୁ। ଏପରି ସ୍ଥିତିରେ କିଛି ସମୟ ରହିଲେ କଷ୍ଟ କମିଯିବ।



# ଘରେ ମୂଷା ହେଉଥିଲେ

**ଖାଦ୍ୟ ଅନ୍ୱେଷଣରେ କିମ୍ବା ଅନ୍ୟ କୌଣସି କାରଣରୁ ଘରେ ମୂଷା ପଶିଗଲେ ଅନେକଙ୍କର ଟେନ୍‌ସନ ବଢ଼ିଯାଏ। ମୂଷା ନା କେବଳ ଖାଦ୍ୟ ବରଂ ଲୁଗାପଟାଠାରୁ ଆରମ୍ଭକରି ବହିପତ୍ର ଭଳି ଅନେକ ଜରୁରୀ ସାମଗ୍ରୀକୁ ମଧ୍ୟ କାଟିଦିଅନ୍ତି। ତେଣୁ ମୂଷା ଦୂରକରିବା ଲାଗି କେତୋଟି ଉପାୟ ଆପଣାଇପାରିବେ...**



- ମୂଷାଙ୍କୁ କେତେକ ଗନ୍ଧ ଆଦୌ ପସନ୍ଦ ନୁହେଁ, ଯେଉଁଥିରେ ଫିଟିକିରି ମଧ୍ୟ ରହିଛି। ଫିଟିକିରିକୁ ଗୁଣ୍ଡକରି ଘରର କୋଣଗୁଡ଼ିକରେ ରଖିଦିଅନ୍ତୁ କିମ୍ବା ପାଣିରେ ଗୋଳାଇ ଚାରିଆଡ଼େ ସ୍ପ୍ରେ କରନ୍ତୁ, ଦେଖିବେ ମୂଷା ଘର ଭିତରକୁ ପଶିବେ ନାହିଁ।
- ପିପରମିଣ୍ଟର ଗନ୍ଧ ବି ମୂଷାଙ୍କୁ ଭଲ ଲାଗି ନ ଥାଏ। ଏହାକୁ ବ୍ୟବହାରକରି ମଧ୍ୟ ମୂଷାଙ୍କୁ ନ ମାରି ଘରଠାରୁ ଦୂରେଇ ରଖିପାରିବେ।
- ଆପଣ ଖାଦ୍ୟର ସ୍ୱାଦ ବଢ଼ାଉଥିବା ମସଲା ବି ମୂଷାଙ୍କୁ ଘରୁ ତଡ଼ିବାରେ ବେଶ୍ କାମରେ ଆସିଥାଏ। ଏଥିପାଇଁ ଆପଣ ଅଦା ରସୁଣ ପେଷ୍ଟ ସହ ଗୋଲମରିଚ ଗୁଣ୍ଡକୁ ପାଣିରେ ମିଶାଇ ମୂଷା ରହୁଥିବା ସ୍ଥାନଗୁଡ଼ିକରେ ସ୍ପ୍ରେ କରନ୍ତୁ। ଦେଖିବେ ଏହାର ଗନ୍ଧରେ ମୂଷା ତୁରନ୍ତ ଚାଲିଯିବେ।
- ମୂଷା ଧରିବା ପାଇଁ ଯନ୍ତା ରଖନ୍ତୁ। ଏହାଦ୍ୱାରା ମୂଷାଙ୍କୁ ଧରିବା ଖୁବ୍ ସହଜ ହୋଇଥାଏ।
- ଯଦି ଘରେ କୌଣସି ସ୍ଥାନରେ କଣା ଅଛି ତେବେ ତାହାକୁ ତୁରନ୍ତ ବନ୍ଦ କରିଦିଅନ୍ତୁ। କାରଣ ଏସବୁ ମୂଷାଙ୍କ ରାସ୍ତା ପାଲଟିଥାଏ।
- ମୂଷାମରା ବିଷ ବି କାମରେ ଆସିପାରିବ। ହେଲେ ଏହାକୁ ଘର ବାହାରେ ରଖନ୍ତୁ।

# ଅନ୍‌ଲାଇନ ଶପିଂ



**ଆଜିର ଇଣ୍ଟରନେଟ୍ ଯୁଗରେ ପ୍ରତ୍ୟେକ କାର୍ଯ୍ୟ ଖୁବ୍ ସହଜ ଏବଂ ସରଳ ହୋଇପାରିଛି। ଆଉ ଏହାର ସବୁଠୁ ବଡ଼ ସୁବିଧା ହେଉଛି ଅନ୍‌ଲାଇନ ଶପିଂ। ଯଦିଓ ବର୍ତ୍ତମାନ ଘରେ ଅନ୍‌ଲାଇନ ଶପିଂ କରିବା ଦ୍ୱାରା ମାର୍କେଟ୍‌ରେ ଏଣେତେଣେ ବୁଲି ସମୟ ନଷ୍ଟହେବା କିମ୍ବା ପାଖରେ ଅଧିକ ଟଙ୍କା ନେଇ ମାର୍କେଟ୍ ଯିବା ଦ୍ୱାରା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ବହୁମାତ୍ରାରେ କମିଯାଇଛି, ହେଲେ ଏହା ଯେତିକି ସହଜ ଏବଂ ସୁବିଧାଜନକ, ସୁରକ୍ଷା ଦୃଷ୍ଟିରୁ ଏଥିରେ ସେତିକି ସତର୍କତା ମଧ୍ୟ ଅବଲମ୍ବନ କରିବା ବି ଆବଶ୍ୟକ...**



**ବ**ର୍ତ୍ତମାନ ସମସ୍ତଙ୍କ ହାତରେ ମୋବାଇଲ ଫୋନ୍। ଆଉ ଏହାକୁ ସେମାନେ କେବଳ କଥା ହେବା ପାଇଁ ନୁହେଁ ବରଂ ଏକାଧିକ କାର୍ଯ୍ୟ ପାଇଁ ବ୍ୟବହାର କରୁଛନ୍ତି। ମହିଳାଙ୍କ କ୍ଷେତ୍ରରେ ସୋସିଆଲ ମିଡିଆ ଏବଂ ଅନ୍‌ଲାଇନ ଶପିଂର ଚାହିଦା ଖୁବ୍ ଅଧିକ। ଏମିତିକି ମୋବାଇଲରେ ସୋସିଆଲ ସାଇଟ୍ ଖୋଲିବା ମାତ୍ରେ ବି ଭଳିକିଭଳି ପୋଷାକ, ଜୋତା, କସ୍‌ମେଟିକ୍ସଠାରୁ ଆରମ୍ଭକରି ଗ୍ରୋସରି ପ୍ରଡକ୍ଟ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପର୍ଯ୍ୟନ୍ତ ସବୁଥିରେ ସ୍ପେଶାଲ ଡିସ୍‌କାଉଣ୍ଟ ଅଫର ମହିଳାଙ୍କୁ ଅଧିକ ଆକୃଷ୍ଟ କରୁଛି। ହେଲେ ଘରେ ବସି ବିନା କଷ୍ଟରେ ଅନ୍‌ଲାଇନ ଶପିଂ କରିବା ଯଦିଓ ବର୍ତ୍ତମାନ ଖୁବ୍ ସହଜ ହୋଇଯାଇଛି, ହେଲେ ଏଥିରେ ମଧ୍ୟ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ସାଇଟ୍‌ରୁ ସାମଗ୍ରୀ କିଣୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

**ଇନ୍‌ଷ୍ଟଲ୍ ପୂର୍ବରୁ ଜାଣିରଖନ୍ତୁ:** ବର୍ତ୍ତମାନ ହଜାର ହଜାର ସଂଖ୍ୟାରେ ଅନ୍‌ଲାଇନ ଶପିଂ ସାଇଟ୍ ଉପଲବ୍ଧ। ଏହାର ବିଜ୍ଞାପନ ଦେଖି ଅନେକ ମହିଳା ତୁରନ୍ତ ଏହାକୁ ଇନ୍‌ଷ୍ଟଲ୍ କରିନିଅନ୍ତି। ହେଲେ ମନେରଖନ୍ତୁ ମୋବାଇଲରେ କୌଣସି ସାଇଟ୍‌ର ଆପ୍ ଇନ୍‌ଷ୍ଟଲ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ। ସେହିପରି ବର୍ତ୍ତମାନ ଅନେକ ଇ-ଶପିଂ ସାଇଟ୍‌ରେ ହ୍ୱାଟ୍ସଆପ୍ ନମ୍ବରରେ ମେସେଜ୍ କରିବା ଏବଂ ଲିଙ୍କ୍ ଶେୟାର କରିବା ପାଇଁ ଦେଖାଉଛି। ହେଲେ ଏଭଳି ସମସ୍ତ ସାଇଟ୍ ବିଶ୍ୱାସଯୋଗ୍ୟ ନୁହେଁ। ଏହାଦ୍ୱାରା ଆପଣଙ୍କ ଫୋନ୍ ନମ୍ବର ସହ ଟ୍ରାଞ୍ଜାକ୍ସନ ବେଳେ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ହେବା ଆଶଙ୍କା ରହିଛି।

**ହ୍ୟାଟ୍ସଆପ୍ ଶପିଂ କରୁଥିଲେ:** ବର୍ତ୍ତମାନ ଅନେକ ଇ-ଶପିଂ ସାଇଟ୍‌ରେ ହ୍ୱାଟ୍ସଆପ୍ ନମ୍ବରରେ ମେସେଜ୍ କରିବା ଏବଂ ଲିଙ୍କ୍ ସେୟାର କରିବାର ଅପ୍ସନ ଦେଖାଉଛି। ହେଲେ ଏଭଳି ସମସ୍ତ ସାଇଟ୍ ବିଶ୍ୱାସଯୋଗ୍ୟ ନୁହେଁ। ଏହାଦ୍ୱାରା ଆପଣଙ୍କ ଫୋନ୍ ନମ୍ବର ସହ ଟ୍ରାଞ୍ଜାକ୍ସନ ବେଳେ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ହେବାର ଆଶଙ୍କା ରହିଛି।

**କ୍ୟାଶ୍ ଅନ୍ ଡେଲିଭରି ଭଲ:** ଯଦି କୌଣସି ଅନ୍‌ନୋନ୍ ସାଇଟ୍‌ରେ କିଛି ସାମଗ୍ରୀ ପସନ୍ଦ ଆସୁଛି ତେବେ ସେଥିରେ ଅର୍ଡର କରିବା ବେଳେ କ୍ୟାଶ୍ ଅନ୍ ଡେଲିଭରି ଅପ୍ସନ ବାଛନ୍ତୁ। ନଚେତ୍ ଆପଣ ଫ୍ରଡ୍‌ର ଶିକାର ହୋଇପାରନ୍ତି।

**ପଢ଼ନ୍ତୁ ଟର୍ମ ଆଣ୍ଡ କଣ୍ଡିଶନ:** ଅନ୍‌ଲାଇନରେ କୌଣସି ଜିନିଷ ଉପରେ ଆକର୍ଷଣୀୟ ଅଫର ଦେଖିବା ମାତ୍ରେ ଅନେକ ମହିଳା ଲୋଭରେ ଆଗ ପଛ ବିଚାର ନ କରି ଅର୍ଡର କରିନିଅନ୍ତି। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାଆନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ। ବିଶେଷକରି ଡିସ୍କାଉଣ୍ଟେଡ୍ ଆଇଟମରେ ରିପ୍ଲେସ୍, ରିଟର୍ନ, ମନି ରିଫଣ୍ଡ ଆଦି ଅପ୍ସନ ନ ଥାଏ। ତେଣୁ ଏ ସମ୍ପର୍କରେ ମଧ୍ୟ ଭଲ ଭାବେ ପଢ଼ିବା ପରେ ଅର୍ଡର କରନ୍ତୁ।



**ଲୋଭରୁ ହୋଇପାରେ କ୍ଷତି:** ଅଧିକାଂଶ ମହିଳା ଆଉଟ୍‌ଫିଟ୍, ହୋମ୍ ଆସେସରିଜ୍ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଜୁଏଲେରି, ଗ୍ରୋସରି କିଣିବା ପ୍ରତି ବେଶି ଆଗ୍ରହୀ। ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡ଼ିକ ମଧ୍ୟ ଅନ୍ୟ ସାମଗ୍ରୀ ତୁଳନାରେ ଏହିସବୁ ସାମଗ୍ରୀରେ ଅଧିକ ଡିସ୍‌କାଉଣ୍ଟ ଦେଇଥାନ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ ପିରିୟଡ୍ ପାଇଁ ସ୍ପେଶାଲ ଅଫର ଦେଇ ସେଲ୍ ଆରମ୍ଭ କରନ୍ତି। ହେଲେ ବେଳେବେଳେ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି କରିହେବା ଲାଗି ଏଭଳି ଅଫର ଦିଆଯାଇଥାଏ। କିନ୍ତୁ ଅନେକ ମହିଳା ଲୋଭରେ ଆବଶ୍ୟକତାଠାରୁ ଅଧିକ ଶପିଂକରି ପରବର୍ତ୍ତୀ ସମୟରେ ଠକାମିର ଶିକାର ହୋଇଥାନ୍ତି। ତେଣୁ ରିଭ୍ୟୁ ରେଟିଂ ସହ ଏଥିରେ ଏକ୍ସଚେଞ୍ଜ ଏବଂ ରିଟର୍ନ ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ।

**ପର୍ସନାଲ ଡିଭାଇସ୍ ହିଁ ଠିକ୍:** ଯେକୌଣସି ଅନ୍‌ଲାଇନ ଶପିଂ ସାଇଟ୍‌ରେ ପେମେଣ୍ଟ କରୁଛନ୍ତି ତାହାର ଲିଙ୍କ୍ ସେଫ୍ କି ନୁହେଁ ପ୍ରଥମେ ସୁନିଶ୍ଚିତ କରନ୍ତୁ। ଅନ୍‌ଲାଇନ ଶପିଂ କରୁଥିଲେ ଟ୍ରାଞ୍ଜାକ୍ସନ ପରେ ନିଜ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଚେକ୍ କରନ୍ତୁ। ସର୍ବଦା ପର୍ସନାଲ କମ୍ପ୍ୟୁଟର, ଲାପ୍‌ଟପ୍, ମୋବାଇଲ କିମ୍ବା ଲାପ୍‌ଟପ୍‌ରେ ହିଁ ଇ-ଶପିଂ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। କେବଳ ଏତିକି ନୁହେଁ, ପବ୍ଲିକ୍ ୱାଇଫାଇରେ ମଧ୍ୟ ଏହା ଠିକ୍ ନୁହେଁ। କାରଣ ଏହା ସାହାଯ୍ୟରେ ହ୍ୟାକରଙ୍କୁ ଆପଣଙ୍କ ପର୍ସନାଲ ଡାଟା ଚୋରି କରିବାରେ ସହଜ ହେଇଥାଏ।

**ସତର୍କତା:**

– ପ୍ରଡକ୍ଟ ଡେଲିଭରି ପରେ ଅନେକେ ପ୍ୟାକେଟ୍ ଖୋଲି ତୁରନ୍ତ ବାହାରେ ଫିଙ୍ଗିଦେଇଥାନ୍ତି। ହେଲେ ଏହା ଯୋଗୁ ମଧ୍ୟ ଅନେକ ସମୟରେ ବ୍ୟାଙ୍କ ଆକାଉଣ୍ଟ ଖାଲିହେବା ଭଳି ଫ୍ରଡ୍ ହେଉଥିବା ଦେଖିବାକୁ ମିଳୁଛି। ତେଣୁ କୌଣସି ଅନ୍‌ଲାଇନରେ ମଗାଇଥିବା ପ୍ରଡକ୍ଟର କଭରକୁ ସିଧାସଳଖ ନ ଫିଙ୍ଗି ସେଥିରେ ଥିବା ଗ୍ରାହକଙ୍କ ନାମ ଏବଂ ଆଡ୍ରେସ୍ ଆଦିକୁ ପ୍ରଥମେ ଚିରିବାକୁ ଆଦୌ ଭୁଲନ୍ତୁ ନାହିଁ।

– ଅନ୍‌ଲାଇନରେ କେବେ କେବେ ଭୁଲ୍ ପ୍ରଡକ୍ଟ ବି ଆସିଯାଏ। ଏମିତିକି ପାର୍ସଲ ବୋମା ଯୋଗୁ କେତେଜଣ ଆହତ ଏବଂ ମୃତ୍ୟୁ ମୁଖରେ ପଡ଼ିଥିବା ଘଟଣାର ବି ନଜିର ରହିଛି। ତେଣୁ ନିଜେ କିମ୍ବା ପରିବାରର କୌଣସି ସଦସ୍ୟ ଅନ୍‌ଲାଇନରେ କିଛି ଅର୍ଡର ନ କରିଥିବା ସତ୍ତ୍ୱେ ଯଦି ପାର୍ସଲ ଆସେ ତେବେ ଏହା ଆଦୌ ନ ଖୋଲି ଫେରାଇ ଦିଅନ୍ତୁ କିମ୍ବା ପୋଲିସରେ ଖବର ଦିଅନ୍ତୁ।



ସୌନ୍ଦର୍ଯ୍ୟ

# ଫେସ୍ ମାସ୍କ ବ୍ୟବହାର କରୁଥିଲେ...



**ଅଧିକାଂଶ ମହିଳା ତ୍ୱଚାର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଫେସ୍ ମାସ୍କ ବ୍ୟବହାର କରିଥାନ୍ତି। ହେଲେ ଏହାକୁ ଲଗାଇ କେତେକ ଦିଗ ପ୍ରତି ଯତ୍ନଶୀଳ ନ ହେଲେ ଠିକ୍ ରେଜଲ୍ଟ ମିଳି ନ ଥାଏ। ଫେସ୍ ମାସ୍କ ଲଗାଉଥିଲେ ଜାଣିରଖନ୍ତୁ କେତୋଟି କଥା...**

- ନିଜ ତ୍ୱଚାର ପ୍ରକାର ଯଥା, ଅଏଲୀ, ଡ୍ରାଏ କିମ୍ବା ନର୍ମାଲ ଜାଣିବା ପରେ ଫେସ୍ ମାସ୍କ ବାଛିବା ଆବଶ୍ୟକ। ନ ହେଲେ ଏହାକୁ ଲଗାଇବାର ସୁଫଳ ମିଳିବା ବଦଳରେ ତ୍ୱଚା ଡ୍ରାଏ ଲାଗିବା ସହ ଗ୍ଲୋ କମିଯିବା ଭଳି ସମସ୍ୟା ଦେଖାଦେଇଥାଏ।
- ଅନେକେ ଭାବନ୍ତି ଆମେ ଯେତେ ଅଧିକ ଫେସ୍ ମାସ୍କ ବ୍ୟବହାର କରିବା ମୁହଁ ସେତେ ଅଧିକ ଗ୍ଲୋ କରିବ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। କାରଣ ଆବଶ୍ୟକରୁ ଅଧିକ ଫେସ୍ ମାସ୍କ ବ୍ୟବହାରକରିବା ବି ତ୍ୱଚା ପାଇଁ ଠିକ୍ ନୁହେଁ। ତେଣୁ ଫେସ୍‌ମାସ୍କ ବ୍ୟବହାର କରିବା ପୂର୍ବରୁ ଏହାକୁ କେତେ ପରିମାଣରେ ଏବଂ କେତେ ସମୟ ପର୍ଯ୍ୟନ୍ତ ଲଗାଇଲେ ଉପକୃତ ହେବେ ସେ ସମ୍ପର୍କରେ କୌଣସି ବ୍ୟୁଟିସିଆନ୍‌ଙ୍କଠାରୁ ବୁଝି ନିଅନ୍ତୁ।
- ଫେସ୍ ମାସ୍କ ବ୍ୟବହାର କରିବା ଲାଗି ଯଦି ବ୍ରସ୍ ବ୍ୟବହାର କରୁଛନ୍ତି ତେବେ ଏହାକୁ ସର୍ବଦା ପରିଷ୍କାର ରଖିବାକୁ ଚେଷ୍ଟାକରନ୍ତୁ କିମ୍ବା ହାତରେ ଲଗାଉଥିଲେ ପ୍ରଥମେ ହାତକୁ ଭଲ ଭାବେ ସଫାକରନ୍ତୁ। କାରଣ ଏପରି ନ କଲେ ହାତ କିମ୍ବା ବ୍ରଶ୍‌ରେ ଥିବା ଜୀବାଣୁ ତ୍ୱଚାରେ ଲାଗିବା ଦ୍ୱାରା ବ୍ରଣ ସହ ତ୍ୱଚାର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।
- ଫେସ୍ ମାସ୍କକୁ ବେଶି ସମୟ ଲଗାଇଲେ ତ୍ୱଚା ଅଧିକ ଗ୍ଲୋ କରିବ, ଏଭଳି ମାନସିକତା ଅନେକଙ୍କର ରହିଛି ; ଯାହାକି ସେମାନଙ୍କଠାରେ ତ୍ୱଚା ରୁକ୍ଷ ହେବା ପାଇଁ ଦାୟୀ। ତେଣୁ ମାସ୍କ ଶୁଖିଆସିଲେ ଏହାକୁ ଓଦାକରି ଆଙ୍ଗୁଠି ଟିପ ସାହାଯ୍ୟରେ ଧୀରେ ଧୀରେ ଛଡ଼ାନ୍ତୁ। ମନେରଖନ୍ତୁ ମାସ୍କ ଛଡ଼ାଇବା ବେଳେ ଆଦୌ ରଗଡ଼ନ୍ତୁ ନାହିଁ।



ଖାଦ୍ୟରୁଚି

# କଲରା ଆଚାର



**ଆବଶ୍ୟକ ସାମଗ୍ରୀ:** ୫୦୦ଗ୍ରାମ୍ କଲରା(ଗୋଲ ଗୋଲ କଟାହୋଇଥିବା), ୧/୨ କପ୍ ସୋରିଷ ତେଲ, ୧ ଛୋଟ ଚାମଚ ଲେଖାଏ ଲଙ୍କାଗୁଣ୍ଡ, କଶ୍ମୀର ଲଙ୍କାଗୁଣ୍ଡ, ପାନମଧୁରୀ, ମେଥି, ଜୁଆଣି, ସୋରିଷ, କଲଞ୍ଜି(ପିଆଜ ମଞ୍ଜି), ଅଧା ଚାମଚ ହଳଦୀଗୁଣ୍ଡ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** କଟା କଲରାକୁ ଧୋଇ ଭଲଭାବେ ପାଣି ନିଗାଡ଼ିରଖନ୍ତୁ। ଆବଶ୍ୟକ ହେଲେ ସଫା କିଚେନ୍ ଟାୱେଲ ସାହାଯ୍ୟରେ ପାଣି ସୁଖାଇପାରିବେ। ସେଥିରେ ଲୁଣ ଗୋଳାଇ ଗୋଟିଏ ଦିନ ଛାଡ଼ି ଦିଅନ୍ତୁ। ପ୍ୟାନ୍ ଗରମକରି ସେଥିରେ ପାନମଧୁରୀ, କଲଞ୍ଜି, ସୋରିଷକୁ ଅଲଗା ଅଲଗା ଭାଜି ଥଣ୍ଡାହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଏକାଠି ଦରଦରା କରି ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ହଳଦୀ ଏବଂ ଲଙ୍କାଗୁଣ୍ଡକୁ ଭଲଭାବେ ମିଶାଇ ଦିଅନ୍ତୁ। ପରଦିନ ଲୁଣ ଗୋଳାଇ ରଖିଥିବା କଲରାରେ ଏହିସବୁ ମସଲାଗୁଣ୍ଡ ଗୋଳାଇ ଏକ ସଫା କାଚ ଜାର୍‌ରେ ରଖନ୍ତୁ। ଭଲ ଭାବେ କ୍ୟାପ୍ ବନ୍ଦକରି ୨-୩ ଦିନ ଖରାରେ ରଖନ୍ତୁ। ଏହାପରେ ସୋରିଷ ତେଲକୁ ଫୁଟାଇ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଜାର୍‌ରେ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ପୁଣି ୨-୩ ଦିନ ଖରାରେ ରଖନ୍ତୁ। କଲରା ଆଚାର ବର୍ତ୍ତମାନ ଖାଇବା ପାଇଁ ପ୍ରସ୍ତୁତ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭, ୨୦୨୪ Bhubaneswar, Tuesday, August 27, 2024

# ‘ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍’

**■ଡିସେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ରାଞ୍ଚିରେ ଅନୁଷ୍ଠିତ ହେବ**

**■ଭାଗନେବେ ୬ ଫ୍ରାଞ୍ଚାଇଜ୍ ଦଳ**

ଭୁବନେଶ୍ୱର, ୨୬।୮ (ତପନ ସ୍ୱାଇଁ)


ଦିଲୀପ ଟିର୍କୀ

ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍। ଏହା ଆସନ୍ତା ଡିସେମ୍ବରରେ ଆରମ୍ଭ ହୋଇ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ। ଏହି ସର୍ବପ୍ରଥମ ମହିଳା ଲିଗ୍‌ରେ ୬ଟି ଫ୍ରାଞ୍ଚାଇଜ୍ ଦଳ ଭାଗନେବେ। ବିଶ୍ୱର ଶ୍ରେଷ୍ଠ ୧୬ଟି ହକି ଦଳର ଖେଳାଳିମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବେ ବୋଲି ସୋମବାର ପ୍ରକାଶ କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀ। ଏହା ରାଜ୍ୟ ଏବଂ ଦେଶର ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ହେବ। ସେମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବେ, ଡ୍ରେସିଂରୁମ୍ ଶେୟାର କରିବେ ଓ ଭାବ ବିନିମୟର ସୁଯୋଗ ପାଇବେ। ଡିସେମ୍ବରରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍-ପୁରୁଷ) ମଧ୍ୟ ଅନୁଷ୍ଠିତ ହେବ। ଏଚ୍‌ଆଇଏଲ୍ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏବଂ ମହିଳା ହକି ଇଣ୍ଡିଆ ଲିଗ୍ ରାଞ୍ଚିରେ ଖେଳାଯିବ। ଏହାର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ। ଓଡ଼ିଶା ଚାହିଁଲେ ଏକ ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଖେଳାଇ ପାରିବ। ସବୁକିଛି ଆଉ କିଛିଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

## ଓଡ଼ିଶା ସରକାର ଲକି ସ୍ପୋନସର

ତିନି ଥର ଅଲିମ୍ପିକ୍ସର ଅନୁଭବ ରଖିଥିବା ଦିଲୀପ ହକି ଇଣ୍ଡିଆ ସଭାପତି ଦାୟିତ୍ୱ ନେବାପରେ ଭାରତୀୟ ଦଳର ପ୍ରଦର୍ଶନ କ୍ରମେ ଉନ୍ନତି ହୋଇଛି। ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଇତିହାସ ପୃଷ୍ଠାରେ ନୂଆ ଅଧ୍ୟାୟ ଯୋଡ଼ିଛି। ଏଥିରେ ସ୍ୱାଭାବିକଭାବେ ଉଲ୍ଲସିତ ଅଛନ୍ତି ଦିଲୀପ। ‘‘ଆମେ ଦାୟିତ୍ୱ ନେବାପରେ ଅନେକ ପଦକ୍ଷେପ ନେଇଥିଲୁ। ୨୦୨୩ ହକି ବିଶ୍ୱକପରେ ଭାରତ ଯେପରି ପ୍ରଦର୍ଶନ କଲା ତାହା ଆପଣମାନେ ସମସ୍ତେ ଦେଖିଲେ। ତେଣୁ ଆମେ କୋଚିଂ ଷ୍ଟାଫ୍ ବଦଳାଇବାକୁ ନିଷ୍ପତ୍ତି ନେଲୁ। ଏହି ନିଷ୍ପତ୍ତି ବହୁତ କାମ ଦେଲା। କ୍ରେଗ୍ ଫୁଲଟନଙ୍କ ପ୍ରଶିକ୍ଷଣରେ ଭାରତ ଏବେ କ୍ରମାଗତ ଭଲ ପ୍ରଦର୍ଶନ କରି ଚାଲିଛି। ଭାରତୀୟ ହକି ଦଳର ଭଲ ପ୍ରଦର୍ଶନ ପଛରେ ଓଡ଼ିଶା ସରକାରଙ୍କର ବଡ଼ ଅବଦାନ ରହିଛି। ଓଡ଼ିଶା ପ୍ରାୟୋଜକ ହେବାପରେ ଅଧିକାଂଶ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଭଲ ଖେଳି ଆସୁଛି। ମୋ ମତରେ ଓଡ଼ିଶା ସରକାର ହେଉଛନ୍ତି ଭାରତୀୟ ହକିର ‘ବ୍ୟାକ୍ ବୋନ୍’ ଏବଂ ‘ଲକି ସ୍ପୋନସର’ ବୋଲି ଦିଲୀପ ପ୍ରକାଶ କରିଛନ୍ତି।


ଉତ୍କଳ କରାଟେ ସ୍କୁଲରେ ଓଡ଼ିଶାର ବିଭିନ୍ନ ସ୍ଥାନରେ କରାଟେ କୋଚିଂ ଦେଉଥିବା ୬୦ ଜଣ କୋଚ୍‌ଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ହାନ୍‌ସି ହରିପ୍ରସାଦ ପଟ୍ଟନାୟକ(୮ମ ଡାନ୍, ଡବ୍ଲ୍ୟୁକେଏଫ୍) ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଡ୍ର ରଖିଲେ ପ୍ରଜ୍ଞାନନ୍ଦ, ଗୁକେଶ

ସେଣ୍ଟ ଲୁଇସ୍, ୨୬।୮(ପି.ଟି.)

**ସିନ୍‌କ୍ୱେଫିଲ୍ଡ କପ୍ ଚେସ୍**

ଆମେରିକାରେ ଅନୁଷ୍ଠିତ ସିନ୍‌କ୍ୱେଫିଲ୍ଡ କପ୍ ଚେସ୍ ଟୁର୍ନାମେଣ୍ଟରେ ନିଜ ନିଜର ମ୍ୟାଚ୍ ଡ୍ର ରଖିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଓ ଡି. ଗୁକେଶ। ଷଷ୍ଠ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କ ବିପକ୍ଷରେ ପ୍ରଜ୍ଞାନନ୍ଦ ପଏଣ୍ଟ ବାଣ୍ଟିଥିଲେ। ଅନ୍ୟ ପକ୍ଷରେ ଗୁକେଶ ଫ୍ରାନ୍ସର ମାକ୍ସିମ୍ ଭାଚିଅର ଲାଗ୍ରେଭଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଅନ୍ୟପକ୍ଷରେ ରୁଷିଆର ଇଆନ୍ ନେପୋମ୍ନିଆଚି ମାତ୍ର ୨୫ ମୁଭ୍‌ରେ ଆମେରିକାର ଫାବିଆନୋ କାରୁଆନାଙ୍କ ନିକଟରୁ ହାରି ଯାଇଥିଲେ। ଷଷ୍ଠ ରାଉଣ୍ଡ ଶେଷ ସୁଦ୍ଧା ହଲାଣ୍ଡର ଅନିଶ ଗିରି ଓ ଉଜବେକିସ୍ତାନର ନୋଡିର୍ବେକ ଅବଦୁସାତୋରଭ, ଫ୍ରାନ୍ସର ଅଲିରେଜା ଫିରୌଜା ଓ ଆମେରିକାର ୱେସ୍‌ଲିଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ୩ ରାଉଣ୍ଡର ଖେଳ ବାକି ରହିଥିବା ବେଳେ ଫ୍ରାନ୍ସର ଅଲିରେଜା ଫିରୌଜା ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଫାବିଆନୋ କାରୁଆନା ଓ ୱେସ୍‌ଲି ୩.୫ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଗୁକେଶ, ପ୍ରଜ୍ଞାନନ୍ଦ, ମାକ୍ସିମ୍ ଭାଚିଅର ଲାଗ୍ରେଭ, ଇଆନ୍ ନେପୋମ୍ନିଆଚି ଓ ଡିଙ୍ଗ ଲିରେନ୍ ୩ ପଏଣ୍ଟ ସହିତ ମିଳିତ ଭାବରେ ତୃତୀୟ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡର ଅନିଶ ଗିରି ମାତ୍ର ୨ ପଏଣ୍ଟ ସହ ଶେଷ ସ୍ଥାନରେ ଅଛନ୍ତି। ଗୁକେଶ ବିଜୟ ପାଇଁ ତତ୍ପର ଥିବାବେଳେ କିଙ୍ଗ୍-ପନ୍ ଓପନିଙ୍ଗରେ ଖେଳିଥିଲେ। ତେବେ ମଧ୍ୟଭାଗରେ ଭାଚିଅର ଲାଗ୍ରେଭ ପ୍ରତ୍ୟାବର୍ତ୍ତନ କରିବା ସହ ସୁବିଧା ସ୍ଥିତିରେ ରହିଥିଲେ। ୭୨ ମୁଭ୍ ପରେ ଗୁକେଶଙ୍କ ନିକଟରେ ଏକ ଅତିରିକ୍ତ ପଏଣ୍ଟ ରହିଥିଲେ ମଧ୍ୟ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା।

## ଓଏଫ୍‌ସିର ଐତିହାସିକ ବିଜୟ


ଓଏଫ୍‌ସି ଓ ଲାୟନ୍ ସିଟି ସେଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର, ୨୬।୮ (ସରୋଜ ଜେନା)

**ଏଏଫ୍‌ସି ମହିଳା ଚାମ୍ପିୟନ୍ସ ଲିଗ୍**

**ଲିଣ୍ଡା କମ୍‌ଙ୍କ ଡବଲ୍ ଗୋଲ୍**

ଜୋର୍ଡାନର ଅମ୍ମାନରେ ଅନୁଷ୍ଠିତ ମହିଳା ଏଏଫ୍‌ସି ମହିଳା ଚାମ୍ପିୟନ୍ସ ଲିଗ୍‌ରେ ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି) ଐତିହାସିକ ବିଜୟ ହାସଲ କରିଛି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ସିଙ୍ଗାପୁରର ଫୁଟବଲ କ୍ଲବ ଲାୟନ୍ ସିଟି ସେଲର୍ସକୁ ୪-୧ରେ ପରାସ୍ତ କରିଛି। ଏଏଫ୍‌ସି ମହିଳା ଚାମ୍ପିୟନ୍ସ ଲିଗ୍‌ର ଏହା ପ୍ରଥମ ସଂସ୍କରଣ ହୋଇଥିବା ବେଳେ ପ୍ରଥମ ଭାରତୀୟ କ୍ଲବ ଭାବରେ ଐତିହାସିକ ବିଜୟ ରେକର୍ଡ କରିଛି ଓଏଫ୍‌ସି। ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ଚାମ୍ପିୟନ ଭାବରେ ଟୁର୍ନାମେଣ୍ଟ ପାଇଁ ଓଏଫ୍‌ସି ଯୋଗ୍ୟତା ଅର୍ଜନ କରିଥିଲା।

ଓଏଫ୍‌ସି ପକ୍ଷରୁ ଲିଣ୍ଡା କମ୍(୫୪, ୫୭) ମିନିଟ୍‌ରେ ଡବଲ୍ ଗୋଲ ସ୍କୋର କରିଥିଲେ। ସିଟି ସେଲର୍ସ ଖେଳାଳିମାନେ ଦୁଇଟି ଆତ୍ମଘାତୀ ଗୋଲ ଦେଇଥିବା ବେଳେ ରିଏକା ଇ(୪୩) ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ମ୍ୟାଚ୍‌ରେ ଓଏଫ୍‌ସି ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୨୦ତମ ମିନିଟ୍‌ରେ ମିଳିଥିବା କର୍ନରରେ ନେହାଙ୍କ ଶଟ୍‌ରୁ ଡୋକାରାସ୍ ରୁ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ତେବେ ୪୩ତମ ମିନିଟ୍‌ରେ ରିଏକା ସ୍କୋର କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଏହାର ଆକ୍ରମଣ ଜୋରଦାର କରିବା ସହ ୩ଟି ଗୋଲ ଦେଇଥିଲା। ମାତ୍ର ୩ ମିନିଟ ବ୍ୟବଧାନରେ ଲିଣ୍ଡା ଦୁଇଟି ଗୋଲ ଦେଇଥିଲେ। ଓଏଫ୍‌ସି ୩-୧ରେ ଆଗୁଆ ରହିଥିବା ବେଳେ ୮୮ତମ ମିନିଟରେ ଆଉ ଏକ ଆତ୍ମଘାତୀ ଗୋଲ ସ୍କୋର ହୋଇଥିଲା। ଓଏଫ୍‌ସି ୪-୧ରେ ବିଜୟୀ ହୋଇଥିବା ବେଳେ ୩୧ ତାରିଖରେ ଏହା ଜୋର୍ଡାନର ସ୍ଥାନୀୟ ଏତିହାଡ୍ କ୍ଲବ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଦଳ ମୁଖ୍ୟ ପର୍ଯ୍ୟାୟରେ ଗ୍ରୁପ୍ ବି’ରେ ସାମିଲ ହେବ।

## ଲିଜେଣ୍ଡ୍ସ ଲିଗ୍‌ରେ ଯୋଗଦେଲେ ଧାୱନ

ନୂଆଦିଲ୍ଲୀ, ୨୬।୮ (ପି.ଟି.)

ଶନିବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାପରେ ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ ସୋମବାର ଲିଜେଣ୍ଡ୍ସ ଲିଗ୍‌ରେ ଯୋଗଦେଇଛନ୍ତି। ଏହି ୩୮ବର୍ଷୀୟ ଖେଳାଳି ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବାହାରେ ଅନ୍ୟ ଟି୨୦ ଲିଗ୍‌ଗୁଡ଼ିକରେ ଭାଗ ନେଇ ପାରିବେ। ଧାୱନ କହିଛନ୍ତି, ସେ ତାଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ଅଛନ୍ତି। କ୍ରିକେଟ ହେଉଛି ତାଙ୍କର ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ସେ ସହଜେ ଛାଡ଼ିପାରିବେ ନାହିଁ। ସେ ତାଙ୍କ କ୍ରିକେଟ ବନ୍ଧୁମାନଙ୍କୁ ଏକତ୍ରିତ କରି ତାଙ୍କ ପ୍ରଶଂସକଙ୍କୁ ଆମୋଦିତ କରିବା ସହ ନୂଆ ସ୍ମୃତି ସୃଷ୍ଟି କରିବୁ। ଧାୱନ ଭାରତ ତରଫରୁ ୩୪ ଟେଷ୍ଟ, ୧୬୭ ଅନ୍ତର୍ଜାତୀୟ ଦିନିକିଆ ଓ ୬୮ ଟି୨୦ ଖେଳି ମୋଟ ୧୨,୨୮୬ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଛନ୍ତି। ଲିଜେଣ୍ଡ ଲିଗ୍ ସେପ୍ଟେମ୍ବରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ବିଶିଷ୍ଟ ଫୁଟ୍‌ବଲ କୋଚ୍ ଏରିକ୍ସନଙ୍କ ପରଲୋକ

ସ୍ଟୁନେ (ସ୍ୱିଡେନ),୨୬।୮(ଏପି)

ସ୍ୱିଡିଶ ଫୁଟ୍‌ବଲ କୋଚ୍ ସ୍ୱେନ-ଗୋରାନ ଏରିକ୍ସନଙ୍କର ୭୬ବର୍ଷ ବୟସରେ ପରଲୋକ ଘଟିଛି। ସେ ୮ ମାସ ହେଲା ପାନକ୍ରିଆଟିକ୍ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଜଣେ କୋଚ୍ ଭାବେ ଇଟାଲୀ, ପର୍ତ୍ତୁଗାଲ ଓ ସ୍ୱିଡେନରେ କ୍ଲବ ସ୍ତରରେ ସଫଳତା ହାସଲ କରିବା ପରେ ସେ ୫ ବର୍ଷ ଧରି ପ୍ରଥମ ବିଦେଶୀ ଭାବେ ଇଂଲଣ୍ଡ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ରହିଥିଲେ। ଏରିକ୍ସନ ନିଜ ଦେଶ ସ୍ୱିଡେନରେ ସ୍ୱେନିସ ଭାବେ ପରିଚିତ ଥିଲେ। ସେ ୯ ବର୍ଷ ଧରି ଜଣେ ଫୁଟ୍‌ବଲ ଖେଳାଳି ଥିଲେ। ୨୭ ବର୍ଷରେ ଖେଳରୁ ଅବସର ନେଇ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ।

# ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କେନ୍ଦୁଝର ବିଜୟୀ

ବରଗଡ/ସୋହେଲା/ ବରପାଲି,୨୬।୮ (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର/ ଚିତ୍ତରଞ୍ଜନ ସାହୁ)


ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ପି. ସି. ବେହେରା ଟ୍ରଫି ଫୁଟବଲ ପ୍ରତିଯୋଗିତାର ସୋମବାର ମ୍ୟାଚ୍‌ରେ ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କେନ୍ଦୁଝର ଦଳ ବିଜୟୀ ହୋଇଛନ୍ତି। ଝାରସୁଗୁଡ଼ା ଓ ଭଦ୍ରକ ଦଳ ମଧ୍ୟରେ ପ୍ରଥମ ମ୍ୟାଚରେ ଝାରସୁଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ପିତ ଆଚାର୍ଯ୍ୟ ସ୍ନେହା ଟିର୍କିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ରବି ପଣ୍ଡା, ଜିଲା କ୍ରୀଡା ସଂସଦ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ସମ୍ପାଦକ ସେକ ସବଦର, ଆଉଟ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, ପ୍ରାକ୍ତନ ଖେଳାଳି ଆତିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରାପଡ଼ା ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। କେନ୍ଦ୍ରାପଡ଼ା ଦଳର ରକ୍ମିଣୀ ମୁର୍ମୁ ଦୁଇଟି ଗୋଲ ଦେଇଥିବା ବେଳେ ଶିଖା ମଲ୍ଲିକ ଗୋଟିଏ ଗୋଲ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅନ୍ତର୍ଜାତୀୟ ଆଥଲେଟ ହରଧନ ଭୋଇ ଯାଜପୁର ଦଳର କମଳ କ୍ରିଷ୍ଟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

ସୋହେଲା ମିନି ଷ୍ଟାଡିୟମରେଠାରେ ଚାଲିଥିବା ଚତୁର୍ଥ ଦିନର ମ୍ୟାଚ୍‌ରେ ଜଗତସିଂପୁର ଦଳ ଓଡିଶା ପୋଲିସକୁ ପେନାଲ୍‌ଟି ଶୁଟ୍‌ଆଉଟ ଜରିଆରେ ୧-୦ ଗୋଲରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଜଗତସିଂହପୁର ଦଳ ଗୋଲରକ୍ଷକ ଜେମା ସୋୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନୂଆପଡା ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଭୈରବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅବକାରୀ ଉପ ନିରୀକ୍ଷକ ଗୀତାଞ୍ଜଳି କୁମ୍ଭାର, ଜିଲା କ୍ରୀଡା ସଂସଦର ଉପ ସଭାପତି ଯୁଗଳ କିଶୋର ସିଂ, ଆୟୋଜକ ସମ୍ପାଦକ ସତ୍ୟ ନାରାୟଣ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

କଦଳୀପାଲି ଜୋନ୍‌ର ଆନନ୍ଦ ଖେଳ ପଡ଼ିଆରେ ପୁରୀ ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦୁଝର ଦଳ ୭-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଦଳ ପକ୍ଷରୁ କୁନି ମୁଣ୍ଡା ୫ଟି ଗୋଲ ଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ଦଳର କୁନି ମୁଣ୍ଡାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ରକ୍ମଣ ମେହେର, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଜିଲା କ୍ରୀଡା ସଂସଦ କ୍ରୀଡା ସମ୍ପାଦକ ହରଦୀପ ସିଂ, ବିକି ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଜୁନିୟର ଓ ମହିଳା ଇଭେଣ୍ଟ ଖେଳାଳିଙ୍କ ଲାଗି ବିସିସିଆଇର ପୁରସ୍କାର

ନୂଆଦିଲ୍ଲୀ, ୨୬।୮ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ଘରୋଇସ୍ତରରେ ସମସ୍ତ ମହିଳା ଓ ଜୁନିୟର କ୍ରିକେଟ ପ୍ରତିଯୋଗିତାର ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟଙ୍କ ଲାଗି ପୁରସ୍କାର ବ୍ୟବସ୍ଥା ଲାଗୁ କରିଛି। ବିସିସିଆଇ ସମ୍ପାଦକ ଜୟ ଶାହା ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ ଏ ବିଷୟରେ ଟୁଇଟ୍ କରିଛନ୍ତି। ତଦନୁସାରେ ପୁରୁଷ କ୍ରିକେଟରେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଡୋମେଷ୍ଟିକ୍ କ୍ରିକେଟ ପ୍ରୋଗାମ୍ ଅନ୍ତର୍ଗତ ମହିଳା ବିଭାଗର ସମସ୍ତ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସିନିୟର ପୁରୁଷଙ୍କ ପାଇଁ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟର ପ୍ଲେୟର ଅଫ୍ ଦି ମ୍ୟାଚଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଇଛି। ଘରୋଇ ସର୍କିଟରେ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଏହି ପୁରସ୍କାର ଦିଆଯିବ।

## ପ୍ରଣୟଙ୍କୁ ଚିକୁନଗୁନିଆ

ନୂଆଦିଲ୍ଲୀ, ୨୬।୮ (ପି.ଟି.)

ପୁରୁଖା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଚିକୁନଗୁନିଆରେ ପୀଡ଼ିତ ଥିବା ଜଣାପଡ଼ିଛି। ଏହି ରୋଗ ପ୍ୟାରିସ୍ ଅଲିମ୍ପିକ୍ସରେ ତାଙ୍କ ଖେଳକୁ ପ୍ରଭାବିତ କରିଥିଲା। ଏଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ଲାଗି ସେ ସୋମବାରଠାରୁ ସାମୟିକ ଖେଳରୁ ଦୂରେଇ ଯାଇଛନ୍ତି। ଏହି ୩୨ ବର୍ଷୀୟ ଖେଳାଳି ହେଉଛନ୍ତି ୨୦୨୨ ଥୋମାସ କପ୍ ଟାଇଟଲ ବିଜେତା। ଏହାଛଡ଼ା ସେ ଜଣେ ବିଶ୍ୱ ଓ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା। ମଶା ଦ୍ୱାରା ସଂକ୍ରମିତ ଏହି ରୋଗରେ ଆକ୍ରାନ୍ତ ହୋଇ ସେ ଏକ ସପ୍ତାହ ହେଲା ଯନ୍ତ୍ରଣା ଅନୁଭବ କରିଆସୁଛନ୍ତି। ଏହି ରୋଗ ଯୋଗୁ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ସେ ତାଙ୍କ ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭବ କରୁଥିଲେ। ବର୍ତ୍ତମାନ ତାଙ୍କ ପାଇଁ ଚିକିତ୍ସା ସହ ବିଶ୍ରାମ ଆବଶ୍ୟକ। ତେଣୁ ଖେଳିବା ସମ୍ଭବପର ନୁହେଁ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସେ କିଛି ଆଗାମୀ ଟୁର୍ନାମେଣ୍ଟରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଯଥାଶୀଘ୍ର ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି। ପ୍ରଣୟଙ୍କୁ ଫିଟ୍ ହେବା ଲାଗି କେତେଦିନ ଲାଗିବ ଏବଂ ସେ କେଉଁ ଟୁର୍ନାମେଣ୍ଟରୁ ଓହରିଯିବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ କରି ନାହାନ୍ତି।

## ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଫାଇନାଲରେ

**ଡୁରାଣ୍ଡ କପ୍ ଫୁଟ୍‌ବଲ**

ଶିଲଂ, ୨୬।୮ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦଳ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ସୋମବାର ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଫାଇନାଲରେ ଦଳ ୩-୦ ଗୋଲ୍‌ରେ ଶିଲଂ ଲାଜଙ୍ଗଙ୍କୁ ହରାଇ ଦେଇଛି। ଦଳତରଫରୁ ଥୋଇ ସିଂ (୧୩ ତମ ମିନିଟ), ଆଲେଡିନ୍ ଆଜାରେ (୩୩ତମ) ଏବଂ ପାର୍ଥିବ ଗୋଗୋଇ (୯୦+୩ ତମ ମିନିଟ) ପ୍ରମୁଖ ଗୋଲ ସ୍କୋର କରିଥିଲେ।

## ପ୍ରଥମ ରାଉଣ୍ଡରେ ବିଦା ହେଲେ ସାକାରି

**ୟୁଏସ୍ ଓପନ**

ନ୍ୟୁୟର୍କ,୨୬।୮

ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନର ପ୍ରଥମ ଦିନରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ମାରିଆ ସାକ୍କାରି ବିଶ୍ୱ ମାନ୍ୟତାର ୮୦ ନମ୍ବର ସ୍ଥାନରେ ୱାଙ୍ଗ ୟାଫାନଙ୍କ ଠାରୁ ହାରିବା ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଚାଇନାର ୱାଙ୍ଗ ୟାଫାନଙ୍କ ବିପକ୍ଷ ମ୍ୟାଚରେ ଆହତ କାରଣରୁ ଓହରିବା ସହିତ ସାକାରି ବିଦାୟ ନେଇଛନ୍ତି। ପ୍ରଥମ ସେଟରେ ସାକାରି ୨-୬ରେ ପଛୁଆ ରହିଥିବା ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। କାନ୍ଧରେ ଆଘାତ କାରଣରୁ ସେ ଓହରି ଯିବା ସହ ୱାଙ୍ଗ ୟାଫାନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରୋମାନିଆର ଜାକଲିନ୍ କ୍ରିଷ୍ଟିଆନଙ୍କୁ ପରାସ୍ତ କରିଛନ୍ତି ରୁଷିଆର ଦାରିଆ କାସାଟକିନା। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ କାସାଟକିନା ୬-୨, ୬-୪ରେ ବିଜୟୀ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୨ ନମ୍ବର ସ୍ଥାନରେ ଥିବା କାସାଟକିନା ପ୍ରଥମ ସର୍ଭରେ ୬୯ ଓ ଦ୍ୱିତୀୟ ସର୍ଭରେ ୬୨ ପ୍ରତିଶତ ପଏଣ୍ଟ ଅର୍ଜନ କରିଥିଲେ।

# ରାଜ୍ୟ ଓପନ ଚେସ୍: ପ୍ରିୟାଂଶ ଚାମ୍ପିୟନ

ଭୁବନେଶ୍ୱର, ୨୬।୮ (ତପନ ସ୍ୱାଇଁ)

ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ଓ କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ୮ମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ୍ ସୋମବାର ପୁରୀରେ ଉଦ୍‌ଯାପିତ ହୋଇଛି। ଏଥିରେ ଯାଜପୁରର ପ୍ରିୟାଂଶ ଦାସ ଚାମ୍ପିୟନ ହୋଇଥିବାବେଳେ ପୁରୀର ରାଜେଶ ନାୟକ ଦ୍ୱିତୀୟ ଓ କଟକର ନିଲସୁ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ମହାନ୍ତି, ରଜତ କୁମାର ସାହୁ, ଆର୍ଯ୍ୟନ ବେହେରା, ଶ୍ରୀହନ ସବତ, ବୈଭବ ମିଶ୍ର, ତନ୍ମୟ ତଳିନ ବେହେରା, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ସାତ୍ତ୍ୱିକ ଶୁଭମ୍ ପଟ୍ଟନାୟକ, ରବୀନ୍ଦ୍ର କୁମାର ଓଝା, ଲଳିତ ରଞ୍ଜନ ସାହୁ, ସାଇ ଶକ୍ତି ନନ୍ଦ ଓ ଫକିର ମାଝି ଟପ୍-୧୫ ଫିନିଶ୍ କରିଥିଲେ। ୭ ବର୍ଷରୁ କମ୍ ବାଳିକା ବାଳକଠାରୁ ଆରମ୍ଭ କରି ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୋଟାରୀ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ରୋଟାରିଆନ କେ.ପି. ନରେଶ ମୁଖ୍ୟ ଅତିଥି ଏବଂ ରୋଟାରିଆନ ରାଜକିଶୋର ପାତ୍ର, ପ୍ରଦୀପ କୁମାର ନାୟକ, ଚେୟାରମ୍ୟାନ (ପବ୍ଲିକ ଇମେଜ), ୨୦୨୫-୨୬ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଆଇଆଇଜିଏସ୍ କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ଏବଂ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ରୋଟାରିଆନ କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ସୁଷମା ମିଶ୍ର, ସନ୍ମୋହନ ପ୍ରଧାନ, ପୀତାମ୍ବର ମହାପାତ୍ର, ବନ୍ଦିତା ସାହୁ, ପୂର୍ବତନ ସଭାପତି ଦେବରାଜ ପ୍ରଧାନ, ଦେବଦତ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ